# ଧରିତ୍ରୀ
DHARITRI

ଢେଙ୍କାନାଳ, ଶୁକ୍ରବାର, ଜୁନ୍ ୧୯/୨୦୨୦ (୧୮ ପୃଷ୍ଠା) | Dhenkanal, Friday, June 19/2020 | ★★★★★

୧୬ଶ ଭାଗ ୫୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ଶ୍ରୀସନ୍ଥଙ୍କ ପାଇଁ ସୁଯୋଗ**

କେରଳ ତରଫରୁ ରଣଜୀ ଟ୍ରଫି ଖେଳିବା ଲାଗି ଦ୍ରୁତ ବୋଲର ଏସ୍. ଶ୍ରୀସନ୍ଥଙ୍କ ପାଇଁ ସୁଯୋଗ ସୃଷ୍ଟି ହୋଇଛି। ୧୧

୧୦

**‘କବାଟ ବନ୍ଦ ହୋଇଗଲେ ଝରକା ଖୋଜ’**

ଅଭିନେତ୍ରୀ ଅଦା ଶର୍ମା ସବୁବେଳେ ସମୟ ଠିକ୍ ନ ଥାଏ ବୋଲି କହିଛନ୍ତି। ଯେତେବେଳେ ସବୁ କବାଟ ବନ୍ଦ ହୋଇଯାଏ ଆମକୁ ଝରକା ଖୋଜିବାକୁ ପଡ଼ିବ ବୋଲି କହିଛନ୍ତି।



# ଜଗନ୍ନାଥ କ୍ଷମାଦେଇ ନ ଥାନ୍ତେ: ସିଜେଆଇ

ନୂଆଦିଲ୍ଲୀ, ୧୮।୬ (ପି.ଟି.)

ଚଳିତବର୍ଷ ପୁରୀରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ହେବନାହିଁ। କରୋନା ସଂକ୍ରମଣକୁ ନଜରରେ ରଖି ବୃହତ୍ ଜନସ୍ୱାର୍ଥ ଦୃଷ୍ଟିରୁ ରଥଯାତ୍ରା ଉପରେ ଗୁରୁବାର ସୁପ୍ରିମକୋର୍ଟ ରୋକ ଲଗାଇଛନ୍ତି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏସ୍. ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ଦୀନେଶ ମାହେଶ୍ୱରୀ ଏବଂ ଏ.ଏସ୍. ବୋପାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଆସନ୍ତା ୨୩ ତାରିଖରେ ହେବାକୁ ଥିବା ଏହି ଐତିହାସିକ ପରମ୍ପରା ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି। କେବଳ ପୁରୀ ନୁହେଁ, ସାରା ଓଡ଼ିଶାର କୌଣସି ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ହେବନାହିଁ। କୋଭିଡ୍-୧୯ ସଂକ୍ରମଣ ବୃଦ୍ଧି ପାଉଥିବାବେଳେ ରଥଯାତ୍ରା ପାଇଁ ଅନୁମତି ଦେଇଥିଲେ ପ୍ରଭୁ ଶ୍ରୀଜଗନ୍ନାଥ ଆମକୁ କ୍ଷମା କରି ନ ଥାନ୍ତେ ବୋଲି ଖଣ୍ଡପୀଠ କହିଛନ୍ତି।

ତିନିଜଣିଆ ଖଣ୍ଡପୀଠ କହିଛନ୍ତି, ଜନସ୍ୱାସ୍ଥ୍ୟ ସ୍ୱାର୍ଥ ଓ ନାଗରିକଙ୍କ ସୁରକ୍ଷା ଦୃଷ୍ଟିରୁ ଏବର୍ଷ ପୁରୀରେ ରଥଯାତ୍ରାକୁ ଅନୁମତି ଦିଆଯାଇ ପାରିବ ନାହିଁ। ମହାମାରୀ କରୋନା ସମୟରେ ବିଶାଳ ଜନସମାଗମ ହେବା ଅନୁଚିତ। ରଥଯାତ୍ରା ହେବାକୁ ଅନୁମତି ଦେଲେ ପ୍ରଭୁ ଶ୍ରୀଜଗନ୍ନାଥ ଆମକୁ କ୍ଷମାକରିବେ ନାହିଁ ବୋଲି ସିଜେଆଇ ବୋବ୍‌ଡେ କହିଛନ୍ତି। ଏହାସହ କରୋନା ଭାଇରସ୍ ସଂକ୍ରମଣକୁ ରୋକିବା ଲାଗି ରାଜ୍ୟର କୌଣସି ସ୍ଥାନରେ ରଥଯାତ୍ରା, ଭକ୍ତଙ୍କ ସମାଗମ ଓ ଯାତ୍ରା ସମ୍ପର୍କିତ କୌଣସି ପ୍ରକାର ରୀତିନୀତିକୁ ଅନୁମତି ପ୍ରଦାନ ନ କରିବାକୁ ଓଡ଼ିଶା ସରକାରଙ୍କୁ ଖଣ୍ଡପୀଠ ପରାମର୍ଶ ଦେଇଛନ୍ତି। ଶୁଣାଣି ବେଳେ ଆବେଦନକାରୀ ଏନ୍‌ଜିଓ ‘ଓଡ଼ିଶା ବିକାଶ ପରିଷଦ’ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ମୁକୁଲ ରୋହତଗୀ କହିଥିଲେ, ରଥଯାତ୍ରାକୁ ଅନୁମତି ଦିଆଗଲେ ବହୁ ସଂଖ୍ୟକ ଭକ୍ତ ଓ ଶ୍ରଦ୍ଧାଳୁ ପୁରୀକୁ ଆସିବେ। ଏହି ବିଶାଳ ଜନ ସମାଗମ ଯୋଗୁ ସଂକ୍ରମଣ ବଢ଼ିବ ଓ ଲୋକଙ୍କ ଜୀବନ ବିପନ୍ନ ହେବ। ଏହାକୁ ଖଣ୍ଡପୀଠ ଏକ ଗମ୍ଭୀର ମାମଲା ବୋଲି ଅଭିହିତ କରିବା ପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଶୁକ୍ରବାର ଏହା ଉପରେ ଜବାବ ଦାଖଲ କରିବେ ବୋଲି କହିଥିଲେ। ଏଥିସହ ଯାତ୍ରା ଉପରେ ସମ୍ପୂର୍ଣ୍ଣ ରୋକ ନ ଲଗାଇବାକୁ ଅନୁରୋଧ କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ କହିଥିଲେ, ଜୁନ ୩୦ ପର୍ଯ୍ୟନ୍ତ କୌଣସି ଜନ ସମାଗମ ହେବ ନାହିଁ ବୋଲି ଓଡ଼ିଶା ☞ପୃଷ୍ଠା-୪




**ଏଥର ରଥଯାତ୍ରା ବନ୍ଦ**



## ୩୨୮ ବର୍ଷ ପରେ ପୁନରାବୃତ୍ତି


- ୧୬୪ବର୍ଷ ୪ମାସ ଶ୍ରୀମନ୍ଦିର ବାହାରେ ରହିଛନ୍ତି ମହାପ୍ରଭୁ
- ୧୫୫ବର୍ଷ ବନ୍ଦ ରହିଛି ରଥଯାତ୍ରା
- ୮ଥର ପୁରୀ ବାହାରେ, ଥରେ ଶ୍ରୀମନ୍ଦିର ଭିତରେ ହୋଇଛି ରଥଯାତ୍ରା

ପୁରୀ ଅଫିସ, ୧୮।୬


କରୋନା ପାଇଁ ଚଳିତବର୍ଷ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା ହେବ ନାହିଁ। ମହାମାରୀର ପ୍ରକୋପକୁ ଦୃଷ୍ଟିରେ ରଖି ସୁପ୍ରିମକୋର୍ଟ ଏଭଳି ନିଷ୍ପତ୍ତି ନେଇଛନ୍ତି। ଦୀର୍ଘ ୩୨୮ବର୍ଷ ପରେ ଇତିହାସର ପୁନରାବୃତ୍ତି ଘଟିବାକୁ ଯାଉଛି। ୧୬୯୨ରେ ଶ୍ରୀମନ୍ଦିର ଉପରେ ଏକ୍ରାମ୍ ଖାଁ ଆକ୍ରମଣ କରିଥିଲେ। ହଠାତ୍ ଆକ୍ରମଣ ହୋଇଥିବାରୁ ମହାପ୍ରଭୁଙ୍କୁ ଶ୍ରୀମନ୍ଦିର ବେଢାରେ ଥିବା ମା’ ବିମଳାଙ୍କ ମନ୍ଦିର ପଛପଟକୁ ସ୍ଥାନାନ୍ତର କରାଯାଇଥିଲା। ପରେ ଶ୍ରୀଜୀଉଙ୍କୁ ବ୍ରହ୍ମଗିରିର କୋକଳଗଡ଼ସ୍ଥିତ ଭଗବତୀଙ୍କ ମନ୍ଦିରକୁ ନିଆଯାଇଥିଲା। ଆକ୍ରମଣ ପରେ ଦିଅଁ ଫେରିଥିଲେ ଶ୍ରୀମନ୍ଦିରକୁ। ଆରମ୍ଭ ହୋଇଥିଲା ଉପାସନା। ମନ୍ଦିରର ଚାରି ଦୁଆର ବନ୍ଦ କରାଯାଇ ଅଳ୍ପ କେତେକ ପାଳିଆ ସେବକ ଦକ୍ଷିଣ ଦ୍ୱାରର ☞ପୃଷ୍ଠା-୪

## ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶ ଅନୁଯାୟୀ କାର୍ଯ୍ୟପନ୍ଥା ସ୍ଥିର ହେବ: ଗଜପତି

ରଥଯାତ୍ରା ବନ୍ଦକୁ ନେଇ ସୁପ୍ରିମ୍‌କୋର୍ଟଙ୍କ ନିଷ୍ପତ୍ତି ଶୁଣିବା ପରେ ବିଶ୍ୱର କୋଣ ଅନୁକୋଣରେ ଥିବା ଜଗନ୍ନାଥପ୍ରେମୀ ଭକ୍ତଙ୍କ ହୃଦୟକୁ ବାଧିଥିବ, ଏହା ନିଶ୍ଚିତ ଦୁଃଖଦାୟକ। କିନ୍ତୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତିକୁ ସମ୍ପୂର୍ଣ୍ଣ ଭାବେ ପାଳନ କରିବା ସମସ୍ତଙ୍କର କର୍ତ୍ତବ୍ୟ। ଏଥିରେ କୌଣସି ଦ୍ୱିମତ ନାହିଁ। ଖୁବ୍‌ଶୀଘ୍ର ଏହି ପ୍ରସଙ୍ଗରେ ଶ୍ରୀମନ୍ଦିର ପରିଚାଳନା ସମିତି ବୈଠକ ବସିବ। ବାହାରେ ଯଦି ମହାପ୍ରଭୁଙ୍କ ରଥଯାତ୍ରା ହୋଇପାରିବ ନାହିଁ, ଶ୍ରୀମନ୍ଦିର ଭିତରେ କ’ଣ ନୀତି କରାଯାଇପାରିବ ସେ ସମ୍ପର୍କରେ ପରମପୂଜ୍ୟ ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ସହିତ ଆଲୋଚନା କରାଯିବ। ଗୁରୁଜୀଙ୍କ ପରାମର୍ଶ ଏବଂ ସିଦ୍ଧାନ୍ତ ଅନୁସାରେ ଆଗାମୀ କାର୍ଯ୍ୟପନ୍ଥା ସ୍ଥିର କରାଯିବ। ତେବେ ଅତୀତରେ କେତେଥର ରଥଯାତ୍ରା ବନ୍ଦ ହୋଇଛି ପ୍ରଶ୍ନରେ ଗଜପତି ମହାରାଜା କହିଥିଲେ, ଯେତେବେଳେ ମୋଗଲ ସୈନ୍ୟମାନଙ୍କ ଆକ୍ରମଣ ହୋଇଛି ସେତେବେଳେ ମହାପ୍ରଭୁଙ୍କୁ ଅନ୍ୟତ୍ର ବିଜେ କରାଯାଇଛି। ମହାପ୍ରଭୁ ଶ୍ରୀମନ୍ଦିରରେ ନ ଥିବା ଯୋଗୁ ରଥଯାତ୍ରା ହୋଇପାରି ନାହିଁ। ବର୍ତ୍ତମାନ ଯେଉଁ କୋଭିଡ଼ ସଂକ୍ରମଣ ଚାଲିଛି ତାହା ମଧ ସେହିଭଳି ପରିସ୍ଥିତି ସୃଷ୍ଟି କରିଛି ବୋଲି ଗଜପତି ମହାରାଜା କହିଛନ୍ତି।



## ୨୧ରେ ବଳୟ ସୂର୍ଯ୍ୟୋପରାଗ




- ରାଜ୍ୟର ସବୁ ସ୍ଥାନରେ ଦୃଶ୍ୟମାନ ହେବ
- ୨୦ ତାରିଖ ରାତି ୧୦ଟା ୩୮ରୁ ପାକ ତ୍ୟାଗ
- ଆଫ୍ରିକା, ପାକିସ୍ତାନ, ଚାଇନାରେ ବି ଦେଖାଦେବ

ଭୁବନେଶ୍ୱର, ୧୮।୬ (ବ୍ୟୁରୋ): ଆସନ୍ତା ୨୧ ତାରିଖରେ ସଂଘଠିତ ହେବ ଚଳିତ ବର୍ଷର ପ୍ରଥମ ସୂର୍ଯ୍ୟୋପରାଗ। ଏହା ଭାରତର ସବୁ ସ୍ଥାନ, ପାକିସ୍ତାନର ଦକ୍ଷିଣ ଭାଗ, ଚାଇନା ଓ ଆଫ୍ରିକୀୟ ଦେଶଗୁଡ଼ିକରେ ଦୃଶ୍ୟମାନ ହେବ। ଭାରତରେ କେବଳ ରାଜସ୍ଥାନ, ହରିୟାଣା, ଉତ୍ତରାଖଣ୍ଡରେ ପ୍ରାୟ ୧ ମିନିଟ ଧରି ବଳୟ ସୂର୍ଯ୍ୟୋପରାଗ ଓ ବାକି ସବୁ ରାଜ୍ୟରେ ଆଂଶିକ ଉପରାଗ ଦେଖାଯିବ। ଓଡ଼ିଶାର କୋଣଅନୁକୋଣରେ ଥିବା ଲୋକେ ଆଂଶିକ ସୂର୍ଯ୍ୟୋପରାଗ ଦେଖିବାକୁ ପାଇବେ। ରବିବାର ପୂର୍ବାହ୍ଣ ୧୦ଟା ୨୦ରେ ପରାଗ ଆରମ୍ଭ ହୋଇ ଅପରାହ୍ଣ ୨ଟା ୨୦ରେ ଛାଡ଼ିବ। ମଧ୍ୟାହ୍ନ ୧୨ଟା ୧୫ରୁ ୧୨ଟା ୩୦ ମଧ୍ୟରେ ସର୍ବାଧିକ ଗ୍ରାସ ଦୃଶ୍ୟମାନ ହେବ। ତେବେ ଭୁବନେଶ୍ୱରରେ ଏହା ପୂର୍ବାହ୍ଣ ୧୦ଟା ୩୮ରୁ ଆରମ୍ଭ ହୋଇ ୨ଟା ୯ ମିନିଟରେ ଶେଷ ହେବ। ୧୨ଟା ୨୬ରେ ଚନ୍ଦ୍ର ସୂର୍ଯ୍ୟର ବ୍ୟାସକୁ ପ୍ରାୟ ୬୫% ଘୋଡ଼େଇ ରଖିବ ବୋଲି ପଠାଣି ସାମନ୍ତ ପ୍ଲାନେଟୋରିୟମ୍‌ର ଉପନିର୍ଦ୍ଦେଶକ ଶୁଭେନ୍ଦୁ ପଟ୍ଟନାୟକ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏହି ସୂର୍ଯ୍ୟୋପରାଗରେ ଚନ୍ଦ୍ର ସୂର୍ଯ୍ୟକୁ ସମ୍ପୂର୍ଣ୍ଣ ଘୋଡ଼ାଇ ଦେବ। ଏହି ସମୟରେ ସୂର୍ଯ୍ୟର ଧାରର କିଛି ଅଂଶ ଦେଖାଯିବ, ଯାହାକୁ ‘ରିଙ୍ଗ ଅଫ୍ ଫାୟାର’ କୁହାଯାଏ। ☞ପୃଷ୍ଠା-୪

## ମୌସୁମୀ ସକ୍ରିୟ: ଆଜିଠୁ ବଢ଼ିବ ବର୍ଷା

୨୬ ଯାଏ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୧୮।୬ (ବ୍ୟୁରୋ): ୧୯ ତାରିଖରେ ଉତ୍ତର ବଙ୍ଗୋପସାଗର ଏବଂ ପଶ୍ଚିମବଙ୍ଗ ଉପକୂଳରେ ଲଘୁଚାପ ହେବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଥିଲା। ଏହାର ପ୍ରଭାବରେ ଉତ୍ତର ଏବଂ ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳ ବର୍ଷା ହେବ ବୋଲି ପୂର୍ବାନୁମାନ କରିଥିଲା। ତେବେ ଆଉ ଲଘୁଚାପ ହେବ ନାହିଁ ବିଭାଗ ପକ୍ଷରୁ କୁହାଯାଇଛି। ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଉପରେ ଏକ ଟ୍ରଫ୍ ଲାଇନ ରହିଛି। ଉତ୍ତରପ୍ରଦେଶ ଏବଂ ଏହାର ଆଖପାଖ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୧୯ ତାରିଖରେ ଦେବଗଡ଼, ସୁନ୍ଦରଗଡ଼, ସମ୍ବଲପୁର, କେନ୍ଦୁଝର, ମୟୂରଭଞ୍ଜ ଏବଂ ବାଲେଶ୍ୱର ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୨୦ ତାରିଖରେ ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ବରଗଡ଼, ଦେବଗଡ଼ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ସୁବର୍ଣ୍ଣପୁର, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ଅନୁଗୋଳ, ଢେଙ୍କାନାଳ ଏବଂ କଟକ ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ☞ପୃଷ୍ଠା-୪

## ୪୧ ବାଣିଜ୍ୟିକ କୋଇଲା ଖଣି ନିଲାମ ଆରମ୍ଭ

- ସର୍ବବୃହତ୍ କୋଇଲା ରପ୍ତାନିକାରୀ ହେବା ଲକ୍ଷ୍ୟ
- ୩୩ ହଜାର କୋଟି ଟଙ୍କା ନିବେଶ ଆସିବ
- କୋଇଲା କ୍ଷେତ୍ର ଭିତ୍ତିଭୂମିରେ ଖର୍ଚ୍ଚ ହେବ ୫୦ ହଜାର କୋଟି

ନୂଆଦିଲ୍ଲୀ, ୧୮।୬

ଦେଶରେ ବହୁଳ ପରିମାଣରେ କୋଇଲା ଗଚ୍ଛିତ ଥିବାରୁ ଆଗାମୀ ଦିନରେ ଏ କ୍ଷେତ୍ରର ସମ୍ଭାବନାକୁ ପରଖିବା ଆବଶ୍ୟକ। ବିଶ୍ୱର ସର୍ବବୃହତ୍ କୋଇଲା ରପ୍ତାନିକାରୀ ହେବାକୁ ଭାରତ ଲକ୍ଷ୍ୟ ରଖିବା ଉଚିତ। ଗୁରୁବାର କୋଇଲା କ୍ଷେତ୍ରରେ ସଂସ୍କାର ପଦକ୍ଷେପ ସ୍ୱରୂପ ପ୍ରଥମଥର ଲାଗି ବାଣିଜ୍ୟିକ କୋଇଲା ଖଣିକୁ ଶୁଭାରମ୍ଭ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହା କହିଛନ୍ତି। ସେ ୪୧ ବାଣିଜ୍ୟିକ କୋଇଲା ଖଣିର ନିଲାମକୁ ଭିଡିଓ କନ୍‌ଫରେନ୍ସ ଯୋଗେ ଉନ୍ମୋଚନ କରିଛନ୍ତି। ଆତ୍ମନିର୍ଭର ଭାରତ ଅଭିଯାନର ଅଂଶସ୍ୱରୂପ ଏହି ବାଣିଜ୍ୟିକ କୋଇଲା ଖଣି ☞ପୃଷ୍ଠା-୪

### ଓଡ଼ିଶାର ୯ କୋଇଲା ବ୍ଲକ୍ ସାମିଲ

ଆରମ୍ଭ ହୋଇଥିବା ୪୧ ବାଣିଜ୍ୟିକ କୋଇଲା ଖଣି ମଧ୍ୟରୁ ଓଡ଼ିଶାରେ ୯ଟି ବ୍ଲକ ରହିଛି। ସେହିଭଳି ଉଭୟ ଛତିଶଗଡ଼ ଏବଂ ଝାଡ଼ଖଣ୍ଡରେ ୯ଟି ଲେଖାଏ, ମହାରାଷ୍ଟ୍ରରେ ୩, ମଧ୍ୟପ୍ରଦେଶରେ ୧୧ଟି କୋଇଲ ବ୍ଲକ ରହିଥିବା ଜଣାପଡ଼ିଛି। ଏହା ମଧ୍ୟରେ ୩୪ ବ୍ଲକରୁ ସମ୍ପୂର୍ଣ୍ଣ ଉତ୍ତୋଳନ ହେଉଛି। ୪ଟିରୁ ଆଂଶିକ ଉତ୍ତୋଳନ ହେଉଥିବା ବେଳେ ୩ଟିରେ ଆଞ୍ଚଳିକ ସ୍ତରରେ ଉତ୍ତୋଳନ କାର୍ଯ୍ୟ ଜାରି ରହିଛି। ଖଣିଗୁଡିକ ଓଡ଼ିଶାର ଛେଣ୍ଡିପଦା, ମହାରାଷ୍ଟ୍ରର ବନ୍ଦେର, ଝାଡ଼ଖଣ୍ଡର ବ୍ରହ୍ମଡିହା, ଛତିଶଗଡ଼ର ଫତେପୁର ଇଷ୍ଟ ଏବଂ ମଧ୍ୟପ୍ରଦେଶର ଗୋଟିତୋରିଆ ଇଷ୍ଟ ସାମିଲ ରହିଛି। ସବୁ ପ୍ରକାରର କୋଲ ବ୍ଲକକୁ ନିଲାମ ପାଇଁ ଖୋଲା କରାଯାଇଛି। ଏହା ମଧ୍ୟରେ ୩୭ ଅଣକୁକିଂ, ୨ କୁକିଂ ଏବଂ ୨ କମ୍ପୋ ଖଣି। ସେହିଭଳି ମୋଟ ଖଣି ମଧ୍ୟରେ ୨୬ ଖୋଲା ଖଣି, ୭ ଭୂତଳ ଖଣି ଏବଂ ୮ ଉଭୟ ଭୂତଳ ଏବଂ ଖୋଲା ଖଣି ବୋଲି କୋଇଲା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ରହିଛି।

## ସୁପ୍ରିମକୋର୍ଟ ନିର୍ଦ୍ଦେଶ ପାଳନ ହେବ

ଭୁବନେଶ୍ୱର, ୧୮।୬ (ବ୍ୟୁରୋ)

ଚଳିତବର୍ଷ ପୁରୀରେ ଶ୍ରୀଜୀଉଙ୍କ ରଥଯାତ୍ରା ହେବ ନାହିଁ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଏ ନେଇ ଆଇନ ବିଭାଗ ପକ୍ଷରୁ ଦିଆଯାଇଥିବା ସଂକଳ୍ପକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି।

ଗୁରୁବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ କ୍ୟାବିନେଟର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ଆରମ୍ଭରେ ଚାଇନା ସହ ସଂଘର୍ଷରେ ପ୍ରାଣବଳୀ ଦେଇଥିବା ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଶହୀଦଙ୍କ ସ୍ମୃତିରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଆଇନ ବିଭାଗ ପକ୍ଷରୁ ରଥଯାତ୍ରା ବନ୍ଦ ନେଇ ପ୍ରସ୍ତାବ ଆଗତ କରାଯାଇଥିଲା। ବୈଠକରେ ଯୋଗଦେଇ ଆଡଭୋକେଟ ଜେନେରାଲ ଅଶୋକ ପରିଜା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ସମ୍ପର୍କରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ବିଷୟରେ କ୍ୟାବିନେଟକୁ ଅବଗତ କରାଇଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ଶ୍ରୀମନ୍ଦିର ପରିସର ମଧ୍ୟରେ ସମସ୍ତ ପ୍ରକାର ନିର୍ଦ୍ଦେଶାବଳୀର ଅନୁପାଳନ ହେବ। ଏଥି ସହିତ ସମସ୍ତ ରୀତିନୀତି ପାଳନ କରିବା ପାଇଁ ପଦକ୍ଷେପ ନେବାକୁ ଶ୍ରୀମନ୍ଦିର ପରିଚାଳନା କମିଟିକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ଜିଲାରେ ଥିବା ପରିଚାଳନା କମିଟି ଓ ଅନୁଷ୍ଠାନଗୁଡ଼ିକ ଯେପରି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ପାଳନ କରିବେ ତାହା ସୁନିଶ୍ଚିତ କରିବା ପାଇଁ ସମସ୍ତ ଜିଲାର ମାଜିଷ୍ଟ୍ରେଟମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କେନ୍ଦ୍ର ସରକାର ମେ ୩୦ ଏବଂ ରାଜ୍ୟ ସରକାର ଜୁନ୍ ୧ ତାରିଖରେ କୋଭିଡ୍-୧୯ ପରିଚାଳନା ପାଇଁ ଜାରି କରିଥିବା ସମସ୍ତ ନିର୍ଦ୍ଦେଶାବଳୀ କଡାକଡି ଭାବେ ପାଳନ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି।

ଏହି ନିଷ୍ପତ୍ତି ପ୍ରତ୍ୟେକ ଓଡ଼ିଆ ଏବଂ ଜଗନ୍ନାଥ ପ୍ରେମୀଙ୍କୁ ନିଶ୍ଚୟ ☞ପୃଷ୍ଠା-୪

### କ୍ୟାବିନେଟ ନିଷ୍ପତ୍ତି

- ସମସ୍ତ ରୀତିନୀତି ପାଳନ କରିବାକୁ ଶ୍ରୀମନ୍ଦିର ପ୍ରଶାସନକୁ ନିର୍ଦ୍ଦେଶ
- ଜିଲା ପରିଚାଳନା କମିଟି ନିର୍ଦ୍ଦେଶ ମାନିବା ନେଇ ମାଜିଷ୍ଟ୍ରେଟ ନିଶ୍ଚିତ କରିବେ
- ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି
- ମହାପ୍ରଭୁଙ୍କ ନିକଟରେ ସରକାର ସମର୍ପିତ

## ଚାଇନା କମ୍ପାନୀର ଚୁକ୍ତି ରଦ୍ଦ କଲା ରେଲୱେ

ନୂଆଦିଲ୍ଲୀ, ୧୮।୬

ସୀମାରେ ଲାଗି ରହିଥିବା ଭାରତ ଓ ଚାଇନା ସେନାର ତିକ୍ତତା ଲାଗି ରହିଛି। ୨୦ ଭାରତୀୟ ଯବାନ ଶହୀଦ ହେବା ଘଟଣା କେନ୍ଦ୍ର ସରକାରଙ୍କଠାରୁ ନେଇ ଦେଶବାସୀଙ୍କୁ ମର୍ମାହତ କରିଛି। ଏହି ସମୟରେ ଚାଇନାକୁ ଉଚିତ ଜବାବ ଦେବା ଲାଗି ଲୋକଙ୍କଠାରୁ ଆରମ୍ଭ କରି ସରକାରୀଙ୍କ ପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ଏହାର ଫଳସ୍ୱରୂପ ଭାରତୀୟ ରେଳ ଚାଇନା କମ୍ପାନୀ ସହ କରିଥିବା ୪୭୧ କୋଟିର ଏକ ରେଳ ପ୍ରକଳ୍ପ କାର୍ଯ୍ୟ ଚୁକ୍ତିକୁ ରଦ୍ଦ କରିଦେଇଛି। ଭାରତୀୟ ରେଳର ପୂର୍ବାଞ୍ଚଳ ମାଲ୍‌କରିଡ଼ର ଅଞ୍ଚଳ କାନପୁରରୁ ମୋଗଲସରାଇ ପର୍ଯ୍ୟନ୍ତ ପ୍ରାୟ ୪୧୭କି.ମି. ବିଶିଷ୍ଟ ଟେଲି କମ୍ୟୁନିକେସନ ପ୍ରକଳ୍ପ କାର୍ଯ୍ୟକୁ ଚାଇନାର ବେଜିଂ ନ୍ୟାଶନାଲ ରେଲୱେ ରିସର୍ଚ୍ଚ ଆଣ୍ଡ ଡ଼ିଜାଇନ ଇନଷ୍ଟ୍ୟୁଟି ଅଫ୍ ସିଗନାଲ ଆଣ୍ଡ କମ୍ୟୁନିକେଶନ ଗ୍ରୁପକୁ ୨୦୧୬ରେ କଣ୍ଟ୍ରାକ୍ଟ ଦିଆଯାଇଥିଲା। ଚୁକ୍ତି ମୁତାବକ କମ୍ପାନୀ ପ୍ରକଳ୍ପ କାର୍ଯ୍ୟ ୨୦୧୯ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ବର୍ତ୍ତମାନ ସୁଦ୍ଧା କମ୍ପାନୀ ମାତ୍ର ୨୦% କାର୍ଯ୍ୟ କରିଛି। ଠିକ୍ ସମୟରେ କାର୍ଯ୍ୟଶେଷ କରିବା ନେଇ ସମସ୍ୟା ଦେଖା ଦେବାରୁ ରେଲୱେ ଏଭଳି ନିଷ୍ପତ୍ତି ନେଇଥିବା ଜଣାପଡିଛି। ସେହିଭଳି ରାଷ୍ଟ୍ରାୟତ୍ତ ଟେଲିକମ ସେବା ପ୍ରଦାନକାରୀ ସଂସ୍ଥା ବିଏସ୍‌ଏନ୍‌ଏଲ୍ ଏବଂ ଏମ୍‌ଟିଏନ୍‌ଏଲ୍ ଆଗାମୀ ଦିନରେ କୌଣସି ଚାଇନା ସାମଗ୍ରୀ ବ୍ୟବହାର ନ କରିବାକୁ କେନ୍ଦ୍ର ଟେଲିକମ ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଛନ୍ତି। ଏ ଦିଗରେ ବିଚାର କରିବାକୁ ଘରୋଇ ଟେଲିକମ୍ କମ୍ପାନୀଗୁଡ଼ିକୁ ମଧ ସରକାର ପରାମର୍ଶ ଦେଇଛନ୍ତି।

## ଭାଜପା ହାତରୁ ଖସିପାରେ ମଣିପୁର

### ସରକାର ଗଠନ ପାଇଁ ଦାବି ଜଣାଇଲା କଂଗ୍ରେସ

ଇମ୍ଫାଲ, ୧୮।୬

ଭାଜପା ହାତରୁ ଖସିଯାଇପାରେ ମଣିପୁର। ଏହି ଉତ୍ତର-ପୂର୍ବ ରାଜ୍ୟରେ ଭାଜପା ନେତୃତ୍ୱାଧୀନ କ୍ଷମତାସୀନ ମେଣ୍ଟ ସରକାର ସଂଖ୍ୟାଲଘୁରେ ପରିଣତ ହେବା ପରେ ରାଜନୈତିକ ସଙ୍କଟ ଘନେଇବାରେ ଲାଗିଛି। ମୁଖ୍ୟମନ୍ତ୍ରୀ ଏନ୍. ବୀରେନ ସିଂଙ୍କ ବିପକ୍ଷରେ ବିରୋଧୀ ଦଳ ନେତା ଓକ୍ରାମ ଇବୋବି ସିଂ ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି। ଏହାସହ କଂଗ୍ରେସକୁ ସରକାର ଗଠନ ପାଇଁ ସୁଯୋଗ ଦିଆଯାଉ ବୋଲି ଗୁରୁବାର ରାଜ୍ୟପାଳ ନଜ୍‌ମା ହେପତୁଲ୍ଲାଙ୍କ ନିକଟରେ ଦାବି ଜଣାଇଛନ୍ତି।

୬୦ ସଦସ୍ୟ ବିଶିଷ୍ଟ ମଣିପୁର ବିଧାନସଭା ନିର୍ବାଚନ ୨୦୧୭ ମାର୍ଚ୍ଚରେ ଅନୁଷ୍ଠିତ ହୋଇଥିଲା। କଂଗ୍ରେସ ୨୮ ଆସନ ଦଖଲ କରି ସବୁଠୁ ବଡ଼ ଦଳ ଭାବେ ଉଭା ହୋଇଥିଲା। ଏକାଦଶ ବିଧାନସଭାରେ ଭାଜପାକୁ ୨୧ ଆସନରେ ସଫଳତା ମିଳିଥିବାବେଳେ ନାଗା ପିପୁଲ୍ସ ଫ୍ରଣ୍ଟ (ଏନ୍‌ପିଏଫ୍) ଏବଂ ନ୍ୟାଶନାଲ ପିପୁଲ୍ସ ପାର୍ଟି (ଏନ୍‌ପିପି) ୪ଟି ଲେଖାଏ ଆସନ ଦଖଲ କରିଥିଲେ। ସେହିପରି ତୃଣମୂଳ କଂଗ୍ରେସ (ଟିଏମ୍‌ସି), ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି) ଏବଂ ସ୍ୱାଧୀନ ଭାବେ ଜଣେ ଲେଖାଏ ପ୍ରାର୍ଥୀ ☞ପୃଷ୍ଠା-୪

### ଘନେଇଲା ରାଜନୈତିକ ସଙ୍କଟ

- ଭାଜପାର ୩ ବିଧାୟକ କଂଗ୍ରେସରେ ସାମିଲ
- ବୀରେନ ସିଂଙ୍କ କ୍ୟାବିନେଟରୁ ୪ ଏନ୍‌ପିପି ମନ୍ତ୍ରୀଙ୍କ ଇସ୍ତଫା
- ଟିଏମ୍‌ସିର ୧ ଓ ଜଣେ ସ୍ୱାଧୀନ ବିଧାୟକ ସମର୍ଥନ ପ୍ରତ୍ୟାହାର କଲେ
- ରାଜ୍ୟପାଳଙ୍କୁ ଭେଟିଲେ ଇବୋବି ସିଂ
- ଅନାସ୍ଥା ପ୍ରସ୍ତାବ ପାଇଁ ସ୍ୱତନ୍ତ୍ର ଅଧିବେଶନ ଦାବି


ଏନ୍. ବୀରେନ ସିଂ


ଓକ୍ରାମ ଇବୋବି ସିଂ

**ଆଜିର ସମ୍ପାଦକୀୟ**

ତେଲ ଶହେ ଛୁଇଁବ କି

**ଆଜିର ମନ୍ତବ୍ୟ**

“ଯୁଦ୍ଧ ସମାଧାନ ନୁହେଁ। ଭାରତ-ଚାଇନା ମଧ୍ୟରେ ଗଠନମୂଳକ ଆଲୋଚନା ଦ୍ୱାରା ସୀମା ସମସ୍ୟାର ସମାଧାନ କରାଯିବା ଉଚିତ।

– ଫାରୁକ୍ ଅବଦୁଲ୍ଲା, ନ୍ୟାଶନାଲ କନ୍‌ଫରେନ୍ସ ଅଧ୍ୟକ୍ଷ

**ଭୟରେ ଭାରତରେ ଥିବା ଚାଇନା ନାଗରିକ**

ସୀମାକୁ ନେଇ ସଂଘର୍ଷ ପରେ ଭାରତରେ ଚାଇନା ବିରୋଧୀ ଭାବାବେଗ ବଢ଼ିବାରେ ଲାଗିଛି। ଚାଇନା ସାମଗ୍ରୀ ବର୍ଜନ ପାଇଁ ଦେଶରେ ବିକ୍ଷୋଭ ଓ ଦାବି ଜୋର୍ ଧରୁଥିବାବେଳେ ହ୍ବାଟ୍ସଆପ୍ ସମେତ ସୋସିଆଲ ମିଡିଆରେ ମେସେଜ୍ ସ୍ଥିତିକୁ ଅଧିକ ସଙ୍ଗିନ କରିଛି। ଫଳରେ ଭାରତରେ ଥିବା ଚାଇନା ନାଗରିକ ଆତଙ୍କିତ ହୋଇଯାଇଛନ୍ତି। ସୁରକ୍ଷା ପ୍ରତି ବିପଦ ଆଶଙ୍କା କରି ସେମାନେ ଘରୁ ବାହାରୁ ନ ଥିବା ଜଣାପଡ଼ିଛି।

# ଏଲ୍ଏସିରେ ଯୁଦ୍ଧ ଭଳି ସ୍ଥିତି

**ନୂଆଦିଲ୍ଲୀ/ ଲେହ,୧୮।୬**

ଲଦାଖର ଗଲୱାନ ଉପତ୍ୟକାରେ ଭାରତ ଓ ଚାଇନା ସେନା ମଧ୍ୟରେ ସଂଘର୍ଷ ଘଟି ଉଭୟ ପକ୍ଷର ସୈନ୍ୟ ମୃତାହତ ହେବା ପରେ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍ଏସି)ରେ ଯୁଦ୍ଧ ଭଳି ସ୍ଥିତି ସୃଷ୍ଟି ହୋଇଛି। ଚାଇନାର ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍ଏ) ସୈନ୍ୟ ଚାଲାକି କରି ଭାରତୀୟ ଭୂଖଣ୍ଡକୁ ଅନୁପ୍ରବେଶ ଉଦ୍ୟମ କଲେ ସେମାନଙ୍କୁ କଡ଼ା ଜବାବ ଦେବା ପାଇଁ ଯବାନମାନେ ପ୍ରସ୍ତୁତ ହୋଇ ରହିଛନ୍ତି। ଏଲ୍ଏସିରେ ଲାଗି ରହିଥିବା ଚରମ ଉତ୍ତେଜନାକୁ ଦୃଷ୍ଟିରେ ରଖି ୱାର-ଲାଇକ୍ ଆଲର୍ଟ ବା ଯୁଦ୍ଧ ଭଳି ସତର୍କତା ଜାରି କରାଯାଇଛି।

ସୋମବାର ଅପରାହ୍ନରେ ଗଲୱାନ ଉପତ୍ୟକାରେ ଚାଇନା ପକ୍ଷରୁ କରାଯାଇଥିବା ଏକ ଟେଣ୍ଟକୁ ହଟାଇବା ପାଇଁ ଭାରତୀୟ ଯବାନମାନେ ସେଠାକୁ ଯାଇଥିଲେ। ପିଏଲ୍ଏ ସୈନ୍ୟମାନେ ଯବାନଙ୍କୁ ଆକ୍ରମଣ କରିବା ପରେ ୬ ଘଣ୍ଟା ଧରି ରକ୍ତାକ୍ତ ସଂଘର୍ଷ ହୋଇଥିଲା। ଏଥିରେ ଭାରତର ୨୦ ଯବାନ ଶହୀଦ ହୋଇଥିବାବେଳେ ଚାଇନାର ୪୩ ସୈନ୍ୟ ମୃତାହତ ହୋଇଛନ୍ତି। ୩୪୮୮ କିମି ବିସ୍ତୃତ ଏଲ୍ଏସିକୁ ନେଇ ସୀମା ବିବାଦର ସମାଧାନ ପାଇଁ ଆଲୋଚନା ଚାଲିଛି ବୋଲି ଉଭୟ ପକ୍ଷରୁ କୁହାଯାଉଥିଲେ ହେଁ ବାସ୍ତବ ସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ। ଏଲ୍ଏସିର ମୁଖ୍ୟତଃ ଗଲୱାନ୍ ଉପତ୍ୟକା, ଦୌଲତ ବେଗ୍ ଓଲ୍ଡି, ଡେପସାଙ୍ଗ,ଚୁଶୁଲ ଓ ଅନ୍ୟ ଅଞ୍ଚଳରେ ଚାଇନା ଏହାର ସୈନ୍ୟ ସଂଖ୍ୟା ବଢ଼ାଇଛି। ଭାରତ ପକ୍ଷରୁ ଲଦାଖଠାରୁ ଅରୁଣାଚଳପ୍ରଦେଶ ପର୍ଯ୍ୟନ୍ତ ଏଲ୍ଏସିରେ ଯୁଦ୍ଧଭଳି ସତର୍କତା ଜାରି ହୋଇଥିବାବେଳେ ଯେକୌଣସି ସ୍ଥିତିର ମୁକାବିଲା ପାଇଁ ସେନା ପ୍ରସ୍ତୁତ ହୋଇ ରହିଛି। ଫରୱାର୍ଡ ଅଞ୍ଚଳରେ ଭାରତ ୧୫,୦୦୦ରୁ ଅଧିକ ଯବାନ ମୁତୟନ କରିଥିବାବେଳେ ଏହାଠାରୁ ଅଧିକ ସୈନ୍ୟ ସେମାନଙ୍କୁ ସମର୍ଥନ ଦେବାକୁ ସଜାଗ ହୋଇ ରହିଛନ୍ତି। ସାଉଥ୍ ବ୍ଲକ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ସେନାର ଶୀର୍ଷ ଅଧିକାରୀଙ୍କ ସହ ଲଦାଖ ସୀମା ସ୍ଥିତି ସମୀକ୍ଷା କରିବା ପରେ ଏହି ଖବର ସାମ୍ନାକୁ ଆସିଛି।

ସେପଟେ ଗଲୱାନ ନଦୀପଥକୁ ଅବରୋଧ କରିବା ପାଇଁ ଚାଇନା ଉଦ୍ୟମ କରୁଥିବା ଜଣାପଡ଼ିଛି। ସଂଘର୍ଷ ସ୍ଥଳଠାରୁ ୧ କିଲୋମିଟର ଦୂରରେ ଚାଇନା ବୁଲ୍‌ଡୋଜର ଓ ଆର୍ଥମୁଭର ନିୟୋଜିତ କରିଥିବା ହାଇ ରିଜୋଲ୍ୟୁଶନ ସାଟେଲାଇଟ ଫଟୋରୁ ଦେଖିବାକୁ ମିଳିଛି। ଲଦାଖ ସଂଲଗ୍ନ ଏଲ୍ଏସିରେ ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ଜାରି ରହିଥିବାବେଳେ ଲେହରେ ଅନିଶ୍ଚିତତା ଓ ଭୟର ବାତାବରଣ ଦେଖାଦେଇଛି। ଗୁରୁବାର ଲେହ ସହରରେ ଦେଖାଦେଇଥିଲା ଅସ୍ୱାଭାବିକ ନୀରବତା। ଦୋକାନ ବଜାର ବନ୍ଦ ରହିଥିବାବେଳେ କରୋନା ମହାମାରୀ ଯୋଗୁ ରାସ୍ତାରେ କ୍ୱଚିତ୍ ଲୋକଙ୍କୁ ଦେଖିବାକୁ ମିଳିଥିଲା।

**ଲେହରେ ଅନିଶ୍ଚିତତା, ଭୟର ବାତାବରଣ**



ଗଲୱାନ ନଦୀପଥକୁ ଅବରୋଧ ପାଇଁ ଚାଇନା ଉଦ୍ୟମ କରୁଥିବାର ସାଟେଲାଇଟ୍ ଫଟୋ


ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ନାଜି ସେନାକୁ ପରାଜିତ କରିବାର ୮୦ ବର୍ଷ ପୂର୍ତ୍ତି ଅବସରରେ ଫ୍ରାନ୍ସର ଆଲ୍ଫା ଜେଟ ଓ ରେଡ୍ ଏରୋ ଜରିଆରେ ଫ୍ରାନ୍ସ ପକ୍ଷରୁ ରାଜଧାନୀ ପ୍ୟାରିସରେ ସାମରିକ କୌଶଳ ପ୍ରଦର୍ଶନ କରାଯାଉଛି।

## ଚାଇନାର ଦାବି ଗ୍ରହଣୀୟ ନୁହେଁ: ଭାରତ

**ନୂଆଦିଲ୍ଲୀ,୧୮।୬(ପି.ଟି.)**

ପୂର୍ବ ଲଦାଖର ଗଲୱାନ ଉପତ୍ୟକାରେ ସ୍ୱାଭାବିକ ଅବସ୍ଥା ଫେରାଇବା ସହ ସୈନ୍ୟ ପ୍ରତ୍ୟାହାର ଲାଗି ଗୁରୁବାର କ୍ରମାଗତ ତୃତୀୟ ଦିନ ପାଇଁ ଭାରତ ଓ ଚାଇନା ସେନା ମଧ୍ୟରେ ମେଜର ଜେନେରାଲ ସ୍ତରୀୟ ଆଲୋଚନା ଜାରି ରହିଛି। ମଙ୍ଗଳବାର ଓ ବୁଧବାର ଆଲୋଚନାରୁ କୌଣସି ନିଷ୍କର୍ଷ ବାହାରି ନ ଥିଲା। ଗତ ୬ ତାରିଖ ଉଚ୍ଚସ୍ତରୀୟ ସାମରିକ ଆଲୋଚନାର ସହମତି ଅନୁଯାୟୀ ସୀମାନ୍ତରୁ ସୈନ୍ୟ ପ୍ରତ୍ୟାହାର ପାଇଁ ବୁଧବାର ଆଲୋଚନା ହୋଇଥିଲା। ଭାରତ ଶାନ୍ତି ଚାହେଁ, ତେବେ ଉତ୍ତେଜନା ସୃଷ୍ଟି କଲେ ଏହାର ଠିକଣା ଜବାବ ଦେବାକୁ ସମର୍ଥ ବୋଲି ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ଚାଇନାକୁ କଡ଼ା ବାର୍ତ୍ତା ଦେଇଥିଲେ। ପୂର୍ବ ଲଦାଖର ଗଲୱାନ ଉପତ୍ୟକାରେ ଚାଇନାର ସାର୍ବଭୌମତ୍ୱ ଦାବିକୁ ଭାରତ ଅଗ୍ରାହ୍ୟ କରିଛି। ବେଜିଂର ଦାବି ଅତିରଞ୍ଜିତ ଓ ସମର୍ଥନଯୋଗ୍ୟ ନୁହେଁ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଗଲୱାନ ଉପତ୍ୟକା ସବୁବେଳେ ଚାଇନାର ଅଂଶବିଶେଷ ହୋଇ ରହିଛି ବୋଲି ପିଏଲ୍ଏ ଦାବି କରିବା ପରେ ଭାରତୀୟ ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅନୁରାଗ ଶ୍ରୀବାସ୍ତବ ଏହା ଉପରେ ତୀବ୍ର ପ୍ରତିକ୍ରିୟା ରଖିଥିଲେ। ଗତ ୬ ତାରିଖରେ କମାଣ୍ଡରସ୍ତରୀୟ ଆଲୋଚନାରେ ସୈନ୍ୟ ପ୍ରତ୍ୟାହାର ପାଇଁ ସହମତି ହୋଇଥିବା କଥା ସେ ଉଠାଇଥିଲେ।

## ସୀମାରେ ଯବାନଙ୍କ ପାଖରେ ଅସ୍ତ୍ର ଥାଏ

**ରାହୁଲଙ୍କୁ ବୁଝାଇଲେ ଜୟଶଙ୍କର**




**ନୂଆଦିଲ୍ଲୀ,୧୮।୬**

ଚାଇନା ସୀମାରେ ମୁତୟନ ସମସ୍ତ ଭାରତୀୟ ଯବାନଙ୍କ ପାଖରେ ଅସ୍ତ୍ରଶସ୍ତ୍ର ଥାଏ ବୋଲି ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଗୁରୁବାର କହିଛନ୍ତି। ଗଲୱାନକୁ ବିନା ଅସ୍ତ୍ରରେ ଭାରତୀୟ ଯବାନଙ୍କୁ କାହିଁକି ପଠାଯାଇଥିଲା ଓ ଏଥିପାଇଁ କିଏ ଦାୟୀ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ପ୍ରଶ୍ନ କରିଥିବାବେଳେ ଜୟଶଙ୍କର ଏହାର ଉତ୍ତର ରଖିଛନ୍ତି। ସେ କହିଛନ୍ତି, ୧୯୯୬ ଏବଂ ୨୦୦୫ ଦ୍ୱିପାକ୍ଷିକ ଚୁକ୍ତି ଅନୁଯାୟୀ ଦୁଇଦେଶର ସେନା ଗୁଳିଗୋଳା ବର୍ଷଣ କରିପାରିବେ ନାହିଁ। ଗଲୱାନରେ ଭାରତ ଓ ଚାଇନା ସେନା ମଧ୍ୟରେ ରକ୍ତାକ୍ତ ସଂଘର୍ଷ ହୋଇଥିଲେ ହେଁ ବନ୍ଧୁକ ଧରି ମଧ୍ୟ କେହି କାହାକୁ ଗୁଳିକରି ନ ଥିଲେ। ଏହି ଦୁଇ ଚୁକ୍ତି ଯୋଗୁ ସେମାନେ କେବଳ ହାତାହାତି ହୋଇଥିଲେ। ଏଥିରେ ଭାରତର ୨୦ ଯବାନ ଶହୀଦ ହୋଇଥିବାବେଳେ ୪ ଆହତ ହୋଇଥିଲେ। ପ୍ରକାଶଥାଉ କି, ସଂଘର୍ଷ ପରେ ଚାଇନାର କେତେ ସେନା ମୃତାହତ ହୋଇଛନ୍ତି, ସେ ସମ୍ପର୍କରେ ପଡ଼ୋଶୀ ଦେଶ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ସୂଚନା ଦିଆଯାଇ ନାହିଁ। କେବଳ ଆମେରିକା ପକ୍ଷରୁ ଚାଇନାର ୩୫ ସେନା ମରିଥିବା ଦର୍ଶାଯାଇଛି।

## ଶହୀଦଙ୍କ ଶେଷକୃତ୍ୟ ସମ୍ପନ୍ନ

**ନୂଆଦିଲ୍ଲୀ,୧୮।୬**


ପୂର୍ବ ଲଦାଖର ଗଲ୍‌ୱାନ ଉପତ୍ୟକାରେ ଚାଇନା ସୈନ୍ୟଙ୍କ ଆକ୍ରମଣରେ ଦେଶ ପାଇଁ ପ୍ରାଣବଳି ଦେଇଥିବା ଶହୀଦ ଯବାନମାନଙ୍କ ମରଶରୀର ଗୁରୁବାର ସେମାନଙ୍କ ଜନ୍ମମାଟିରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ମଧ୍ୟରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଶହୀଦ କଲୋନେଲ୍ ବିକୁମଲ୍ଲା ସନ୍ତୋଷ ବାବୁଙ୍କ ପାର୍ଥିବ ଶରୀର ତାଙ୍କ ଜନ୍ମସ୍ଥାନ ତେଲଙ୍ଗାନାର ସୂର୍ଯ୍ୟାପେଟା ଜିଲା ଅନ୍ତର୍ଗତ କେଶରାମ ଗ୍ରାମରେ ପହଞ୍ଚିବା ପରେ ତାଙ୍କ ଚାଷଜମିରେ ପୂର୍ଣ୍ଣ ସାମରିକ ସମ୍ମାନ ସହ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ହଜାର ହଜାର ଲୋକ ଉପସ୍ଥିତ ରହି ଅଶ୍ରୁଳ ବିଦାୟ ଦେବା ସହ କଲୋନେଲ ସନ୍ତୋଷ ଅମର ରହେ ସ୍ଲୋଗାନ ଦେଇଥିଲେ। ବାପା ଉପେନ୍ଦ୍ର ମୁଖାଗ୍ନି ଦେଇଥିବାବେଳେ୧୬ ବିହାର ରେଜିମେଣ୍ଟର ଯବାନମାନେ ତୋପସଲାମୀ ଦେଇଥିଲେ। ଶେଷକୃତ୍ୟ ବେଳେ ବହୁ ରାଜନେତା, ମନ୍ତ୍ରୀ ଉପସ୍ଥିତ ଥିଲେ।


କଲୋନେଲ୍ ସନ୍ତୋଷ ବାବୁଙ୍କ ପାର୍ଥିବ ଶରୀର କେଶରାମ ଗ୍ରାମରେ ପହଞ୍ଚିବା ପରେ ଶେଷ ସମ୍ମାନ ଜଣାଉଛନ୍ତି ଆତ୍ମୀୟ ସ୍ୱଜନ।

## ୧୮ ଦିନରେ ୧.୭୬ ଲକ୍ଷ ସଂକ୍ରମିତ

**ନୂଆଦିଲ୍ଲୀ,୧୮।୬**

ମହାମାରୀ କରୋନା ଉଗ୍ରରୂପ ଧାରଣ କରିଥିବା ବେଳେ ଗତ ଜୁନ୍ ୧ରୁ ଅଦ୍ୟାବଧି ୧.୭୬ ଲକ୍ଷରୁ ଅଧିକ ବ୍ୟକ୍ତି ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ମହାରାଷ୍ଟ୍ର, ତାମିଲନାଡୁ, ଦିଲ୍ଲୀ, ଉତ୍ତରପ୍ରଦେଶ, ରାଜସ୍ଥାନ, ଗୁଜରାଟ, ପଶ୍ଚିମବଙ୍ଗ ଭଳି ୧୦ ରାଜ୍ୟରେ ଉଗ୍ର ସଂକ୍ରମଣ ଦେଖାଦେବାରୁ ଏଭଳି ସ୍ଥିତି ଉପୁଜିଛି। ଗୁରୁବାର ସୁଦ୍ଧା ଦେଶରେ ୩.୬୮ ଲକ୍ଷରୁ ଅଧିକ ସଂକ୍ରମିତ ଥିବା ଜଣାପଡ଼ିଛି। ଏଥିସହ ଦେଶରେ ୧୨, ୩୬୦ ଜଣଙ୍କ ଜୀବନ ଯାଇଛି। ଏବେ ସୁସ୍ଥ ହୋଇଥିବା ଲୋକଙ୍କ ସଂଖ୍ୟା ୫୨.୯୫% ବୋଲି ସରକାର ଦର୍ଶାଇଛନ୍ତି। ସଂକ୍ରମିତ ହୋଇଥିବା ୧.୯୫ ଲକ୍ଷ ଲୋକ ସୁସ୍ଥହୋଇ ଘରକୁ ଫେରିଛନ୍ତି। ବୁଧବାର ଦେଶରେ ସଂକ୍ରମିତଙ୍କ ସଂଖ୍ୟା ସର୍ବାଧିକ ୧୩, ୧୦୩ ରହିଥିଲା। ଗୁରୁବାର ଏହା ପ୍ରାୟ ୫ ହଜାର ରହିଛି। କ୍ରମଶଃ ସଂକ୍ରମିତଙ୍କ ସଂଖ୍ୟା ବଢୁଥିବାରୁ ଲୋକଙ୍କ ମନରେ ଭୟ ସୃଷ୍ଟିହୋଇଛି। ମହାରାଷ୍ଟ୍ରରେ ୧. ୧୬ ଲକ୍ଷରୁ ଅଧିକ ଭୂତାଣୁ ଆକ୍ରାନ୍ତ ଥିବାବେଳେ ତାମିଲନାଡୁରେ ୫୨ ହଜାର ଓ ରାଜଧାନୀ ଦିଲ୍ଲୀରେ ୪୩ ହଜାର ଟପିଲାଣି। ପ୍ରବାସୀଙ୍କ ଆଗମନ ଓ ଲକ୍‌ଡାଉନ୍ ଉଠିବା ପରେ ଗୁରୁତର ପରିସ୍ଥିତି ଦେଖାଦେଇଛି। ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିଲେ ବି ସେଭଳି ସୁଫଳ ମିଳୁନାହିଁ। ଅପରପକ୍ଷରେ ଫେରିଥିବା ପ୍ରବାସୀ ଶ୍ରମିକଙ୍କ ଦୁଃଖ ବଢ଼ିବାରେ ଲାଗିଛି। ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏମାନଙ୍କ ଲାଗି ୫୦ ହଜାର କୋଟି ଟଙ୍କାର ନିଯୁକ୍ତି ଯୋଜନା ସମ୍ପର୍କରେ ଘୋଷଣା କରିବେ। ପ୍ରଥମେ ୬ଟି ରାଜ୍ୟରେ 'ଗରିବ କଲ୍ୟାଣ ରୋଜଗାର ଅଭିଯାନ' କାର୍ଯ୍ୟକାରୀ କରାଯିବ ବୋଲି ଜଣାପଡ଼ିଛି। କରୋନାରୁ ବର୍ତ୍ତିବା ଲାଗି ସାମାଜିକ ଦୂରତ୍ୱ ରକ୍ଷା ସହ ଅଧିକ ସଚେତନ ହେବା ଲାଗି ପରାମର୍ଶ ଦିଆଯାଇଛି।



- ଦେଶରେ ୧୨, ୩୬୦ ମୁଣ୍ଡ ଗଡ଼ିଲାଣି
- ୩. ୬୮ ଲକ୍ଷରୁ ଅଧିକ ଆକ୍ରାନ୍ତ

## ୟୁଏନ୍ଏସ୍‌ସିକୁ ଭାରତ ନିର୍ବାଚିତ

**ନୂଆଦିଲ୍ଲୀ,୧୮।୬**

ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍ଏସ୍‌ସି)ର ଅସ୍ଥାୟୀ ସଦସ୍ୟ ଭାବେ ଭାରତ ନିର୍ବାଚିତ ହୋଇଛି। ଏଥିପାଇଁ ସମର୍ଥନ ଦେଇଥିବା ବିଶ୍ୱ ସମୁଦାୟକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଧନ୍ୟବାଦ ଜଣାଇଛନ୍ତି। ବିଶ୍ୱ ଶାନ୍ତି, ନିରାପତ୍ତା ଓ ସମାନତା ବଢ଼ାଇବାରେ ଭାରତ ସବୁ ସଦସ୍ୟ ରାଷ୍ଟ୍ର ସହ ମିଶି କାମ କରିବ ବୋଲି ପ୍ରଧାନମନ୍ତ୍ରୀ ଟୁଇଟ୍ କରିଛନ୍ତି। ବୁଧବାର ଜାତିସଂଘ ସୁରକ୍ଷା ପରିଷଦ ଅସ୍ଥାୟୀ ସଦସ୍ୟ ପାଇଁ ହୋଇଥିବା ନିର୍ବାଚନରେ ୧୯୨ ଭୋଟରୁ ଭାରତକୁ ୧୮୪ ଭୋଟ ମିଳିଥିଲା। ଭାରତ ୨୦୨୧ ଜାନୁୟାରୀ ୧ରୁ ଦୁଇବର୍ଷ ପାଇଁ ୟୁଏନ୍ଏସ୍‌ସିର ଅସ୍ଥାୟୀ ସଦସ୍ୟ ରହିବ। କୋଭିଡ୍ ଓ ଏହା ପରବର୍ତ୍ତୀ ବିଶ୍ୱରେ ବହୁପାକ୍ଷିକ ବ୍ୟବସ୍ଥାରେ ସଂସ୍କାର ଆଣିବାରେ ଭାରତ ନେତୃତ୍ୱ ପ୍ରଦାନ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଅଷ୍ଟମ ଥର ଅସ୍ଥାୟୀ ସଦସ୍ୟ ନିର୍ବାଚିତ ହୋଇଥିବାରୁ ଆଗାମୀ ଦିନରେ ୟୁଏନ୍ଏସ୍‌ସିର ସ୍ଥାୟୀ ସଦସ୍ୟ ହେବା ପାଇଁ ଭାରତର ଦାବିକୁ ଏହା ଆହୁରି ବଳିଷ୍ଠ କରିବ ବୋଲି କୁହାଯାଉଛି।

ଭାରତର ଏହି ସଫଳତା ପାଇଁ ଆମେରିକା ଅଭିନନ୍ଦନ ଜଣାଇବା ସହ ଅଧିକ ସ୍ଥିର, ନିରାପଦ ଓ ସମୃଦ୍ଧ ବିଶ୍ୱ ଗଠନ ଦିଗରେ ନୂଆଦିଲ୍ଲୀ ସହ ଏକାଠି କାର୍ଯ୍ୟ କରିବା ପାଇଁ ଆଗ୍ରହ ପ୍ରକାଶ କରିଛି। ଭାରତର ଏହି ଅଭୂତପୂର୍ବ ବିଜୟରେ ଖୁସିବ୍ୟକ୍ତ କରି ନୂଆଦିଲ୍ଲୀରେ ଆମେରିକା ରାଷ୍ଟ୍ରଦୂତ କେନେଥ ଜଷ୍ଟର ଉପରୋକ୍ତ ଟୁଇଟ୍ କରିଛନ୍ତି।




- ବିଶ୍ୱ ସମୁଦାୟକୁ ଧନ୍ୟବାଦ ଜଣାଇଲେ ମୋଦି
- ଭାରତ ସହ କାମ କରିବାକୁ ଆଗ୍ରହ ପ୍ରକାଶ କଲା ଆମେରିକା

## ସ୍ୱାଭାବିକ ହେଉଛି ବ୍ୟବସାୟ କାରବାର

**ନୂଆଦିଲ୍ଲୀ,୧୮।୬(ପି.ଟି.)**

ଲକ୍‌ଡାଉନ କୋହଳ ହେବା ପରେ ଦେଶରେ ବ୍ୟବସାୟ କାରବାର ଦ୍ରୁତ ଗତିରେ ସ୍ୱାଭାବିକ ସ୍ତରକୁ ଫେରୁଛି। କୋଭିଡ୍ ପୂର୍ବରୁ ଯେପରି ଚାହିଦା ଥିଲା ସେହି ସ୍ତରକୁ ଫେରିଥିବାବେଳେ ଲୋକେ ଅଧିକ କିଣାକିଣି କଲେଣି। ବିଦ୍ୟୁତ, ଇନ୍ଧନ ଓ ଅନ୍ୟାନ୍ୟ ଉପଯୋଗ ତଥ୍ୟରୁ ଏହା ସ୍ପଷ୍ଟ ହୋଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର କହିଛନ୍ତି। କରୋନା ସଂକ୍ରମଣକୁ କମାଇବା ପାଇଁ ମାର୍ଚ୍ଚ ୨୫ରୁ ଦେଶବ୍ୟାପୀ ଲକ୍‌ଡାଉନ ଘୋଷଣା କରାଯିବା ପରେ ଭାରତ ମାନ୍ଦାବସ୍ଥା ଭଳି ସ୍ଥିତିର ସମ୍ମୁଖୀନ ହୋଇଥିଲା। ଜୁନ୍ ପର୍ଯ୍ୟନ୍ତ ଲକ୍‌ଡାଉନ ବଳବତ୍ତର ରହିବା ସହ କଟକଣା ଯୋଗୁ ଶିଳ୍ପ ଉତ୍ପାଦନ ଓ ଉପଭୋକ୍ତା ବ୍ୟୟ ଯଥେଷ୍ଟ ହ୍ରାସ ପାଇଥିଲା। ଜିଡିପି ଅଭିବୃଦ୍ଧି ଯଥେଷ୍ଟ ହ୍ରାସ ପାଇବା ନେଇ ପୂର୍ବାନୁମାନ କରାଯାଇଥିଲା। ଲକ୍‌ଡାଉନ କଟକଣା କୋହଳ ହେବା ପରେ ବ୍ୟବସାୟ କାରବାର ପୂର୍ବାବସ୍ଥାକୁ ଫେରୁଥିବା ମୋଦି କହିଛନ୍ତି।

ଗତ କିଛି ସପ୍ତାହ ହେଲା ପେଟ୍ରୋଲିୟମ ସାମଗ୍ରୀ ଚାହିଦା ଓ ବ୍ୟବହାର ବେଶ୍ ବୃଦ୍ଧି ପାଇଛି। ସେହିପରି ଏପ୍ରିଲ ତୁଳନାରେ ଇ-ୱେ ବିଲ୍ ୨୦୦ ପ୍ରତିଶତ ବଢ଼ିଛି। ସଡ଼କ ଓ ରାଜପଥ ଟୋଲ ସଂଗ୍ରହ କୋଭିଡ୍ ପୂର୍ବବର୍ତ୍ତୀ ସ୍ଥିତିର ୭୦ ପ୍ରତିଶତରେ ପହଞ୍ଚିଲାଣି। ଏପ୍ରିଲ ତୁଳନାରେ ମେ'ରେ ରେଲୱେ ମାଲ୍ ପରିବହନ ଆୟ ୨୬ ପ୍ରତିଶତ ବୃଦ୍ଧି ପାଇଛି। ସେହିପରି ଡିଜିଟାଲ କାରବାରରେ ମଧ୍ୟ ଯଥେଷ୍ଟ ଉନ୍ନତି ପରିଲକ୍ଷିତ ହୋଇଥିବା ଦେଖାଯାଇଛି। ଭାରତୀୟ ଅର୍ଥନୀତି ପୁଣିଥରେ ପୂର୍ବ ସ୍ଥିତିକୁ ଫେରୁଥିବା ଏଥିରୁ ସ୍ପଷ୍ଟ ସୂଚିତ ହେଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଗ୍ରାମାଞ୍ଚଳ ଅର୍ଥନୀତିରେ ମଧ୍ୟ ଉନ୍ନତି ଦେଖାଦେଇଛି। ଖରିଫ ଫସଲ ଚାଷ ଗତବର୍ଷ ତୁଳନାରେ ୧୩ ପ୍ରତିଶତ ଅଧିକ ହୋଇଛି। ଚଳିତ ବର୍ଷ ଗହମ ଉତ୍ପାଦନ ଓ ସଂଗ୍ରହ ଗତବର୍ଷ ତୁଳନାରେ ୧୧ ପ୍ରତିଶତ ବୃଦ୍ଧି ପାଇଛି। ପୂର୍ବ ସଙ୍କଟରୁ ଦେଶ ମୁକୁଳୁଛି। ଭାରତୀୟଙ୍କ ସଫଳତା ଓ ସମୃଦ୍ଧି ନିଶ୍ଚିତ। ଆମେ ଆତ୍ମନିର୍ଭରଶୀଳ ହୋଇପାରିବା ବୋଲି ମୋଦି କହିଛନ୍ତି।

କିଛି ସପ୍ତାହ ପୂର୍ବରୁ ଭାରତ ଅନ୍ୟ ଦେଶରୁ ଏନ୍-୯୫ ଫେସ୍‌ମାସ୍କ, କରୋନା ପରୀକ୍ଷା କିଟ୍, ବ୍ୟକ୍ତିଗତ ସୁରକ୍ଷା ଉପକରଣ (ପିପିଇ), ଭେଣ୍ଟିଲେଟର ଆମଦାନି କରୁଥିଲା। ଏବେ ଦେଶ ଏହାର ଚାହିଦା ପୂରଣ କରିବା ସହ ଖୁବ୍‌ଶୀଘ୍ର ଡାକ୍ତରୀ ଉପକରଣର ରପ୍ତାନିକାରୀ ହେବାକୁ ଯାଉଛି। ଆମଦାନି ହ୍ରାସ କରି ଭାରତକୁ ରପ୍ତାନି ବଳକା ରାଷ୍ଟ୍ରରେ ପରିଣତ କରିବା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ନିଜେ ଆତ୍ମନିର୍ଭରଶୀଳ ହେବା ସହ ଭାରତକୁ ଆତ୍ମନିର୍ଭର କରିବା ପାଇଁ ସେ ଭାରତୀୟ ବ୍ୟବସାୟୀ ଓ ଶିଳ୍ପପତିମାନଙ୍କୁ ଆହ୍ୱାନ ଦେଇଛନ୍ତି।



**ଚାହିଦା, ଉପଯୋଗ ବଢୁଛି: ମୋଦି**

## ୩୩ ଯୁଦ୍ଧବିମାନ କିଣିବ ଭାରତ

**ନୂଆଦିଲ୍ଲୀ,୧୮।୬**

ଲଦାଖର ଗଲୱାନ ଉପତ୍ୟକାରେ ଭାରତ ଓ ଚାଇନା ସେନା ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଦେଖିବାକୁ ମିଳିଥିବାବେଳେ ଏବେ ବି ଉତ୍ତେଜନା ଥମିନାହିଁ। ସୀମାରେ ଯୁଦ୍ଧସମ ପରିସ୍ଥିତି ଲାଗିରହିଛି। ଏଭଳି ସ୍ଥିତିରେ ଭାରତ ୩୩ ଯୁଦ୍ଧବିମାନ କିଣିବା ଲାଗି ନିଷ୍ପତ୍ତି ନେଇଛି। ଏଥିରେ୧୨ ଟି ନୂଆ ସୁଖୋଇ ବିମାନ ଓ ୨୧ଟି ମିଗ୍-୨୯ ଯୁଦ୍ଧ ବିମାନ ରହିଛି। ଏଥିଲାଗି ୫ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯିବ। ଭାରତୀୟ ବାୟୁସେନା ପକ୍ଷରୁ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିବାବେଳେ ତୁରନ୍ତ ଏହି ଯୁଦ୍ଧବିମାନ ଦେବା ଲାଗି ଭାରତ ସରକାରଙ୍କ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ପ୍ରତିରକ୍ଷା ମନ୍ତ୍ରଣାଳୟକୁ ଏଭଳି ପ୍ରସ୍ତାବ ଦିଆଯାଇଥିବାବେଳେ ଆସନ୍ତା ସପ୍ତାହ ସୁଦ୍ଧା ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି। ପ୍ରକାଶଥାଉ କି, ଭାରତ ବନ୍ଧୁରାଷ୍ଟ୍ର ରୁଷିଆରୁ ଏହା କ୍ରୟ କରିବ। ୨୦୧୬ରେ ୩୬ ରାଫାଲ ବିମାନ ଲାଗି ଚୁକ୍ତି କରାଯାଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ପୁଣି ୩୩ ଲଢୁଆ ବିମାନ କ୍ରୟ କରାଯିବ। ଫଳରେ ଭାରତୀୟ ବାୟୁସେନାକୁ ଅଧିକ ସଶକ୍ତ କରାଯାଇପାରିବ ବୋଲି କୁହାଯାଇଛି।

## କ୍ଷୁଦ୍ରତମ ରଥ ନିର୍ମାଣ କରି ବିଶ୍ୱ ରେକର୍ଡ

**ବ୍ରହ୍ମପୁର ଅଫିସ:** ପୁଣି ବିଶ୍ୱ ରେକର୍ଡ଼ ସୃଷ୍ଟି କଲେ ବ୍ରହ୍ମପୁର ଶିଳ୍ପୀ ସତ୍ୟ ମହାରଣା। ଚଳିତ ରଥଯାତ୍ରା ଉପଲକ୍ଷେ ଶିଳ୍ପୀ ମହାରଣା ବିଶ୍ୱର ସବୁଠୁ କ୍ଷୁଦ୍ରତମ ରଥ ନିର୍ମାଣ କରି ବିଶ୍ୱ ରେକର୍ଡ଼ରେ ନିଜ ନାମ ସ୍ଥାନିତ କରିଛନ୍ତି। ତାଙ୍କ ଦ୍ୱାରା ନିର୍ମିତ ୧ ଏମ୍‌ଏମ୍ ଉଚ୍ଚତାର ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଡାଞ୍ଚାରେ ନିର୍ମିତ ରଥ ଗୁରୁବାର ଏକ୍ସକ୍ଲୁସିଭ ୱାର୍ଲଡ଼ ରେକର୍ଡରେ ସ୍ଥାନିତ ହୋଇଛି। ଏନେଇ ଶିଳ୍ପୀ ମହାରଣା କହିଛନ୍ତି, ଆଗକୁ ଆହୁରି ଅନେକ ୱାର୍ଲଡ଼ ରେକର୍ଡରେ ଏହା ସ୍ଥାନିତ ହେବାକୁ ଥିବା ସେ ଆଶା ବ୍ୟକ୍ତ କରିଛନ୍ତି।

# ଓଡ଼ିଶାରେ ପହଞ୍ଚିଲା ଦୁଇ ଯବାନଙ୍କ ପାର୍ଥିବ ଶରୀର

ଭୁବନେଶ୍ୱର,୧୮।୬ (ବ୍ୟୁରୋ)

- ବିମାନବନ୍ଦରରେ ଦିଆଗଲା ଗାର୍ଡ ଅଫ୍ ଅନର
- ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଜଣାଇଲେ ଶେଷ ସମ୍ମାନ
- ନିଜ ଗ୍ରାମରେ ହେବ ଶହୀଦ ନନ୍ଦୁରାମ, ଚନ୍ଦ୍ରକାନ୍ତଙ୍କ ଶେଷକୃତ୍ୟ

ପୂର୍ବଲଦାଖ ସୀମା ଗଲ୍‌ୱାନ ଉପତ୍ୟକାରେ ସୋମବାର ବିଳମ୍ବିତ ରାତିରେ ଚାଇନା ସେନା ସହ ସଂଘର୍ଷରେ ଶହୀଦ ହୋଇଥିଲେ ଦୁଇ ଓଡ଼ିଆ ଯବାନ କନ୍ଧମାଳ ଜିଲା ରାଇକିଆ ବ୍ଲକ ବିଅରପାଙ୍ଗା ଗ୍ରାମର ଚନ୍ଦ୍ରକାନ୍ତ ପ୍ରଧାନ(୨୮) ଓ ମୟୂରଭଞ୍ଜ ଜିଲା ବିଜାତଳା ବ୍ଲକ ଚମ୍ପାଉଦା ଗ୍ରାମର ନନ୍ଦୁରାମ ସୋରେନ(୪୩)। ଗୁରୁବାର ଅପରାହ୍ନ ପ୍ରାୟ ୫ଟା ୪୫ରେ ଉଭୟଙ୍କ ପାର୍ଥିବ ଶରୀର ବାୟୁ ସେନାର ସ୍ୱତନ୍ତ୍ର ବିମାନଯୋଗେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଥିଲା। ୩ ସେନାର ପ୍ରମୁଖ ଅଧିକାରୀ, ପୋଲିସ, ନେତା ଓ ଜନତାଙ୍କ ଉପସ୍ଥିତିରେ ବିମାନ ବନ୍ଦର ପରିସରରେ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ରାଜ୍ୟପାଳ ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ ବିମାନ ବନ୍ଦରରେ ପହଞ୍ଚି ଦୁଇ ଯବାନଙ୍କ ପାର୍ଥିବ ଶରୀରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହାପରେ ପୋଲିସ ଡିଜି ଅଭୟ, ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ, ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା, ବିଧାୟକ ସୁରେଶ କୁମାର ରାଉତରାୟଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ ଅନ୍ୟମାନେ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଏହି ସମୟରେ ଶହୀଦ ଚନ୍ଦ୍ରକାନ୍ତ ଓ ନନ୍ଦୁରାମ ଅମର ରହେ ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା ବିମାନବନ୍ଦର ପରିସର। ଉପସ୍ଥିତ ଥିବା ପରିବାର ସଦସ୍ୟ, ସମ୍ପର୍କୀୟ, ଗ୍ରାମବାସୀଙ୍କ କୋହରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଏହାପରେ ସ୍ୱତନ୍ତ୍ର ସେନା ଗାଡିରେ ଫୁଲରେ ସଜାଇ ୧୨୦ ବାଟାଲିୟନକୁ ନିଆଯାଇଥିଲା। ସେଠାରେ ସେନାର ଅନ୍ୟ ଅଧିକାରୀମାନେ ଶେଷ ସମ୍ମାନ ଜଣାଇବା ପରେ ଦୁଇ ଯବାନଙ୍କ ପାର୍ଥିବ ଶରୀର ସିଧା ସେମାନଙ୍କ ଜନ୍ମମାଟି ଅଭିମୁଖେ ବାହାରିଥିଲା। ବାଟରେ ବିଭିନ୍ନ ସ୍ଥାନରେ ଲୋକେ ମହମବତି ଜଳାଇ ଫୁଲ ପକାଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଶୁକ୍ରବାର ନିଜ ଗ୍ରାମରେ ବିଧି ଅନୁଯାୟୀ ଦୁଇ ଯବାନଙ୍କ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ଶହୀଦ ଚନ୍ଦ୍ରକାନ୍ତ ୨୦୧୪ରେ ସେନାର ବିହାର ରେଜିମେଣ୍ଟରେ ଓ ୧୯୯୭ରେ ନନ୍ଦୁରାମ ବିହାର ୧୬ ରେଜିମେଣ୍ଟରେ ଯୋଗଦେଇଥିଲେ।


ବିମାନବନ୍ଦରରେ ୨ ଯବାନଙ୍କ ପାର୍ଥିବ ଶରୀରକୁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ଅନ୍ୟମାନେ ଶେଷ ସମ୍ମାନ ଜଣାଉଛନ୍ତି।

## ସଂକ୍ଷେପରେ

### ଗଞ୍ଜାମର ଗୋଟିଏ ବ୍ଲକ, ୨ ପଞ୍ଚାୟତକୁ ଜାତୀୟ ପୁରସ୍କାର




**ଛତ୍ରପୁର,୧୮।୬(ଡି.ଏନ୍.ଏ.):** ଗଞ୍ଜାମ ଜିଲାର ଗୋଟିଏ ବ୍ଲକ ଓ ୨ ପଞ୍ଚାୟତ ଜାତୀୟସ୍ତରରେ ପୁରସ୍କୃତ ହୋଇଛି। ହିଞ୍ଜିଳିକାଟୁ ବ୍ଲକ ଓ ଏହା ଅନ୍ତର୍ଗତ ଶାସନଆମ୍ବଗାଁ ପଞ୍ଚାୟତ ଏବଂ ଶେରଗଡ଼ ବ୍ଲକର ଅଲାରିଗଡ଼ ପଞ୍ଚାୟତକୁ ଦୀନଦୟାଲ ଉପାଧ୍ୟାୟ ପଞ୍ଚାୟତ ସଶକ୍ତୀକରଣ ପୁରସ୍କାର ମିଳିଛି। ଗୁରୁବାର ଏ ସମ୍ପର୍କରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଟୁଇଟ୍ କରି ସୂଚନା ଦେଇଛନ୍ତି। ଏହି ସଫଳତା ପାଇଁ ଜିଲାର ଡିଆର୍‌ଡିଏ ଟିମ୍ ସମେତ ହିଞ୍ଜିଳି ଓ ଶେରଗଡ ବ୍ଲକ ଟିମ୍‌କୁ ଜିଲାପାଳ ଶୁଭେଚ୍ଛା ଜଣାଇଛନ୍ତି।

### ହାତୀ ଆକ୍ରମଣରେ ବୃଦ୍ଧ ମୃତ

**ବନ୍ତଳା, ୧୮।୬(ଡି.ଏନ.ଏ.):** ଅନୁଗୋଳ ବନଖଣ୍ଡ ବନ୍ତଳା ରେଞ୍ଜ ବଲଙ୍ଗ ରିଜର୍ଭ ଜଙ୍ଗଲ ଅଧୀନ ବାଘୁଆପାଟ ଗ୍ରାମରେ ଗୁରୁବାର ସକାଳେ ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ହଣ୍ଡପା ଥାନା ଭେଜିଗୋଠ ପଞ୍ଚାୟତ ସୋଲଡା ଗ୍ରାମର ବସନ୍ତ ନାଏକ(୫୫)। ସେ ୭ ଦିନ ହେଲା ଘରୁ କେଉଁଆଡେ ପଳାଯାଇଥିଲେ। ଖବରପାଇ ବନ୍ତଳା ଡେପୁଟି ରେଞ୍ଜର ଜୟନ୍ତ ସାହୁ ଗୁରୁତର ଅବସ୍ଥାରେ ବସନ୍ତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ନେଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଜବତ କରିଛି। ଅପରାହ୍ନରେ ପରିବାର ଲୋକେ ମୃତଦେହ ଚିହ୍ନଟ କରିବା ପରେ ବ୍ୟବଚ୍ଛେଦ କରାଯାଇଛି।

## ତୋଟାରୁ ନରକଙ୍କାଳ ଉଦ୍ଧାର

ଆସିକା,୧୮।୬(ଡି.ଏନ୍.ଏ.)

ଗଞ୍ଜାମ ଜିଲା ବେଲଗୁଣ୍ଠା ବ୍ଲକ ଗାଙ୍ଗପୁର ଥାନା ବେଣିପଲ୍ଲି ଗ୍ରାମ ନିକଟ ତୋଟାରୁ ଗୁରୁବାର ନରକଙ୍କାଳ ଉଦ୍ଧାର ହୋଇଛି। ଘଟଣାସ୍ଥଳରେ ପଡିଥିବା ପୋଷାକରୁ ଏହା ସଙ୍ଗରୋଧ କେନ୍ଦ୍ରରୁ ଖସି ପଳାଇଥିବା ଜଣେ ବ୍ୟକ୍ତିଙ୍କର ବୋଲି ସନ୍ଦେହ କରାଯାଉଛି। ତାଙ୍କ ମା' ଉକ୍ତ ପୋଷାକ ଚିହ୍ନଟ କରିଥିବା ପୋଲିସ ସୂଚନା ଦେଇଛି। ବେଲଗୁଣ୍ଠା ତହସିଲଦାର ସରୋଜ କୁମାର ବେହେରାଙ୍କ ଉପସ୍ଥିତିରେ ଫରେନ୍‌ସିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ଧିରେଶ୍ କୁମାର ଦାସ କହିଛନ୍ତି। ଏନେଇ ନଂ.୧୨/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ, ଗାଙ୍ଗପୁର ଥାନା ଅଞ୍ଚଳର ସମ୍ପୃକ୍ତ ବ୍ୟକ୍ତି ସୁରଟରୁ ଫେରି ବେଣିପଲ୍ଲିସ୍ଥିତ ସଙ୍ଗରୋଧ କେନ୍ଦ୍ରରେ ରହିଥିଲେ। ମେ' ୨୭ ରାତିରେ ସେ ସଙ୍ଗରୋଧ କେନ୍ଦ୍ରରୁ ଫେରାର୍ ହୋଇଯାଇଥିବା ବେଣିପଲ୍ଲି ସରପଞ୍ଚ ଗାଙ୍ଗପୁର ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା (ନଂ.୧୩୪/୨୦)ରୁଜୁ କରି ତଦନ୍ତ ଚଳାଇଥିଲା।

## ନୂଆ ମାନଚିତ୍ରକୁ ନେପାଳ ପାର୍ଲାମେଣ୍ଟର ମଞ୍ଜୁରୀ

କାଠମାଣ୍ଡୁ,୧୮।୬(ପି.ଟି.)



ନେପାଳର ରାଜନୈତିକ ମାନଚିତ୍ରରେ ପରିବର୍ତ୍ତନ ଲାଗି ସମ୍ବିଧାନ ସଂଶୋଧନ ବିଲ୍‌କୁ ଗୁରୁବାର ଦେଶର ପାର୍ଲାମେଣ୍ଟ ସର୍ବସମ୍ମତିକ୍ରମେ ମଞ୍ଜୁରୀ ପ୍ରଦାନ କରିଛି। ଗତ ଶନିବାର ପାର୍ଲାମେଣ୍ଟର ନିମ୍ନ ସଦନରେ ବିଲ୍ ଗୃହୀତ ହୋଇଥିଲା। ଭାରତର ଦୃଢ଼ ବିରୋଧ ସତ୍ତ୍ୱେ ରଣନୀତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଏହାର ୩ଟି ଅଞ୍ଚଳ ଲିପୁଲେଖ, କାଲାପାନି ଏବଂ ଲିମ୍ପିୟାଧୁରାକୁ ନେପାଳ ନୂତନ ମାନଚିତ୍ରରେ ସାମିଲ କରିଛି। କୃତ୍ରିମ ଭାବେ ସୀମା ବଢ଼ାଇବା ଆଦୌ ଗ୍ରହଣୀୟ ନୁହେଁ ବୋଲି ଭାରତ କହିଛି। ୨୦୧୯ ନଭେମ୍ବରରେ ଭାରତ ନୂତନ ମାନଚିତ୍ର ପ୍ରକାଶ କରିଥିଲା। ଏହାର ୬ ମାସ ପରେ ଗତ ମାସରେ ନେପାଳ ନୂଆ ମାନଚିତ୍ର ପ୍ରକାଶ କରି ବିବାଦ ସୃଷ୍ଟି କରିଛି।

ନେପାଳ ପାର୍ଲାମେଣ୍ଟର ଉଚ୍ଚ ସଦନରେ ଗୁରୁବାର ସମ୍ବିଧାନ ସଂଶୋଧନ ବିଲ୍ ସପକ୍ଷରେ ସମସ୍ତ ୫୭ ସଦସ୍ୟ ଭୋଟ ଦେଇଥିଲେ। ବିରୋଧରେ ଗୋଟିଏ ହେଲେ ଭୋଟ ଯାଇ ନ ଥିବା ଗୃହର ଅଧ୍ୟକ୍ଷ ଗଣେଶ ତିମିଲସିନା କହିଛନ୍ତି। ଏବେ ବିଲ୍ ରାଷ୍ଟ୍ରପତି ବିଦ୍ୟାଦେବୀ ଭଣ୍ଡାରୀଙ୍କ ସ୍ୱୀକୃତି ପାଇଁ ପଠାଯିବ। ପରେ ଏହା ସମ୍ବିଧାନରେ ସାମିଲ ହେବ ଏବଂ ନୂଆ ମାନଚିତ୍ରକୁ ସରକାରୀ ଦସ୍ତାବିଜ୍ ଭାବେ ବ୍ୟବହାର କରାଯାଇପାରିବ। ନେପାଳ କ୍ୟାବିନେଟ ଗତମାସ ୧୮ରେ ନୂଆ ରାଜନୈତିକ ମାନଚିତ୍ରକୁ ଅନୁମୋଦନ କରିଥିଲା। ସୂଚନାଯୋଗ୍ୟ ଉତ୍ତରାଖଣ୍ଡର ଧାରଚୁଲାରୁ ଲିପୁଲେଖ ଗିରିପଥକୁ ସଂଯୋଗ ଲାଗି ୮୦ କିଲୋମିଟର ଦୀର୍ଘ ସଡ଼କ ପଥକୁ ଗତମାସ ୮ ତାରିଖରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଉଦ୍‌ଘାଟନ କରିବା ପରେ ଭାରତ-ନେପାଳ ଦ୍ୱିପାକ୍ଷିକ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିଲା।

## ମୃତ୍ୟୁର ଦିନକ ପରେ ରିପୋର୍ଟ ଆସିଲା ପଜିଟିଭ୍

ପୋଲସରା,୧୮।୬(ଡି.ଏନ.ଏ.)

**ମୃତଦେହ ସଂସ୍କାର କରିଥିବା ଲୋକଙ୍କ ତଥ୍ୟ ସଂଗ୍ରହ**

ଗଞ୍ଜାମ ଜିଲା ପୋଲସରା ବ୍ଲକ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ମୃତ୍ୟୁର ଦିନକ ପରେ ସେ କରୋନାରେ ଆକ୍ରାନ୍ତ ହୋଇଥିବା ରିପୋର୍ଟ ଆସିଛି। ମୃତକଙ୍କ ପରିବାର ସମେତ ମୃତଦେହ ସଂସ୍କାର କରିଥିବା ଲୋକେ ସଂକ୍ରମିତ ହୋଇଛନ୍ତି କି ନାହିଁ ସେ ସମ୍ପର୍କରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଗୁରୁବାର ତଥ୍ୟ ସଂଗ୍ରହ କରାଯାଇଛି। ଏହି ଘଟଣା ଜଣାପଡ଼ିବା ପରେ ସମ୍ପୃକ୍ତ ଅଞ୍ଚଳବାସୀ ଭୟଭୀତ ହୋଇଛନ୍ତି।

ପ୍ରକାଶ ଯେ, ୬୦ ବର୍ଷୀୟ ଏହି ବ୍ୟକ୍ତିଙ୍କ ୨ ପୁଅ କିଛିଦିନ ତଳେ ବାହାର ରାଜ୍ୟରୁ ଆସି କ୍ୱାରାଣ୍ଟାଇନ୍ ସେଣ୍ଟରରେ ରହିଥିଲେ। ସେଠାରେ ଅବଧି ସାରି ଘରେ ୭ ଦିନ ସଙ୍ଗରୋଧରେ ଥିଲେ। ୨ ପୁଅଙ୍କଠାରେ କରୋନା ଲକ୍ଷଣ ଦେଖାଯାଇଥିବା ବେଳେ ଗତ ସୋମବାର ବାପା ହଠାତ ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ପୋଲସରା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କ ସ୍ୱାବ୍ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ଲାଗି ବ୍ରହ୍ମପୁର ପଠାଯାଇଥିଲା। ସ୍ୱାସ୍ଥ୍ୟରେ ଅବନତି ଘଟିବାରୁ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ମଙ୍ଗଳବାର ବ୍ରହ୍ମପୁର ବଡ଼ ମେଡିକାଲକୁ ନିଆଯାଇଥିଲା। ଅପରାହ୍ନରେ ତାଙ୍କର ମୃତ୍ୟୁ ଘଟିଥିଲା। ରିପୋର୍ଟ ଆସି ନ ଥିଲେ ମଧ୍ୟ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ମୃତକଙ୍କ କରୋନା ରିପୋର୍ଟ ପଜିଟିଭ ଆସିଥିବା ସ୍ଥାନୀୟ ପ୍ରଶାସନ ପକ୍ଷରୁ ବୁଧବାର ସୂଚନା ଦିଆଯାଇଥିଲା। ଗୁରୁବାର ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ର, ବିଡିଓ ଶମ୍ଭୁନାଥ ନନ୍ଦି ଓ ଅନ୍ୟ ଅଧିକାରୀମାନେ ଗ୍ରାମକୁ ଯାଇଥିଲେ।

## ୩ ଅଧ୍ୟାପକଙ୍କ ଦରମା ବନ୍ଦ ନିର୍ଦ୍ଦେଶ

**ବ୍ୟାସନଗର ସ୍ୱୟଂଶାସିତ କଲେଜରେ ନିଯୁକ୍ତି କେଳେଙ୍କାରୀ**

**ଯାଜପୁର ରୋଡ୍, ୧୮।୬ (ଡି.ଏନ୍.ଏ.):** ଭିଜିଲାନ୍ସ ମାମଲାରେ ସମ୍ପୃକ୍ତ ବ୍ୟାସନଗର ସ୍ୱୟଂଶାସିତ କଲେଜର ୩ଜଣ ଅଧ୍ୟାପକଙ୍କୁ ବର୍ତ୍ତମାନ କିମ୍ବା ବକେୟା ଦରମା ମିଳିବନାହିଁ। ଜାଲ୍ କାଗଜପତ୍ର ଦାଖଲ କରି ନିଯୁକ୍ତି ହାସଲ କରିଥିବା ଏହି କଲେଜର ଇଂଲିଶ ବିଭାଗ ଅଧ୍ୟାପକ ଦିଲୀପ କୁମାର ରାଉତ, ଗଣିତ ଅଧ୍ୟାପକ ବିବେକାନନ୍ଦ ଜେନା ଓ ପ୍ରାଣୀ ବିଜ୍ଞାନ ଅଧ୍ୟାପିକା ପୁନପୁନ ଦାସଙ୍କ ବିରୋଧରେ ଉଚ୍ଚ ଶିକ୍ଷା ବିଭାଗର ଆକାଉଣ୍ଟ ଅଫିସର ସୂର୍ଯ୍ୟକୁମାର ନାୟକ ଏଭଳି ନିର୍ଦ୍ଦେଶ ଜାରି କରିଛନ୍ତି। ଏ ନେଇ ଆକାଉଣ୍ଟ ଅଫିସର ନାୟକ ବ୍ୟାସନଗର ସ୍ୱୟଂଶାସିତ କଲେଜର ଅଧ୍ୟକ୍ଷଙ୍କୁ ଦେଇଥିବା ପତ୍ର ସଂଖ୍ୟା-୧୯୭୫୯/୧୮।୬।୨୦୨୦ରେ ଦର୍ଶାଇଛନ୍ତି, ଭିଜିଲାନ୍ସ ମାମଲାର ଚୂଡ଼ାନ୍ତ ରାୟ ନ ମିଳିବା ପର୍ଯ୍ୟନ୍ତ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହେବ। ଏହାବାଦ ଦରମା ବାବଦ କୌଣସି ବିଲ୍ ଦାଖଲ, ଅର୍ଥ ସମ୍ବନ୍ଧୀୟ କୌଣସି ଦାବି ମଞ୍ଜୁର ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏ ସଂକ୍ରାନ୍ତରେ ବ୍ୟାସନଗର ସ୍ୱୟଂଶାସିତ କଲେଜର ଅଧ୍ୟକ୍ଷ ଶିବଚରଣ ମାଝିଙ୍କୁ ପଚାରିବାରେ ଭିଜିଲାନ୍ସ ମାମଲାରେ ସମ୍ପୃକ୍ତ ୩ ଅଧ୍ୟାପିକାଅଧ୍ୟାପକଙ୍କୁ ୧୫ଦିନ ମଧ୍ୟରେ ନିଜ ପକ୍ଷ ରଖିବାକୁ ନୋଟିସ କରାଯାଇଛି। ଏହାବାଦ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ସେମାନଙ୍କୁ କୌଣସି ପ୍ରକାର ଆର୍ଥିକ ଦେୟ ଦିଆଯିବ ନାହିଁ ବୋଲି ସେ କହିଛନ୍ତି।

# ୧୭ ଦିନରେ ୨ଶହରୁ ଊର୍ଦ୍ଧ୍ୱ ସ୍ଥାନୀୟ ସଂକ୍ରମିତ

ଭୁବନେଶ୍ୱର, ୧୮।୬ (ବ୍ୟୁରୋ)

**୧୭୪ ନୂଆ ପଜିଟିଭ୍ ଚିହ୍ନଟ , ଆଉ ୯୭ ସୁସ୍ଥ**

- ଗଞ୍ଜାମରେ ସର୍ବାଧିକ ୭୫୪ ଆକ୍ରାନ୍ତ
- ୫ ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୨୫୦ ଡେଇଁଲା
- ଆକ୍ରାନ୍ତଙ୍କ ସଂଖ୍ୟା ୪,୫୧୨, ସୁସ୍ଥ ହେଲେଣି ୩,୧୪୪

ରାଜ୍ୟରେ ଦିନକୁଦିନ ସ୍ଥାନୀୟ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। କ୍ୱାରାଣ୍ଟାଇନ୍ ସେଣ୍ଟର ଅପେକ୍ଷା ଏମାନଙ୍କ ସଂଖ୍ୟା କମ୍ ରହୁଥିବାରୁ ଆଢୁଆଳରେ ରହିଯାଉଛି। ହେଲେ ଗୋଷ୍ଠୀ ସଂକ୍ରମଣ ସମ୍ଭାବନା ରହୁଥିବାରୁ ଚିନ୍ତା ବଢ଼ିଛି। ଜୁନ୍ ୨ରୁ ୧୮ ଏହି ୧୭ ଦିନ ମଧ୍ୟରେ ରାଜ୍ୟରେ ମୋଟ ୨୩୯ ସ୍ଥାନୀୟ ସଂକ୍ରମିତ ଚିହ୍ନଟ ହୋଇଥିବା ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତଥ୍ୟରୁ ଜଣାପଡ଼ିଛି। ପ୍ରତିଦିନ ମଧ୍ୟ ଅଧିକରୁ ଅଧିକ ସ୍ଥାନୀୟ ଆକ୍ରାନ୍ତ ବାହାରୁଛନ୍ତି। ଶେଷ ୨୪ ଘଣ୍ଟାରେ ଆଉ ୧୭୪ ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୪୬ଜଣ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଚିହ୍ନଟ ହୋଇଥିବାବେଳେ ୨୮ଜଣ ହେଉଛନ୍ତି ସ୍ଥାନୀୟ ସଂକ୍ରମିତ।

ନୂଆ ଆକ୍ରାନ୍ତ ୧୮ ଜିଲାରୁ ଚିହ୍ନଟ ହୋଇଥିବାବେଳେ ଗଞ୍ଜାମ ଜିଲାର ସର୍ବାଧିକ ୫୬ ରହିଛନ୍ତି। ସେହିପରି ବାଲେଶ୍ୱର ଜିଲାରୁ ୩୪, ପୁରୀରୁ ୧୬, ଖୋର୍ଦ୍ଧାରୁ ୧୦, ଯାଜପୁରରୁ ୯, ନବରଙ୍ଗପୁର ଓ କେନ୍ଦ୍ରାପଡାରୁ ୭, କୋରାପୁଟ ଓ କଳାହାଣ୍ଡିରୁ ୬, କେନ୍ଦୁଝରରୁ ୫, କନ୍ଧମାଳ, ଭଦ୍ରକ ଓ ସୁନ୍ଦରଗଡରୁ ୩ଜଣ ଲେଖାଏ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ହିସାବକୁ ନେଲେ ରାଜ୍ୟର ୫ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨୫୦ ଟପିଯାଇଛି। ଗଞ୍ଜାମରେ ସର୍ବାଧିକ ୭୫୪ ରହିଥିବାବେଳେ କଟକରେ ୫୪୧, ଖୋର୍ଦ୍ଧାରେ ୪୦୪, ଯାଜପୁରରେ ୩୫୦ ଓ ବାଲେଶ୍ୱରରେ ୨୫୬ରେ ପହଞ୍ଚିଥିବା ସୂଚନା ଓ ଲୋକସମ୍ପର୍କ ବିଭାଗ ୱେବ୍‌ସାଇଟ୍‌ରୁ ଜଣାପଡ଼ିଛି।

ଏପଟେ ନୂଆ ଆକ୍ରାନ୍ତଙ୍କୁ ମିଶାଇ ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୪,୫୧୨ରେ ପହଞ୍ଚିଥିବାବେଳେ ଗୁରୁବାର ୯୭ ସୁସ୍ଥ ହୋଇଛନ୍ତି। ସୁସ୍ଥଙ୍କ ମଧ୍ୟରେ କଟକରୁ ୧୭, ଖୋର୍ଦ୍ଧାରୁ ୧୬, ଗଞ୍ଜାମରୁ ୧୬, କନ୍ଧମାଳରୁ ୧୪, ମୟୂରଭଞ୍ଜରୁ ୯, ଯାଜପୁରରୁ ୭, ପୁରୀରୁ ୫, ନୟାଗଡ଼ରୁ ୪, କେନ୍ଦ୍ରାପଡ଼ାରୁ ୩ ଏବଂ ବରଗଡ଼ ଓ କେନ୍ଦୁଝରରୁ ୨ଜଣ ଲେଖାଏ ଥିବାବେଳେ ଢେଙ୍କାନାଳ ଏବଂ ସୁନ୍ଦରଗଡ଼ରୁ ଜଣେ ଲେଖାଏ ସୁସ୍ଥ ହୋଇଛନ୍ତି ବୋଲି ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ଫଳରେ ଏବେ ରାଜ୍ୟରେ ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ୧,୩୫୪ ଥିବାବେଳେ ସୁସ୍ଥଙ୍କ ସଂଖ୍ୟା ୩,୧୪୪ ଛୁଇଁଛି। ୧୧ଜଣ କରୋନାରେ ଓ ୩ଜଣ କରୋନା ଆକ୍ରାନ୍ତଙ୍କ ଅନ୍ୟ ରୋଗରେ ମୃତ୍ୟୁ ଘଟିଥିବା ସୂଚନା ଦିଆଯାଇଛି।

## ବିପର୍ଯ୍ୟୟ ପରିଚାଳନା ଲାଗି ରାଜ୍ୟ ଦକ୍ଷତା ବୃଦ୍ଧି ହେବ

**ଭୁବନେଶ୍ୱର,୧୮।୬(ବ୍ୟୁରୋ):** ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶା ସରକାର ଅନ୍ତର୍ଜାତୀୟ ମାନଦଣ୍ଡ ହାସଲ କରିଥିବା ପ୍ରଶାସନିକ ସ୍ତରରେ କୁହାଯାଉଛି। ଏହାକୁ ଲକ୍ଷ୍ୟକରି ରାଜ୍ୟର ଦକ୍ଷତା ବୃଦ୍ଧି କରିବା ସକାଶେ ସରକାର ପ୍ରୟାସ କରୁଛନ୍ତି। ଉନ୍ନୟନ କମିଶନର ସୁରେଶ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଗୁରୁବାର ଲୋକସେବା ଭବନରେ ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ଆଲୋଚନା ହୋଇଛି। ସ୍ୱତନ୍ତ୍ର ରିଲିଫ କମିଶନର ଏ ସମ୍ପର୍କରେ ସମସ୍ତ ତଥ୍ୟ ଉପସ୍ଥାପିତ କରିଛନ୍ତି। ଭୂ-ତାପମାତ୍ରାର ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଉନ୍ନୟନ କମିଶନର କହିଛନ୍ତି, କ୍ରମବର୍ଦ୍ଧିଷ୍ଣୁ ସହର, ମାନବ-ବନ୍ୟଜନ୍ତୁ ଦ୍ୱନ୍ଦ୍ୱ, ଅଜଣା ଭୂତାଣୁ ସଂକ୍ରମଣ, ରସାୟନିକ ବିପର୍ଯ୍ୟୟ ଆଦିର ମୁକାବିଲା ଲାଗି ଦକ୍ଷତା ଅଭିବୃଦ୍ଧି ଏବଂ ହାଇଟେକ ସରଞ୍ଜାମ ସଂଗ୍ରହ ଲାଗି ନିର୍ଦ୍ଦେଶ ଦିଆଯାଇଛି। ଅଗ୍ନିଶ୍ରମ ସେବାସଂସ୍ଥାର ଦକ୍ଷତା ବୃଦ୍ଧି ଲାଗି ସ୍ଥିର ହୋଇଛି। ଏହି ସଂସ୍ଥାକୁ ବହୁମୁଖୀ ବିପର୍ଯ୍ୟୟ ମୁକାବିଲାର ପ୍ରଥମ ସହାୟକଭାବେ ପ୍ରସ୍ତୁତ କରିବା ପାଇଁ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ବହୁତଳ ବିଶିଷ୍ଟ କୋଠାବାଡ଼ି ଏବଂ ଉଚ୍ଚସ୍ଥାନରେ ଘଟୁଥିବା ବିପଦରେ ସହାୟତା, ଜଙ୍ଗଲ ନିଆଁ ନିୟନ୍ତ୍ରଣ, କୋଠାବାଡ଼ିକୁ ଭୂତାଣୁମୁକ୍ତ କରିବା ଆଦି ଲାଗି ଫାୟାର ସର୍ଭିସ ସଂସ୍ଥାକୁ ଅତ୍ୟାଧୁନିକ ଯନ୍ତ୍ରପାତି ଯୋଗାଇବାକୁ ସ୍ଥିର ହୋଇଛି। ଏଥିଲାଗି ସାଢେ ୩୯ କୋଟି ଟଙ୍କାର ବ୍ୟୟ ଅଟକଳ ମଞ୍ଜୁର କରାଯାଇଛି।

ଓଡ୍ରାଫ ଟିମ୍‌ଗୁଡ଼ିକୁ ଅଧିକ ସଶକ୍ତ ଓ ଦକ୍ଷ କରିବା ପାଇଁ ମଧ୍ୟ ୬୫.୩୫କୋଟି ଟଙ୍କାର ଖର୍ଚ୍ଚ ଅଟକଳ ମଞ୍ଜୁର କରାଯାଇଛି। ରାଜ୍ୟରେ କାର୍ଯ୍ୟରତ ୨୦ ଓଡ୍ରାଫ ୟୁନିଟ୍‌ଙ୍କ ମଧ୍ୟରୁ ୧୦ ୟୁନିଟ୍‌ର ନିଜସ୍ୱ କାର୍ଯ୍ୟାଳୟ ରହିଛି। ଅନ୍ୟ ୧୦ଟି ୟୁନିଟ ଲାଗି ନିଜସ୍ୱ କାର୍ଯ୍ୟାଳୟ, ପୋଲିସ ହାଉସିଂ ୱେଲଫେୟାର କର୍ପୋରେଶନ ମାଧ୍ୟମରେ ନିର୍ମାଣ କରିବାକୁ ୩୪ କୋଟି ଟଙ୍କାର ବ୍ୟୟ ଅଟକଳ ହୋଇଛି। ଅନେକ ସହରାଞ୍ଚଳରେ ବର୍ଷାଦିନରେ ପାଣି ଜମିବା ସମସ୍ୟା ଦେଖିବାକୁ ମିଳିଛି। ସମ୍ଭାବ୍ୟ ସାମୁଦ୍ରିକ ପ୍ରବାହର ପ୍ରତିକାର ପାଇଁ ଲୁଣାଘେରି ବନ୍ଧଗୁଡିକର ଉଚ୍ଚତା ୬ମିଟର ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ସ୍ଥିର ହୋଇଛି। ସ୍ଥାନୀୟ ଗୋଠପାଟଣାରେ ରାଜସ୍ୱ ବିପର୍ଯ୍ୟୟ ଅଧିକାରୀ ତାଲିମ କେନ୍ଦ୍ର ୨୦୧୫ରୁ କାର୍ଯ୍ୟ କରୁଛି ବୋଲି ସ୍ୱତନ୍ତ୍ର ରିଲିଫ କମିଶନର କହିଛନ୍ତି। ସେ ଆହୁରି କହିଛନ୍ତି, ୩୫୮୬ କର୍ମଚାରୀଙ୍କୁ ଉଚ୍ଚସ୍ତରୀୟ ତାଲିମ ଦିଆଯାଉଛି। ୨୫ ଜିଲାରେ କାର୍ଯ୍ୟ କରୁଥିବା ୮୧୪ବାତ୍ୟା ଆଶ୍ରୟସ୍ଥଳୀର ସ୍ଥିତି ସମ୍ପର୍କରେ ଅଡିଟ କରାଯାଉଛି। ୭୯୫ ଆଶ୍ରୟସ୍ଥଳୀର ମରାମତି ଏବଂ ରକ୍ଷଣାବେକ୍ଷଣ ଲାଗି ୪୫କୋଟି ଦିଆଯାଇଛି ବୋଲି କମିଶନର କହିଛନ୍ତି। ବୈଠକରେ ପୋଲିସ ଡିଜି ଅଭୟ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର, ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ କୁମାର ଜେନା ପ୍ରମୁଖ ଥିଲେ।

## ଅପରାଜେୟ ଥିଲେ ଅର୍ଜୁନ


ଅତିଥି ମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

ବନ୍ତ,୧୮।୬(ସ୍ୱ.ପ୍ର.)

ଅର୍ଜୁନ ଥିଲେ ଅପରାଜେୟ। ୨ଥର ବିଧାୟକ ଓ ଭଦ୍ରକ ଲୋକ ସଭା ଆସନରୁ ୮ଥର ଏମ୍‌ପି ଭାବେ ନିର୍ବାଚିତ ହୋଇ ଓଡିଶା ରାଜନୀତିରେ ଜଣେ ଅପ୍ରତିଦ୍ୱନ୍ଦ୍ୱୀ ନେତା ଭାବେ ନିଜର ପରିଚୟ ସୃଷ୍ଟି କରିପାରିଥିଲେ। ରାଜନୀତିରେ ସେ କେବେ ଶତ୍ରୁ ସୃଷ୍ଟି କରି ନ ଥିଲେ। ସେ ଜଣେ ସ୍ପଷ୍ଟବାଦୀ ସରଳ ରାଜନେତା ଥିଲେ ବୋଲି ଏକାଦଶାହ ଅବସରରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଅଧ୍ୟାପକ ଲକ୍ଷ୍ମୀଧର ତ୍ରିପାଠୀଙ୍କ ସଞ୍ଚାଳନରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ପୂର୍ବତନ ଏମ୍‌ପି ଅର୍ଜୁନ ଚରଣ ସେଠୀଙ୍କ ଏକାଦଶାହରେ ତାଙ୍କର ଜନ୍ମ ମାଟି ବନ୍ତ ବ୍ଲକ ଓଡଙ୍ଗଠାରେ ଗୁରୁବାର ସାମାଜିକ ଦୂରତା ବଜାୟ ରଖାଯାଇ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ, ବିଧାନସଭାର ବିରୋଧୀ ଦଳ ଉପନେତା ତଥା ଧାମନଗର ବିଧାୟକ ବିଷ୍ଣୁ ସେଠୀ, ପୂର୍ବତନ ରାଜସ୍ୱ ମନ୍ତ୍ରୀ ମନମୋହନ ସାମଲ, ପୂର୍ବତନ ଏମ୍‌ପି ଖାରବେଳ ସ୍ୱାଇଁ, ପୂର୍ବତନ ବିଧାୟକ ରଥ ଦାସ, ଭାଜପା ନେତା ପୃଥ୍ୱୀରାଜ ହରିଚନ୍ଦନ, ପୂର୍ବତନ ବିଧାୟକ ନରେନ ପଲେଇ, ବିଜେଡି ନେତା ଅସୀତ ପଟ୍ଟନାୟକ, ଲକ୍ଷ୍ମୀକାନ୍ତ ମହାପାତ୍ର, ଭାଜପା ନେତା ବଦ୍ରି ନାରାୟଣ ଧଳ, ପଞ୍ଚାନନ ରାଉତ, ପ୍ରଦୀପ ନାୟକ, ପଦ୍ମଲୋଚନ ପଣ୍ଡା, ମାଧବାନନ୍ଦ ମଲିକ, ପୂର୍ବତନ ବିଧାୟକ ପ୍ରଫୁଲ୍ଲ କୁମାର ଜେନା, ଭାଜପା ଜିଲା ସଭାପତି ହେମନ୍ତ ପାଢୀ, ନାରୀନେତ୍ରୀ ମନସ୍ୱିତା ଖୁଣ୍ଟିଆ ପ୍ରମୁଖ ଯୋଗଦେଇ ତାଙ୍କର ଉନ୍ନୟନମୂଳକ କାର୍ଯ୍ୟ ବିଷୟରେ ଆଲୋକପାତ କରିବା ସହିତ ସ୍ମୃତିଚାରଣ କରିଥିଲେ। ଅତିଥିମାନଙ୍କ ଦ୍ୱାରା ସ୍ମରଣିକା 'ଅଜେୟ ଅର୍ଜୁନ'ର ଶୁଭ ଉନ୍ମୋଚନ କରାଯାଇଥିଲା। ପୁଅ ଅଭିମନ୍ୟୁ ସେଠୀ, ଗଣେଶ ସେଠୀ, ରାମ ଚନ୍ଦ୍ର ସେଠୀ ଏବଂ ପରିବାର ସହଯୋଗୀ ଭରତ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଝାଡଖଣ୍ଡ ରାଜ୍ୟପାଳ ଦ୍ରୌପଦୀ ମୁର୍ମୁ ଭିଡିଓ କନ୍‌ଫରେନସିଂରେ ଶୋକ ବ୍ୟକ୍ତ କରିଥିଲେ।

## ସୂଚନା ଫଳକରେ ସ୍ୱର୍ଗତଙ୍କ ନାଁ, ନମ୍ବର

ବଅଁରପାଳ, ୧୮।୬(ଡି.ଏନ.ଏ.)

- ତ୍ରୁଟି ସୁଧାରୁନି ନାଲ୍‌କୋ ଆଦର୍ଶ ଥାନା
- ୧୦ ବଦଳି କର୍ମଚାରୀଙ୍କ ନାମ ମଧ୍ୟ ରହିଛି
- ଦ୍ୱନ୍ଦ୍ୱରେ ପଡୁଛନ୍ତି ଆସୁଥିବା ଅଭିଯୋଗକାରୀ

ଅନୁଗୋଳ ଜିଲା ନାଲ୍‌କୋ ଟାଉନଶିପ୍ ଥାନାକୁ ମଡେଲ ବା ଆଦର୍ଶ ଥାନା କରାଯାଇଛି। ହେଲେ ଏହା କେମିତିକା ଆଦର୍ଶ ହୋଇପାରିଛି ତାହା ଥାନାର ସୂଚନା ଫଳକକୁ ଦେଖି ଅଭିଯୋଗକାରୀମାନେ ଜାଣିପାରୁଛନ୍ତି। ଥାନା କାନ୍ଥରେ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଲଗାଯାଇଥିବା ସୂଚନା ଫଳକରେ ଯେଉଁ କର୍ମଚାରୀଙ୍କ ନାମ ଓ ମୋବାଇଲ ନମ୍ବର ଉଲ୍ଲେଖ ରହିଛି ସେଥିରୁ ୧୦ ଜଣଙ୍କର ଦୀର୍ଘଦିନ ହେବ ବଦଳି ହୋଇସାରିଛି। ଏପରି କି ଅନ୍ୟଜଣେ କର୍ମଚାରୀଙ୍କ ବଦଳି ସହ ସ୍ୱର୍ଗବାସ ମଧ୍ୟ ଘଟିସାରିଛି। କିନ୍ତୁ ଏଯାଏ ମୃତ ଓ ବଦଳି କର୍ମଚାରୀଙ୍କ ନାମ କି ନମ୍ବର ଫଳକରୁ ହଟାଯାଇ ନାହିଁ। ଫଳରେ ଥାନାକୁ ଅଭିଯୋଗ ନେଇ ଆସୁଥିବା ଲୋକେ ଏହି ଫଳକ ଦେଖି ଦ୍ୱନ୍ଦ୍ୱରେ ପଡୁଥିବା ଅଭିଯୋଗ ହେଉଛି।

ଆଦର୍ଶ ନାଲ୍‌କୋ ଥାନାର ଅଧିକାରୀ ଓ ଅନ୍ୟ କର୍ମଚାରୀଙ୍କୁ ଯେପରି ସହଜରେ ଯୋଗାଯୋଗ କରି ଜନସାଧାରଣ ସହାୟତା ପାଇପାରିବେ ସେଥିପାଇଁ ଥାନା ବାହାରେ ଫଳକ ଲଗାଯାଇଛି। ଏଥିରେ ପୋଲିସ କର୍ମଚାରୀଙ୍କ ନାମ, ପଦବୀ ସହ ଫୋନ ନମ୍ବର ରହିଛି। ମୋଟ୍ ୨୪ ଜଣଙ୍କ ତଥ୍ୟ ଉକ୍ତ ଫଳକରେ ଥିବାବେଳେ ସେଥିରୁ ୧୦ ଜଣଙ୍କ ଅନ୍ୟତ୍ର ବଦଳି ହୋଇଯାଇଥିବା ଜଣାପଡିଛି। ହେଲେ ଏ ପର୍ଯ୍ୟନ୍ତ ଫଳକରୁ ସେମାନଙ୍କ ବାବଦରେ ସୂଚନା ହଟାଯାଇନାହିଁ। ସେହିପରି ଅନ୍ୟଜଣେ ପୋଲିସ କର୍ମଚାରୀଙ୍କ ବଦଳି ସହ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲେ ମଧ୍ୟ ପୂର୍ବଭଳି ତାଙ୍କ ନାମ, ପଦବୀ, ଫୋନନମ୍ବର ଉଲ୍ଲେଖ ରହିଛି। ଏପରିକି ପୂର୍ବରୁ ଏଠାରେ ଥିବା ଆଇଆଇସି ସରୋଜିନୀ ସାମନ୍ତଙ୍କ ଦୀର୍ଘ ଦିନ ତଳୁ ଅନୁଗୋଳ ବଦଳି ହୋଇଥିବା ସତ୍ତ୍ୱେ ତାଙ୍କ ନାମ ପୂର୍ବପରି ଫଳକରେ ରହିଛି। ଏଏସ୍‌ଆଇ ବ୍ରହ୍ମାନନ୍ଦ ସାହୁ, କର୍ମଚାରୀ ଅନ୍ତର୍ଯ୍ୟାମୀ ବିଶ୍ୱାଳ, ଜ୍ଞାନ ରଞ୍ଜନ ପ୍ରଧାନ, ମମତା ନାୟକ, ମଦନମୋହନ ପ୍ରଧାନ, ଗିରିଶ ମହାନ୍ତି, ଜୟନ୍ତ ବେହେରା, ମିନତୀ ତ୍ରିପାଠୀ, କୁନ୍ତଳା କିଷାନ, ରଞ୍ଜିତ ନାୟକ ପ୍ରମୁଖଙ୍କ ଅନ୍ୟସ୍ଥାନକୁ ବଦଳି ହୋଇସାରିଛି। ହେଲେ ସେମାନଙ୍କ ସହ ମୃତ କନଷ୍ଟେବଳ ବସନ୍ତ ଗାଗରାଇଙ୍କ ନାମ ହଟାଯାଇ ନାହିଁ କି ନୂତନ ଆଇଆଇସି ବିନ୍ଧ୍ୟବାସିନୀ ବିଶ୍ୱାଳଙ୍କ ସହ ଯୋଗ ଦେଇଥିବା ଅନ୍ୟ କର୍ମଚାରୀଙ୍କ ନାମ ଉଲ୍ଲେଖ କରାଯାଇ ନାହିଁ। ଫଳରେ ଥାନାରେ ବର୍ତ୍ତମାନ କେଉଁ ଅଧିକାରୀ ଓ କର୍ମଚାରୀ କାର୍ଯ୍ୟରତ ଅଛନ୍ତି ତାହା ଠିକ୍ ଭାବେ ଲୋକେ ଜାଣି ନ ପାରି ହଇରାଣ ହେଉଛନ୍ତି। ଖୁବ୍‌ଶୀଘ୍ର ଏପରି ତ୍ରୁଟି ସୁଧାରି ନୂତନ ଫଳକ ଲଗାଯିବ ବୋଲି ଥାନା ଆଇଆଇସି ବିନ୍ଧ୍ୟବାସିନୀ ବିଶ୍ୱାଳ ପ୍ରକାଶ କରିଛନ୍ତି।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ତୁତୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ପ୍ରଥମ ପୃଷ୍ଠାରୁ...

### ଜଗନ୍ନାଥ କ୍ଷମାଦେଇ...

ସରକାର ଏକ ବିଜ୍ଞପ୍ତି ଜାରି କରିସାରିଛନ୍ତି। ସିଜେଆଇ ବୋବ୍‌ଡେ କହିଥିଲେ, ପୂର୍ବ ଅନୁଭୂତିରୁ ଜଣାଯାଏ ଯେ ରଥଯାତ୍ରା ବା ଏପରି ବିଶାଳ ଜନସମାଗମ ହେଉଥିବା ଧାର୍ମିକ କାର୍ଯ୍ୟକଳାପକୁ ଅନୁମତି ଦେଲେ ଅସମ୍ଭାଳ ଭିଡ଼ ହେବ। ଶେଷରେ ଖଣ୍ଡପୀଠ ଜୁନ ୨୩ରେ ଆରମ୍ଭ ହେବାକୁ ଥିବା ରଥଯାତ୍ରା ଉପରେ ସ୍ଥଗିତାଦେଶ ଜାରି କରାଯାଉଛି ବୋଲି ସ୍ପଷ୍ଟ କରିଥିଲେ। ପ୍ରକାଶ ଯେ, କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଏବର୍ଷର ରଥଯାତ୍ରାକୁ ବନ୍ଦ କରାଯାଉ କିମ୍ବା ସ୍ଥଗିତ ରଖାଯାଉ ବୋଲି ସୁପ୍ରିମକୋର୍ଟରେ ଏନ୍‌ଜିଓ ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଏର କରାଯାଇଥିଲା। ୧୦ରୁ ୧୨ ଦିନ ଧରି ଚାଲୁଥିବା ରଥଯାତ୍ରା ବେଳେ ଜଗନ୍ନାଥଙ୍କ ଦର୍ଶନ ପାଇଁ ଦେଶବିଦେଶରୁ ଲକ୍ଷ ଲକ୍ଷ ଭକ୍ତଙ୍କ ଭିଡ଼ ଜମୁଥିବାରୁ ଏହା ଉପରେ ରୋକ ଲଗାଇବା ପାଇଁ ଦୁଇଟି ପିଟିଶନ ଦାଏର ହୋଇଥିଲା। ଅନ୍ୟ ପିଟିଶନଟି ଓଡ଼ିଶା ହାଇକୋର୍ଟଙ୍କ ଜୁନ୍ ୯ ରାୟକୁ ବିରୋଧ କରି 'ଭାରତୀୟ ବିକାଶ ପରିଷଦ' ପକ୍ଷରୁ ଦାଏର ହୋଇଥିଲା। କୋଭିଡ୍-୧୯ ଗାଇଡ୍‌ଲାଇନ୍ ଅନୁସାରେ ରଥଯାତ୍ରା କରାଇବା ପାଇଁ ନିଷ୍ପତ୍ତି ନେବାକୁ ହାଇକୋର୍ଟ ଉକ୍ତ ରାୟରେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। 'ଭାରତୀୟ ବିକାଶ ପରିଷଦ'ର ସୁରେନ୍ଦ୍ର ପାଣିଗ୍ରାହୀ ଏହାକୁ ସର୍ବୋଚ୍ଚ ଅଦାଲତରେ ଚ୍ୟାଲେଞ୍ଜ କରିଥିଲେ। ପିଆଇଏଲ୍‌ରେ ଦର୍ଶାଯାଇଥିଲା ଯେ, ରାଜ୍ୟ ସରକାର ଜୁନ ୧ ଓ ୭ ତାରିଖରେ ଗାଇଡ୍‌ଲାଇନ୍ ଜାରି କରି ଏଭଳି ଧାର୍ମିକ ସମାଗମ ଉପରେ ରୋକ ଲଗାଇଛନ୍ତି। ସେହିପରି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ମଧ୍ୟ ମେ ୩୦ରେ ଅନୁରୂପ ନିର୍ଦ୍ଦେଶନାମା ଜାରି କରିଥିଲା। ଫଳରେ ରଥଯାତ୍ରା କରିବା ପାଇଁ ଅନୁମତି ଦିଆଗଲେ ଅସମ୍ଭାଳ ଭିଡ଼ ହେବ। ପର୍ଯ୍ୟାପ୍ତ ସାମାଜିକ ଦୂରତ୍ୱ ବଜାୟ ରଖିବା ସମ୍ଭବପର ହେବନାହିଁ। ଏଥିଯୋଗୁ କୋଭିଡ୍-୧୯ ସଂକ୍ରମଣ ବୃଦ୍ଧି ପାଇବା ଆଶଙ୍କା ରହିଛି। ସରକାରୀ ଅଧିକାରୀ ଓ କର୍ତ୍ତୃପକ୍ଷ ଭାଇରସ୍ ସଂକ୍ରମଣ ରୋକିବାରେ ବିଫଳ ହେବେ। ଏସବୁକୁ ଦୃଷ୍ଟିରେ ରଖି ଲୋକଙ୍କ ବୃହତ୍ ସ୍ୱାର୍ଥ ଦୃଷ୍ଟିରୁ ଜୁନ ୨୩ରେ ହେବାକୁ ଥିବା ରଥଯାତ୍ରାକୁ ସ୍ଥଗିତ ରଖାଯାଉ ବୋଲି ପିଆଇଏଲ୍‌ରେ ଯୁକ୍ତି ବଢ଼ାଯାଇଥିଲା। ଏହାସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ରଥଯାତ୍ରା ଲାଗି ଅନୁମତି ପ୍ରଦାନ ନ କରିବା ସକାଶେ ନିର୍ଦ୍ଦେଶ ଦେବାକୁ ମଧ୍ୟ ଅନୁରୋଧ କରାଯାଇଥିଲା।

ସେହିପରି ସୁରେନ୍ଦ୍ର ପାଣିଗ୍ରାହୀ ନିଜ ଅପିଲ ପିଟିଶନରେ ଅନୁରୂପ ଯୁକ୍ତି ବାଢ଼ି ଦର୍ଶାଇଥିଲେ ଯେ, ବର୍ତ୍ତମାନ କରୋନା ଭାଇରସ୍ ସଂକ୍ରମଣ ବଢ଼ିଚାଲିଥିବାବେଳେ ଓଡ଼ିଶା ସମେତ ସାରା ଦେଶ ଏକ ଘଡ଼ିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଛି। ପୁରୀ ଜିଲାରେ ମଧ୍ୟ ଏହି ମହାମାରୀ ତା'ର ପ୍ରାଦୁର୍ଭାବ ଦେଖାଇଛି। ତେଣୁ ରଥଯାତ୍ରାକୁ ବନ୍ଦ କରାଯାଉ ବୋଲି ସେ ଶୀର୍ଷ ଅଦାଲତଙ୍କୁ ନିବେଦନ କରିଥିଲେ। ଏହା ପୂର୍ବରୁ ସୁରେନ୍ଦ୍ରଙ୍କ ପକ୍ଷରୁ ଦାଏର ଏକ ପିଟିଶନର ଶୁଣାଣି କରି ହାଇକୋର୍ଟ ଜୁନ ୯ରେ ରାୟ ଦେଇଥିଲେ। କୋଭିଡ୍-୧୯ ଗାଇଡ୍‌ଲାଇନ୍ ଅନୁସାରେ ରଥଯାତ୍ରା ପାଳନ କରିହେବ କି ତା' ଉପରେ ରାଜ୍ୟ ସରକାର ବିଚାର କରନ୍ତୁ ବୋଲି ହାଇକୋର୍ଟ କହିଥିଲେ। ଯଦି ପାଳନ କରିହେବ ତେବେ ସରକାର ଉପଯୁକ୍ତ ଢଙ୍ଗରେ ମେସିନ କିମ୍ବା ହାତୀ ଦ୍ୱାରା ରଥ ଟଣାଇବା ଉଚିତ ହେବ ବୋଲି ହାଇକୋର୍ଟ ନିଜ ରାୟରେ ପ୍ରସ୍ତାବ ଦେଇଥିଲେ।

ପ୍ରକାଶ ଯେ, ଭଗବାନ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ରଥଯାତ୍ରା ପ୍ରତିବର୍ଷ ବହୁ ଆଡ଼ମ୍ବରରେ ପାଳିତ ହୋଇଥାଏ। ହଜାର ହଜାର ବର୍ଷ ପୁରୁଣା ଏହି ପାରମ୍ପରିକ ଯାତ୍ରାରେ ଭକ୍ତମାନେ ରଥକୁ ବଡ଼ଦାଣ୍ଡରେ ଟାଣି ଟାଣି ୩ କି.ମି. ଦୂରରେ ଥିବା ମାଉସୀ ମା' ମନ୍ଦିରକୁ ନେଇଥାନ୍ତି। ୯ ଦିନ ପରେ ବାହୁଡ଼ାଯାତ୍ରା ହୋଇଥାଏ, ଯାହାକି ଏଥର ଜୁଲାଇ ୧ରେ ପଡ଼ିଥାନ୍ତା। ରିପୋର୍ଟ ଅନୁସାରେ ବାଲେଶ୍ୱରର ୧୨, ମୟୂରଭଞ୍ଜ ୬, ସମ୍ବଲପୁର ୫, କନ୍ଧମାଳ, ବଲାଙ୍ଗୀର ଓ ଗଜପତି ଜିଲାର ୨ଟି ଲେଖାଏ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ହେବ ନାହିଁ ବୋଲି ମନ୍ଦିରଗୁଡ଼ିକ ପକ୍ଷରୁ ଘୋଷଣା କରାଯାଇଥିଲା। କାରଣ ଓଡ଼ିଶାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୪,୫୧୨ ଛୁଇଁଥିବାବେଳେ ଅଦ୍ୟାବଧି ୧୪ ଜଣଙ୍କ ଜୀବନ ନେଇସାରିଛି ଏହି ଘାତକ ଭୂତାଣୁ।

### ୩୨୮ ବର୍ଷ ପରେ...

ଗୁପ୍ତ କବାଟ ଦେଇ ଭିତରକୁ ଯାଇ ନୀତିକାନ୍ତି କରିଥିଲେ। ଏହାର କିଛି ଦିନ ପରେ ମନ୍ଦିର ପରିସରରେ ରଥଯାତ୍ରା କରାଯାଇଥିଲା। ହେଲେ ସେଠି ନ ଥିଲେ ଭକ୍ତ। ଦୀର୍ଘବର୍ଷ ପରେ କରୋନା ମହାମାରୀ ସମାନ ଅବସ୍ଥା ସୃଷ୍ଟି କରିଛି। ସଂକ୍ରମଣର ଭୟାବହତାକୁ ଦୃଷ୍ଟିରେ ରଖି ସର୍ବୋଚ୍ଚ ନ୍ୟାୟାଳୟ ଏଭଳି ନିଷ୍ପତ୍ତି ନେଇଛନ୍ତି। ଏହାକୁ ନେଇ ସେବାୟତ, ଭକ୍ତଙ୍କ ମଧ୍ୟରେ ସୃଷ୍ଟି ହୋଇଛି ନୈରାଶ୍ୟଭାବ। ପୁରୀର ବିଭିନ୍ନ ସଂଗଠନ ପକ୍ଷରୁ ସର୍ବୋଚ୍ଚ ଅଦାଲତ ନିଷ୍ପତ୍ତି ପରିବର୍ତ୍ତନ କରିବାକୁ ଦାବି ହୋଇଛି। ଅପରପକ୍ଷରେ ଇତିହାସକୁ ଅବଲୋକନ କଲେ ମହାପ୍ରଭୁଙ୍କ ରଥଯାତ୍ରା କିଛି ନୂଆ କଥା ନୁହେଁ। ବିଭିନ୍ନ କାରଣରୁ ବର୍ଷ ବର୍ଷ ଧରି ଶ୍ରୀଜୀଉଙ୍କ ଏହି ମାନବୀୟ ଲୀଳା ଅନୁଷ୍ଠିତ ହୋଇପାରି ନାହିଁ। ଏ ସମ୍ପର୍କରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କୁହନ୍ତି, ଶ୍ରୀମନ୍ଦିର ଉପରେ ୧୮ଥର ଆକ୍ରମଣ ହୋଇଥିଲା। ଇତିହାସରୁ ଜଣାପଡ଼େ ଲୁଣ୍ଠନ ଆଶାରେ ଯବନ ଓ ବିଧର୍ମୀଙ୍କ ଆକ୍ରମଣ ଯୋଗୁ ୨୨ଥର ମହାପ୍ରଭୁଙ୍କୁ ସ୍ଥାନାନ୍ତର ହେବାକୁ ପଡ଼ିଥିଲା। ଶ୍ରୀକ୍ଷେତ୍ର ଛାଡ଼ି ୧୬୪ ବର୍ଷ ୪ମାସ ବାହାରେ ରହିଥିଲେ ଦାରୁଦିଅଁ। ଏହି ସମୟ ମଧ୍ୟରେ ମାତ୍ର ୮ଥର ଶ୍ରୀକ୍ଷେତ୍ର ବାହାରେ ଏବଂ ଥରେ ଶ୍ରୀମନ୍ଦିର ଭିତରେ ହିଁ ରଥଯାତ୍ରା ସମ୍ଭବ ହୋଇପାରିଥିଲା। ଅର୍ଥାତ ମହାପ୍ରଭୁଙ୍କ ରଥଯାତ୍ରା ୧୫୫ବର୍ଷ କାଳ ବନ୍ଦ ହୋଇଯାଇଥିଲା।

### ସୁପ୍ରିମକୋର୍ଟ ନିର୍ଦ୍ଦେଶ...

ଦୁଃଖ ଦେବ। ମହାପ୍ରଭୁ ଶ୍ରୀଜଗନ୍ନାଥ ଓଡ଼ିଆ ଜାତିର ଆତ୍ମା। ଏ ଜାତିର ସର୍ବଶ୍ରେଷ୍ଠ ପରିଚୟ। ପ୍ରତ୍ୟେକ ଓଡ଼ିଆର ସୁଖଦୁଃଖର ପଥ ପ୍ରଦର୍ଶକ। ସମଗ୍ର ମାନବ ସମାଜର କଲ୍ୟାଣ ପାଇଁ ସେ ଦାରୁ ରୂପରେ ଲୀଳା କରୁଛନ୍ତି। ସେହି ଲୀଳାମୟ ହିଁ ସବୁର କର୍ତ୍ତା। ସବୁର ନିୟନ୍ତା। ଆମେ କେବଳ ନିମିତ୍ତ ମାତ୍ର। ତାଙ୍କ ଇଚ୍ଛା ବିନା କିଛି ବି ସମ୍ଭବ ନୁହେଁ। ମହାପ୍ରଭୁଙ୍କର ଇଚ୍ଛାକୁ ସମର୍ପିତ ଭାବେ ଗ୍ରହଣ କରି ଜୀବନ ଯାତ୍ରାକୁ ଆଗେଇ ନେବା ହିଁ ପ୍ରକୃତ ଭକ୍ତି। ଆଜିର ଏହି କଠିନ ପରିସ୍ଥିତିରେ ଯେତେବେଳେ ସମଗ୍ର ବିଶ୍ୱ କରୋନା ମହାମାରୀ ସହିତ ଲଢୁଛି ଆମେ ତାଙ୍କ ନିକଟରେ ନିଜକୁ ସମ୍ପୂର୍ଣ୍ଣ ସମର୍ପଣ କରିଦେଇଛୁ। ମହାପ୍ରଭୁ ଶ୍ରୀଜଗନ୍ନାଥ ଏହି ବିପଦରୁ ଆମ ସମସ୍ତଙ୍କୁ ରକ୍ଷା କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତିରେ କୁହାଯାଇଛି।

### ୪୧ ବାଣିଜ୍ୟିକ କୋଇଲା...

ନିଲାମ ଯୋଗୁ ଆଗାମୀ ୫ରୁ ୭ ବର୍ଷ ମଧ୍ୟରେ କୋଇଲା କ୍ଷେତ୍ରରେ ପ୍ରାୟ ୩୩ ହଜାର କୋଟି ଟଙ୍କାର ନିବେଶ ଆସିବା ନେଇ ଆଶାବାଦୀ ରହିଥିବା ସେ ମତ ପ୍ରକାଶ କରିଛନ୍ତି।ସେ କହିଛନ୍ତି, କରୋନା ମହାମାରୀ ଭାରତକୁ ଆତ୍ମନିର୍ଭର ହେବା ଶିଖାଇଛି। ଗତ କିଛି ଦଶନ୍ଧି ଧରି ଦେଶର କୋଇଲା କ୍ଷେତ୍ର ଲକ୍‌ଡାଉନ ହୋଇ ପଡ଼ିରହିଥିଲା। ମାତ୍ର ବର୍ତ୍ତମାନ ଏହାକୁ ଅନ୍‌ଲକ୍ କରିବା ସହ ଦେଶକୁ କୋଇଲା ରପ୍ତାନି କ୍ଷେତ୍ରରେ ଏକ ପ୍ରମୁଖ ସ୍ଥାନରେ ପହଞ୍ଚାଇବା ଲକ୍ଷ୍ୟ ରଖାଯାଇଛି। ଭାରତ ବର୍ତ୍ତମାନ ବିଶ୍ୱର ୪ର୍ଥ ବୃହତ୍ କୋଇଲା ଉତ୍ପାଦନକାରୀ ଦେଶ ହୋଇଥିବା ବେଳେ ଆମଦାନୀ କ୍ଷେତ୍ରରେ ଦ୍ୱିତୀୟ। କୋଇଲା ସମ୍ପଦ ଗଚ୍ଛିତ କ୍ଷେତ୍ରରେ ଭାରତ ୪ର୍ଥ ସ୍ଥାନରେ ରହିଛି। ପ୍ରମୁଖ କୋଇଲା ଉତ୍ପାଦନକାରୀଙ୍କ ମଧ୍ୟରେ ରହିବା ସତ୍ତ୍ୱେ ମଧ୍ୟ ଦେଶରୁ ରପ୍ତାନି ନିମ୍ନରେ ରହିଛି। ଭାରତ କାହିଁକି ପ୍ରମୁଖ ରପ୍ତାନିକାରୀ ଦେଶ ହୋଇପାରିବ ନାହିଁ ବୋଲି ସେ ଆହ୍ୱାନ ଜଣାଇଛନ୍ତି। ବର୍ତ୍ତମାନର ପଦକ୍ଷେପ ଦେଶର ଶକ୍ତିକ୍ଷେତ୍ର ଲାଗି ମଧ୍ୟ ଉପାଦେୟ ହୋଇପାରିବ। ଦେଶର ଆମଦାନୀ ବିଲ୍ ୩୦ ହଜାର କୋଟି କମିବା ନେଇ ଆଶାବାଦୀ। କରୋନା ସଙ୍କଟକୁ ଭାରତ ସୁଯୋଗ ଭାବେ ଗ୍ରହଣ କରିବ। କୋଇଲା ଆମଦାନୀ ଦ୍ୱାରା ଅନ୍ୟ ଦେଶ ଉପରେ ରହିଥିବା ନିର୍ଭରତାକୁ କମାଇବା ଦିଗରେ ବର୍ତ୍ତମାନର ପଦକ୍ଷେପ ସହାୟକ ହୋଇପାରିବ ବୋଲି ସେ ମତ ରଖିଛନ୍ତି।

ମୋଦି ପୁଣି କହିଛନ୍ତି ଯେ, ୨୦୩୦ ବେଳକୁ ଦେଶ ମଧ୍ୟରେ ୧୦୦ ନିୟୁତ ଟନ୍ କୋଇଲା ଗ୍ୟାସିଫିକେଶନ ନେଇ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହି ଯୋଜନାରେ ପ୍ରାୟ ୨୦ ହଜାର କୋଟି ଟଙ୍କାର ନିବେଶ ହେବ। ବିଗତ ଦିନଗୁଡ଼ିକରେ ନୀତିରେ ରହିଥିବା ବିଭିନ୍ନ ଗଳାବାଟ ଯୋଗୁ ବଡ ଦୁର୍ନୀତି ହୋଇଥିଲା। ବର୍ତ୍ତମାନର ପଦକ୍ଷେପ ଦ୍ୱାରା କୋଇଲା କ୍ଷେତ୍ରରେ ସ୍ୱଚ୍ଛତା ଆସିପାରିବ। ଏହା ଫଳରେ ଶକ୍ତି, ଇସ୍ପାତ, ସାର, ଆଲୁମିନିୟମ ଏବଂ ସିମେଣ୍ଟ ଭଳି କ୍ଷେତ୍ରରେ ସକାରାତ୍ମକ ପ୍ରଭାବ ପଡ଼ିବ। କୋଇଲା କ୍ଷେତ୍ରରେ ସଂସ୍କାର ଯୋଗୁ ଦେଶର ପୂର୍ବ ଏବଂ କେନ୍ଦ୍ରାଞ୍ଚଳକୁ ବିଶେଷ ଲାଭ ହେବ। କମର୍ସିଆଲ କୋଲ ବ୍ଲକ ସମସ୍ତଙ୍କ ଲାଗି ୱିନ୍-ୱିନ୍ ସ୍ଥିତି ଆଣିବ। କୋଇଲା ଏବଂ ଖଣି କ୍ଷେତ୍ରକୁ ସରକାର ଖୋଲା କରିଥିବାରୁ ଏଥିରେ ଅଧିକ ପ୍ରତିଦ୍ୱନ୍ଦ୍ୱିତା, ପୁଞ୍ଜି ଏବଂ ଟେକ୍ନୋଲୋଜିର ବ୍ୟବହାର ହେବ। ନୂଆ ନିଲାମ ଯୋଗୁ ରାଜ୍ୟଗୁଡ଼ିକୁ ରାଜସ୍ୱ ଏବଂ ନିଯୁକ୍ତି ସୃଷ୍ଟି ଦିଗରେ ସହାୟକ ହୋଇପାରିବ ବୋଲି ସେ ସ୍ପଷ୍ଟ କରିଛନ୍ତି। କୋଇଲା ଖଣି ଅଞ୍ଚଳଗୁଡ଼ିକରେ ବୃହତ୍ ସଂଖ୍ୟାର ନିଯୁକ୍ତି ସୃଷ୍ଟି ଦିଗରେ ଏହା ଯୋଗଦାନ ରଖିବ। କୋଇଲା ଖଣି ଅଞ୍ଚଳଗୁଡ଼ିକରେ ଭିତ୍ତିଭୂମି ବିକାଶ ଲାଗି ସରକାର ପ୍ରାୟ ୫୦ ହଜାର କୋଟି ଟଙ୍କା ନିବେଶ କରିବେ। ଶିଳ୍ପ ବିକାଶକୁ ତ୍ୱରାନ୍ୱିତ କରିବା ଲାଗି ଶକ୍ତି ଆବଶ୍ୟକତାକୁ ଏହା ପୂରଣ କରିବାରେ ଯୋଗଦାନ ମଧ୍ୟ ରଖିବ। ଏଭଳି ପଦକ୍ଷେପ ଦ୍ୱାରା ରାଜ୍ୟଗୁଡ଼ିକ ବାର୍ଷିକ ୨୦ ହଜାର କୋଟି ଟଙ୍କାର ରାଜସ୍ୱ ମିଳିବ। ୧୦୦ କୋଟି ଟନ୍ କୋଇଲା ଉତ୍ପାଦନ ଲାଗି ସରକାର ନିବେଶକୁ ବଢ଼ାଇବେ ବୋଲି କାର୍ଯ୍ୟକ୍ରମରେ କୋଇଲା ମନ୍ତ୍ରୀ ପ୍ରହଲାଦ ଜୋଷୀ ସୂଚନା ଦେଇଛନ୍ତି।

### ଭାଜପା ହାତରୁ...

ବିଜୟୀ ହୋଇଥିଲେ। ଭାଜପା ନେତା ଏନ୍. ବୀରେନ ସିଂ ଏହି ଦଳଗୁଡ଼ିକର ବିଧାୟକଙ୍କୁ ନେଇ ସରକାର ଗଠନ କରିଥିଲେ। ବୀରେନଙ୍କୁ କ୍ଷମତାଚ୍ୟୁତ କରିବା ପାଇଁ କଂଗ୍ରେସ ସୁଯୋଗ ଖୋଜୁଥିବାବେଳେ ବୁଧବାର ରାତିରେ ମଣିପୁର ରାଜନୀତିରେ ପରିବର୍ତ୍ତନର ସଙ୍କେତ ମିଳିଥିଲା। ୩ ଭାଜପା ବିଧାୟକ ଟି. ଥଙ୍ଗଜାଲାମ୍, ସାମୁଏଲ୍ ଜେଣ୍ଡାଇ ଏବଂ ଏସ୍. ସୁବାସଚନ୍ଦ୍ର ଦଳ ତ୍ୟାଗକରି କଂଗ୍ରେସରେ ଯୋଗଦେଇଥିଲେ। ସେମାନଙ୍କ ସହ ଏନ୍‌ପିପିର ୪, ଟିଏମ୍‌ସି ୧ ଓ ଜଣେ ସ୍ୱାଧୀନ ବିଧାୟକ ସରକାରରୁ ସମର୍ଥନ ପ୍ରତ୍ୟାହାର କରିଛନ୍ତି। ଇତିମଧ୍ୟରେ ଏନ୍‌ପିପିର ୪ ମନ୍ତ୍ରୀ ବୀରେନ ସିଂଙ୍କ କ୍ୟାବିନେଟରୁ ଇସ୍ତଫା ଦେଇଛନ୍ତି। ସେମାନେ ହେଲେ ୱାଇ. ଜୟକୁମାର, ଏଲ୍. ଜୟା ଜୟନ୍ତକୁମାର ସିଂ, ଏନ୍. କାଲିସି ଏବଂ ଲେଟ୍‌ପାଓ ହାଓକିପ। ଟିଏମ୍‌ସି ବିଧାୟକ ଟି. ରବୀନ୍ଦ୍ରୋ ସିଂ ଏବଂ ସ୍ୱାଧୀନ ବିଧାୟକ ଅଶାବୁଦ୍ଦିନ ମଧ୍ୟ ସମର୍ଥନ ପ୍ରତ୍ୟାହାର କରିଛନ୍ତି। ପୂର୍ବରୁ ଦଳବଦଳ କରି ଭାଜପାରେ ସାମିଲ ହୋଇଥିବା ୭ କଂଗ୍ରେସ ବିଧାୟକଙ୍କ ମଧ୍ୟରୁ ଜଣଙ୍କୁ ବାଚସ୍ପତି ୟୁମନାମ ଖେମଚନ୍ଦ ସିଂ ଅଯୋଗ୍ୟ ଘୋଷଣା କରିଥିଲେ। ସେହିପରି ଅନ୍ୟ ଜଣେ ବିଧାୟକଙ୍କ ସଦସ୍ୟତା ରଦ୍ଦ ପ୍ରସଙ୍ଗ ବାଚସ୍ପତିଙ୍କ ଟ୍ରିବ୍ୟୁନାଲରେ ବିଚାରାଧୀନ ଅଛି।


ବୀରେନ ସିଂ ସରକାରରୁ ଓହରିଯାଇଥିବା ସମସ୍ତ ବିଧାୟକ ଇବୋବି ସିଂଙ୍କ ଶିବିରରେ ସାମିଲ ହୋଇଛନ୍ତି। କଂଗ୍ରେସ ବିଧାୟକ ଦଳ ନେତା ଇବୋବି ସେମାନଙ୍କୁ ସ୍ୱାଗତ କରିଛନ୍ତି। ଏହାସହ କଂଗ୍ରେସ ନେତୃତ୍ୱରେ ନୂଆ ମେଣ୍ଟ ସରକାର ଗଠନ ପାଇଁ ରାଜ୍ୟପାଳ ନଜ୍‌ମା ହେପତୁଲ୍ଲାଙ୍କ ନିକଟରେ ଦାବି ଜଣାଇଛନ୍ତି। ବୀରେନ ସିଂ ସରକାର ସଂଖ୍ୟାଲଘୁରେ ପରିଣତ ହୋଇଥିବାରୁ ଆସ୍ଥାଭୋଟ କରାଇବା ପାଇଁ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ରାଜ୍ୟପାଳଙ୍କୁ ବିରୋଧୀ ଦଳ ଦାବି କରିଛି। ରାଜ୍ୟପାଳଙ୍କ ସହ ସାକ୍ଷାତ ପରେ କଂଗ୍ରେସ ନେତା ଚଲଟୋନ୍ ଆମୋ ଏନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ପୂର୍ବରୁ ୩ ଥର ମୁଖ୍ୟମନ୍ତ୍ରୀ ଥିବା ଇବୋବି ସିଂଙ୍କ ନେତୃତ୍ୱରେ ଏକ ଧର୍ମନିରପେକ୍ଷ ସରକାର ଗଠନ ପାଇଁ ଆମେ ସକ୍ଷମ ବୋଲି ସେ ପ୍ରକାଶ କରିଛନ୍ତି। ରାଜ୍ୟପାଳଙ୍କୁ ଦିଆଯାଇଥିବା ସମର୍ଥନପତ୍ରରେ ସମଭାବାପନ୍ନ ଦଳଗୁଡ଼ିକୁ ନେଇ ଧର୍ମନିରପେକ୍ଷ ପ୍ରଗତିଶୀଳ ମେଣ୍ଟ ଗଠନ କରିବାକୁ କଂଗ୍ରେସ ଚାହୁଁଥିବା ଇବୋବି ଉଲ୍ଲେଖ କରିଛନ୍ତି। ସେହିପରି କେ. ମେଘଚନ୍ଦ୍ର ସିଂଙ୍କ ନେତୃତ୍ୱରେ ୧୨ ଜଣ କଂଗ୍ରେସ ବିଧାୟକ ସମ୍ବିଧାନର ଅନୁଚ୍ଛେଦ ୧୭୯(ସି) ଅନୁସାରେ ବାଚସ୍ପତିଙ୍କୁ ବରଖାସ୍ତ କରାଯାଉ ବୋଲି ବିଧାନସଭା ସଚିବଙ୍କୁ ନୋଟିସ ପଠାଇଛନ୍ତି। ମିଳିଥିବା ସୂଚନାନୁସାରେ ଶାସକ ଭାଜପା ଏବଂ ବିରୋଧୀ କଂଗ୍ରେସ ତଥା ଅନ୍ୟ ବିଧାୟକମାନଙ୍କୁ ପଛ ପରିବର୍ତ୍ତନ ଏଡ଼ାଇବା ଲାଗି ଭିନ୍ନ ଭିନ୍ନ ହୋଟେଲ ଏବଂ ଲଜ୍‌ରେ ରଖାଯାଇଛି। ମଣିପୁରର ଏକମାତ୍ର ରାଜ୍ୟ ସଭା ଆସନ ପାଇଁ ଶୁକ୍ରବାର ନିର୍ବାଚନ ହେବାକୁ ଥିବାବେଳେ ଏହାର ଦିନକ ପୂର୍ବରୁ ଏହି ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ଘଟଣାକ୍ରମ ଦେଖିବାକୁ ମିଳିଛି। ପ୍ରକାଶ ଯେ, ଗତ କିଛି ମାସ ହେଲା ମୁଖ୍ୟମନ୍ତ୍ରୀ ବୀରେନ ସିଂ ଏବଂ ଉପମୁଖ୍ୟମନ୍ତ୍ରୀ ଜେ. ଜୟକୁମାରଙ୍କ ମଧ୍ୟରେ ଟଣାଓଟରା ଲାଗିରହିଥିଲା। ୪ କଂଗ୍ରେସ ବିଧାୟକ ଏବଂ ଏନ୍‌ପିପିର ୪ କ୍ୟାବିନେଟ ମନ୍ତ୍ରୀ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଉପରେ ଅସନ୍ତୁଷ୍ଟ ଥିଲେ। ସେମାନଙ୍କ ମନରେ କୁହୁଳୁଥିବା ଅସନ୍ତୋଷ ଏବେ ବୀରେନ ସିଂଙ୍କୁ କ୍ଷମତାଚ୍ୟୁତ କରିବାକୁ ଯାଉଛି।

### ୨୧ରେ ବଳୟ...

ଏହି ଦୃଶ୍ୟ ଦେଶର କେତେକ ସ୍ଥାନରେ ମାତ୍ର କିଛି ସେକେଣ୍ଡ ପାଇଁ ଦେଖାଦେବ। ଅନ୍ୟ କିଛି ସ୍ଥାନରେ ୧୨ ମିନିଟ ଯାଏ ଲୋକେ ଦେଖି ପାରିବେ। ଜ୍ୟୋତିର୍ବିଜ୍ଞାନୀଙ୍କ କହିବାନୁଯାୟୀ, ଉପରାଗର ୧୨ ଘଣ୍ଟା ପୂର୍ବରୁ ପାକତ୍ୟାଗ କରାଯିବ। ପାକ ତ୍ୟାଗ ସମୟ ୨୦ ତାରିଖ ରାତି ୧୦ଟା ୩୮ରୁ ଆରମ୍ଭ ହେବ। ଉଲ୍ଲେଖଯୋଗ୍ୟ, ଉପରାଗ ସମୟରେ ପୃଥିବୀ, ଚନ୍ଦ୍ର ଓ ସୂର୍ଯ୍ୟର ଅବସ୍ଥିତି ଅନୁସାରେ ୩ ପ୍ରକାରର ସୂର୍ଯ୍ୟୋପରାଗ (ଆଂଶିକ, ପୂର୍ଣ୍ଣ ଓ ବଳୟ) ଘଟିଥାଏ। ପ୍ରତ୍ୟେକ ପୂର୍ଣ୍ଣ ସୂର୍ଯ୍ୟୋପରାଗ ପୂର୍ବରୁ ଓ ପରେ ଆଂଶିକ ଦେଖାଯାଇଥାଏ। କଦବାକ୍ୱଚିତ୍ ସମ୍ପୂର୍ଣ୍ଣ ଓ ବଳୟ ଉପରାଗ ମିଶିକରି ଦେଖାଯାଏ। ଏହି ପ୍ରକାରର ସୂର୍ଯ୍ୟୋପରାଗ ପୂର୍ବରୁ ୨୦୧୬ ସେପ୍ଟେମ୍ବର ୧ ଓ ୨୦୧୯ ସେପ୍ଟେମ୍ବର ୨୬ରେ ଦେଖିବାକୁ ମିଳିଥିଲା।

### ମୌସୁମୀ ସକ୍ରିୟ:...

ପୂର୍ବାନୁମାନ କରିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ମୌସୁମୀ ସକ୍ରିୟ ଥିବାରୁ ଆସନ୍ତା ୨୬ ତାରିଖ ଯାଏ ବର୍ଷା ପରିମାଣ ବୃଦ୍ଧି ପାଇବ। ତେବେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଆକାଶ ମେଘାଚ୍ଛନ୍ନ ରହିବା ସହ କାଁ ଭାଁ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଝାରସୁଗୁଡ଼ାରେ ୪ ସେଣ୍ଟିମିଟର ବର୍ଷା ହୋଇଥିବା ବେଳେ ସୁନ୍ଦରଗଡ଼ ୪, ଯାଜପୁର ୩, ମୟୂରଭଞ୍ଜ, ଢେଙ୍କାନାଳ, ମାଲକାନଗିରି, ଭଦ୍ରକରେ ୩ ମିଲିମିଟର ଲେଖାଏ ବର୍ଷା ରେକର୍ଡ କରାଯାଇଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗର୍ବ କଲେ ଖର୍ବ ହୁଏ**
**ଏ ସାର ବଚନ।**

ଅଳ୍ପଦିନ ପାଇଁ ଦୁନିଆକୁ ଆସି ବଡେଇ ବା ଗର୍ବ ଦେଖାଇବା ଉଚିତ ନୁହେଁ। ବଡ଼ ବଡ଼ କଥା ସବୁ ଦିନକୁ ରହେ ନାହିଁ, ସବୁ ପାଣିଫୋଟକା ଭଳି ଅଳ୍ପ ସମୟରେ ମିଳେଇଯାଏ। ଭଗବାନ ଅତି ଗର୍ବ ଦେଖେଇ ହେଉଥିବା ଲୋକଙ୍କୁ ଉପଯୁକ୍ତ ଶାସ୍ତି ଦେଇଥାନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ**


# classifieds Everyday
**0674-2580101, 2549302**

real estate

**SALE**

**2400sqft. BDA corner plot (East facing) sale at Sum Hospital, Bhubaneswar. Contact- DEEPAK- 9937329999.** D-68086

ଭୁବନେଶ୍ୱର, ରଙ୍ଗବଜାର, BJEM School ନିକଟରେ ଅଗ୍ରିମ boundary wall ଘରବାରି ପଟ୍ଟା plot ଦିଆଯାଉଛି।7008045582, 9692003948. D-17455

**3900sqft. plot immediately sale Jharpada, Bhubaneswar, BDA yellow zone buyers directly Contact- DEEPAK- 9937329999.** D-68087

Litigation free Residential Plot, Patia & Low Cost. Firmhouse land available. 8328811411, 9861971879. D-69120

ଭୁବନେଶ୍ୱର ସହର ବାଲିଅନ୍ତା ନିକଟରେ ଘରବାରି plot guarantee ସହ ମିଳୁଅଛି। Immediate possession, registration. Contact: 9040040566. D-17514

**4000sft. GA plot immediately sale at Saheed Nagar, Bhubaneswar, only buyer Contact- DEEPAK- 9937329999.** D-68088

Cuttack near OMP Square 4800 Sq.ft. Mini Apartment with 6 Nos. of Flat inbuilt (4 Nos. of 3 BHK Flat & 2 Nos. of 2 BHK Flat). Entire property for sale. Asking Price 1.5 Crore. Whatsapp - 9938219434. D-17471

3BHK Duplex 36,00,000/-, finishing Hanspal, Gharabari plot Atala, Bhingarpur. 8093465134. D-68691

**ଫୁଲନଖରା ଛକ ନିକଟରେ boundary ହୋଇଥିବା developed gharabari plot କିଣନ୍ତୁ। 9937166932.** D-69317

to-let

2BHK flat with parking at Lingipur rent family. Contact: 7894381416. D-59952

3BHK G/F at Kalinga Vihar, Bhubaneswar for family.Contact- 9437001245. D-68690

1/2BHK 2Bathrooms, Dining, Kitchen, Pujaroom, Balcony, well furnished Mausima Temple, 9338058332. D-69515

healthcare

Full body herbal massage with refreshment expert therapist. 7381239385, 06742540855. D-69285

Experience full body massage with us (expert). Call: 7377048581, 06742597822. D-69284

Newly open full body massage SPA in Bhubaneswar. Contact: 7205058838. D-69283

Rejuvenate and Ayurvedic full body massage by smart therapist. 9114402304. D-69282

Monalisa massage club : All types body massage with hiprofile smart lady rooms service available 9708545108. D-17503

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Ayurvedic full body massage Ladies and Gents. Contact- 9861064981. D-69516

Get refreshment, body massage by expert therapist @ 999 Pokhariput, Bhubaneswar. 9556978408. D-69280

Herbal full body massage by smart / expert therapist. Contact: 8338067247. D-69281


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ଶୁକ୍ର ଯୁକ୍ତ ଚନ୍ଦ୍ର ପ୍ରଭାବରେ ଆପଣଙ୍କ ଆର୍ଥିକ, ମାନସିକ ଏବଂ ସାମାଜିକ ସ୍ଥିତିକୁ ବୃଦ୍ଧି କରିବ। ଯେ କୌଣସି ପରିସ୍ଥିତି ଓ ପରିବେଶରେ ନିଜକୁ ଚଳାଇ ନେଇପାରିଲେ କୃତକାର୍ଯ୍ୟ ହେବେ। ଅପରାହ୍ନେ ବନ୍ଧୁଙ୍କ ଆଗମନରେ କିଛି ସମୟ ଅତିବାହିତ କରିବାକୁ ପଡିପାରେ।

**ବୃଷ**
ରାଶିରେ ଶୁଭଗ୍ରହ ଆପଣଙ୍କୁ କର୍ମଧାରାରେ ପରିବର୍ତ୍ତନ ଆଣିବାକୁ ପଡ଼ିପାରେ। ତଥାପି ଘରୋଇ ସମସ୍ୟା ମଧ୍ୟରେ ଅଣନିଃଶ୍ୱାସୀ ହୋଇ ଏକ ପ୍ରକାର ବ୍ୟତିବ୍ୟସ୍ତ ହୋଇପାରନ୍ତି। ପ୍ରକାଶନ, କଚେରି ମାମଲା ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ କରିପାରିବେ।

**ମିଥୁନ**
ଦ୍ୱାଦଶସ୍ଥ ଚନ୍ଦ୍ରଙ୍କ ଯୋଗୁ କେତେକ ଗୁରୁତ୍ୱପୂର୍ଣ୍ଣ କାମ ଅଟକି ରହିଥିବା କାରଣରୁ ସେହିକଥା ଭାବି ଭାବି ଅନ୍ୟମନସ୍କ ରହିପାରନ୍ତି। ଛୋଟ ଛୋଟ କଥାକୁ କେନ୍ଦ୍ରକରି ପରିବାରରେ ମତାନ୍ତରରୁ ବିତର୍କ ସୃଷ୍ଟି ହେବାର ସମ୍ଭାବନା ରହିଛି। ଯାନବାହନ, ଜମିଜମା, ଗୃହସୀମା, ମାଲିମକଦ୍ଦମା ଓ ଆନୁଷ୍ଠାନିକ କର୍ମରେ ସମସ୍ୟା ଲାଗି ରହିବ।

**କର୍କଟ**
ଭାଗ୍ୟସ୍ଥ ମଙ୍ଗଳଜନିତ ନିଜର ଦକ୍ଷତା ହେତୁ ଅର୍ଥ ଓ ସମ୍ମାନ ଲାଭରେ ନିଜକୁ ଗୌରବାନ୍ୱିତ ମନେ କରିବାର ସୁଯୋଗ ଲାଭ କରିବେ। ପାରିବାରିକ ଶୃଙ୍ଖଳା ରକ୍ଷା କରିବା ଦିଗରେ ନିଜର ଅଭିଜ୍ଞତା ଓ ଦୂରଦର୍ଶିତା ଆପଣଙ୍କୁ ବହୁ ମାତ୍ରାରେ ସାହାଯ୍ୟ କରିବ। ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିବେ।

**ସିଂହ**
ବ୍ୟୟାଧିପଙ୍କ ବ୍ୟୟଭାବନାରୁ ଖର୍ଚ୍ଚ ପରିମାଣ ବୃଦ୍ଧି ହେତୁ ମାନସିକ ସ୍ଥିରତା ରହି ନ ପାରେ। ସାଧାରଣ ଭଲ କଥା କହିଲେ ମଧ୍ୟ ଭୁଲ୍ ବୁଝାମଣା କାରଣରୁ ପରିବାର ଭିତରେ ସମ୍ପର୍କ ହାନି ଘଟିବାର ଆଶଙ୍କା ରହିଛି। ଅନେକାଂଶରେ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରି ଦ୍ୱନ୍ଦ୍ୱର ସମ୍ମୁଖୀନ ହେବାକୁ ପଡ଼ିପାରେ।

**କନ୍ୟା**
ଅତୀତର କେତେକ ଘଟଣା ମନକୁ ବାରମ୍ବାର ଆଲୋଡ଼ନ କରିବା ଫଳରେ ଆପଣ ସ୍ଥିର ଭାବରେ ରହିପାରିବେ ନାହିଁ। ନିଜ ନିଜର ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ମିତ୍ରମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିପାରନ୍ତି। ପ୍ରତିଦ୍ୱନ୍ଦ୍ୱିତା କ୍ରମଶଃ ବୃଦ୍ଧି ପାଇବା କାରଣରୁ ବ୍ୟବସାୟରେ ମାନମନାନ୍ତର ଦେଖାଦେଇପାରେ।

**ତୁଳା**
ରବି ଓ ବୁଧ ହେତୁ କର୍ମକ୍ଷେତ୍ରରେ କେତେକ କାର୍ଯ୍ୟରେ ସଫଳତା ହାସଲ କରିବାରେ ନିକଟସ୍ଥ ବନ୍ଧୁମାନେ ସାହାଯ୍ୟ କରିବେ। ସାହିତ୍ୟ, ସାମ୍ବାଦିକତା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ମିଳିବ। ଅଫିସରେ ଅଫିସରମାନଙ୍କ ସହ ମତଦ୍ୱୈଧ କିମ୍ବା ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**ବିଛା**
ସପ୍ତମ କେନ୍ଦ୍ରସ୍ଥ ଗ୍ରହଙ୍କ ସୁପ୍ରଭାବରେ ଆପଣଙ୍କର ସାହାଯ୍ୟକାରୀ ମନୋବୃତ୍ତି ହେତୁ ସହକର୍ମୀଙ୍କ ସହ ସଦ୍‌ଭାବ ବୃଦ୍ଧି ହୋଇପାରେ। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ,ଫଳରେ ସାଧାରଣ ଆଶ୍ୱସ୍ତି ଅନୁଭବ କରିବେ। ପାରିବାରିକ ସମସ୍ୟା ନେଇ ମାନସିକ ଅସ୍ଥିରତା ସୃଷ୍ଟି ହେବାର ସୂଚନା ରହିଛି।

**ଧନୁ**
ରାହୁଙ୍କ କୌଶଳ କ୍ଷମତାରୁ ନିଜ ଘର ଅପେକ୍ଷା ବାହାର ଲୋକମାନେ ଆପଣଙ୍କ ପକ୍ଷ ସମର୍ଥନ କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ସାଧାରଣ ସମସ୍ୟାଟି ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଅଫିସ୍‌ରେ କୌଣସି ବ୍ୟକ୍ତିଠାରୁ କିଛି କଥା ଶୁଣି ନିଜ ଲୋକଙ୍କୁ ଭୁଲ୍ ବୁଝିବେ। ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ।

**ମକର**
ଗୁରୁ କ୍ଷେତ୍ରସ୍ଥ ମଙ୍ଗଳଙ୍କ ଯୋଗୁଁ ନିଜର ସମ୍ପର୍କୀୟ ଲୋକମାନଙ୍କୁ ସାହାଯ୍ୟ କରିବାକୁ ଯାଇ ନିଜେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବହୁତ ଦିନରୁ ବାକି ପଡିଥିବା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇଲେ ମଧ୍ୟ ସାମୟିକ ଅସ୍ଥିରତା ଦେଖାଦେବାର ସମ୍ଭାବନା ରହିଛି।

**କୁମ୍ଭ**
ସୁଖ ଭାବସ୍ଥ ମଙ୍ଗଳ ଯୋଗୁ ସତ୍ୟ ଓ ସଚ୍ଚୋଟ କଥା ମାଧ୍ୟମରେ ପ୍ରତ୍ୟେକ କାର୍ଯ୍ୟ ସୁଚାରୁ ରୂପେ ସମ୍ପାଦନ କରିପାରିବେ। ବାଣିଜ୍ୟ, ବ୍ୟବସାୟରେ ସମସ୍ୟାକୁ ସୁଧାରି ନେବେ ଏବଂ ବନ୍ଧୁ ସାହାଯ୍ୟ ସହଯୋଗର ଦୃଢ ପ୍ରତିଶ୍ରୁତି ଦେବେ। ପରିବାରରେ ପିଲାମାନଙ୍କ ସଫଳତାରେ ଆନନ୍ଦ ଅନୁଭବ କରିପାରନ୍ତି।

**ମୀନ**
କର୍ମକ୍ଷେତ୍ରରେ ଅସମର୍ଥିତ ସୂତ୍ରରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ସାମାଜିକ ସ୍ତରରେ ନୀଚ ବର୍ଗ ଦ୍ୱାରା ସମସ୍ୟା ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ ବହୁତ ଖଟଣୀ ହେତୁ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ପ୍ରତିରୋଧ ଦୂରେଇ ଯିବ ଓ ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ଅର୍ଜନ କରିବେ।

ଆଜି ଆଷାଢ଼ କୃଷ୍ଣ ତ୍ରୟୋଦଶୀଯୁକ୍ତ ଚତୁର୍ଦ୍ଦଶୀ ଶୁକ୍ରବାର, ଶ୍ରୀମନ୍ଦିରରେ ଘଣାଲାଗି, ଜୁନ୍ ୧୯ ତାରିଖ, ରାଶି ନକ୍ଷତ୍ର-କୃତ୍ତିକା/ବୃଷ, ଦିବା ଘ.୧୦.୩୦ମି. ଗତେ ରୋହିଣୀନକ୍ଷତ୍ର, ବିଛା ରାଶିର ଘାତଚନ୍ଦ୍ର, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ଦିବା ଘ.୧୨.୧୪ମି. ଗତେ ଘ.୦୨.୫୨ମି.ମଧ୍ୟେ, ସନ୍ଧ୍ୟା ଘ.୦୬.୨୪ମି. ଗତେ ଘ.୦୮.୩୨ମି. ମଧ୍ୟେ, ରାତ୍ରି ଘ.୧୨.୫୩ମି. ଗତେ ଘ.୦୩.୦୨ମି. ମଧ୍ୟେ, ଘ.୦୩.୪୫ମି. ଗତେ ଘ.୦୫.୧୨ମି.ମଧ୍ୟେ ଅମୃତବେଳା। ସକାଳ ଘ.୦୬.୦୫ମି. ଗତେ ଘ.୦୬.୫୭ମି. ମଧ୍ୟେ, ଘ.୦୯.୩୬ମି.ଗତେ ଘ.୧୦.୨୮ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୦.୦୯ମି. ଗତେ ଘ.୧୧.୪୮ମି. ମଧ୍ୟେ ରାହୁକାଳ।

## ସଂକ୍ଷେପରେ

### ଏସ୍‌ସିବି ସମ୍ପ୍ରସାରଣ ପ୍ରସଙ୍ଗ ସ୍ଥାନାନ୍ତର ହେବେ ୧୩୧ ପରିବାର

**କଟକ ଅଫିସ,୧୮।୬:** ଖୁବ୍‌ଶୀଘ୍ର ଆରମ୍ଭ ହେବ ଏସ୍‌ସିବି ସମ୍ପ୍ରସାରଣ କାମ। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ସୁଇପର କଲୋନୀ ଓ ବେହେରା କଲୋନୀର ୧୩୧ ପରିବାରଙ୍କୁ ସ୍ଥାନାନ୍ତର କରାଯିବ। ଏହି ପରିପ୍ରେକ୍ଷୀରେ ଗୁରୁବାର ସିଏମ୍‌ସି କମିସନର ଅନନ୍ୟା ଦାସ ଏସ୍‌ସିବି ପ୍ରଶାସନିକ ଅଧିକାରୀ କଳ୍ପତରୁ ବେହେରାଙ୍କୁ ଭେଟି ଆଲୋଚନା କରିଛନ୍ତି। ସୂଚନା ଅନୁଯାୟୀ,ଏହି ଦୁଇଟି କଲୋନୀର ୧୩୧ ପରିବାରଙ୍କୁ ଜୋବ୍ରା ନିକଟରେ ଅସ୍ଥାୟୀ ଭାବେ ଥଇଥାନ କରିବାକୁ ଆଲୋଚନା ହୋଇଛି। କିନ୍ତୁ ଏହା ପୂର୍ବରୁ ଉଭୟ କଲୋନୀର ସଂଘ କର୍ମକର୍ତ୍ତାଙ୍କ ସହ ଆଲୋଚନା କରାଯାଇ ପରବର୍ତ୍ତୀ ପଦକ୍ଷେପ ନେବାକୁ ନିଷ୍ପତ୍ତି ନିଆଯାଇଛି।

### ସୂର୍ଯ୍ୟୋପରାଗ ପାଇଁ ଶ୍ରୀଲିଙ୍ଗରାଜଙ୍କ ନୀତିନିର୍ଘଣ୍ଟ

**ପୁରୁଣା ଭୁବନେଶ୍ୱର,୧୮।୬(ଡି.ଏନ୍.ଏ):** ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ କାର୍ଯ୍ୟାଳୟ ପରିସରରେ ସୂର୍ଯ୍ୟୋପରାଗ ପାଇଁ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନୀତିନିର୍ଘଣ୍ଟ ନେଇ ଗୁରୁବାର ବୈଠକ ଅନୁଷ୍ଠିତ ହୋଇଯାଇଛି। ଶନିବାର ରାତି ୧୦ଟା ୩୮ ସୁଧା ଶ୍ରୀଜୀଉଙ୍କ ସନ୍ଧ୍ୟାଧୂପ ନୀତି ସମ୍ପାଦନ ପରେ ଅନ୍ୟ ନୀତି ବନ୍ଦ ରହିବ। କିନ୍ତୁ ପହୁଡ଼ ଖୋଲା ରହିବ। ରବିବାର ମଧ୍ୟାହ୍ନ ୧୨ଟାରେ ଶ୍ରୀଜୀଉ ପରାଗ ସ୍ନାନ ପାଇଁ ବିନ୍ଦୁସାଗରକୁ ବିଜେ କରିବେ। ସେଠାରେ ସ୍ନାନ ନୀତି ପରେ ଠାକୁର ମନ୍ଦିର ପ୍ରତ୍ୟାବର୍ତ୍ତନ କରିବେ। ମନ୍ଦିରରେ ପରାଗ ନୀତି ସମ୍ପାଦନ ହେବା ଅପରାହ୍ନ ୨ଟା ୯ ମିନିଟ୍ ୩୮ ସେକେଣ୍ଡରେ ଠାକୁରଙ୍କ ମହାସ୍ନାନ ନୀତି ସମ୍ପନ୍ନ ପରେ ମଙ୍ଗଳ ଆଳତ, ଅବକାଶ ନୀତି ସମାପନ ପରେ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହେବ।

### ଏସ୍‌ବିଆଇର ଇ-ଟାଉନ ହଲ୍ ସଭା

**ଭୁବନେଶ୍ୱର,୧୮।୬:** ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ) ପକ୍ଷରୁ ଇ-ଟାଉନ ହଲ୍ ସଭା ନିକଟରେ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କ ଏହାର ଏମ୍‌ଏସ୍‌ଏମ୍‌ଇ ଗ୍ରାହକଙ୍କ ଲାଗି ଦୁଇଦିନ ଧରି ଏହି କାର୍ଯ୍ୟକ୍ରମ ମାଇକ୍ରୋସଫ୍ଟ ଡିଜିଟାଲ ପ୍ଲାଟ୍‌ଫର୍ମରେ ଆୟୋଜନ କରିଥିଲା। ଭୁବନେଶ୍ୱର ମଣ୍ଡଳର ସବୁ ଜୋନ ଦ୍ୱାରା ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଗ୍ରାହକ ଯୋଗଦେଇଥିଲେ। ଜୋନଗୁଡିକର ଉପମହାପ୍ରବନ୍ଧକ ବର୍ତ୍ତମାନର ଚ୍ୟାଲେଞ୍ଜିଂ ସମୟରେ ବ୍ୟାଙ୍କ ପକ୍ଷରୁ ଗ୍ରହଣ କରାଯାଉଥିବା ପଦକ୍ଷେପ ଉପରେ ଗୁରୁତ୍ୱାରୋପ କରିଥିଲେ। ଆତ୍ମନିର୍ଭର ଭାରତ ଲାଗି ଏମ୍‌ଏସ୍‌ଏମ୍‌ଇ ଏବଂ ବ୍ୟାଙ୍କିଙ୍ଗ୍ କ୍ଷେତ୍ରର ଭୂମିକା, ସେବା ଯୋଗାଣରେ ଏସ୍‌ବିଆଇ ପ୍ରତିବଦ୍ଧତା ଏବଂ ଏମ୍‌ଏସ୍‌ଏମ୍‌ଇଗୁଡିକ ଲାଗି ଗ୍ରହଣ କରାଯାଉଥିବା ଯୋଜନା ଉପରେ ଏଠାରେ ଆଲୋଚନା ହୋଇଛି।

# କୌଶିକଙ୍କ ଆଉ ଏକ ଲକରରୁ ୨୮ ଲକ୍ଷ ଜବତ

**ପିଏନ୍‌ବିରୁ ୩୨ କୋଟି ଠକେଇ ମାମଲା**

- ପୂର୍ବରୁ ୟୁବିଆଇ ଲକରରୁ ଜବତ ହୋଇଥିଲା ୩୭.୯୦ ଲକ୍ଷ
- ଅନ୍ୟ ୭ଟି ବ୍ୟାଙ୍କ୍ ଲକ୍‌ର ଯାଞ୍ଚ କଲା ସିବିଆଇ
- ୯ ଅଭିଯୁକ୍ତଙ୍କୁ ନୋଟିସ କଲା ଇଡି

ଭୁବନେଶ୍ୱର,୧୮।୬ (ବ୍ୟୁରୋ)

ଭୁବନେଶ୍ୱର ଷ୍ଟେଶନ ସ୍କୋୟାର ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ୍ (ପିଏନ୍‌ବି) ଶାଖାରେ ୩୨ କୋଟି ଠକେଇ ଘଟଣାରେ ସିବିଆଇକୁ ଆଉ ଏକ ସଫଳତା ମିଳିଛି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଗ୍ଲୋବାଲ ଟ୍ରେଡିଂ ସଲ୍ୟୁଶନ ଲିମିଟେଡର ପୂର୍ବତନ ନିର୍ଦ୍ଦେଶକ କୌଶିକ ମହାନ୍ତିଙ୍କ ଲକରରୁ ପୁଣି ବିପୁଳ ଟଙ୍କା ଜବତ କରିଛି। ଗୁରୁବାର ସିବିଆଇର ଏକ ଟିମ୍ କଟକ ଓ ଭୁବନେଶ୍ୱରର ୭ ବ୍ୟାଙ୍କ୍‌ରେ ଯାଞ୍ଚ୍ କରିଥିଲା। ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ପିଏନ୍‌ବି ଶାଖାରେ କୌଶିକଙ୍କ ନାମରେ ଥିବା ଲକରକୁ ଯାଞ୍ଚବେଳେ ସେଥିରୁ ୨୮.୧୦ ଲକ୍ଷ ଟଙ୍କା ମିଳିଥିଲା। ଏହାପରେ ସିବିଆଇର ଅଧିକାରୀମାନେ ଟଙ୍କା ଜବତ କରିବା ସହ ଲକରକୁ ସିଲ୍ କରିଦେଇଛନ୍ତି। ତେବେ କୌଶିକ ଓ ଅନ୍ୟ ଅଭିଯୁକ୍ତଙ୍କର ସମ୍ପତ୍ତି ଠାବ ପାଇଁ ଚଢ଼ାଉ ଜାରି ରହିଥିବାବେଳେ ଗତ ମଙ୍ଗଳବାର ପଟିଆ କିଟ୍ ସ୍କୋୟାରସ୍ଥିତ ୟୁନିୟନ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଶାଖାରେ କୌଶିକଙ୍କ ଲକ୍‌ରରୁ ନଗଦ ୩୭.୯୦ ଲକ୍ଷ ଜବତ ହୋଇଛି। ଏହାସହ ଅଭିଯୁକ୍ତଙ୍କ ନାମରେ କେଉଁସବୁ ବ୍ୟାଙ୍କ୍‌ରେ ଆକାଉଣ୍ଟ ଓ ଲକର ରହିଛି। କେଉଁଥିରେ କେତେଟଙ୍କା ଓ ସୁନା ରହିଛି ତାହାର ଚିଜିନିଖି ତଥ୍ୟ ସଂଗ୍ରହ କରୁଛି ସିବିଆଇ।

ଅନ୍ୟପକ୍ଷରେ ଏହି ଠକେଇ ଘଟଣାର ଖୋଳତାଡ଼ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସମ୍ପୃକ୍ତ ୯ଜଣ ଅଭିଯୁକ୍ତଙ୍କୁ ନୋଟିସ୍ କରିଛି। ସମସ୍ତେ ଫେରାର ଥିବାରୁ ସେମାନଙ୍କ ଘରକୁ ନୋଟିସ ପଠାଯାଇଛି। ଅଭିଯୁକ୍ତମାନେ ଇଡ଼ି ଅଫିସରେ ହାଜର ହୋଇ ତଥ୍ୟ ରଖିବାକୁ ନିର୍ଦ୍ଦେଶ ରହିଛି। ଅଭିଯୁକ୍ତଙ୍କ ସମ୍ପତ୍ତି ସଂକ୍ରାନ୍ତରେ ଜାଣିବାକୁ ଇଡି ଖୋଳତାଡ଼ କରୁଥିବାବେଳେ ଅଭିଯୁକ୍ତ ନ ଆସିଲେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବବୋଲିଜଣେଅଧିକାରୀକହିଛନ୍ତି।

ସୂଚନାଯୋଗ୍ୟ, ୨୦୧୦ରେ ଗ୍ଲୋବାଲ ଟ୍ରେଡିଂ ସଲ୍ୟୁଶନ ଲିମିଟେଡ୍ କମ୍ପାନୀ ଆରମ୍ଭ ହୋଇଥିଲା। ଏହି କମ୍ପାନୀ ବିଦେଶକୁ ଲୁହାପଥର ରପ୍ତାନି କରୁଥିବା ସମ୍ପର୍କିତ କାଗଜପତ୍ର ଦାଖଲ କରାଯାଇ ଷ୍ଟେଶନ ସ୍କୋୟାରସ୍ଥିତ ପିଏନ୍‌ବି ଶାଖାରୁ ବିଭିନ୍ନ ସମୟରେ ୩୨ କୋଟି ଟଙ୍କା ଋଣ ଉଠାଇ ହଠାତ୍ ଗାଏବ ହୋଇଯାଇଥିଲା। ଠକେଇ ନେଇ ଜଣାପଡିବା ପରେ ପିଏନ୍‌ବିର ସର୍କଲ ମୁଖ୍ୟ ଗଣପତିଲାଲ ଗତ ୯ ତାରିଖରେ ସିବିଆଇରେ ଅଭିଯୋଗ କରିଥିଲେ। ତଦନ୍ତରୁ ଜଣାପଡିଛି ଯେ, ୨୦୧୦ରୁ ୨୦୧୫ ମଧ୍ୟରେ ଏହି ଠକେଇ ହୋଇଥିଲା। ଏହାପରେ ସିବିଆଇ ଷ୍ଟେଶନ ସ୍କୋୟାରସ୍ଥିତ ପିଏନ୍‌ବି ଶାଖାର ତତ୍କାଳୀନ ଚିଫ୍ ମ୍ୟାନେଜର ନାଗମଣି ସତ୍ୟନାରାୟଣ ପ୍ରସାଦ ଓ ମନୋରଞ୍ଜନ ଦାଶ, ଆସିଷ୍ଟାଣ୍ଟ ଜେନେରାଲ ମ୍ୟାନେଜର ଏସ୍.ସି. ଶର୍ମା, ସିନିୟର ମ୍ୟାନେଜର ପ୍ରିୟତୋଷ ଦାଶଙ୍କ ସମେତ ଗ୍ଲୋବାଲ ଟ୍ରେଡିଂ ସଲ୍ୟୁଶନର ଏମ୍‌ଡି ଅବିନାଶ ମହାନ୍ତି, ପୂର୍ବତନ ନିର୍ଦ୍ଦେଶକ କୌଶିକ ମହାନ୍ତି ଓ ଅଂଶୁମାନ ସାମନ୍ତରାୟ ଏବଂ ବିଧୁଭୂଷଣ ନାୟକଙ୍କ ନାମରେ ଆଇପିସି ଦଫା ୧୨୦(ବି), ୪୨୦, ପିସି ଆକ୍ଟର ଦଫା ୧୩(୨) ଓ ୧୩(୧)(ଡି)ରେ ମାମଲା ରୁଜୁ ହୋଇଛି।

## ଭୁବନେଶ୍ୱରର ୯ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ୩ ହସ୍ପିଟାଲ କର୍ମଚାରୀ

ଭୁବନେଶ୍ୱର, ୧୮।୬ (ବ୍ୟୁରୋ)

ଗତ ୨୪ ଘଣ୍ଟାରେ ଭୁବନେଶ୍ୱରରୁ ଆଉ ୯ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୪ଟି ହୋମ୍ କ୍ୱାରାଣ୍ଟାଇନ୍ ମାମଲା ଥିବାବେଳେ ୩ଜଣ କରୋନା ଯୋଦ୍ଧା ଓ ୨ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଦିଆଯାଇଥିବା ସୂଚନାନୁସାରେ, ଗାଡ଼କଣ ମହିମା ନଗରର ଗୋଟିଏ ପରିବାରରୁ ୨ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ଜଣଙ୍କ ବୟସ ୫୩ ଓ ଅନ୍ୟଜଣଙ୍କର ୧୪ ରହିଛି। ଏମାନେ ପୂର୍ବରୁ ଆକ୍ରାନ୍ତ ହୋଇଥିବା ଜଣେ ଘରୋଇ ହସ୍ପିଟାଲ କର୍ମଚାରୀଙ୍କ ସମ୍ପର୍କୀୟ। ସେହିପରି ଚନ୍ଦ୍ରଶେଖରପୁର ବିଡିଏ କଲୋନୀର ୨୯ ବର୍ଷୀୟା ମହିଳା ଓ ସେ ବିହାରରୁ ଫେରିଥିଲେ। ଏୟାରପୋର୍ଟ ନିକଟ ଭୀମପୁରରୁ ଚିହ୍ନଟ ହୋଇଥିବା ୪୬ ବର୍ଷୀୟ ପୁରୁଷ ଦିଲ୍ଲୀରୁ ଫେରିଥିଲେ। ୟୁନିଟ୍-୬ ଭୀମପୁରର ୨୩ବର୍ଷୀୟା ମହିଳା ହେଉଛନ୍ତି ପଶ୍ଚିମବଙ୍ଗ ଫେରନ୍ତା। ସାଲିଆ ସାହିର ନିରଙ୍କାରୀ ନଗରରୁ ଚିହ୍ନଟ ୧୯ ବର୍ଷୀୟ ଯୁବକ ଦିଲ୍ଲୀ ଫେରନ୍ତା ହୋଇଥିବାବେଳେ ସେ ପୂର୍ବରୁ ସେଠାରୁ ଚିହ୍ନଟ ଜଣେ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି। ଏମାନେ ସମସ୍ତେ ହୋମ୍ କ୍ୱାରାଣ୍ଟାଇନ୍‌ର ଥିଲେ। ଅନ୍ୟପକ୍ଷରେ ଭୁବନେଶ୍ୱରର ଏକ କୋଭିଡ୍ ହସ୍ପିଟାଲର ୩ଜଣ କର୍ମଚାରୀ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ୩୦ ବର୍ଷୀୟା ମହିଳା ଓ ଦୁଇଜଣ ପୁରୁଷଙ୍କ ବୟସ ଯଥାକ୍ରମେ ୩୬ ଓ ୩୭ ବୋଲି ସୂଚନା ଦିଆଯାଇଛି। ନୂଆ ଆକ୍ରାନ୍ତଙ୍କୁ ମିଶାଇ ଭୁବନେଶ୍ୱରରେ ସଂକ୍ରମିତଙ୍କ ସଂଖ୍ୟା ୧୫୮ରେ ପହଞ୍ଚିଛି ଓ ଡମଣା ଅଞ୍ଚଳର ଜଣେ ୨୫ ବର୍ଷୀୟ ଯୁବକ ସୁସ୍ଥ ହୋଇଛନ୍ତି।



ରଥଯାତ୍ରା ବନ୍ଦ ନେଇ ସୁପ୍ରିମକୋର୍ଟ ଦେଇଥିବା ରାୟକୁ ବିରୋଧ କରି ଗୁରୁବାର ଓଡ଼ିଶା ସୁରକ୍ଷା ସେନା ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ।

## ୟୁଜି, ପିଜି ପରୀକ୍ଷା ବାତିଲ ନେଇ ବିଜ୍ଞପ୍ତି

**ଅଗଷ୍ଟ ଶେଷସୁଦ୍ଧା ବିକଳ୍ପ ମୂଲ୍ୟାୟନ ପରୀକ୍ଷାଫଳ**

ଭୁବନେଶ୍ୱର,୧୮।୬(ବ୍ୟୁରୋ)

କୋଭିଡ୍-୧୯ ପରିସ୍ଥିତି ଲାଗି ଉଚ୍ଚ ଶିକ୍ଷା ବିଭାଗ ଅଧୀନରେ ଥିବା ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ ଓ ଡିଗ୍ରୀ କଲେଜର ୟୁଜି ଓ ପିଜି ପରୀକ୍ଷାକୁ ବାତିଲ କରାଯାଇଛି। ୟୁଜି/ସ୍ନାତକର ୬ଷ୍ଠ ସେମିଷ୍ଟର ଓ ପିଜି/ସ୍ନାତକୋତ୍ତରର ଚୂଡ଼ାନ୍ତ ତଥା ଶେଷ ସେମିଷ୍ଟର ପରୀକ୍ଷା ବାତିଲ୍ ହୋଇଛି। କୌଣସି ବିଷୟର ଥିଓରି କିମ୍ବା ପ୍ରାକ୍ଟିକାଲ ପରୀକ୍ଷା ନ କରିବାକୁ ନିଷ୍ପତ୍ତି ହୋଇଛି। ତେବେ ଗତ ୧୧ ତାରିଖରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କୁଳପତି ସମ୍ମିଳନୀରେ ନିଆଯାଇଥିବା ଏହି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଗୁରୁବାର ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ବିଜ୍ଞପ୍ତି ଅନୁଯାୟୀ, ବିଶ୍ୱବିଦ୍ୟାଳୟ ଓ ସ୍ୱୟଂଶାସିତ ମହାବିଦ୍ୟାଳୟଗୁଡ଼ିକ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ସୁପାରିସ ଅନୁଯାୟୀ ବିକଳ୍ପ ମୂଲ୍ୟାୟନ ଜରିଆରେ ଶେଷବର୍ଷ ସେମିଷ୍ଟରଗୁଡ଼ିକର ମୂଲ୍ୟାୟନ କରିବେ। ଅଗଷ୍ଟ ଶେଷସୁଦ୍ଧା ଉଭୟ ୟୁଜି ଓ ପିଜିର ପରୀକ୍ଷାଫଳ ପ୍ରକାଶ କରିବେ। ଯେଉଁ ଛାତ୍ରୀଛାତ୍ର ବିକଳ୍ପ ମୂଲ୍ୟାୟନ ବ୍ୟବସ୍ଥାରେ ପାଇଥିବା ମାର୍କଠାରୁ ଅଧିକ ଭଲ ପ୍ରଦର୍ଶନ କରିବାକୁ ଚାହିଁବେ, ସେମାନଙ୍କ ପାଇଁ ବିଶ୍ୱବିଦ୍ୟାଳୟ ଓ ସ୍ୱୟଂଶାସିତ କଲେଜଗୁଡ଼ିକ ଆସନ୍ତା ନଭେମ୍ବର ମଧ୍ୟରେ ସାଧାରଣ ରୀତିରେ ପରୀକ୍ଷା କରାଇବେ। ଏହି ପରୀକ୍ଷାର ମାର୍କ ଅନୁସାରେ ସେହି ଛାତ୍ରୀଛାତ୍ରଙ୍କ ପୁନଃ ପରୀକ୍ଷାଫଳ ଡିସେମ୍ବରରେ ପ୍ରକାଶ କରାଯିବ।

ଅନ୍ୟପକ୍ଷରେ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ ଉତ୍କଳ ବିଶ୍ୱବିଦ୍ୟାଳୟ ଓ ଫକୀର ମୋହନ ବିଶ୍ୱବିଦ୍ୟାଳୟର ଡିଡିସିଇର ଶେଷବର୍ଷ ତଥା ଚୂଡ଼ାନ୍ତ ସେମିଷ୍ଟର ପରୀକ୍ଷା ମଧ୍ୟ ବାତିଲ୍ ହେବ। ଏହି ନିୟମ ସମସ୍ତ ଶିକ୍ଷକ ଶିକ୍ଷା ପାଠ୍ୟକ୍ରମ ତଥା ବି.ଏଡ୍ ଡିଗ୍ରି/୩ ବର୍ଷିଆ ଇଣ୍ଟିଗ୍ରେଟେଡ୍ ବି.ଏଡ୍, ଏମ୍.ଏଡ୍/୪ ବର୍ଷିଆ ଇଣ୍ଟିଗ୍ରେଟେଡ୍ ବିଏ ବିଏଡି/ବିଏସ୍‌ସି ବିଏଡ୍ ପାଠ୍ୟକ୍ରମ ସହ ସମସ୍ତ ସେଲ୍ଫ ଫାଇନାନ୍ସିଂ ପାଠ୍ୟକ୍ରମ ଓ ପିପିପି ମୋଡ୍‌ରେ ଅନୁଷ୍ଠିତ ସେଲ୍ଫ ଫାଇନାନ୍ସିଂ କୋର୍ସଗୁଡ଼ିକରେ ଲାଗୁ ହେବ। ଉଚ୍ଚଶିକ୍ଷା ବିଭାଗ ବ୍ୟତୀତ ଅନ୍ୟାନ୍ୟ ବିଭାଗ ଦ୍ୱାରା ପରିଚାଳିତ ପାଠ୍ୟକ୍ରମରେ ଏହି ନିୟମ ଲାଗୁ ହେବ ନାହିଁ ବୋଲି ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଛି।

## ସୁସ୍ଥ ହୋଇ ଫେରିଲେ ଏନ୍‌ଡିଆର୍‌ଏଫ୍‌ର ୧୩ ଯବାନ

ନରାଜ, ୧୮।୬ (ଡି.ଏନ୍.ଏ)

କରୋନା ଆକ୍ରାନ୍ତ ହୋଇଥିବା ମୁଣ୍ଡଳୀସ୍ଥିତ ଏନ୍‌ଡିଆରଏଫ୍‌ର ୧୩ ଜଣ ଯବାନ ଗୁରୁବାର ସୁସ୍ଥ ହୋଇ ଫେରିଛନ୍ତି। ସେମାନେ ଭୁବନେଶ୍ୱରସ୍ଥିତ କୋଭିଡ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଅପରାହ୍ନରେ ଏନ୍‌ଡିଆରଏଫ୍‌ର ଏକ ସ୍ୱତନ୍ତ୍ର ଗାଡ଼ିରେ ସେମାନଙ୍କୁ ଅଣାଯାଇଥିଲା। ଏହି ସମୟରେ ପ୍ରବେଶ ଦ୍ୱାର ନିକଟରେ ଏନ୍‌ଡିଆରଏଫ୍‌ର ସିନିୟର କମାଣ୍ଡାଣ୍ଟ ଜାକବ୍ କିସ୍‌ପୋଟା ଓ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଏ.କେ ପଟ୍ଟନାୟକଙ୍କ ସମେତ ଅଧିକାରୀ, କର୍ମଚାରୀମାନେ ଉପସ୍ଥିତ ରହି ସମ୍ବର୍ଦ୍ଧନା ଦେଇଥିଲେ। ପରେ ପ୍ରଶାସନିକ କାର୍ଯ୍ୟାଳୟର ସଭାଗୃହରେ ଭିଡିଓ କନ୍‌ଫରେନ୍ସ ଜରିଆରେ ଏନ୍‌ଡିଆରଏଫ୍ ଡିଜି ସତ୍ୟନାରାୟଣ ପ୍ରଧାନ ସୁସ୍ଥ ହୋଇଥିବା ଯବାନମାନଙ୍କୁ କୃତଜ୍ଞତା ଜଣାଇବା ସହ ସରକାରୀ ନିୟମ ଅନୁସାରେ ୭ଦିନ ପର୍ଯ୍ୟନ୍ତ ଆଇସୋଲେଶନରେ ରହିବାକୁ ପରାମର୍ଶ ଦେଇଥିଲେ। ଅମ୍ଫନ୍ ମୁକାବିଲା ନିମନ୍ତେ ଏନ୍‌ଡିଆରଏଫ୍‌ର ୧୭୮ ଜଣ ଯବାନ ପଶ୍ଚିମବଙ୍ଗ ଯାଇଥିଲେ। ସେଠାରୁ ଫେରିବା ପରେ ସେମାନଙ୍କୁ ଏନ୍‌ଡିଆରଏଫ ପରିସରରେ ଥିବା ସ୍ୱତନ୍ତ୍ର କ୍ୱାରାଣ୍ଟାଇନ୍‌ରେ ରଖାଯାଇଥିଲା। ସ୍ୱାବ୍ ପରୀକ୍ଷା ପରେ ୫୧ଜଣ କରୋନା ଆକ୍ରାନ୍ତ ଜଣାପଡ଼ିଥିଲେ। ଏହାପରେ ଆକ୍ରାନ୍ତଙ୍କ ମଧ୍ୟରୁ ୨ ଜଣଙ୍କୁ କଟକସ୍ଥିତ କୋଭିଡ୍ ହସ୍ପିଟାଲ ଓ ୪୯ ଜଣଙ୍କୁ ଭୁବନେଶ୍ୱରସ୍ଥିତ କୋଭିଡ୍ ହସ୍ପିଟାଲକୁ ପଠାଯାଇଥିଲା।

## ବ୍ରହ୍ମଗିରି: ମହିଳା ପୋଲିସ ଅଫିସର କରୋନା ଆକ୍ରାନ୍ତ

ବ୍ରହ୍ମଗିରି,୧୮।୬(ଡି.ଏନ୍.ଏ)

ବ୍ରହ୍ମଗିରି ଥାନାରେ କାର୍ଯ୍ୟରତ ଜଣେ ମହିଳା ପୋଲିସ ଅଫିସର କରୋନାରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି। ସୂଚନା ଅନୁଯାୟୀ, ଗତ ୯ ତାରିଖରେ ସାତପଡା ଫାଣ୍ଡି ଅଞ୍ଚଳର ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ବ୍ରହ୍ମଗିରି ଥାନାରୁ ୧୧ତାରିଖରେ କୋର୍ଟ ଚାଲାଣ କରାଯାଇଥିଲା। ଏହି ସମୟରେ ଉକ୍ତ ଅଭିଯୁକ୍ତଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ଲାଗି ପଠାଯାଇଥିଲା। ୧୩ ତାରିଖରେ ଅଭିଯୁକ୍ତଙ୍କ ରିପୋର୍ଟ ପଜିଟିଭ୍ ଆସିବା ପରେ ବ୍ରହ୍ମଗିରି ଥାନା ଓ ସାତପଡା ଫାଣ୍ଡିର ୧୪ଜଣ ପୋଲିସ କର୍ମଚାରୀ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିଥିଲେ। ପରେ ଏମାନଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିଲା। ବୁଧବାର ଉକ୍ତ ମହିଳା ପୋଲିସ ଅଫିସରଙ୍କ ରିପୋର୍ଟ ପଜିଟିଭ୍ ଆସିବା ପରେ ଚିକିତ୍ସା ପାଇଁ ତାଙ୍କୁ କୋଭିଡ୍ ହସ୍ପିଟାଲକୁ ପଠାଇଦିଆଯାଇଛି। ଏ ସମ୍ପର୍କରେ ପୁରୀ ଏସ୍‌ପି ଉମାଶଙ୍କର ଦାଶ କୁହନ୍ତି, ସମ୍ପୃକ୍ତ ମହିଳା ପୋଲିସ ଅଫିସରଙ୍କ କଣ୍ଟାକ୍ଟ ଟ୍ରେସିଂ କରାଯିବ।

**WESCO** ସମ୍ବଲପୁର ବିଦ୍ୟୁତ୍ ଖଣ୍ଡ
କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
(WESCO UTILITY)
**ସତର୍କ ସୂଚନା**
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓ.ପି.ଟି.ସି.ଏଲ୍. କଟାପାଲି, ବୁର୍ଲା ୨୨୦/୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନରୁ ଜ୍ୟୋତିବିହାର, ବୁର୍ଲା ୩୩/୧୧ କେଭି ଓ୍ୱେସ୍କୋ ସବ୍‌ଷ୍ଟେସନ ପର୍ଯ୍ୟନ୍ତ ନବନିର୍ମିତ ୩୩ କେଭି ଲାଇନ୍ ତା. ୧୯.୦୬.୨୦୨୦ (ଶୁକ୍ରବାର) ଦିନଠାରୁ ଯେ କୌଣସି ସମୟରେ କାର୍ଯ୍ୟକ୍ଷମ (ଚାର୍ଜ) ହୋଇପାରେ । ଏଣୁ ଏହି ଲାଇନ ଆଖପାଖରେ ଥିବା ସମସ୍ତ ଘର, ଖେଳ ପଡିଆ ଏବଂ ଗୃହ ପାଳିତ ପଶୁମାନଙ୍କର ସୁରକ୍ଷା ଏବଂ ନିରାପତ୍ତାକୁ ବଜାୟ ରଖିବା ପାଇଁ ବିନମ୍ର ଅନୁରୋଧ ।
ସ୍ୱା/- ନିର୍ବାହୀଯନ୍ତ୍ରୀ, ସମ୍ବଲପୁର ବିଦ୍ୟୁତ୍ ଖଣ୍ଡ

INSTITUTE OF ENTREPRENEURSHIP DEVELOPMENT, ODISHA
An Institute of
MSME Department, Govt. of Odisha
**NOTICE INVITING TENDER**
The Institute of Entrepreneurship Development, Odisha (IEDO) Sector-A, Zone-A, Mancheswar Industrial Estate, Bhubaneswar -751010 invites Tender in a sealed cover from reputed Vendor / Agencies for "Startup Evaluation and Ranking / Rating" work under Startup Odisha Initiatives.

| Date of Commencement of Tender | Last Date & Time of Submission of Tender | Date & Time for Opening of Tender |
|---|---|---|
| 19.06.2020 | 24.07.2020 at 5 PM | To be declared |

Cost of Tender Paper : ₹ 5000/- (Rupees five thousand only) Plus GST @18%

A complete set of the Bid documents containing the details of the Terms and conditions may be downloaded from the website: www.iedodisha.nic.in and www.startupodisha.gov.in and the same can be submitted along with cost of tender paper in shape of Bank Draft. Any corrigendum addendum information related to this NIT will only be uploaded in IEDO and Startup website which will not be published in Newspapers. The authority reserves the right to accept / reject any part or all the bids without assigning any reason thereof. The authority has the right to increase/decrease/cancel the scope of work without assigning any reason thereof.
Sd/-
Chief Executive Officer, IEDO,
Startup Odisha, Bhubaneswar

## ସାକ୍ଷୀଗୋପାଳ ଠାକୁରଙ୍କ ଫଟୋ ଭାଇରାଲ

**ମନ୍ଦିର ପ୍ରଶାସନ ପକ୍ଷରୁ ଥାନାରେ ଅଭିଯୋଗ**

ସାକ୍ଷୀଗୋପାଳ,୧୮।୬(ଡି.ଏନ୍.ଏ.)

ପୁରୀ ଜିଲା ସାକ୍ଷୀଗୋପାଳରେ ଅବସ୍ଥିତ ଠାକୁର ଶ୍ରୀ ସାକ୍ଷୀଗୋପାଳ ଓ ଶ୍ରୀରାଧାଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଶ୍ରୀକ୍ଷେତ୍ର ଇତିହାସ ନାମକ ଏକ ଫେସବୁକ୍ ସାଇଟ୍‌ରେ ଗତ ୧୫ ତାରିଖରେ ମନ୍ଦିର ଗର୍ଭଗୃହ, ରତ୍ନ ସିଂହାସନ ସହିତ ଠାକୁରଙ୍କ ଫଟୋ ପ୍ରକାଶ ପାଇଥିବା ଦେଖାଯାଇଛି। ଏହି ଅଭାବନୀୟ ଘଟଣାକୁ ନେଇ ସେବାୟତଙ୍କ ଠାରୁ ପ୍ରଶାସନ ଓ ସ୍ଥାନୀୟ ଶ୍ରଦ୍ଧାଳୁଙ୍କ ମଧ୍ୟରେ ନାନା ପ୍ରତିକ୍ରିୟା ପ୍ରକାଶ ପାଇଛି। ସତ୍ୟବାଦୀ ଗୋପୀନାଥ ଦେବ ମନ୍ଦିର ପ୍ରଶାସନ ପକ୍ଷରୁ ବୁଧବାର ସତ୍ୟବାଦୀ ଥାନାରେ ଅଭିଯୋଗ କରାଯାଇଛି ବୋଲି ମନ୍ଦିରର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ମିଶ୍ର ସୂଚନା ଦେଇଛନ୍ତି। ପରମ୍ପରା ଓ ସୁରକ୍ଷା ଦୃଷ୍ଟିରୁ ସାକ୍ଷୀଗୋପାଳ ମନ୍ଦିର ଭିତରେ ଫଟୋ ଉଠାଇବାକୁ ବାରଣ କରାଯାଇଛି। ଏଥିପାଇଁ ସିଂହଦ୍ୱାରରେ ଏକ ସୂଚନା ଫଳକ ରଖାଯାଇଛି। ସିଂହଦ୍ୱାର, ଗର୍ଭଗୃହ ଓ ବେଢ଼ା ମଧ୍ୟରେ ମନ୍ଦିର ପ୍ରଶାସନ ପକ୍ଷରୁ କର୍ମଚାରୀ ଉପସ୍ଥିତ ରହିଥିବା ବେଳେ ଏମାନଙ୍କ ଦୃଷ୍ଟି ଆଢୁଆଳରେ ମନ୍ଦିର ଭିତରକୁ କ୍ୟାମେରା କିମ୍ବା ସ୍ମାର୍ଟଫୋନ୍ ନେଇ କେହି ଫଟୋ ଉଠାଇ ଭାଇରାଲ କରିଥିବା କୁହାଯାଉଥିଲେ ମଧ୍ୟ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇ ନାହିଁ। ସେବାୟତ ସଂଘ କର୍ମକର୍ତ୍ତା ଶ୍ୟାମ ସୁନ୍ଦର ମହାପାତ୍ର ଘଟଣାର ଦୃଢ଼ ନିନ୍ଦା କରିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। କରୋନା କଟକଣା ପାଇଁ ମନ୍ଦିର ଭିତରକୁ ଭକ୍ତମାନଙ୍କ ପ୍ରବେଶ ବାରଣ ରହିବା ସହ ସିସିଟିଭି କ୍ୟାମେରା ଲଗାଯାଇଛି। ସବୁ ଦିଗରୁ ତଦନ୍ତ କରାଯାଇ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବିନୋଦ ସ୍ୱାଇଁ କହିଛନ୍ତି।

## ୧୪ ରେଳ ଷ୍ଟେଶନକୁ ମିଳିଲା ଆଇଏସ୍‌ଓ ମାନ୍ୟତା

**ଉନ୍ନତ ସେବା, ପରିବେଶ ଉପଯୋଗୀ କାର୍ଯ୍ୟକ୍ରମ ନିମନ୍ତେ ମିଳିଲା**

ଭୁବନେଶ୍ୱର,୧୮।୬(ବ୍ୟୁରୋ)

ପରିବେଶ ଅନୁକୂଳ କାର୍ଯ୍ୟକଳାପ ଏବଂ ଉନ୍ନତ ସେବା ଲାଗି ପୂର୍ବତଟ ରେଳପଥର ୧୪ଟି ରେଳ ଷ୍ଟେଶନକୁ ଆଇଏସ୍‌ଓ ୧୪୦୦୧:୨୦୧୫ ପ୍ରମାଣପତ୍ର ମିଳିଛି। ସ୍ୱଚ୍ଛ ଏବଂ ସବୁଜ ପରିବେଶ ମଧ୍ୟରେ ଯାତ୍ରୀଙ୍କୁ ସେବା ଓ ସୁବିଧା ଯୋଗାଇ ଦେଉଥିବା ଷ୍ଟେଶନଗୁଡିକୁ ଏହି ପ୍ରମାଣପତ୍ର ମିଳିଛି। ଯାତ୍ରୀମାନଙ୍କ ନିମନ୍ତେ ଏହି ଷ୍ଟେଶନରେ ଉତ୍କୃଷ୍ଟ ଶ୍ରେଣୀର ଭିଆଇପି ଲାଉଞ୍ଜ, ପ୍ରତୀକ୍ଷା କକ୍ଷ, ଏସି ଓ ନନ୍-ଏସି ବିଶ୍ରାମ କକ୍ଷ ଓ ଡର୍ମିଟୋରୀ, ରିଫ୍ରେସିଙ୍ଗ୍ ଅଞ୍ଚଳ, ସ୍ୱାସ୍ଥ୍ୟକର ଖାଦ୍ୟ ସୁବିଧା ଓ ଉନ୍ନତ ପରିଷ୍କାର ପରିଚ୍ଛନ୍ନତାର ସୁବିଧା ସହ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା ଉପଲବ୍ଧ ରହିଛି। ଏହାବ୍ୟତୀତ ବର୍ଜ୍ୟବସ୍ତୁ ପୃଥକୀକରଣ ଏବଂ ଅପସାରଣ ସହିତ ବର୍ଜ୍ୟବସ୍ତୁ ପରିଚାଳନାକୁ ଆଇଏସ୍‌ଓ ଅଡିଟ୍‌ରେ ଅନ୍ତର୍ଭୁକ୍ତ କରାଯାଇଛି। ପୂର୍ବରୁ ଗତ ଜାନୁୟାରୀ ୩୦ରେ ଖୋର୍ଦ୍ଧାରୋଡ ମଣ୍ଡଳର ଭୁବନେଶ୍ୱର ଓ କଟକ ରେଳ ଷ୍ଟେଶନ ଏବଂ ଫେବୃୟାରୀ ୧୨ରେ ପୁରୀ ଷ୍ଟେଶନକୁ ଆଇଏସ୍‌ଓ ମାନ୍ୟତା ମିଳିଥିଲା ଅନ୍ୟପକ୍ଷରେ ଜୁନ୍ ୧୦ରେ ସମ୍ବଲପୁର ମଣ୍ଡଳର ୪ଟି ଷ୍ଟେଶନ ତଥା ସମ୍ବଲପୁର, ବଲାଙ୍ଗୀର, ଟିଟିଲାଗଡ଼ ଓ କେସିଙ୍ଗା ଷ୍ଟେଶନକୁ ଆଇଏସ୍‌ଓ ପ୍ରମାଣପତ୍ର ମିଳିଥିବା ବେଳେ ୱାଲ୍‌ଟିୟର ମଣ୍ଡଳର ୭ଟି ଷ୍ଟେଶନକୁ ଏହି ପ୍ରମାଣପତ୍ର ମିଳିଛି। ବିଶାଖାପାଟଣା, ବିଜୟନଗରମ୍, ଶ୍ରୀକାକୁଲମ୍, ଜଗଦଲପୁର, ଆରାକୁ, ସିହ୍ମାଚଳମ୍ ଏବଂ ରାୟଗଡ଼ା ଷ୍ଟେଶନକୁ ଆଇଏସ୍‌ଓ ମିଳିଛି। ପୂର୍ବରୁ ମଞ୍ଚେଶ୍ୱରସ୍ଥିତ ରେଳ ଡବା ମରାମତି କାରଖାନା, ଅନୁଗୋଳ ଏବଂ ବିଶାଖାପାଟଣାସ୍ଥିତ ଇଲେକ୍ଟ୍ରିକ୍ ଲୋକୋ ସେଡ୍ ଏବଂ ବିଶାଖାପାଟଣାସ୍ଥିତ ଡିଜେଲ୍ ଲୋକୋ ସେଡ୍ ଭଳି ଉତ୍ପାଦନ ୟୁନିଟ୍‌କୁ ଆଇଏସ୍‌ଓ ୧୪୦୦୧:୨୦୧୫ ପ୍ରମାଣପତ୍ର ଦିଆଯାଇଛି। ନ୍ୟାଶନାଲ୍ ଗ୍ରୀନ୍ ଟ୍ରିବ୍ୟୁନାଲ୍ (ଏନ୍‌ଜିଟି)ର ନିର୍ଦ୍ଦେଶାନୁଯାୟୀ ପୂର୍ବତଟ ରେଳପଥ ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ନୂଆଦିଲ୍ଲୀସ୍ଥିତ ଏକ କନ୍‌ସଲ୍‌ଟାନ୍ସି ଫାର୍ମକୁ ବିଭିନ୍ନ ଷ୍ଟେଶନରେ ଥିବା ବ୍ୟବସ୍ଥାର ଅଡିଟ୍ କରିବା ପାଇଁ ଠିକା ପ୍ରଦାନ କରିଥିଲା।

**CLASSIFIED DISPLAY**
MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|---|
| | 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

INDIA NETWORK
ଗୋଲ୍ଡ ମେଟାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାଓ୍ୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 20 ଲକ୍ଷ advance 35,000/- rent, 2 ଜଣଙ୍କୁ ଚାକିରି ସହିତ 20,000/- ଦରମା
www.indiatelecome.in
7599145935
8280122168

GLOBAL FINANCE LIMITED
(Reg. No. KA08FGD557S113)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୮୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848538

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
DHANLAXMI BANK LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
73765-91521
73106-44620
B-34/7 A Block Vijay Enclave, Bururi, New Delhi

NEEM SEEDS required on urgent basis for Manufacturing.
ନିମ ମଞ୍ଜି ଅତିଶୀଘ୍ର ଦରକାର।
At: DHENKANAL
Contact No.:
9178545391,
9439468968,
9668855308.

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ତହସିଲ କାର୍ଯ୍ୟାଳୟ, ବିଜେପୁର, ଜି. ବରଗଡ଼**
ବିଜ୍ଞାପନ ସଂଖ୍ୟା 1339 ତା16.06.2020
**(ଲଘୁ ଖଣିଜ ଉତ୍ସର ଦୀର୍ଘମିଆଦୀ ଲିଜ୍ ନିମନ୍ତେ ଇସ୍ତାହାର)**
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ବିଜେପୁର ତହସିଲ ଅନ୍ତର୍ଗତ ଲଘୁ ଖଣିଜ ଉତ୍ସଗୁଡିକୁ (OMMC Rules-2016) ମୁତାବକ ଦୀର୍ଘମିଆଦୀ ଲିଜ୍ ସୂତ୍ରରେ ଆସନ୍ତା ୫(ପାଞ୍ଚ) ବର୍ଷ ନିମନ୍ତେ ନିଲାମ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି । ଇଚ୍ଛୁକ ବ୍ୟକ୍ତିବିଶେଷ OMMC Rules-2016ରେ ପ୍ରଦତ୍ତ (Form-M)ରେ ୩(ତିନି) କପି ଆବେଦନପତ୍ର ସହ ଆବଶ୍ୟକୀୟ କାଗଜାତର ନକଲ ସଂଲଗ୍ନ କରି ସିଲ୍ ଲଫାପା ଉପରେ ସୈରାତ ଉତ୍ସର ନାମ ଉଲ୍ଲେଖକରି ତହସିଲଦାର, ବିଜେପୁର କାର୍ଯ୍ୟାଳୟ ଠିକଣାରେ କେବଳ Speed Post / Regn. Post ମାଧ୍ୟମରେ ପ୍ରେରଣ କରିବେ ଯାହାକି ତା09.07.2020 ସୁଦ୍ଧା ତହସିଲଦାରଙ୍କ କାର୍ଯ୍ୟାଳୟରେ ପ୍ରାପ୍ତ ହେବା ଆବଶ୍ୟକ। ତା10.07.2020ରିଖ ଦିବା 11.00 ସମୟରେ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତଗୁଡିକ ତନଖି କରାଯାଇ ସର୍ବୋଚ୍ଚ ଅତିରିକ୍ତ ଦେୟ ଉଲ୍ଲେଖ କରିଥିବା ଭିତ୍ତିରେ ଯୋଗ୍ୟ ଲିଜ୍‌ଧାରୀ ଚୟନ କରାଯିବ। ଧାର୍ଯ୍ୟ ସମୟ ପରେ ପ୍ରାପ୍ତ ଓ ଅସମ୍ପୂର୍ଣ୍ଣ ଦରଖାସ୍ତଗୁଡିକ ବାତିଲ କରାଯିବ । ଯେଉଁ ଉତ୍ସଗୁଡିକର ନିର୍ଦ୍ଧାରିତ ତାରିଖରେ ଆବେଦନ ପତ୍ର ମିଳି ନ ଥିବ କିମ୍ବା ଲିଜ୍ ଚୂଡାନ୍ତ ହୋଇ ନ ଥିବ ସେହି ଉତ୍ସଗୁଡିକ ପାଇଁ ଦ୍ୱିତୀୟ ଓ ତୃତୀୟ ଥର ପାଇଁ ଯଥାକ୍ରମେ ତା20.07.2020ରିଖ ଓ ତା30.07.2020ରିଖ ମଧ୍ୟାହ୍ନ 12.00 ଘଟିକା ପର୍ଯ୍ୟନ୍ତ ଆବେଦନ ଗ୍ରହଣ କରାଯିବ ଏବଂ ଉକ୍ତ ଦିନ ଅପରାହ୍ନ 3.30 ଘଟିକା ସମୟରେ ପୂର୍ବମତେ ଦରଖାସ୍ତଗୁଡିକୁ ତନଖି କରାଯିବ। ଏହାର ସବିଶେଷ ବିବରଣୀ ଜିଲ୍ଲା Website (www.bargarh.nic.in)ରେ ଉପଲବ୍ଧ। ଏତଦ୍‌ବ୍ୟତୀତ ସୈରାତ ଉତ୍ସଗୁଡିକର ବିଶଦ ବିବରଣୀ ତହସିଲ କାର୍ଯ୍ୟାଳୟରେ ଯେ କୌଣସି କାର୍ଯ୍ୟଦିବସରେ ମଧ୍ୟ ଦେଖିପାରିବେ ।
ସ୍ୱା./- ତହସିଲଦାର, ବିଜେପୁର

"ଯଦି ତୁମେ ସତକୁ ସତ କିଛି ଭଲ କାମ କରିବାକୁ ଚାହଁ- ତା' ହେଲେ ସବୁଠାରୁ ବଡ଼ କାମ ହେବ- ଯଦି ତୁମେ ତୁମ ଚରିତ୍ରରେ ନିଷ୍ଠାପର ଭାବେ ଛୋଟ ଛୋଟ ବିଜୟଗୁଡ଼ିଏ ହାସଲ କରିପାରିବ। ତୁମ ଚରିତ୍ରରେ ଗୋଟିକ ପରେ ଗୋଟିଏ ବିଜୟ ଲାଭ କରିବା ଦ୍ୱାରା ହିଁ ତୁମେ ପୃଥିବୀର ସବୁଠାରୁ ବଡ଼ ଉପକାର କରିପାରିବ।
-ଶ୍ରୀମା

# ତେଲ ଶହେ ଛୁଇଁବ କି

ତେଲ ମୂଲ୍ୟ ବଢ଼ାଇବା ପାଇଁ ବିପଣନ କମ୍ପାନୀଗୁଡିକ (ଓଏମ୍‌ସି) ଅତ୍ୟନ୍ତ ବ୍ୟସ୍ତ ଥିବା ପରି ମନେ ହେଉଛି। ସେମାନେ କ୍ରମାଗତ ୧୨ ଦିନ ଧରି ତୈଳ ମୂଲ୍ୟ ବୃଦ୍ଧି କରିଛନ୍ତି। ଏହି ୧୨ ଦିନରେ ପେଟ୍ରୋଲ ମୂଲ୍ୟରେ ଟ୬.୫୫ ଏବଂ ଡିଜେଲ ମୂଲ୍ୟରେ ଟ୭.୦୪ ମୋଟ ବୃଦ୍ଧି ଘଟିଛି। ତୈଳର ଖୁଚୁରା ମୂଲ୍ୟ ବର୍ତ୍ତମାନ ବର୍ଷକ ଭିତରେ ସବୁଠୁ ଅଧିକ ରହିଛି। ଓଏମ୍‌ସିଗୁଡିକ ଯେତେ ଶୀଘ୍ର ସମ୍ଭବ ସେମାନଙ୍କର ହରେଇଥିବା ରାଜସ୍ୱ ଭରଣା କରିବାକୁ ଚାହୁଁଛନ୍ତି। କରୋନା ଭୂତାଣୁଜନିତ ଲକ୍‌ଡାଉନ୍ ଯୋଗୁ ୮୨ ଦିନର ବିରତି ପରେ ଜୁନ୍ ୭ ତାରିଖରୁ ତୈଳ ବିପଣନ କମ୍ପାନୀଗୁଡ଼ିକ ଦୈନିକ ତୈଳ ମୂଲ୍ୟରେ ସଂଶୋଧନ ଆରମ୍ଭ କରିଛନ୍ତି। ମାର୍ଚ୍ଚ ମଧ୍ୟଭାଗରେ ଅତିରିକ୍ତ ରାଜସ୍ୱ ଆଦାୟ ପାଇଁ ସରକାର ପେଟ୍ରୋଲ ଓ ଡିଜେଲ ଉପରେ ଏକ୍ସାଇଜ୍ ଡ୍ୟୁଟି ବୃଦ୍ଧି କରିବା ପରେ ପରେ ଦୈନିକ ଦର ପରିବର୍ତ୍ତନକୁ ବନ୍ଦ କରିଦେଇଥିଲେ। ଯଦିଚ ଓଏମ୍‌ସିଗୁଡିକ ଗ୍ରାହକଙ୍କ ଉପରେ ଏହି ଟିକସ ବୋଝ ତୁରନ୍ତ ଲଦିଦେଇ ନ ଥିଲେ, ସେମାନେ ବର୍ତ୍ତମାନ ପ୍ରତିଶୋଧ ନେଲା ଭଳି ଏହା କରୁଛନ୍ତି। ସବୁଠାରୁ ଖରାପ କଥା ହେଉଛି, ମୂଲ୍ୟ ବୃଦ୍ଧି ଏମିତି ସମୟରେ ଘଟୁଛି ଯେତେବେଳେ ଅଶୋଧିତ ତୈଳର ଅନ୍ତର୍ଜାତୀୟ ମୂଲ୍ୟ ବହୁ ବର୍ଷର ନିମ୍ନକୁ ଚାଲିଆସିଛି। ଗତ ଏପ୍ରିଲ ମାସରେ ଅଶୋଧିତ ତୈଳ ମୂଲ୍ୟ ଅସମ୍ଭବ ଭାବେ କମିଥିଲା ଏବଂ ତା' ପରେ ବି ମୂଲ୍ୟ ଊଣା-ଅଧିକେ କମ୍ ହିଁ ରହିଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପିଛା ୪୦ ଡଲାରରୁ ତଳକୁ ଖସିଛି। ପେଟ୍ରୋଲ ଓ ଡିଜେଲର ମୂଲ୍ୟ ବର୍ତ୍ତମାନ ଯେତିକି ଅଛି ତାହା ୨୦୧୮ ଶେଷ ଆଡ଼କୁ ସେତିକି ଥିଲା, ଯେତେବେଳେ ଅଶୋଧିତ ତୈଳ ମୂଲ୍ୟ ରେକର୍ଡ ଉଚ୍ଚରେ ଥିଲା।

ତୈଳ ମୂଲ୍ୟକୁ ନିୟନ୍ତ୍ରଣମୁକ୍ତ କରିବା ପଛରେ ଏକ ଅଦ୍ଭୁତ ଯୁକ୍ତି ଅଛି। ଏହା ଲୋକବିରୋଧୀ ଭାବେ କାର୍ଯ୍ୟ କରେ। ଯେତେବେଳେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ମୂଲ୍ୟ ବୃଦ୍ଧି ପାଏ, ସେତେବେଳେ ଏହି ବୃଦ୍ଧିର ବୋଝ ଗ୍ରାହକଙ୍କ ଉପରେ ଲଦି ଦିଆଯାଏ। କିନ୍ତୁ ଯେତେବେଳେ ଅଶୋଧିତ ତୈଳର ମୂଲ୍ୟ ହ୍ରାସ ପାଏ, ସେତେବେଳେ ସରକାର ତଦନୁଯାୟୀ ଟ୍ୟାକ୍ସ ବୃଦ୍ଧି କରି ଗ୍ରାହକଙ୍କୁ ତା'ର ଲାଭ ଦିଅନ୍ତି ନାହିଁ। ଗ୍ରାହକ ଉଭୟ ସମୟରେ କ୍ଷତିଗ୍ରସ୍ତ ହେଉଛନ୍ତି। ବିଶ୍ୱ ଅଶୋଧିତ ତୈଳ ବଜାର ପୁନର୍ବାର ତା'ର ସ୍ଥିତି ସୁଦୃଢ଼ କରିବାକୁ ଯାଉଥିବା ବେଳେ ଏବଂ ଅନଲକ୍-୧ କାର୍ଯ୍ୟକାରୀ ହେବାବେଳେ ତୈଳ ରିଟେଲରମାନେ ଗ୍ରାହକଙ୍କ ଉପରେ ଉକ୍ତ ବର୍ଦ୍ଧିତ ଟିକସ ଭାର ଲଦିବାକୁ ଆରମ୍ଭ କରିଦେଇଛନ୍ତି। ତେବେ ତୈଳ ମୂଲ୍ୟରେ କ୍ରମାଗତ ବୃଦ୍ଧି ସାଧାରଣ ଲୋକଙ୍କ ଦୁର୍ଦ୍ଦଶାକୁ ବଢ଼ାଉଛି, ଯେତେବେଳେ କି କରୋନା ଭୂତାଣୁ ସଂକ୍ରମଣ ଯୋଗୁ ସେମାନେ ଅଭୂତପୂର୍ବ ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି। ବହୁ ଲୋକ ଚାକିରି ହରାଇଛନ୍ତି। ସମସ୍ତଙ୍କର ଆୟ ବହୁତ ହ୍ରାସ ପାଇଛି। ଅଧିକାଂଶ ସହରାଞ୍ଚଳର ଲୋକ ହତାଶ ହୋଇପଡ଼ିଛନ୍ତି। ଏଭଳି ଘଡ଼ିସନ୍ଧି ସମୟରେ ସରକାର ବିପଣନ କମ୍ପାନୀଗୁଡ଼ିକୁ ତୈଳଦର ବଢ଼ାଇବା ପାଇଁ ସ୍ୱାଧୀନତା ଦେଇଦେବା ନିନ୍ଦନୀୟ। ଓଏମ୍‌ସିଗୁଡିକ ଟିକସ ବୃଦ୍ଧି ସତ୍ତ୍ୱେ ଖୁଚୁରା ତୈଳ ଦର ବୃଦ୍ଧି ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଥିଲେ କାରଣ ସେତେବେଳେ ପ୍ରାୟତଃ ସବୁ ଅର୍ଥନୈତିକ କାର୍ଯ୍ୟକଳାପ ବନ୍ଦ ଥିଲା। ସାରା ଦେଶରେ ଲକ୍‌ଡାଉନ୍ ସମୟରେ ତୈଳ ବ୍ୟବହାର ତିନି ଚତୁର୍ଥାଂଶରୁ ଅଧିକ ହ୍ରାସ ପାଇଥିଲା। ତେବେ କିଛି ସପ୍ତାହ ଲକ୍‌ଡାଉନ କୋହଳ କରିଦିଆଯିବା ପରେ ଲୋକମାନେ ବାହାରକୁ ଆସିବାକୁ ଆରମ୍ଭ କଲେ। ସେତେବେଳେ ଓଏମ୍‌ସିଗୁଡ଼ିକ ତୈଳଦର ବୃଦ୍ଧି କରି ଗ୍ରାହକଙ୍କ ଉପରେ ଟିକସ ବୋଝ ଲଦିବାକୁ ଆରମ୍ଭ କଲେ। ଉଲ୍ଲେଖନୀୟ ଯେ, ଅଶୋଧିତ ତୈଳ ମୂଲ୍ୟ କମ୍ ଥିବାବେଳେ ଗ୍ରାହକମାନେ ସେଥିରୁ ସାମାନ୍ୟତମ ଉପକୃତ ହେଲେ ନାହିଁ। କ୍ରମାଗତ ବାରଥର ସିଧାସଳଖ ବୃଦ୍ଧି ତୈଳ ମୂଲ୍ୟକୁ ସେପ୍ଟେମ୍ବର ୨୦୧୮ର ରେକର୍ଡ ସ୍ତରକୁ ନେଇଯାଇଛି। ଯଦି ଏହିପରି ଚାଲେ, ତେବେ ତୈଳ ମୂଲ୍ୟ ତିନି ଅଙ୍କ ବିଶିଷ୍ଟ ଜୋନ୍‌ରେ (୧୦୦ ଟଙ୍କାରେ) ପହଞ୍ଚିବା ପାଇଁ ବେଶି ଦିନ ଲାଗିବ ନାହିଁ। ଓଏମ୍‌ସିଗୁଡ଼ିକ ଲକ୍‌ଡାଉନ୍ ସମୟରେ ହରାଇଥିବା ରାଜସ୍ୱ ଭରଣା କରିବା ପାଇଁ ବଦ୍ଧପରିକର ଥିବା ବେଳେ ନିଅଣ୍ଟିଆ ରାଜସ୍ୱକୁ ନେଇ ସରକାର ଗ୍ରାହକମାନଙ୍କୁ ରିଲିଫ୍ ଯୋଗାଇବା ସମ୍ଭବପର ନୁହେଁ। ତୈଳ ବିପଣନ କମ୍ପାନୀଗୁଡ଼ିକ ଏମିତି ମୂଲ୍ୟ ବଢ଼ାଇ ଚାଲିବେ। କିଛିବର୍ଷ ତଳେ ତେଲ ଲିଟର ପିଛା ୧୦୦ ଟଙ୍କା ହେବା ବହୁ ଦୂରର କଥା ବୋଲି ମନେହେଉଥିଲା। କିନ୍ତୁ ବର୍ତ୍ତମାନର ଧାରା ଏବଂ ସରକାରଙ୍କ ମନୋଭାବକୁ ଦେଖିଲେ ପେଟ୍ରୋଲ ଓ ଡିଜେଲ ମୂଲ୍ୟ ଖୁବ୍‌ଶୀଘ୍ର ୧୦୦ ଛୁଇଁବା ଅସମ୍ଭବ ନୁହେଁ।

### ଆଜିର ଅର୍ଥନୀତି

# ମହାମାରୀ ଓ ସୂର୍ଯ୍ୟୋପରାଗ



ଦୋଲଗୋବିନ୍ଦ ପଣ୍ଡା

ସୂର୍ଯ୍ୟୋପରାଗ ଓ ଚନ୍ଦ୍ରଗ୍ରହଣ ହେଲେ ତା' ପ୍ରଭାବରେ ପୃଥିବୀରେ ମହାମାରୀ, ଯୁଦ୍ଧ ବିଭୀଷିକା, ପ୍ରାକୃତିକ ବିପର୍ଯ୍ୟୟ ଆଦି ଘଟିଥାଏ ବୋଲି ଜ୍ୟୋତିଷୀମାନେ ଜ୍ୟୋତିଷଶାସ୍ତ୍ରର ସିଦ୍ଧାନ୍ତ ଅନୁଯାୟୀ କହିଥାନ୍ତି। କିନ୍ତୁ ବର୍ତ୍ତମାନ ଜଣେ ବୈଜ୍ଞାନିକ କହିଛନ୍ତି ଯେ, ୨୦୧୯ ଡିସେମ୍ବର ୨୬ରେ ସଂଘଟିତ ସୂର୍ଯ୍ୟୋପରାଗ ଯୋଗୁ ସୌରଜଗତର ଗ୍ରହଗୁଡ଼ିକ ମଧ୍ୟରେ ଆକର୍ଷଣ-ମହାକର୍ଷଣ ଶକ୍ତିରେ ପରିବର୍ତ୍ତନ ଫଳରେ କରୋନା ଭୂତାଣୁ ସୃଷ୍ଟି ହୋଇଛି ଏବଂ ବର୍ତ୍ତମାନ ୨୦୨୦ ଜୁନ୍ ୨୧ରେ ହେବାକୁ ଥିବା ସୂର୍ଯ୍ୟୋପରାଗ ଯୋଗୁ କରୋନା ଭୂତାଣୁ ନଷ୍ଟ ହୋଇଯିବ। ସୂର୍ଯ୍ୟୋପରାଗ ସମୟରେ ନ୍ୟୁଟ୍ରନଗୁଡ଼ିକ ଦ୍ରୁତଗତିରେ ବିଭାଜିତ ହୋଇଥାଏ। ସେଥିରୁ ଉତ୍ପନ୍ନ ତେଜସ୍କ୍ରିୟ ଶକ୍ତିରେ କରୋନା ଭୂତାଣୁର ସଂରଚନା ନଷ୍ଟ ହୋଇଯିବ ବୋଲି ସେ କହିଛନ୍ତି। ଏହି ବୈଜ୍ଞାନିକ ଜଣକ ହେଉଛନ୍ତି ଚେନ୍ନାଇର ନ୍ୟୁକ୍ଲିୟର ଆଣ୍ଡ୍ ଆର୍ଥ ବିଜ୍ଞାନୀ ଡ. କେ.ଏଲ୍. ସୁନ୍ଦରକ୍ରିଷ୍ଣା। ସେ ଯେଉଁ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ପୋଷଣ କରିଛନ୍ତି ଏବଂ ଯେଉଁ ଯୁକ୍ତି ଉପସ୍ଥାପନ କରିଛନ୍ତି ତାହା ବୁଝିବା ଆମ ଜ୍ଞାନର ପରିସର ବାହାରେ। ତାହା କେତେଦୂର ଠିକ୍ ସମୟକ୍ରମେ ଜଣାପଡ଼ିବ। କିନ୍ତୁ ସୂର୍ଯ୍ୟୋପରାଗ, ଚନ୍ଦ୍ରଗ୍ରହଣ, ଗ୍ରହଚଳନ, ଗ୍ରହଯୁତି (ଗ୍ରହକୂଟ) ଆଦି ଯୋଗୁ ପୃଥିବୀ ଉପରେ କି ପ୍ରଭାବ ପଡ଼ିବ, ତାହା ଆମେ ଜ୍ୟୋତିଷଶାସ୍ତ୍ର ଅନୁଯାୟୀ ସଂକ୍ଷେପରେ ଆଲୋଚନା କରିବା।

୨୦୧୯ ଜୁଲାଇ ୨ରେ ଗୋଟିଏ ସମ୍ପୂର୍ଣ୍ଣ ସୂର୍ଯ୍ୟୋପରାଗ ସଂଘଟିତ ହୋଇଥିଲା (ଭାରତକୁ ଅଦୃଶ୍ୟ), ଯାହା ଦକ୍ଷିଣ ଆମେରିକା, ଦକ୍ଷିଣ କେନ୍ଦ୍ରୀୟ ଆମେରିକା ଓ ଦକ୍ଷିଣ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଦୃଶ୍ୟ ହୋଇଥିଲା। ଏହାଛଡ଼ା ୨୦୧୯ ଜୁଲାଇ ୧୬ ମଙ୍ଗଳବାର କେତୁଗ୍ରସ୍ତ ଖଣ୍ଡଗ୍ରାସ ଚନ୍ଦ୍ରଗ୍ରହଣ ଏବଂ ଡିସେମ୍ବର ୨୬ ଗୁରୁବାର କଙ୍କଣଗ୍ରାସ ସୂର୍ଯ୍ୟୋପରାଗ ସଂଘଟିତ ହୋଇଥିଲା (ଭାରତକୁ ଦୃଶ୍ୟ)। ୨୦୨୦ ଜୁନ ୫ ତାରିଖ ଶୁକ୍ରବାର ଜ୍ୟେଷ୍ଠ ପୂର୍ଣ୍ଣିମାରେ ଚନ୍ଦ୍ରଗ୍ରହଣ (ଉପଚ୍ଛାୟାଜନିତ) ଘଟିଯାଇଛି। ତା'ପରେ ତା୫।୭।୨୦ ରବିବାର ଆଷାଢ଼ ପୂର୍ଣ୍ଣିମା ଏବଂ ତା୩୦।୧୧।୨୦ ସୋମବାର କାର୍ତ୍ତିକ ପୂର୍ଣ୍ଣିମାର ଚନ୍ଦ୍ରଗ୍ରହଣ ଦିନବେଳା ଘଟୁଥିବାରୁ ଓ ଉପଚ୍ଛାୟାଜନିତ ହେତୁ ପାଳନୀୟ ନୁହେଁ। ତା୧୪।୧୨।୨୦ ସୋମବାର ମାର୍ଗଶିର ଅମାବାସ୍ୟାର ବଳୟ ଓ ପୂର୍ଣ୍ଣଗ୍ରାସ ସୂର୍ଯ୍ୟୋପରାଗ ମଧ୍ୟ ରାତ୍ରିବେଳା ହେତୁ ପାଳନୀୟ ନୁହେଁ।

ତା୨୧।୦୬।୨୦୨୦ରିଖ ରବିବାର ଆଷାଢ଼ ଅମାବାସ୍ୟାରେ ରାହୁଗ୍ରସ୍ତ ବଳୟଗ୍ରାସ (ଓଡ଼ିଶାକୁ ଖଣ୍ଡଗ୍ରାସ) ଚୂଡ଼ାମଣି ସୂର୍ଯ୍ୟୋପରାଗ ସଂଘଟିତ ହେବ ଯାହା ଉତ୍ତର ଅଷ୍ଟ୍ରେଲିଆ, ଦକ୍ଷିଣ ଓ ପୂର୍ବ ୟୁରୋପ, ଭାରତ ତଥା ଏସିଆର ଅଧିକାଂଶ ଭାଗ, ଆଫ୍ରିକାର ଅଧିକାଂଶ ଭାଗ, ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ଓ ଭାରତ ମହାସାଗରୀୟ ଅଞ୍ଚଳରେ ଦୃଶ୍ୟମାନ ହେବ। (ଏହା ଓଡ଼ିଶା ତଥା ଭାରତର ସର୍ବତ୍ର ଦୃଶ୍ୟ ହେଉଥିବାରୁ ପାଳନୀୟ। ସାମନ୍ତ ଚନ୍ଦ୍ରଶେଖର ପଞ୍ଜିକା ଅନୁସାରେ ପୁରୀକୁ ଭାରତୀୟ ସମୟ ଅନୁସାରେ ଗ୍ରହଣ ସ୍ପର୍ଶ: ଦିବା ଘ୧୦।୩୮।୧୦, ଗ୍ରହଣ ମଧ୍ୟ: ଦିବା ୧୨।୨୫।୫୯, ସର୍ବମୋକ୍ଷ: ଦିବା ୦୨।୦୯।୩୦, ଗ୍ରାସମାନ: ୦.୬୪, ଗ୍ରାସ ଅବଧି: ଘ୩।୩୧।୧୯.୬। ଉପରାଗ ସ୍ପର୍ଶର ୧୨ ଘଣ୍ଟା ପୂର୍ବରୁ ଅର୍ଥାତ୍ ଶନିବାର ରାତ୍ରି ୧୦।୩୮।୧୦ରୁ ପାକତ୍ୟାଗ ଓ ଦେବନୀତି ନିଷେଧ। ବାଳକ, ବୃଦ୍ଧ, ରୋଗୀ ଓ ଆତୁର ବ୍ୟକ୍ତିମାନଙ୍କ ପକ୍ଷେ ନିୟମ ଲଂଘନୀୟ। ସର୍ବମୋକ୍ଷ ପରେ ସ୍ନାନପୂର୍ବକ ଦେବନୀତି ଓ ଅନ୍ନଭୋଜନ କରାଯାଇପାରିବ।)

ଜୁନ୍ ୨୬ର ଏହି ସୂର୍ଯ୍ୟୋପରାଗ ପରେ କୋଭିଡ୍-୧୯ ଭୂତାଣୁ ନଷ୍ଟ ହୋଇଯିବ ବୋଲି ବୈଜ୍ଞାନିକ ସୁନ୍ଦରକ୍ରିଷ୍ଣା ଯେଉଁ ପୂର୍ବାନୁମାନ କରିଛନ୍ତି, ସେଥିରେ ଆମେ ସମ୍ପୂର୍ଣ୍ଣ ଏକମତ ହୋଇପାରୁ ନାହୁଁ। କାରଣ ସୂର୍ଯ୍ୟ ହେଉଛନ୍ତି ସକଳ ଶକ୍ତିର ଆଧାର। ସୂର୍ଯ୍ୟଙ୍କର କଲ୍ୟାଣକାରୀ ରଶ୍ମି ପୃଥିବୀପୃଷ୍ଠରେ ପଡ଼ି ଜୀବଜଗତର ସୃଷ୍ଟି ଓ ପାଳନରେ ସହାୟକ ହୋଇଥାଏ। ଯେତେବେଳେ ମେଘ ଢାଙ୍କିବା କାରଣରୁ କିଛି ଘଣ୍ଟା ପାଇଁ ପୃଥିବୀର କିଛି ଅଞ୍ଚଳ କ୍ଷୀଣ ସୂର୍ଯ୍ୟାଲୋକ ପାଏ, ସେତେବେଳେ ରୋଗଜୀବାଣୁ, ପୋକଜୋକ, କୀଟପତଙ୍ଗ ଆଦି ବଂଶବୃଦ୍ଧି କରନ୍ତି। ସେହିପରି ପୃଥିବୀ-ଚନ୍ଦ୍ର-ସୂର୍ଯ୍ୟ କୌଣସି ଅମାବାସ୍ୟାରେ ଏକ ସରଳରେଖାରେ ରହିବା ଯୋଗୁ ଉପରାଗ ସଂଘଟିତ ହେଲେ (ଆଂଶିକ ହେଉ ବା ସମ୍ପୂର୍ଣ୍ଣ ବା ବଳୟଗ୍ରାସ) ସୂର୍ଯ୍ୟଙ୍କର ଅନେକ ଉପକାରୀ ରଶ୍ମିରୁ ପୃଥିବୀର ଉପରାଗ ଦୃଶ୍ୟ ହେଉଥିବା ଅଞ୍ଚଳ ବଞ୍ଚିତ ହୁଏ। ଅପରପକ୍ଷେ ଆଂଶିକ ବା ବଳୟଗ୍ରାସ ଉପରାଗ କ୍ଷେତ୍ରରେ ଉପକାରୀ ରଶ୍ମି ବଦଳରେ ଆଲ୍‌ଫା, ଗାମା, ଅଲ୍‌ଟ୍ରାଭାଓଲେଟ୍, ଇନ୍‌ଫ୍ରାରେଡ୍ ପ୍ରଭୃତି କ୍ଷତିକାରକ ରଶ୍ମି ଅଧିକ ପରିମାଣରେ ପୃଥିବୀପୃଷ୍ଠକୁ ଆସେ। ଏହାଫଳରେ ଜୀବାଣୁ, ଭୂତାଣୁ ଓ କୀଟପତଙ୍ଗାଦି ବୃଦ୍ଧି ପାଇବା ଅସମ୍ଭବ ନୁହେଁ। ତେଣୁ ଜୁନ୍ ୨୬ର ଉପରାଗ ପରେ କରୋନା ସଂକ୍ରମଣ ହ୍ରାସ ନ ପାଇ ବରଂ ବୃଦ୍ଧି ପାଇପାରେ। ସୂର୍ଯ୍ୟଙ୍କର କେତେ ଅଂଶ କେତେ ସମୟ ପାଇଁ ଗ୍ରସ୍ତ ହୋଇଛି ସେହି ଅନୁସାରେ ତା'ର ପ୍ରଭାବ ଦୁଇ-ତିନି ମାସ ବା ଅଧିକ ଯାଏ ବଳବତ୍ତର ରହେ। ବର୍ତ୍ତମାନ ଗ୍ରାସ ଅବଧି ଘ୩।୩୧।୧୯.୬ ହୋଇଥିବାରୁ ପ୍ରାୟ ସାଢ଼େ ତିନିମାସ ପର୍ଯ୍ୟନ୍ତ ଏହାର ପ୍ରଭାବ ରହିବ କିନ୍ତୁ ତାହା କ୍ରମହ୍ରାସମାନ ହେବ। ଅନ୍ୟାନ୍ୟ ଗ୍ରହଚଳନ ଓ ସ୍ଥିତିକୁ ବିଚାରକୁ ନେଲେ ସେପ୍ଟେମ୍ବର ମଧ୍ୟଭାଗ ପରେ ସ୍ଥିତିରେ ସୁଧାର ଆସିବ।

ଅଦୃଶ୍ୟ ଓ ଉପଚ୍ଛାୟାଜନିତ ଗ୍ରହଣକୁ ମଧ୍ୟ ବିଚାରକୁ ନେଲେ ଗୋଟିଏ ମାସ ଭିତରେ ତିନୋଟି ଗ୍ରହଣ ପଡୁଛି (ଜୁନ ୫, ଜୁନ୍ ୨୧ ଓ ଜୁଲାଇ ୫) ଏବଂ ଗୋଟିଏ ସୌରମାସ (ମିଥୁନ ମାସ) ଭିତରେ ଦୁଇଟି ଗ୍ରହଣ ପଡୁଛି (ଜୁନ୍ ୨୧ ଓ ଜୁଲାଇ ୫)। ଶାସ୍ତ୍ର ଅନୁସାରେ: ''ଏକରାଶୌ ସ୍ଥିତେ ସୂର୍ଯ୍ୟେ ଯଦି ସ୍ୟାତ୍ ଗ୍ରହଣଦ୍ୱୟମ୍। ତଥା ଯୁଦ୍ଧେ ବିବାଦେ ଚ ପୃଥିବୀ ରକ୍ତସଂକୁଳା।।'' ଅର୍ଥାତ୍ ଗୋଟିଏ ରାଶିରେ ସୂର୍ଯ୍ୟ ଥିବାବେଳେ ଦୁଇଟି ଗ୍ରହଣ ପଡ଼ିଲେ ଦେଶ ଦେଶ ଭିତରେ ବିବାଦ, ଯୁଦ୍ଧ ଓ ରକ୍ତପାତ ହୋଇପାରେ। ବର୍ତ୍ତମାନ ଚାଇନା ଓ ଭାରତ ମଧ୍ୟରେ ଯେପରି ମୁହାଁମୁହିଁ ଓ ଯୁଦ୍ଧଭଳି ପରିସ୍ଥିତି ସୃଷ୍ଟି ହୋଇଛି, ତାହା ସମସ୍ତେ ଜାଣନ୍ତି। ମହାଭାରତ ଯୁଦ୍ଧ ସମୟରେ ଏପରି ଘଟିଥିଲା। ମହାଭାରତ ଯୁଦ୍ଧରେ ଅର୍ଜୁନଙ୍କ ଦ୍ୱାରା ଜୟଦ୍ରଥଙ୍କ ବଧ ଯେଉଁଦିନ ହେଲା ସେଦିନ ଏକ ପୂର୍ଣ୍ଣଗ୍ରାସ ସୂର୍ଯ୍ୟୋପରାଗ ସଂଘଟିତ ହୋଇଥିବାର ଜ୍ୟୋତିଷିକ ପ୍ରମାଣ ମିଳେ। କିନ୍ତୁ ଏହାକୁ ସୂର୍ଯ୍ୟୋପରାଗ ନ କହି ଶ୍ରୀକୃଷ୍ଣ ଚକ୍ରରେ ସୂର୍ଯ୍ୟଙ୍କୁ ଢାଙ୍କିଦେଇଥିଲେ ବୋଲି ପୁରାଣରେ କୁହାଯାଇଛି। ମହାଭାରତ ଯୁଦ୍ଧ ସମୟରେ ସପ୍ତଗ୍ରହ କୂଟ ମଧ୍ୟ ସୃଷ୍ଟି ହୋଇଥିଲା।

୨୦୧୯ ଡିସେମ୍ବର ଏବଂ ୨୦୨୦ ଜାନୁୟାରୀରେ ଧନୁ ରାଶିରେ ପଞ୍ଚଗ୍ରହ ଓ ଷଡ଼ଗ୍ରହକୂଟ ସୃଷ୍ଟି ହୋଇଥିଲା। ଏପରି ଯୋଗ ପୃଥିବୀ, ଦେଶ ଓ ରାଜ୍ୟ ପାଇଁ ଅତ୍ୟନ୍ତ ହାନିକାରକ ଏବଂ ଏହାର ପ୍ରଭାବ ପ୍ରାୟ ୫/୬ ମାସ ପର୍ଯ୍ୟନ୍ତ ରହିପାରେ। ଶାସ୍ତ୍ରରେ ଅଛି:

ଏକତ୍ର ରାଶୌ ଯଦି ପଞ୍ଚଷଡ୍ ବା
ସପ୍ତଗ୍ରହାଃ ସମ୍ମିଳିତାଃ ଭବନ୍ତି।
ରାଷ୍ଟ୍ରସ୍ୟ ଭଙ୍ଗୋ ନୃପତେର୍ବିନାଶ-
ସ୍ତଦ୍ରାଶିଜାନାଂ ମରଣଂ ଧ୍ରୁବଂ ସ୍ୟାତ୍।।
ନୃପତିର୍ମ୍ରିୟତେ ତତ୍ର ନଗରୋତ୍ସାଦନଂ ଭବେତ୍।
ଦୁର୍ଭିକ୍ଷ-ଶସ୍ତ୍ରସଂଘାତ-ମାରକାଣି ଭବନ୍ତି ଚ।।
ଭୂକମ୍ପଃ ସୋଽପି ଜଗତାମଶୁଭାୟ ଭବେତ୍ତଦା।
ଉତ୍ପାତସ୍ତ୍ରିବିଧା ଲୋକେ ଦିବ୍ୟଭୌମାନ୍ତରୀକ୍ଷଜା।।

ଅର୍ଥାତ୍ ପାଞ୍ଚ, ଛଅ ବା ସପ୍ତଗ୍ରହକୂଟ ହେଲେ ରାଷ୍ଟ୍ରଭଙ୍ଗ, ରାଜାଙ୍କ ବିନାଶ, ସେହି ରାଶିରେ (ଯେଉଁ ରାଶିରେ ଗ୍ରହକୂଟ ହୋଇଛି) ଜନ୍ମିତ ବ୍ୟକ୍ତିର ମୃତ୍ୟୁ, ଦୁର୍ଭିକ୍ଷ, ଶସ୍ତ୍ରସଂଘାତ (ଆତଙ୍କବାଦୀ ଆକ୍ରମଣ) ଏବଂ ଦିବ୍ୟ (ସୂର୍ଯ୍ୟଙ୍କ ତାପଜନିତ), ଭୌମ (ଭୂକମ୍ପ, ଅଗ୍ନି ଉଦ୍‌ଗିରଣ ଜନିତ) ଓ ଅନ୍ତରୀକ୍ଷଜ (ଉଲ୍‌କା, ଧୂମକେତୁ ଆଦି ଜିନତ) ତ୍ରିବିଧ ଉତ୍ପାତ ସଂଘଟିତ ହୁଏ। ୨୦୧୯ରୁ ବର୍ତ୍ତମାନ ପର୍ଯ୍ୟନ୍ତ ବାତ୍ୟା, ବନ୍ୟା, ଭୂକମ୍ପ, ସୀମାନ୍ତ ବିବାଦ, ଆତଙ୍କବାଦୀ ଆକ୍ରମଣଠାରୁ ଆରମ୍ଭ କରି କରୋନା ଓ ପଙ୍ଗପାଳ ଆକ୍ରମଣ ପର୍ଯ୍ୟନ୍ତ ଯେତେସବୁ ବିପର୍ଯ୍ୟୟ ଘଟିଛି, ତାହାର ତାଲିକା ଦେବା ନିଷ୍ପ୍ରୟୋଜନ।

ସ୍ୱାଧୀନ ଭାରତର ଜାତକରେ ବୃଷଲଗ୍ନକୁ ଧନଭାବ ହେଉଛି ମିଥୁନ। ଗତ ୨୦୧୯ ମାର୍ଚ୍ଚ ୨୩ ତାରିଖରେ ମିଥୁନ ରାଶିକୁ ରାହୁ ଚଳନ ପରେ ଦେଶରେ ଆର୍ଥିକ ମାନ୍ଦାବସ୍ଥା ପୂର୍ବାପେକ୍ଷା ବୃଦ୍ଧି ପାଇଥିଲା। ବର୍ତ୍ତମାନ କରୋନା ଯୋଗୁ ତାହା ରସାତଳଗାମୀ ହୋଇଛି। କିଛିମାସ ଗତେ କରୋନାର ପ୍ରଭାବ ହ୍ରାସ ପାଇବା ପରେ ଅର୍ଥନୀତି ଧୀରେ ଧୀରେ ସୁଧୁରିବାକୁ ଆରମ୍ଭ କରିବ। କିନ୍ତୁ ଏହା ଆରମ୍ଭ ହେବ ୨୦୨୦ ସେପ୍ଟେମ୍ବର ୧୯ ତାରିଖରେ ରାହୁ ମିଥୁନ ରାଶିରୁ ବୃଷରାଶିକୁ ଚଳିବା ପରେ। ସେତେଦିନ ପର୍ଯ୍ୟନ୍ତ ଆମକୁ ଧୈର୍ଯ୍ୟ ଧରି ସମ୍ଭାଳିବାକୁ ପଡ଼ିବ। ଦାନ, ଯଜ୍ଞ, ହୋମ ଓ ଜପ ହିଁ ଏସବୁ ବିପର୍ଯ୍ୟୟର ପ୍ରତିକାର ବୋଲି ଶାସ୍ତ୍ରରେ କୁହାଯାଇଛି।

ଗଣକ, ସାମନ୍ତ ଚନ୍ଦ୍ରଶେଖର ପଞ୍ଜିକା, ଭୁବନେଶ୍ୱର,
ମୋ-୭୦୦୮୯୬୦୫୦୨,
dolagovinda@gmail.com

# ଜୈବବିବିଧତା ଓ କରୋନା



ପ୍ରକାଶ ତ୍ରିପାଠୀ

ଯାହା ଆଶଙ୍କା କରାଯାଉଥିଲା ତାହା ହିଁ ହେଲା। ଭାରତ ଭଳି ଜନବହୁଳ ଦେଶରେ କରୋନାକୁ ନିୟନ୍ତ୍ରଣରେ ରଖିବା ଆଉ ସମ୍ଭବ ହୋଇପାରୁନାହିଁ। ବିଶେଷକରି ପ୍ରବାସୀମାନଙ୍କ ସ୍ଥାନାନ୍ତର ପରେ ଆକ୍ରାନ୍ତଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇଛି। ବିଗତ ଚାରିମାସର ଅଭିଜ୍ଞତାରୁ ଯାହା ଜଣାପଡେ, ଏହା ଯେଉଁ ମାତ୍ରାରେ ସଂକ୍ରମିତ ହୁଏ ସେହି ମାତ୍ରାରେ ମୃତ୍ୟୁର କାରଣ ହୋଇ ନ ଥାଏ। ସର୍ବାଧିକ ଶତକଡ଼ା ୪ ଭାଗ ଭିତରେ ମୃତ୍ୟୁ ସଂଖ୍ୟା ସୀମିତ ରହୁଥିବାରୁ ମଣିଷ ଶରୀରରେ ଏହା ସ୍ୱତଃ ପ୍ରତିରୋଧକ ଶକ୍ତି ସୃଷ୍ଟି କରିପାରୁଛି। ବିଶେଷକରି ପୁରୁଣା ରୋଗ ଯେପରି କି ମଧୁମେହ, ଉଚ୍ଚ ରକ୍ତଚାପ, ବୃକ୍କ ରୋଗ, ଯକୃତ ରୋଗ ତଥା ଶ୍ୱାସ ରୋଗ ଥିବା ବୟସ୍କ ବ୍ୟକ୍ତିମାନଙ୍କ କ୍ଷେତ୍ରରେ ଏହା ଘାତକ ସାବ୍ୟସ୍ତ ହେଉଥିବାରୁ ଏମାନଙ୍କ ପାଇଁ ଅଧିକ ସତର୍କତା ଅବଲମ୍ବନର ଆବଶ୍ୟକତା ପଡୁଛି।

କରୋନା ଭୂତାଣୁ କିପରି ସୃଷ୍ଟି ହେଲା ଓ କିପରି ବିଶ୍ୱବ୍ୟାପୀ ସଂକ୍ରମିତ ହେଲା ସେ ନେଇ ଜୀବବିଜ୍ଞାନୀମାନେ ନୂଆ ନୂଆ ତଥ୍ୟ ପ୍ରକାଶ କରିଚାଲିଛନ୍ତି। ଜୈବବିବିଧତା ଉପରେ ମଣିଷର ଅତ୍ୟଧିକ ଚାପ ଯୋଗୁ କୋଭିଡ୍-୧୯ର ଜନ୍ମ ବୋଲି ଇତିମଧ୍ୟରେ ଅନେକ ରୋଗ ବିଶେଷଜ୍ଞ ମତ ରଖିଛନ୍ତି। ଭୂମି, ମଧୁରଜଳ ଓ ସମୁଦ୍ର ଜଳରେ ଥିବା ପ୍ରାଣୀ ଓ ଉଦ୍ଭିଦର ଜୈବବିବିଧତା ଉପରେ ପରିବେଶ ପ୍ରଦୂଷଣର ପ୍ରଭାବ ଯୋଗୁ ଅନେକ ପ୍ରାଣୀ ଓ ଉଦ୍ଭିଦ ବିଲୁପ୍ତ ହେବା ସହ ଅନେକ ପ୍ରଜାତି ଏବେ ବିଲୁପ୍ତିର ଦ୍ୱାରଦେଶରେ। ୨୫ ପ୍ରତିଶତ ସ୍ତନ୍ୟପାୟୀ, ୪୧ ପ୍ରତିଶତ ଉଭୟଚର ଓ ୧୩ ପ୍ରତିଶତ ପକ୍ଷୀ ବିଲୁପ୍ତିପଥେ ଅଗ୍ରସର ହେଉଛନ୍ତି। ପୃଥିବୀ ଉପରେ ଜୀବନକୁ ସୁରକ୍ଷିତ ରଖିବାର ଦାୟିତ୍ୱ ତୁଲାଉଥିବା ଜୈବବିବିଧତା ବୃହତ୍‌କାୟ ଉଦ୍ଭିଦ ଓ ପ୍ରାଣୀଠାରୁ ଆରମ୍ଭ କରି ସୂକ୍ଷ୍ମାତିସୂକ୍ଷ୍ମ ଜୀବାଣୁର ଭୂମିକାକୁ ଗୁରୁତ୍ୱପୂର୍ଣ୍ଣ ଭାବେ ଗ୍ରହଣ କରେ। ସେମାନଙ୍କ ମଧ୍ୟରେ ଥିବା ଖାଦ୍ୟଶୃଙ୍ଖଳର ଗୋଟିଏ ଅଂଶ ଖଣ୍ଡିତ ବା ବିଭାଜିତ ହେଲେ ବି ସମ୍ପୂର୍ଣ୍ଣ ସନ୍ତୁଳନ ବାଧାପ୍ରାପ୍ତ ହୁଏ। ସେହି ଦୃଷ୍ଟିରୁ ବିଚାର କଲେ କୋଭିଡ୍-୧୯ ବି ଜୈବବିବିଧତା ଉପରେ ଆସୁଥିବା ବିଶ୍ୱର ଏକ ଅଂଶବିଶେଷ। ଏହା ସ୍ୱୀକାର କରିବାକୁ ପଡ଼ିବ ଯେ, ଘନଜଙ୍ଗଲ ଭିତରେ ରହୁଥିବା ଅନେକ ପ୍ରଜାତିର ପଶୁ ଓ ପକ୍ଷୀ ଅନେକ ଭୟଙ୍କର ରୋଗ ଜୀବାଣୁର ବାହକ ହୋଇଥାନ୍ତି। ଆଫ୍ରିକୀୟ ଜଙ୍ଗଲରେ ରହୁଥିବା ପଶୁଙ୍କଠାରୁ ଇବୋଲା ଭାଇରସ ସଂକ୍ରମଣ ଏହାର ପ୍ରମାଣ। ଯେତେବେଳେ ମଣିଷ ଏହି ଜଙ୍ଗଲି ପଶୁ-ପକ୍ଷୀଙ୍କ ମାଂସକୁ ଆହାର ଭାବେ ଗ୍ରହଣ କରେ, ସେତେବେଳେ ଏହି ଭୟଙ୍କର ଭୂତାଣୁ ସହଜରେ ବଣୁଆ ପଶୁଠାରୁ ମଣିଷ ସମାଜ ଭିତରକୁ ପ୍ରବେଶ କରିଆସେ। ସାର୍ସ ଭାଇରସ ବି ବନ୍ୟଜନ୍ତୁଙ୍କଠାରୁ ମଣିଷ ମଧ୍ୟକୁ ଆସିଥିଲା। ମଣିଷଠାରେ ଦେଖାଯାଉଥିବା ସମୁଦାୟ ସଂକ୍ରାମକ ରୋଗ ମଧ୍ୟରୁ ପ୍ରାୟ ୭୫ ଭାଗ ରୋଗ ପଶୁଜନ୍ତୁଙ୍କଠାରୁ ମଣିଷକୁ ସଂକ୍ରମିତ ହୋଇଥାଏ। ଆମେରିକାନ୍ ସୋସାଇଟି ଫର ମାଇକ୍ରୋ ବାୟୋଲୋଜି ଦ୍ୱାରା ୨୦୦୭ରେ ପ୍ରକାଶିତ ଏକ ତଥ୍ୟରୁ ଜଣାପଡେ ଯେ, ବାଦୁଡ଼ି ଶରୀରରେ ସାର୍ସ ଓ କୋଭିଡ୍ ଭଳି ଭୟଙ୍କର ଭୂତାଣୁ ରହିଛି ଓ ମଣିଷର ଏହି ବନ୍ୟଜନ୍ତୁଙ୍କୁ ଖାଇବା ଆଗ୍ରହ ହିଁ ମଣିଷ ସମାଜ ପାଇଁ ଘାତକ ପ୍ରମାଣିତ ହେଉଛି। ବନାଞ୍ଚଳର ହ୍ରାସ ମଣିଷକୁ ବନ୍ୟଜନ୍ତୁଙ୍କ ନିକଟତର କରିବାରେ ଲାଗିଛି। ଏହାସହ ବନ୍ୟ ପଶୁ ଓ ପକ୍ଷୀଙ୍କ ମାଂସର ଆମଦାନି ଓ ରପ୍ତାନି ଅନେକ ଭୟଙ୍କର ରୋଗ ସମ୍ପ୍ରସାରଣର କାରଣ ହେଉଛି। ସାଉଥ୍ ଚାଇନା ଏଗ୍ରିକଲ୍‌ଚରାଲ ୟୁନିଭର୍ସିଟିର କଲେଜ ଅଫ୍ ଭେଟେରିନାରୀ ମେଡିସିନ୍‌ର କିଛି ବିଶେଷଜ୍ଞଙ୍କ ମତ ହେଲା ଯେ, କୋଭିଡ୍-୧୯ର ସୃଷ୍ଟି ବନ୍ୟପ୍ରାଣୀ ବାଦୁଡ଼ି ଓ ବଜ୍ରକାପ୍ତା ଶରୀରରେ ଥିବା କରୋନା ଭାଇରସର ପୁନର୍ମିଳନ ଯୋଗୁ ସମ୍ଭବ ହୋଇଛି। ବଜ୍ରକାପ୍ତା ଏକ ବିଲୁପ୍ତପ୍ରାୟ ଜୀବ ଓ ଏହାର ଶିକାର ଆଇନବିରୁଦ୍ଧ। ମାତ୍ର ଏହାର ମାଂସ ଓ କାତି ପାଇଁ ଏହାକୁ ଲୁଚାଚୋରାରେ ଶିକାର କରାଯାଉଛି। ସେହିପରି ଅନ୍ୟକିଛି ଜୀବବିଜ୍ଞାନୀ ମତ ଦିଅନ୍ତି ଯେ, ଆନୁବଂଶିକ ବିବିଧତା ଉପରେ ମଣିଷମାନଙ୍କର କିଛି ପରୀକ୍ଷା ନିରୀକ୍ଷା ଏହି କରୋନା ଭାଇରସ ସୃଷ୍ଟିର କାରଣ। ଘୁଷୁରି ଉପରେ କରାଯାଉଥିବା କିଛି ଏହିଭଳି ପରୀକ୍ଷାରୁ କରୋନା ଭୂତାଣୁ ସୃଷ୍ଟି ଓ ସଂକ୍ରମଣର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ୟୁରୋପ ଓ ଆମେରିକାରେ ଥିବା ପ୍ରାୟ ସମସ୍ତ ମାଂସ ଉତ୍ପାଦକ ସଂସ୍ଥାର ଶାଖା ଚାଇନାରେ ରହିଛି। ଚାଇନାର ଉହାନଠାରେ ବିଶ୍ୱର ବୃହତ୍ ମାଂସ ଉଦ୍ୟୋଗ ରହିଛି ଓ ଏହାର ସମ୍ପର୍କ ସମସ୍ତ ଅନ୍ତର୍ଜାତୀୟ ମାଂସ ଉତ୍ପାଦକ ସଂଘ ସହ ରହିଥିବାରୁ କରୋନା ସଂକ୍ରମଣ ବିଶ୍ୱରେ ବ୍ୟାପିବାକୁ ବେଶି ସମୟ ଲାଗି ନ ଥିଲା। ଯେପରି ଭାବେ ମେକ୍ସିକୋର ଘୁଷୁରି ମାଂସ ଶିଳ୍ପରୁ ସ୍ୱାଇନ ଫ୍ଲୁର ଉତ୍ପତ୍ତି ହୋଇଥିଲା, ସେହିପରି ଚାଇନାର ଉହାନସ୍ଥିତ ମାଂସ ବଜାରରୁ କୋଭିଡ୍ ସଂକ୍ରମଣ ଆରମ୍ଭ ହୋଇଛି।

ଜାତିସଂଘର ପରିବେଶ ବିଭାଗ ମୁଖପାତ୍ର ଇଙ୍ଗର ଆଣ୍ଡରଗନଙ୍କ ମତରେ ଆମେ ଯଦି ପ୍ରକୃତିକୁ ସୁରକ୍ଷା ନ ଦେଇପାରିବା ତେବେ ଆମେ ନିଜକୁ ସୁରକ୍ଷିତ ରଖିପାରିବା ନାହିଁ। ଜୈବବିବିଧତା, ଖାଦ୍ୟଶୃଙ୍ଖଳକୁ ଖଣ୍ଡିତ କରି ମଣିଷ ନିଜ ବିପଦକୁ ନିଜେ ଆମନ୍ତ୍ରିତ କରୁଛି। ପ୍ରକୃତି ସହ ଏପରି ଅବିଚାର ନିଆଁରେ ଖେଳିବା ସହ ସମାନ। ଯେତେବେଳେ ଖାଦ୍ୟ ଉତ୍ପାଦନ ବନ୍ୟ ଆବାସକୁ ଅଧିକୃତ କରେ, କବଳିତ କରେ, ସେତେବେଳେ ପଶୁଜନ୍ତୁଙ୍କଠାରୁ ରୋଗ ଜୀବାଣୁ ମଣିଷକୁ ସଂକ୍ରମିତ ହେବାର ସୁଯୋଗ ସୃଷ୍ଟିକରେ। ସ୍ପାନିଶ ଫ୍ଲୁ, ସ୍ୱାଇନ ଫ୍ଲୁ, ଏଭିଏନ୍‌ଫ୍ଲୁ, ହନ୍ତା ଭାଇରସ, ହେଣ୍ଡ୍ରା ଭାଇରସ, ମାରବର୍ଗ ଭାଇରସ, ଜିକା ଭାଇରସ ଏସବୁର ଜ୍ୱଳନ୍ତ ଉଦାହରଣ। କରୋନା ସଂକ୍ରମଣରୁ ଆଜିର ମଣିଷ ଶିକ୍ଷାଲାଭ କରିବାର ସୁଯୋଗ ପାଇଛି। ପ୍ରାକୃତିକ ଖାଦ୍ୟ ସନ୍ତୁଳନକୁ ବାଧା ପହଞ୍ଚାଇବା ଭଳି ପଦକ୍ଷେପ ତୁରନ୍ତ ବନ୍ଦ ହେବା ଉଚିତ। ଜୈବବିବିଧତାକୁ ଅକ୍ଷୁଣ୍ଣ ରଖାଯିବା ସହ ପ୍ରାକୃତିକ ସନ୍ତୁଳନକୁ ଗୁରୁତ୍ୱ ଦିଆଯାଉ। ନ ହେଲେ ଦୁର୍ଲଭ ପଶୁଜନ୍ତୁଙ୍କ ମାଂସ ଲାଳସା ପାଇଁ କୋଭିଡ୍-୧୯ ଭଳି ମାରାତ୍ମକ ବେମାରୀ କବ୍‌ଜାକୁ ଯେପରି ଆମେ ପୁଣି ଚାଲି ନ ଯାଉ।

ମୋ- ୯୪୩୭୨୩୨୪୬୩
prakas.tripathy09@gmail.com

## ଏଇ ଭାରତରେ

ଦିବ୍ୟାଙ୍ଗ ବି ଚାଷରେ ପାରଙ୍ଗମ ହୋଇପାରନ୍ତି ଯାହା ପ୍ରମାଣ କରିଛନ୍ତି କର୍ଣ୍ଣାଟକର ଜେ. ରାମକୃଷ୍ଣ। ମାଣ୍ଡ୍ୟ ଅଞ୍ଚଳର ରାମକୃଷ୍ଣଙ୍କୁ ୨ ବର୍ଷ ବୟସ ହୋଇଥିବାବେଳେ ସେ ପୋଲିଓ ଆକ୍ରାନ୍ତ ହୋଇଥିଲେ। ପରେ ଶିକ୍ଷା ଲାଭ କରି କର୍ଣ୍ଣାଟକ ପ୍ରାଥମିକ ଶିକ୍ଷା ବିଭାଗରେ ସେ ଚାକିରି କରିଥିଲେ। ଚାକିରି ଛାଡି ଛତୁଚାଷକୁ ଗ୍ରହଣ କରିବା ତାଙ୍କ ପାଇଁ ଏକ ଆହ୍ୱାନ ଥିଲା। ତେବେ ସେ ସବୁ ବାଧା ଟାଳି ଦେଇ ଛତୁଚାଷରୁ ପ୍ରଚୁର ଲାଭ କରିବା ସହ ବିଭିନ୍ନ ପୁରସ୍କାର ପାଇପାରିଛନ୍ତି। କେବଳ ଏତିକି ନୁହେଁ, ସେ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମସ୍‌ରୁମ ସାଇନ୍ସ ପ୍ରତିଷ୍ଠାନ ଗଢି ଛତୁ ଚାଷୀମାନଙ୍କୁ ଶିକ୍ଷା ଦେଉଛନ୍ତି। ଏଠାରେ ରାମକୃଷ୍ଣ ଶୁଖିଲା ଛତୁ ଗୁଣ୍ଡରୁ ପାମ୍ପଡ଼, ବିସ୍କୁଟ୍, ରସମ୍ ଗୁଣ୍ଡ ଆଦି ୨୦ଟି ଉତ୍ପାଦ ପ୍ରସ୍ତୁତ କରି ବିକ୍ରି କରୁଛନ୍ତି। ଏହା ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧିକରଣ ଓ ଶ୍ରମ ବିକାଶ ବିଭାଗ ଦ୍ୱାରା ସ୍ୱୀକୃତି ଲାଭ କରିଛି। ଏହି ପ୍ରତିଷ୍ଠାନରେ ଛତୁଚାଷ ଲାଗି କିଟ୍ ତିଆରି କରାଯାଇ ଚାଷୀମାନଙ୍କୁ ଯୋଗାଇ ଦିଆଯାଉଛି। ଏହାଦ୍ୱାରା ମାଣ୍ଡ୍ୟ, ତୁମାକୁରା, ମହୀଶୂର ଏବଂ ଅନ୍ୟ ଜିଲାରେ ୩୦୦ରୁ ଊର୍ଦ୍ଧ୍ୱ ଚାଷୀ ଏହି ସଂସ୍ଥା ଅଧୀନରେ ଚାଷ ଆରମ୍ଭ କରିଛନ୍ତି। ରାମକୃଷ୍ଣ ତାଙ୍କ ଗାଁ ତଥା ଆଖପାଖ ଗାଁରେ ବି ୩୦୦ ଚାଷୀଙ୍କୁ ଛତୁଚାଷ କରିବା ଲାଗି ସାହାଯ୍ୟ କରୁଛନ୍ତି। ଆସନ୍ତା କିଛି ବର୍ଷ ମଧ୍ୟରେ ଛତୁଚାଷ କୌଶଳକୁ ସେ ୫ ହଜାର ଚାଷୀଙ୍କ ନିକଟରେ ପହଞ୍ଚାଇବା ଲାଗି ଲକ୍ଷ୍ୟ ରଖିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୯ ଜୁନ୍ ୧୯୯୫

- ଏକ ମାନହାନି ମକଦ୍ଦମାରେ ବିଜୟଲାଭ କରି ବ୍ରିଟିଶ ଫୁଟବଲ ତାରକା ତଥା ଲିଭରପୁଲ୍ ଖେଳାଳି କ୍ଷତିପୂରଣ ବାବଦରେ ୭,୫୦,୦୦୦ ପାଉଣ୍ଡ ପାଇଛନ୍ତି।
- ଦେଶର ବିଭିନ୍ନ ମସ୍‌ଜିଦ୍‌ରେ ଥିବା ପ୍ରାୟ ୩ ଲକ୍ଷ ସ୍ୱଳ୍ପ ବେତନଭୋଗୀ ଇମାମଙ୍କ ଚାକିରିକୁ ନିୟମିତ କରାଯାଇ ସେମାନଙ୍କ ପାଇଁ ମାସିକିଆ ବେତନ ବ୍ୟବସ୍ଥା କରାଯିବାକୁ କେନ୍ଦ୍ର କଲ୍ୟାଣମନ୍ତ୍ରୀ ସୀତାରାମ କେଶରୀଙ୍କ ନେତୃତ୍ୱରେ ଏକ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ଗଠିତ ହୋଇଛି।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | | | 7 | 9 | | | | 1 | | | 2 | | | |
| 5 | | | | | A | | | | 4 | | | | 8 | 2 |
| 3 | | | | 1 | | C | A | | E | D | | | | |
| | | 0 | | | 5 | | | D | | 8 | | | | |
| | 2 | 8 | | | C | E | | | 9 | 0 | 1 | | | |
| | | 1 | 8 | | 2 | B | E | | | 9 | | | | |
| C | | | | | | | D | 6 | 5 | E | | 8 | | |
| | | | 6 | | | 5 | 7 | | | | 0 | C | | 9 |
| | | 2 | | 7 | | | 4 | | A | 1 | | | | E |
| A | 4 | | | | D | | 3 | C | | | | | 1 | |
| B | 7 | | | 3 | 9 | | | | 0 | 4 | | | | |
| | | | | 5 | | | | | | | 9 | | D | |
| | | | | | | | C | | 7 | B | 6 | | | |
| 2 | | A | | C | 7 | 4 | | | | | D | | | 0 |
| D | | | | B | 4 | | | | 1 | | | 2 | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | D | 2 | C | 3 | 8 | 6 | B | 4 | 1 | 0 | A | E | 7 | 5 |
| C | A | 7 | B | 1 | 4 | 5 | 0 | D | E | 6 | 3 | 8 | 2 | 9 |
| E | 1 | B | 6 | 2 | 7 | 8 | 3 | 9 | D | C | 5 | 0 | 4 | A |
| 4 | 5 | 6 | 0 | E | 9 | 1 | C | A | 7 | 2 | 8 | D | B | 3 |
| 8 | 3 | 0 | A | D | 5 | E | 2 | 7 | B | 4 | 9 | C | 6 | 1 |
| 2 | 0 | 4 | 8 | 6 | 1 | 9 | 5 | B | A | E | C | 7 | 3 | D |
| A | 8 | 3 | 4 | 5 | 0 | C | 7 | 2 | 6 | D | B | 1 | 9 | E |
| 7 | B | 5 | E | C | D | 4 | 8 | 1 | 9 | 3 | 0 | 2 | A | 6 |
| 6 | E | 1 | 7 | 9 | A | 0 | D | 3 | 4 | 8 | 2 | 5 | C | B |
| D | 9 | C | 2 | B | 3 | A | 6 | E | 5 | 7 | 1 | 4 | 8 | 0 |
| 0 | C | 9 | 5 | 8 | E | 7 | A | 6 | 2 | B | D | 3 | 1 | 4 |
| 5 | 7 | D | 9 | 0 | 6 | 2 | 1 | C | 3 | A | 4 | B | E | 8 |
| 1 | 2 | E | 3 | 7 | B | D | 4 | 5 | 8 | 9 | 6 | A | 0 | C |
| B | 4 | 8 | 1 | A | 2 | 3 | 9 | 0 | C | 5 | E | 6 | D | 7 |
| 3 | 6 | A | D | 4 | C | B | E | 8 | 0 | 1 | 7 | 9 | 5 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସାଧାରଣ ବଣ୍ଟନ ବ୍ୟବସ୍ଥାରେ ସ୍ୱଚ୍ଛତା ଆସୁ

ମହାଶୟ,

ସାଧାରଣ ବଣ୍ଟନ ବ୍ୟବସ୍ଥାରେ ନା ଅନିୟମିତତା ଅଭିଯୋଗ ହୋଇଛି। କେତେକ ଡିଲରଙ୍କୁ ସସପେଣ୍ଡ୍ କରାଯାଇଛି। ଯଦି ଯୋଗାଣ ବିଭାଗରେ ସ୍ୱଚ୍ଛତା ଆଣିବାକୁ ଚାହୁଁଛନ୍ତି, ତା'ହେଲେ ଖାଲି ବସ୍ତାର ଓଜନ କେତେ, ଜିନିଷ ସହିତ ବସ୍ତାର ଓଜନ କେତେ, ଖାଲି ଗାଡ଼ିର ଓଜନ କେତେ, ଜିନିଷ ସହିତ ଗାଡ଼ିର ଓଜନ କେତେ, କେତେ ବସ୍ତା ଗାଡ଼ିରେ ଲୋଡ୍ ହୋଇଛି- ଏସବୁ ତଥ୍ୟ ସାମଗ୍ରୀ ଯୋଗାଣ ଚାଲାଣରେ ଉଲ୍ଲେଖ କରାଯାଉ। ଗୋଦାମରୁ ଗାଡ଼ି ବାହାରି ଡିଲର ପଏଣ୍ଟରେ ପହଞ୍ଚିବା ପୂର୍ବରୁ ବାଟରେ ଯାଞ୍ଚ କରାଯାଇ ପ୍ରକାଶ କରାଯାଉ। ଫଳରେ ସମସ୍ତେ ଜାଣିପାରିବେ ପ୍ୟାକେଟ୍‌ରେ କେତେ ଜିନିଷ ଆସୁଛି।

ଶୋଭନ ରାଓ, ଶିମିଳିପଡ଼ା, ଅନୁଗୋଳ

### ସମୟୋଚିତ ପଦକ୍ଷେପ

ସାରା ବିଶ୍ୱ ମହାମାରୀ କରୋନା ଦ୍ୱାରା ପୀଡ଼ିତ। ଦୈନିକ ହଜାର ହଜାର ଆକ୍ରାନ୍ତ ହେବା ସହ ଅନେକେ ମୃତ୍ୟୁବରଣ କରୁଛନ୍ତି। ଗତ ମାର୍ଚ୍ଚ ୨୨ରୁ ଓଡ଼ିଶା ସରକାର କିଛି ଜିଲା, ସହରରେ ଏଥିପାଇଁ ଲକ୍‌ଡାଉନ୍ ଘୋଷଣା କଲେ (କେନ୍ଦ୍ର ସରକାରଙ୍କ ଲକ୍‌ଡାଉନ୍ ଘୋଷଣା ପୂର୍ବରୁ)। ଆମ ମୁଖ୍ୟମନ୍ତ୍ରୀଙ୍କ ସମୟୋଚିତ ପଦକ୍ଷେପ ଫଳରେ ଓଡ଼ିଶାରେ ଏହି ରୋଗରେ ମୃତକଙ୍କ ସଂଖ୍ୟା ସୀମିତ ରହିଛି। ଏଥିସହ ଅମ୍ଫନ ବାତ୍ୟା ଓଡ଼ିଶାରେ ଦାଉ ସାଧିଲା। ମାତ୍ର ଏହାର ଯଥେଷ୍ଟ ପୂର୍ବରୁ ପଦକ୍ଷେପ ନିଆଯିବା ଦ୍ୱାରା 'ଜିରୋ କାଜୁଆଲ୍‌ଟି'ରେ ଓଡ଼ିଶା ରହିଲା।

ମାନସ କୁମାର ଜେନା, ଏରେଇଁ, ଚରମ୍ପା, ଭଦ୍ରକ

## ଚିରନ୍ତନୀ

କିପାଁଇ ସ୍ୱେଦ ବିନ୍ଦୁ ଉଠଇ ଭାଲେ
ରକତ ଛଟା ନାହିଁ ଫୁଟଇ ଗାଲେ ?
କୋମଳ ବାହୁଲତା ଦେହରେ ଅବନତା
କୁସୁମ ଗନ୍ଧ ରାଶି ପବନ ଢାଳେ,
କିପାଁଇ ସ୍ୱେଦ ତବ ଉଠଇ ଭାଲେ ?
(ପ୍ରଭାତ ପ୍ରାସ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସୁନାନଦୀରେ ବୁଡି ଯୁବକ ମୃତ

ଯୋଡ଼ା,୧୮।୬(ଡି.ଏନ.ଏ.)–କେନ୍ଦୁଝର ଜିଲା ଯୋଡା ଥାନା ବିଲେଇପଦାଫାଣ୍ଡି ଅନ୍ତର୍ଗତ ସୁନା ନଦୀରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବିରିକଳା ଗ୍ରାମର ଯୁବକ ନିଶ୍ଚୁ ନାୟକ(୧୯)। ସେ ବୁଧବାର ଅପରାହ୍ଣରେ ସୁନାନଦୀକୁ ଗାଧୋଇବା ପାଇଁ ଯାଇଥିଲେ। ଗୋଡ ଖସିଯିବାରୁ ସେ ଗଭୀର ନଦୀ ଭିତରେ ବୁଡିଯାଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି ଏବଂ ବିଲେଇପଦା ଫାଣ୍ଡିରେ ଏକ ଅପମୃତ୍ୟୁ ମାମଲା (ନଂ.୨୦/୨୦୨୦) ରୁଜୁ କରିଛି।

**ସଂକ୍ଷେପରେ**

## ସରକାରଙ୍କ ପାଇଁ ରଥ ବନ୍ଦ: ବିରୋଧୀ

ଭୁବନେଶ୍ୱର,୧୮।୬(ବ୍ୟୁରୋ): ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ପରେ ଚଳିତବର୍ଷ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ବନ୍ଦ ରହିବା ସ୍ପଷ୍ଟ ହୋଇଛି। ଏହାକୁ ନେଇ ରାଜନୀତି ଜୋର୍ ଧରିଛି। ବିରୋଧୀ ଦଳର କେତେଜଣ ବରିଷ୍ଠ ନେତା ଏପରି ବ୍ୟତିକ୍ରମ ଲାଗି ରାଜ୍ୟ ସରକାରଙ୍କ ମୁଣ୍ଡରେ ଦୋଷ ଲଦିଛନ୍ତି। ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକ କହିଛନ୍ତି, ସୁପ୍ରିମକୋର୍ଟଙ୍କ ଉପରେ ମହାପ୍ରଭୁ ଜଗନ୍ନାଥ ଅଛନ୍ତି। ସିଏ ସବୁକିଛି ବିଚାର କରିବେ। ରଥଯାତ୍ରା ନ କରିବା ପାଇଁ ପୂର୍ବରୁ ରାଜ୍ୟ ସରକାରଙ୍କ ଯୋଜନା ଥିଲା। ଏ ନଇ ମୁକ୍ତିମଣ୍ଡପ ଓ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ସହ କଥା ହୋଇ ନିଷ୍ପତ୍ତି ନିଆଯାଇପାରିଥାନ୍ତା। ସୁପ୍ରିମକୋର୍ଟ ଯାଇ ମନା କରିବାର ଅର୍ଥ ଅନ୍ୟ ସହଯୋଗରେ ଅଠା ବୋଲିବା ସହିତ ସମାନ ବୋଲି ସେ କହିଛନ୍ତି। ସେହିପରି କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି କୁହନ୍ତି, ମହାପ୍ରଭୁଙ୍କ ରଥଯାତ୍ରା କରିବାକୁ ସରକାର ଭୟ କରୁଥିଲେ। ରଥଯାତ୍ରା ଆୟୋଜନ କରି ନ ଥିଲେ ଜଗନ୍ନାଥପ୍ରେମୀ ରାଜ୍ୟ ସରକାରଙ୍କୁ କ୍ଷମା ଦେଇ ନ ଥାଆନ୍ତେ। ତେଣୁ ସରକାର ବଡବଡ ଓକିଲ ଲଗାଇ ରାୟ ଆଣିଲେ। ଅନ୍ୟପଟେ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତିକୁ ସ୍ୱୀକାର କରିବାକୁ ପଡ଼ିବ ବୋଲି ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି। କରୋନା ମହାମାରୀ ପାଇଁ ଦେଶ ଏକ ଅଭାବନୀୟ ପରିସ୍ଥିତି ଦେଇ ଗତି କରୁଛି। ମନ ନ ମାନିଲେ ମଧ୍ୟ ଏଭଳି କଠୋର ନିଷ୍ପତ୍ତିକୁ ସ୍ୱୀକାର କରିବାକୁ ପଡ଼ିବ। ଏହା ବୋଧେ ଜଗନ୍ନାଥଙ୍କ ଇଚ୍ଛା ବୋଲି ସେ କହିଛନ୍ତି ।

# ଲଘୁଖଣିଜ ଚାଲାଣ ରୋକିବ ଟେକ୍ନୋଲୋଜି

- ଢେଙ୍କାନାଳ ପ୍ରଶାସନର ବ୍ଲୁପ୍ରିଣ୍ଟ
- ସାବାଡ ହେବେ ଚାଲାଣକାରୀ
- ଚେକ୍‌ପୋଷ୍ଟରେ ଜଗିବ ସିସିଟିଭି
- ଚଢ଼ାଉ ପାଇଁ ଟାସ୍କଫୋର୍ସ ଗଠିତ
- ଧରାପଡ଼ିଲେ କଡ଼ା କାର୍ଯ୍ୟାନୁଷ୍ଠାନ

ଢେଙ୍କାନାଳ ଅଫିସ, ୧୮।୬



ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

ଢେଙ୍କାନାଳ ଜିଲାରେ ବୃଦ୍ଧି ପାଉଥିବା ବାଲି, ପଥର ଭଳି ଲଘୁ ଖଣିଜ ଚୋରା ଚାଲାଣ ରୋକିବାକୁ ଟେକ୍ନୋଲୋଜିର ସହାୟତା ନେବ ପ୍ରଶାସନ। ଏଥିଲାଗି ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ଏପରି ବେଆଇନ କାର୍ଯ୍ୟ କରୁଥିବା ଅଭିଯୁକ୍ତଙ୍କୁ ସାବାଡ଼ କରିବାକୁ ଏଣିକି ପୋଲିସ ଚେକ୍‌ପୋଷ୍ଟରେ ସିସିଟିଭି କ୍ୟାମେରା ଖଞ୍ଜାଯିବ। ବେଆଇନ ପଥର ଏବଂ ବାଲି ଖାଦାନ ଉପରେ ଘନଘନ ଚଢ଼ାଉ କରାଯିବ। ଏଥିଲାଗି ଟାସ୍କଫୋର୍ସ ଗଠନ କରାଯାଇଛି। ସେହିପରି ଅଭିଯୋଗ ପ୍ରମାଣିତ ହେଲେ କିମ୍ବା ସାମଗ୍ରୀ ଚାଲାଣ ବେଳେ ଧରାପଡ଼ିଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି।

ଜିଲାର ପଥର ଏବଂ ବାଲି ମାଫିଆଙ୍କ ପ୍ରତି କଠୋର ହେବାକୁ ଗୁରୁବାର ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ଅଧ୍ୟକ୍ଷତା କରି କହିଲେ, ପ୍ରଶାସନର ଚଢ଼ାଉ ବେଳେ ଅଭିଯୁକ୍ତମାନେ ଆକ୍ରମଣ କରୁଥିବା ନଜରକୁ ଆସିଛି। ପୂର୍ବରୁ ଥାନାରେ ମାମଲା ରୁଜୁ କରାଯାଉଥିବାବେଳେ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଥିଲା। ତେଣୁ ଲଘୁ ଖଣିଜ ଚୋରାଚାଲାଣ ରୋକିବା ଲାଗି ଜିଲା, ଉପଖଣ୍ଡ ସମେତ ସମସ୍ତ ୮ ତହସିଲରେ ଟାସ୍କଫୋର୍ସ ଗଠନ କରାଯାଇଛି। ଏଣିକି ଅଭିଯୁକ୍ତ ଏବଂ ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଭଳି କିଛି ଘଟଣା ଘଟିଲେ କିମ୍ବା ମାମଲା ରୁଜୁ ହେଲେ ତୁରନ୍ତ ଜିଲାପାଳ ଓ ଏସ୍‌ପିଙ୍କ ନଜରକୁ ଅଣାଯିବ। ମାମଲାର କାର୍ଯ୍ୟକାରିତା ମଧ୍ୟ ଯାଞ୍ଚ ହେବ। ଚଢ଼ାଉରେ ସାମିଲ ହେଉଥିବା ପୋଲିସ ଏବଂ ପ୍ରଶାସନିକ ଅଧିକାରୀଙ୍କ ସୁରକ୍ଷା ପ୍ରତି ପଦକ୍ଷେପ ନିଆଯିବ। ଅତର୍କିତ ଭାବେ କରାଯାଉଥିବା ମିଳିତ ଚଢ଼ାଉରେ ଜିଲାପାଳ, ଏସ୍‌ପି, ଡିଏଫ୍‌ଓ, ପୋଲିସ ଏବଂ ରାଜସ୍ୱ ବିଭାଗର ଅଧିକାରୀ ସାମିଲ ହେବେ। ଢେଙ୍କାନାଳ–ଯାଜପୁର ସୀମାନ୍ତ ନିହଲପ୍ରସାଦସ୍ଥିତ ଚେକ୍‌ପୋଷ୍ଟରେ ସିସିଟିଭି କ୍ୟାମେରା ଲାଗିଛି। ହିନ୍ଦୋଳ ତହସିଲ ଅଞ୍ଚଳରେ ସିସିଟିଭି କ୍ୟାମେରା ଲଗାଯିବାକୁ ପଦକ୍ଷେପ ନିଆଯାଉଛି। ଏହାକୁ ବାଦ୍ ଦେଲେ ପଥର ଖାଦାନ, ବାଲିଘାଟ ଅଞ୍ଚଳରେ ଥିବା ପୋଲିସ ଚେକ୍‌ପୋଷ୍ଟରେ ସିସିଟିଭି କ୍ୟାମେରା ଖଞ୍ଜାଯିବା ସହ ପୋଲିସ ଫୋର୍ସ ମୁତୟନ ହେବେ। ପାଟ୍ରୋଲିଂ କଡ଼ାକଡ଼ି କରାଯିବ। ଲଘୁ ଖଣିଜ ଚାଲାଣ ବୃଦ୍ଧିକୁ ନେଇ ୬ଜଣ ତହସିଲଦାରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ସେମାନଙ୍କ ମଧ୍ୟରୁ କେତେଜଣ ଏହାର ଉତ୍ତର ରଖିଛନ୍ତି। ଅନ୍ୟମାନଙ୍କୁ ୭ଦିନ ମଧ୍ୟରେ ଉତ୍ତର ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଜିଲାପାଳ ସୂଚନା ଦେଇଛନ୍ତି। ପ୍ରଶାସନ ଏବଂ ପୋଲିସ ମଧ୍ୟରେ ସମନ୍ୱୟ ରକ୍ଷା କରି ଆଗାମୀ ଦିନର ରଣନୀତି ପ୍ରସ୍ତୁତ କରାଯିବ ବୋଲି ଏସ୍‌ପି ଅନୁପମା ଜେମ୍‌ସ କହିଛନ୍ତି। ବୈଠକରେ ଅତିରିକ୍ତ ଜିଲାପାଳ ଭବେଶ ନାୟକ, ସୌଦାମିନୀ ସେଠୀ, ଡିଏଫ୍‌ଓ ବିମଳ ପ୍ରସନ୍ନ ଆଚାର୍ଯ୍ୟ, ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଉଦୟନାଥ ମହାପାତ୍ର, ସହକାରୀ ଜିଲାପାଳ ଲିସା ଦାସଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ଭିଡିଓ କନ୍‌ଫରେନ୍ସରେ ସମବାୟ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ

- ନୂଆ ଚାଷୀ, ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଅଗ୍ରାଧିକାର ଭିତ୍ତିରେ ଋଣ ଦେବାକୁ ନିର୍ଦ୍ଦେଶ
- ପ୍ୟାକ୍ସ, ଲ୍ୟାମ୍ପ୍ସ ପରିଦର୍ଶନ କରି ରିପୋର୍ଟ ଦେବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୮।୬(ବ୍ୟୁରୋ)

ଚଳିତ ଖରିଫ ଚାଷ ନିମନ୍ତେ ଚାଷୀମାନଙ୍କୁ ଖରିଫ ଋଣ ଯୋଗାଣକୁ ଅଧିକ କ୍ରିୟାଶୀଳ କରିବା ସହିତ ନୂତନ ଚାଷୀଙ୍କୁ ଋଣ ଯୋଗାଣ କ୍ଷେତ୍ରରେ ଅଗ୍ରାଧିକାର ପ୍ରଦାନ କରିବା ପାଇଁ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି । ଗୁରୁବାର ଭିଡିଓ କନ୍‌ଫରେନ୍ସ ଜରିଆରେ ଆୟୋଜିତ ସମୀକ୍ଷା ବୈଠକରେ ଖରିଫ ଋଣ ଯୋଗାଣର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବା ଅବସରରେ ଚାଷୀମାନଙ୍କୁ ଦିଆଯାଉଥିବା ଫସଲ ଋଣର ୧୦ ପ୍ରତିଶତ ନୂତନ ଭାବେ ସାମିଲ ହୋଇଥିବା ଚାଷୀଙ୍କୁ ଦେବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏଥି ସହିତ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଅଧିକ ପରିମାଣର ଫସଲ ଋଣ ଯୋଗାଇ ଦେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଏଥି ନିମନ୍ତେ ଡିଆର୍‌ସିଏସ୍, ଏଆର୍‌ସିଏସ୍ ଏବଂ ଜିଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଅଧିକାରୀମାନେ ନିୟମିତ ପ୍ୟାକ୍ସ ଏବଂ ଲ୍ୟାମ୍ପ୍ସ ପରିଦର୍ଶନ କରି ଋଣ ପ୍ରଦାନ ସମ୍ପର୍କରେ ସମୀକ୍ଷା କରି ବିଭାଗକୁ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, କୋଭିଡ୍–୧୯ ପରିସ୍ଥିତିରେ କୃଷି କ୍ଷେତ୍ରରେ ଅଧିକ ପୁଞ୍ଜିନିବେଶ ଲକ୍ଷ୍ୟରେ ସମବାୟ ସଂସ୍ଥା ମାଧ୍ୟମରେ ଫସଲ ଋଣ ପ୍ରଦାନର ପରିମାଣକୁ ୭୫୦୦ କୋଟିରୁ ୯୦୦୦ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ବର୍ତ୍ତମାନ ସୁଦ୍ଧା ଚାଷୀମାନଙ୍କୁ ୪୨୭୦ କୋଟି ଟଙ୍କା ଫସଲ ଋଣ ବାବଦରେ ପ୍ରଦାନ କରାଯାଇଛି । ଯାହା ଧାର୍ଯ୍ୟଲକ୍ଷ୍ୟର ୪୭ ପ୍ରତିଶତ ।

ସମସ୍ତ ପ୍ୟାକ୍ସକୁ ଡିସେମ୍ବର ୩୧ ସୁଦ୍ଧା କମ୍ପ୍ୟୁଟରୀକରଣ କରିବା ସହିତ ସମସ୍ତ କାମ ଅନ୍‌ଲାଇନ୍‌ରେ କରିବା ପାଇଁ ମନ୍ତ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି । ଚାଷୀମାନେ ଯେପରି ସୁବିଧାରେ ସାର ଓ ବିହନ ପାଇପାରିବେ ସେଥି ନିମନ୍ତେ ସମସ୍ତ ପ୍ୟାକ୍ସରେ ଏହାକୁ ମହଜୁଦ କରି ରଖିବା ପାଇଁ ମନ୍ତ୍ରୀ କହିଥିଲେ ।

ଏଥି ସହିତ ଡାଲି ଓ ତୈଳବୀଜ ସଂଗ୍ରହରେ ବର୍ତ୍ତମାନ ସୁଦ୍ଧା ୨୬ କୋଟି ଟଙ୍କା ମୂଲ୍ୟର ଚିନାବାଦାମ, ମୁଗ ଓ ସୂର୍ଯ୍ୟମୁଖୀ ମଞ୍ଜି ଚାଷୀମାନଙ୍କଠାରୁ ମୂଲ୍ୟ ସହାୟକ ଯୋଜନାରେ ସଂଗ୍ରହ କରାଯାଇଛି। ସେଥି ମଧ୍ୟରେ ଚିନାବାଦାମ ୨୦୩୫ ଟନ୍, ମୁଗ ୨୧୨୪ ଟନ୍ ଏବଂ ୨୪ ଟନ୍ ସୂର୍ଯ୍ୟମୁଖୀ ମଞ୍ଜି ଅନ୍ତର୍ଭୁକ୍ତ । ରାଜ୍ୟରେ ମୋଟ ୧୭,୪୧୩ ଜଣ ଚାଷୀ ସେମାନଙ୍କ ଡାଲି ଓ ତୈଳବୀଜ ବିକ୍ରି ନିମନ୍ତେ ନାମ ପଞ୍ଜୀକରଣ କରିଛନ୍ତି । ଡାଲି ଓ ତୈଳବୀଜ ସଂଗ୍ରହକୁ ଅଧିକ କ୍ରିୟାଶୀଳ କରିବା ପାଇଁ ମନ୍ତ୍ରୀ ସ୍ୱାଇଁ କହିଥିଲେ ।

ବୈଠକରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ବିଭାଗ କମିଶନର ତଥା ଶାସନ ସଚିବ ବୀର ବିକ୍ରମ ଯାଦବଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ସମସ୍ତ ଏଆର୍‌ସିଏସ୍, ଡିଆର୍‌ସିଏସ୍ ଓ ଜିଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଅଧିକାରୀମାନେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ବୈଠକରେ ଯୋଗ ଦେଇଥିଲେ ।

# ଶୋଇଥିବା ବେଳେ ପୁଅକୁ ହାଣି ହତ୍ୟାକଲେ ମା’

ଖଲ୍ଲିକୋଟ,୧୮।୬(ଡି.ଏନ.ଏ)

ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଟିକିଲି ପଞ୍ଚାୟତ ଗୋପପୁର ଗ୍ରାମରେ ବୁଧବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଶୋଇଥିବାବେଳେ ପୁଅକୁ ହତ୍ୟା କରିଛନ୍ତି ମା’। ଗୁରୁବାର ପୋଲିସ ମାଟିଖୋଳି ମୃତଦେହ ଜବତ କରି ମା’ଙ୍କୁ ଗିରଫ କରିଛି। ମୃତକ ହେଲେ ଶୁକୁରିଆ ନାହାକ (୨୪)।

ଗୋପପୁର ଗ୍ରାମ ଅନୁସୂଚିତ ଜାତି ସାହିର ଦୁହିତା ନାୟକ (୫୦) ସ୍ୱାମୀଙ୍କ ମୃତ୍ୟୁ ପରେ ବଡପୁଅ ଶୁକୁରିଆ, ସାନପୁଅ ଧନୁ ଏବଂ ବୋହୂଙ୍କ ସହ ରହୁଥିଲେ। ଶୁକୁରିଆ ବିଭିନ୍ନ ସମୟରେ ନିଶାସକ୍ତ ଅବସ୍ଥାରେ ଆସି ମା’ ଓ ସ୍ତ୍ରୀଙ୍କୁ ମାରଧର କରନ୍ତି। ସ୍ତ୍ରୀ କିଛିଦିନ ହେଲା ବାପଘରେ ରହୁଛନ୍ତି। ବୁଧବାର ରାତିରେ ସାନପୁଅ ଖାଇସାରି ଖୁଡୀଙ୍କ ଘରକୁ ଶୋଇବାକୁ ଚାଲିଯାଇଥିଲେ। ଶୁକୁରିଆ ନିଶାସକ୍ତ ଅବସ୍ଥାରେ ଆସି ମା’ଙ୍କ ସହ କୌଣସି କାରଣରୁ ପାଟିତୁଣ୍ଡ କରିବା ସହ ମାଡ ମାରିଥିଲେ। ପରେ ଖାଇସାରି ଶୋଇ ପଡିଥିଲେ। ରାତିରେ ମା’ କାତିରେ ଶୁକୁରିଆଙ୍କୁ ହାଣି ହତ୍ୟା କରିବା ପରେ ବାଡିପଟେ ଗାତଖୋଳି ପୋତି ଦେଇଥିଲେ। ସକାଳେ ସାନପୁଅ ଧନୁ ଆସି ମା’ଙ୍କୁ ଭାଇ କୁଆଡେ ଗଲେ ବୋଲି ପଚାରିବାରୁ ସେ ସବୁ କଥା କହିଥିଲେ। ପରେ ସାନପୁଅ ଏନେଇ ଥାନାରେ ଜଣାଇଥିଲେ। ଅପରାହ୍ଣରେ ଖଲ୍ଲିକୋଟ ତହସିଲଦାର ଚକ୍ରଧର ପାଢୀ ଓ ପୋଲିସ ଘଟଣାସ୍ଥଳକୁ ଯାଇ ମାଟିଖୋଳି ମୃତଦେହ ଜବତ କରିଥିଲେ। ଏକ ହତ୍ୟା ମାମଲା (ନଂ.୨୩୮/୨୦) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ମେଡିକାଲ ପଠାଯାଇଛି। ମା’ ଏକୁଟିଆ ହତ୍ୟା କରିଛନ୍ତି ନା ଏଥିରେ ଆଉ କେହି ସମ୍ପୃକ୍ତ ଅଛନ୍ତି ଏନେଇ ଅଧିକ ତଦନ୍ତ ଚାଲିଥିବା ପୋଲିସ କହିଛି।

## କଣିହାଁ କଂଗ୍ରେସ ନେତ୍ରୀଙ୍କୁ ସମ୍ବଲପୁର ଦାୟିତ୍ୱ



କଣିହାଁ, ୧୮।୬ (ଡି.ଏନ.ଏ.)- ଅନୁଗୋଳ ଜିଲା କଣିହାଁ ବ୍ଲକ ଅଞ୍ଚଳର କଂଗ୍ରେସ ଯୁବ ନେତ୍ରୀ ଏଲ୍. ମାଣିକ୍ୟପ୍ରଭାଙ୍କୁ ଦଳ ପକ୍ଷରୁ ନୂଆ ଦାୟିତ୍ୱ ପ୍ରଦାନ କରାଯାଇଛି। ତାଙ୍କୁ ସମ୍ବଲପୁର ଜିଲା କଂଗ୍ରେସର ଟ୍ରେନିଂ ଇନଚାର୍ଜ ଭାବେ ନିଯୁକ୍ତି ଦିଆଯାଇଛି। ଦଳ ପକ୍ଷରୁ ପ୍ରଦାନ କରାଯାଇଥିବା ଏହି ଗୁରୁ ଦାୟିତ୍ୱକୁ ସୁଚାରୁ ରୂପେ ତୁଲାଇବେ ବୋଲି ମାଣିକ୍ୟପ୍ରଭା ପ୍ରକାଶ କରିଛନ୍ତି। ଏଥିପାଇଁ ଜିଲା କଂଗ୍ରେସ କମିଟି ପକ୍ଷରୁ ମାଣିକ୍ୟପ୍ରଭାଙ୍କୁ ଶୁଭେଚ୍ଛା ଜଣାଯାଇଛି।

# ଡାକବଙ୍ଗଳା କ୍ୱାର୍ଟର୍ସରୁ ମହିଳା ଝାଡୁଦାରଙ୍କ ମୃତଦେହ ଉଦ୍ଧାର

**କଟୁରି, ପନିକି ଜବତ**

ବାଲେଶ୍ୱର ଅଫିସ,୧୮।୬

ବାଲେଶ୍ୱର ଜିଲା ଜଳେଶ୍ୱର ପୂର୍ତ୍ତବିଭାଗ ଡାକବଙ୍ଗଳା ପରିସରରେ ଜଣେ ମହିଳା ସୁଇପରଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଗୁରୁବାର ପୂର୍ବାହ୍ଣରେ ପୋଲିସ ଉଦ୍ଧାର କରିଛି। ମୃତ ମହିଳା ହେଲେ ରାଇବଣିଆ ଥାନା ଓଲମରା ଗ୍ରାମର ଜୁମୁନି ବିବି (୪୫)। ତାଙ୍କ ବେକ ଓ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ଚିହ୍ନ ରହିଛି। ଘଟଣାସ୍ଥଳରୁ ପୋଲିସ ରକ୍ତଭିଜା କଟୁରୀ ଓ ପନିକି ଉଦ୍ଧାର କରିଛି। ଏନେଇ ଜଳେଶ୍ୱର ଥାନା ପୋଲିସ ନିଜଆଡୁ ଏକ ମାମଲା (ନଂ. ୨୧୧/୨୦) ରୁଜୁ କରି ସାଇଣ୍ଟିଫିକ୍ ଦଳ ସହାୟତାରେ ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁସାରେ, ପୂର୍ତ୍ତବିଭାଗର ଡାକବଙ୍ଗଳାରେ ଖାତୁନ ବିବି ନାମକ ଜଣେ ମହିଳା ଝାଡୁଦାର ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ମୃତ୍ୟୁ ପରେ ତାଙ୍କ ଝିଅ ଜୁମୁନି ବିବି ଅସ୍ଥାୟୀ ଝାଡୁଦାର ଭାବେ ୫ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କାର୍ଯ୍ୟ କରିଆସୁଛନ୍ତି। ଡାକବଙ୍ଗଳା ପରିସରରେ ଥିବା କ୍ୱାର୍ଟର୍ସରେ ଜୁମୁନି ବିବି ରହିଆସୁଥିଲେ। ତାଙ୍କର ୩ ପୁଅ ଓ ୪ଝିଅ ଅଛନ୍ତି। ତାଙ୍କ ପରିବାର ଲୋକେ ଗାଁରେ ରୁହନ୍ତି। ବେଳେ ବେଳେ ତାଙ୍କ ସ୍ୱାମୀ ସେକ୍ ଆବୁମୁହାଦାର ଓ ସାନପୁଅ ଆସି କ୍ୱାର୍ଟର୍ସରେ ଆସି ରହୁଥିଲେ। ବୁଧବାର ସନ୍ଧ୍ୟାରେ ଜୁମୁନି ବିବି ଅନ୍ୟ ଦିନ ପରି କାର୍ଯ୍ୟାଳୟରେ ଝାଡୁ ମାରିବା ପରେ କିଛି ଜାମୁକୋଳି ଧରି ଫାଟକ ବାହାରକୁ ଯାଇଥିବା କେତେକ ଠିକାଦାର ଓ ସେଠାରେ ରହୁଥିବା କର୍ମଚାରୀ କହିଛନ୍ତି। ଜୁମୁନି ବିବି ଅଫିସ କାର୍ଯ୍ୟ ବ୍ୟତୀତ ନିକଟସ୍ଥ କେତେଜଣଙ୍କ ଘରେ ମଧ୍ୟ କାମ କରୁଥିଲେ। ଗୁରୁବାର ସକାଳେ ସେ କାମ କରିବାକୁ ନ ଯିବାରୁ ବାହାର ଲୋକେ ତାଙ୍କୁ ଡାକିବାକୁ ଆସି ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ସେମାନେ ପୂର୍ତ୍ତବିଭାଗର କର୍ମଚାରୀଙ୍କୁ ଜଣାଇବା ପରେ ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳକୁ ଆସି ଦେଖିବା ବେଳକୁ ଜୁମୁନି ଖଟ ଉପରେ ପଡିଥିବା ବେଳେ ତାଙ୍କ ମୁଣ୍ଡ ତଳକୁ ଝୁଲି ରହିଥିଲା। ଉଲଗ୍ନ ଅବସ୍ଥାରେ ସେ ପଡ଼ିଥିବା ବେଳେ ତାଙ୍କ ତଣ୍ଟି କଟାଯାଇଛି। ଏହାବ୍ୟତୀତ ତାଙ୍କ ଶରୀର ଅନ୍ୟ କେତେକ ସ୍ଥାନରେ ମଧ୍ୟ କଟା ଚିହ୍ନ ରହିଛି। ଏହା ଏକ ହତ୍ୟା ମାମଲା ହୋଇଥିବାରୁ ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ପୋଲିସ ଆଇଆଇସି ଧନେଶ୍ୱର ସାହୁ ସୂଚନା ଦେଇଛନ୍ତି। ତଦନ୍ତ ବେଳେ ଜଳେଶ୍ୱର ଡିଏସ୍‌ପି ଅଭିଷେକ ପାଣିଗ୍ରାହୀ ଓ ଏସ୍‌ଆଇ ଦିଲୀପ କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

**OFFICE OF THE REGULATED MARKET COMMITTEE, CHAMPUA**
**CORRIGENDUM**
**Ref:- Tender Call Notice No.626 Dt.06.03.2020**
In modification of tender call notice published on dt.08.03.2020 in Odiya Newspaper Dharitri & Samaya, the time for obtaining the bid documents rescheduled from dt.19.06.2020 to dt.29.06.2020 during office hour of working day on payment of paper cost (Non-refundable). The bid will be opened on dt.30.06.2020 at 11.30 A.M. at Office of the R.M.C., Champua.
**Sd./-Sub-Collector, Champua-cum-Chairman, R.M.C., Champua**

**THE ODISHA STATE COOPERATIVE BANK LTD.**
**Pandit Jawaharlal Nehru Marg, Bhubaneswar - 751 001**
**Ref. No.: OSCB/DIT/1321/2020-21** **Date: 18.06.2020**
**REQUEST FOR PROPOSAL**
No. LL-03: **RFP Title: Request for proposal for Engagement of IT Consultant for CBS and IT Projects in Odisha State Cooperative Bank Ltd.**

| | |
|---|---|
| **Participation Fees** | : Rs.23,600/- (Non-refundable) in form of Demand Draft/Pay Order in favour of Odisha State Coperative Bank payable at Bhubaneswar. |
| **Bid Security** | : Rs.10,00,000/- in form of DD/Bank Guarantee. |
| **Bid Validity** | : 180 days from date of bid submission |
| **Last date of submission of pre-bid query** | : 01.07.2020 |
| **Date & Time of pre-bid meeting** | : 06.07.2020 at 11.30 A.M. |
| **Last date and time of submission of Bid** | : 21.07.2020 upto 5.00 P.M. |
| **Date and time of opening of Technical Bid** | : 22.07.2020 at 11.30 A.M. |

The RFP documents and detailed terms and conditions with eligibility can be obtained only from the official website **www.odishascb.com** from 18.06.2020.
**Sd./- Managing Director**
**OIPR-39012/11/0004/2021**

**OFFICE OF THE EXECUTIVE ENGINEER RWSS DIVISION, RAIRANGPUR**
**INVITATION FOR BIDS**
**E-mail-eerwss_rai@nic.in, eerwss.rai@gmail.com**
**e-PROCUREMENT NOTICE**
**IDENTIFICATION No. 15RWSS/RRPUR- 2020-2021 / Dated 16.06.2020**
No. O-122:- The Executive Engineer, RWSS Division, Rairangpur on behalf of Governor of Odisha, invites percentage rate bids to be received in online mode for the following works from the eligible experienced contractors in similar nature of work, registered with State Govt. & contractor of equivalent Grade/class registered with Central Govt. / Railways.

1. Nature of work : Execution of Rural Piped Water Supply Project with 5-year O&M to Village- Baliabeda and Gobarjoda in Thakurmunda Block (NRuM) under RWS&S Division, Rairangpur
2. No. of work : 02(two) Nos
3. Period of Completion : 04(four) months
4. Cost of tender : Rs.6000.00
5. Estimated cost : Rs.30.24 lac to Rs.35.07
6. Class of Contractor : (As mentioned in Tender Call Notice)
7. Date and time of availability of bid documents in Portal : From 9 hours of 19.06.2020 to17.30 to hours of 29.06.2020
8. Receipt of bid cost, bid security, documents : Online only
9. Date & time of opening of technical bid : Dt. 30.06.2020 at 11.00 hours onwards.
10. Other Documents : (As mentioned in DTCN)
11. The bidders have to participate in on-line bidding only. Further details can be seen from the website **https://www.tendersodisha.gov.in**.
12. Any addendum / Corrigendum / Cancellation of tender can also be seen in the said website.
13. Concession of 10 % will be considered to ST/SC contractors up to B class only on submission of an affidavit over the general category contractors failing which such concession will not be extended to him / her.

**Sd./- Executive Engineer, RWSS Division, Rairangpur**
**OIPR-25010/11/0004/2021**

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, SUBARNAPUR**
**Advt. No. 3167/PH-BMW/Subarnapur Dt.16.6.2020**
**TENDER CALL NOTICE**
No. E-64: Sealed tender documents are invited from Agency/Firms/Company/Organisation/Trust etc. for outsourcing of treatment and disposal of **Biomedical Waste** of Subarnapur district. The details are available in the district website **www.subarnapur.nic.in**. The eligible bidders may submit their tender papers on or before **Dt.06.07.2020 upto 5 P.M.** through Registered Post/Speed Post only to the undersigned. The tender documents will be opened on the next day i.e. **Dt.07.07.2020 at 11 A.M.** in District Training Unit, DHH, Subarnapur. The undersigned reserves the right to accept or reject any or all the bid documents without assigning any reason thereof. Undersigned will not responsible for any postal delay.
**Sd./- CDM & PHO-cum-District Mission Director, Subarnapur**
**OIPR-10118/11/0003/2021**

# ଜୀବିକା ସୁରକ୍ଷା ଲାଗି କୃଷି ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର, ୧୮।୬(ବ୍ୟୁରୋ): କୋଭିଡ–୧୯ ଯୋଗୁ ସାରା ବିଶ୍ୱ ଏକ ଅସ୍ୱାଭାବିକ ପରିସ୍ଥିତି ଦେଇଗତି କରୁଛି। ଏହିସମୟରେ ଲୋକଙ୍କ ଜୀବନ ଜୀବିକା ସୁରକ୍ଷା ପାଇଁ କୃଷି ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି। ଏହାସହ ରାଜ୍ୟ ଏବଂ ଦେଶର ଅର୍ଥନୀତି ସୁଧାରିବା ସହିତ ଲୋକଙ୍କ ଆୟବୃଦ୍ଧି ଦିଗରେ କୃଷି ଉଲ୍ଲେଖନୀୟ ଅବଦାନ କରିପାରିବ ବୋଲି ମନ୍ତ୍ରୀ ଅରୁଣ କୁମାର ସାହୁ କହିଛନ୍ତି । ଲୋକସେବା ଭବନଠାରେ ଗୁରୁବାର ଭିଡ଼ିଓ କନ୍‌ଫରେନ୍ସ ଜରିଆରେ ଆୟୋଜିତ ବୈଠକରେ କୃଷି ବିଭାଗର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ତଥା ଖରିଫ ଚାଷର ଅଗ୍ରଗତି ନେଇ ସମୀକ୍ଷା ହୋଇଛି। ଏହି ଅବସରରେ ମନ୍ତ୍ରୀ ସାହୁ କହିଛନ୍ତି ଯେ, କୋଭିଡ୍–୧୯ ପରିସ୍ଥିତି ଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ କୃଷି ତାର ଗୁରୁତ୍ୱପୂର୍ଣ୍ଣ ଭୂମିକା ପ୍ରତିପାଦନ କରିବା ଦିଗରେ ଏକ ସୁଯୋଗ ଆଣିଛି। କୃଷିକୁ ସର୍ବଦା ପ୍ରାଥମିକତା ଦେବାକୁ ପରିସ୍ଥିତି ସୁଧାରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିୟମିତଭାବେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି।

ଜୀବିକା ଅର୍ଜନ ଦିଗରେ ୨୦୦ କୋଟିର ଏକ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିଛନ୍ତି। ଏହି ପ୍ୟାକେଜ ଫଳରେ ୨୫ ଲକ୍ଷ ଚାଷୀ ଉପକୃତ ହେବେ । ଏଥିଲାଗି ତୁରନ୍ତ ଯୋଗ୍ୟ ହିତାଧିକାରୀ ଚୟନକରି ପ୍ୟାକେଜ ବଣ୍ଟନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ମନ୍ତ୍ରୀ ସାହୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ବିଭାଗ ସହିତ ସମନ୍ୱୟ ରକ୍ଷାକରି ସମୟ ଅନୁସାରେ ଆବଶ୍ୟକ ପଦକ୍ଷେପ ନେବା ସହିତ ଚାଷୀଙ୍କୁ ସମସ୍ତ ପ୍ରକାର ସହାୟତା ଓ ଜ୍ଞାନକୌଶଳ ଯୋଗାଇବା ପାଇଁ ସେ କହିଛନ୍ତି । ଏଥିସହି କୃଷିଜାତ ଦ୍ରବ୍ୟର ସୁବିଧାରେ ବିକ୍ରିବଟା ଉପରେ ଅଧିକ ଦୃଷ୍ଟି ଦେବା ନେଇ ଆଲୋଚନା ହୋଇଛି।

କୃଷି ବିଭାଗ ପ୍ରମୁଖ ଶାସନ ସଚିବ ସୌରଭ ଗର୍ଗ କହିଛନ୍ତି ଯେ, ‘ମୋ ପୋଖରୀ’ ଯୋଜନାର ହିତାଧିକାରୀ ଚୟନ କ୍ଷେତ୍ରରେ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କୁ ପ୍ରାଥମିକତା ଦିଆଯାଉ। ‘ମୋ ପୋଖରୀ’ ଖନନ ମାଧ୍ୟମରେ ଲୋକଙ୍କୁ ରୋଜଗାର ଯୋଗାଇବା ସହିତ ଜଳସେଚନର ସୁବିଧା ନିମନ୍ତେ ୧,୦୩,୦୦୦ ‘ମୋ ପୋଖରୀ’ ଖୋଳାଯିବାର ଲକ୍ଷ୍ୟ ରଖାଯାଇଛି । ପ୍ରତି ସୋମବାର ଦିନ ପଞ୍ଚାୟତ ସ୍ତରରେ କୃଷି ସମ୍ପ୍ରସାରଣ ଅଧିକାରୀଙ୍କ ଦ୍ୱାରା ବୈଠକ ଆୟୋଜନ କରି ଚାଷୀମାନେ ସମ୍ମୁଖୀନ ହେଉଥିବା ସମସ୍ୟା ଗୁଡିକର ତୁରନ୍ତ ସମାଧାନ କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ପ୍ରତି ୧୫ ଦିନରେ ବ୍ଲକସ୍ତରର ବିଭିନ୍ନ ବିଭାଗ ପ୍ରତିନିଧିଙ୍କୁ ନେଇ ଗଠିତ ବ୍ଲକସ୍ତରୀୟ ବୈଷୟିକ ଟିମ୍‌ର ବୈଠକର ଆୟୋଜନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

**GOVERNMENT OF ODISHA** **No. O-121**
**OFFICE OF THE EXECUTIVE ENGINEER RURAL WORKS DIVISION-I, MALKANGIRI**
**e-mail: rwd_malkangiri@yahoo.co.in**
**NATIONAL COMPETITIVE BIDDING THROUGH e-Procurement**
**Identification No. Online Tender 04/MKG/2020-21**

1. Name of the Work : Road Works (Detailed in Annexure)
2. Total Number of Works : 01 (One) Number
3. Tender Cost : Rs.80.00 Lakhs
4. Class of Contractor : ‘B’ & ‘A’ Class Contractors
5. Period of Completion : (As per Detailed in Annexure)
6. Other Details :

| Procurement Officer | Bid Identification No. | No. of Works | Availability of Tender Online for Bidding | | Last date & time of seeking tender clarification | Date and time of opening of tender | |
|---|---|---|---|---|---|---|---|
| | | | From | To | | Techincal Bid | Financial Bid |
| 1 | 2 | 3 | 4 | 5 | 6 | 7 | 8 |
| Executive Engineer, Rural Works Division-I, Malkangiri | Online Tender /04/RWD-I, MKG/ 2020-21 | 01 (One) No. of Road Works | 17.06.2020 From 11.00 A.M. | 24.06.2020 upto 5.00 P.M. | 23.06.2020 upto 5.00 P.M. | 25.06.2020 at 11.30 A.M. | 26.06.2020 at 11.00 A.M. |

Further details can be seen from the website **www.tenderorissa.gov.in**.
**Executive Engineer, R.W. Division-I, Malkangiri**
**OIPR-25058/11/0004/2021**

**ନୋଟିସ**

ପ୍ରାପ୍ତେଷୁ: ସିପାହୀ – ୧୧୩୩ **କାହ୍ନୁ ଚରଣ ସ୍ୱାଇଁ**
ପିତା: ଭଗବାନ ସ୍ୱାଇଁ, ଗ୍ରାମ: ଗୁଡ଼ିପଲ୍ଲୀ,
ପୋଷ୍ଟ: ହରିହରପୁର, ଥାନା: ଶରଣକୁଳ
ଜିଲ୍ଲା: ନୟାଗଡ଼

No. D-18: ଆପଣ ସରକାରୀ କାର୍ଯ୍ୟକ୍ଷେତ୍ରରୁ ବିନାନୁମତିରେ ତା।୦୯।୦୫।୨୦୧୮ରିଖଠାରୁ ଓ.ଏସ୍.ଏ.ପି. ତୃତୀୟ ବାଟାଲିୟନ କୋରାପୁଟରୁ ଅନୁପସ୍ଥିତ ଅଛନ୍ତି। ଏଣୁ ଏ ସଂକ୍ରାନ୍ତରେ ଏକ ବିଭାଗୀୟ କାର୍ଯ୍ୟାନୁଷ୍ଠାନ Proceeding No. 07/2018ରେ ଆପଣଙ୍କ ବିରୁଦ୍ଧରେ କରାଯାଇଅଛି। ଆପଣ ଦୀର୍ଘଦିନର ଅନୁପସ୍ଥିତି ପାଇଁ ଭାରପ୍ରାପ୍ତ Proceeding ଅଧିକାରୀ ସୁବେଦାର ଧନଞ୍ଜୟ ପ୍ରଧାନ ତୃତୀୟ ଓ.ଏସ୍.ଏ.ପି. ବାଟାଲିୟନ ଆପଣଙ୍କୁ ଏହି Proceedingରେ ଏକତରଫା ଭାବେ ଆପଣଙ୍କ ଅନୁପସ୍ଥିତି ଯୋଗୁଁ ଆପଣଙ୍କୁ ଉପରୋକ୍ତ Proceedingରେ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏହାର ସମସ୍ତ ବିବରଣୀ ସ୍ଥାୟୀ ଘର ଠିକଣାରେ ପ୍ରେରଣ କରାଯାଇଥିଲେ ମଧ୍ୟ ଏହାକୁ ଆପଣ ଜାଣିଶୁଣି ଗ୍ରହଣ କରି ନାହାନ୍ତି ବା ଆପଣଙ୍କର ସନ୍ତୋଷଜନକ ଉତ୍ତର ଏହି କାର୍ଯ୍ୟାଳୟ ଦ୍ୱାରା ହସ୍ତଗତ ହୋଇନାହିଁ। ଏଣୁ ଉପରୋକ୍ତ ବିଷୟବସ୍ତୁକୁ ପୁନରାୟ ଆପଣଙ୍କ ଗୋଚରାର୍ଥେ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯାଉଅଛି କି, ଯଥାଶୀଘ୍ର ଆସି ମୁଖ୍ୟ କାର୍ଯ୍ୟାଳୟରେ ନିଜେ ତା।୨୦।୦୬।୨୦୨୦ରିଖ ସୁଦ୍ଧା ଯୋଗଦେବେ। ନଚେତ୍ ଆପଣଙ୍କ ବିରୁଦ୍ଧରେ ଦୃଢ଼ ଏବଂ ଶେଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା./– ଦୁର୍ଗପତି
ଓ.ଏସ୍.ଏ.ପି. ତୃତୀୟ ବାଟାଲିୟନ, କୋରାପୁଟ
OIPR-12029/11/0006/2021

**GOVERNMENT OF ODISHA** **No.O-124**
**OFFICE OF THE EXECUTIVE ENGINEER RURAL WORKS DIVISION, GUNUPUR**
**e-mail ID: eerwgunupur@gmail.com**
**Lr. No. 2312** **Dated: 09.06.2020**
**“e” Procurement Notice for Vented Causeway in Odisha**
**(Tender eerwgnp-Online-01/2020-21 (Lr. No. 2312, Dtd.09.06.2020)**

1. Name of the Work : Maintenance of 5 years completed PMGSY Road.
2. Total No. of Works : 01 (One) No.
3. Estimated Cost : Rs.163.16 lakh
4. Class of Contractor : “B” & “A” Class as applicable
5. Period of Completion : As mentioned in Col.4 of TCN Annexure.
6. Other details :

| Procurement Officer | Bid Identification | No. of Road Works | Availability of Tender Online for Bidding | | Date & Time of Tender Opening |
|---|---|---|---|---|---|
| | | | From | To | |
| Executive Engineer, Rural Works Division, Gunupur | EERWGNP Online-01/2020-21 | 01 (One) No. | 20.06.2020 at 11.00 A.M. | 07.07.2020 upto 3.00 P.M. | 08.07.2020 at 11.00 Hrs. |

7. The amount put to tender is exclusive of 12% GST. The intending bidder should offer their rates which shall be exclusive of GST applicable as per norms. GST as applicable on works contract shall be paid over the bill amount at the time of payment of bill.

Other details can be seen in the bidding documents, which is available in website **www.tendersorissa.gov.in**. Any subsequent addendum or corrigendum will be made available in the above website.
**Sd./- Executive Engineer**
**Rural Works Division, Gunupur**
**OIPR-25170/11/0002/2021**

# ଆଘାତ ଦେଇଛି ରାୟ, ବୋଧେ ମହାପ୍ରଭୁଙ୍କ ଇଚ୍ଛା

ପୁରୀ ଅଫିସ,୧୮।୬: ଏ ବର୍ଷ ବଡ଼ଦାଣ୍ଡରେ ଗଡ଼ିବନି ବିଶ୍ୱନିୟନ୍ତାଙ୍କ ରଥ। ନବଦିନାତ୍ମକ ଯାତ୍ରାରେ ଗୁଣ୍ଡିଚା ମନ୍ଦିର ଯିବେନି କାଳିଆ ଠାକୁର। ମହାମାରୀ କରୋନା ପାଇଁ ଦୀର୍ଘଦିନ ଧରି ରଥଯାତ୍ରାକୁ ନେଇ ଯେଉଁ ଅନିଶ୍ଚିତତା ଲାଗିରହିଥିଲା ସେଥିରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ସୁପ୍ରିମ୍‌କୋର୍ଟ। ଏଥର ରଥଯାତ୍ରାକୁ ବନ୍ଦ ରଖିଛନ୍ତି। କରୋନା ପାଇଁ ଏ ବର୍ଷ ପୁରୀ ସମେତ ଓଡ଼ିଶାର କେଉଁ ସ୍ଥାନରେ ବି ରଥଯାତ୍ରା ହୋଇପାରିବ ନାହିଁ। ଜନସାଧାରଣଙ୍କ ସୁରକ୍ଷା ଏବଂ ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି ସୁପ୍ରିମକୋର୍ଟ ଶୁଣାଇଛନ୍ତି ଏହି ରାୟ। ତେବେ ଏହାକୁ ନେଇ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ସେମାନଙ୍କ ମତ ଦେଇଛନ୍ତି। ସୁପ୍ରିମ୍‌କୋର୍ଟଙ୍କ ଏହି ରାୟ ଓଡ଼ିଆଙ୍କ ଭାବାବେଗକୁ ଆଘାତ ଦେଇଛି ବୋଲି କେତେଜଣ ମତ ରଖିଥିବା ବେଳେ ଆଉ କେହି ବୋଧେ ଏହା ମହାପ୍ରଭୁଙ୍କ ଇଚ୍ଛା ଧରି ନେବାକୁ ହେବ ବୋଲି କହିଛନ୍ତି।

## ବଡ଼ଦାଣ୍ଡରେ ଗଡ଼ିବନି ରଥ

### ଶ୍ରୀମନ୍ଦିର ଇତିହାସରେ ଏହା ଏକ କଳଙ୍କିତ ଅଧ୍ୟାୟ



ରଥଯାତ୍ରାକୁ ନେଇ ସୁପ୍ରିମ୍‌କୋର୍ଟ ଯେଉଁ ରାୟ ଦେଇଛନ୍ତି ତାହା ନିଶ୍ଚିତ କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଭାବାବେଗକୁ ଶକ୍ତ ଆଘାତ ଦେଇଛି। ଏହା ପ୍ରାୟୋଜିତ ଭଳି ମନେ ହେଉଛି। ଅକ୍ଷୟ ତୃତୀୟା ନୀତି ବାହାରେ ନ ହେବା ଦିନଠାରୁ ଏମିତି ଏକ ସ୍ଥିତି ଆସିବା ଭଳି ଜଣାପଡୁଥିଲା, ଯାହା ସବୁଠୁ ନିନ୍ଦନୀୟ। ଶ୍ରୀମନ୍ଦିର ଇତିହାସରେ ଏହା ଏକ କଳଙ୍କିତ ଇତିହାସ ଭାବେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇଗଲା। ଦୀର୍ଘବର୍ଷ ଧରି ଯାହା ହୋଇ ନ ଥିଲା ତାହା ଏବେ ହେବାକୁ ଯାଉଛି।

**– ବିନାୟକ ଦାସମହାପାତ୍ର, ଦଇତାପତି ସେବକ, ଶ୍ରୀମନ୍ଦିର**

### ଶେଷ ମୁହୂର୍ତ୍ତରେ ଏଭଳି ନିଷ୍ପତ୍ତି ଚକିତ କରିଛି



ସୁପ୍ରିମକୋର୍ଟଙ୍କ ରାୟ ଶୁଣି ଆମେ ସମ୍ପୂର୍ଣ୍ଣ ଭାବେ ବିସ୍ମିତ। ଏସଂକ୍ରାନ୍ତରେ ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ସହିତ ଆମେ ଆଲୋଚନା କରିବୁ। ପ୍ରଶାସନ ସହିତ ମଧ୍ୟ ବୈଠକ କରାଯିବ। ଶାସ୍ତ୍ରଜ୍ଞମାନଙ୍କ ମତାମତ ନେବୁ। ଏହା ନିଶ୍ଚିତ ସମୟ ସାପେକ୍ଷ। ରଥ, ପଥ ସବୁକିଛି ପ୍ରସ୍ତୁତ ଥିବାବେଳେ ଶେଷ ମୁହୂର୍ତ୍ତରେ ଏଭଳି ନିଷ୍ପତ୍ତି ନିଶ୍ଚିତ ଚକିତ କରିଛି। ଏହାକୁ ଆମେ କେବେ ସ୍ୱାଗତ କରିପାରୁ ନାହୁଁ। ଆଗକୁ କ'ଣ ହେଉଛି ତାହା ସମୟ ହିଁ କହିବ।

**– ରବୀନ୍ଦ୍ର ଦାସମହାପାତ୍ର, ସଭାପତି, ଦଇତାପତି ନିଯୋଗ**

### ଲୀଳାମୟଙ୍କ ଇଚ୍ଛାରେ ହିଁ ସବୁକିଛି ଚାଲିଛି



ସୁପ୍ରିମ୍‌କୋର୍ଟ ଯେଉଁ ରାୟ ଦେଇଛନ୍ତି ତାହାକୁ ଆମକୁ ମାନିବାକୁ ପଡ଼ିବ। ଏହା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଇଚ୍ଛା ବୋଲି ଧରି ନେବାକୁ ହେବ। କାରଣ ମନୁଷ୍ୟ ଯାହା ଚାହିଁଥାଏ ତାହା କାର୍ଯ୍ୟକାରୀ ହୋଇ ନ ଥାଏ, ଲୀଳାମୟଙ୍କ ଇଚ୍ଛାରେ ହିଁ ସବୁକିଛି ଚାଲିଛି। ତେଣୁ ଜଗନ୍ନାଥଙ୍କ ଇଚ୍ଛା ଯାହା ଥିଲା ତାହା ହିଁ ହେବାକୁ ଯାଉଛି ଏବଂ ହେବ ମଧ୍ୟ। ରଥଯାତ୍ରା ଲାଗି ସବୁପ୍ରକାର ପ୍ରସ୍ତୁତି ସରିଥିଲା। ରଥ ଖଳାରେ ତିନିରଥ ନିର୍ମାଣ ଶେଷ ହୋଇଛି। ବୋଧହୁଏ ବିନା ଭକ୍ତରେ ବଡ଼ଦାଣ୍ଡକୁ ବାହାରିବା ଲାଗି ମହାପ୍ରଭୁ ଚାହୁଁ ନାହାନ୍ତି। ତେଣୁ ଏହିଭଳି ଏକ ରାୟ ଆସିଛି।

**– ଡ. ନରେଶ ଚନ୍ଦ୍ର ଦାଶ, ଜଗନ୍ନାଥ ସଂସ୍କୃତି ଗବେଷକ, ପୁରୀ**

### ଗୋଟିଏ ବର୍ଷ ଅପେକ୍ଷା କରିବାକୁ ପଡ଼ିବ



ନିଶ୍ଚିତ ଏହି ରାୟ ସମସ୍ତ ଓଡ଼ିଆଙ୍କ ଭାବାବେଗକୁ ଆଘାତ ଦେଇଥିବ। କିନ୍ତୁ ଏମିତି ଏକ ସମୟରେ ଏଭଳି ନିଷ୍ପତ୍ତି ଆସିଛି ଇଚ୍ଛା ନ ଥିଲେ ବି ଆମକୁ ଗ୍ରହଣ କରିବାକୁ ପଡ଼ିବ। ସବୁଠୁ ଭଲ ହୋଇଥାନ୍ତା ସ୍ନାନଯାତ୍ରା ଭଳି ଯଦି ବିନା ଭକ୍ତରେ ରଥଯାତ୍ରା କରାଯାଇଥାନ୍ତା। ଚର୍ମ ଚକ୍ଷୁରେ ନ ହେଲା ନାହିଁ ସମସ୍ତେ ଘରେ ବସି ଟିଭିରେ ମହାପ୍ରଭୁଙ୍କ ଏହି ନବଦିନାତ୍ମକ ଯାତ୍ରା ଦେଖିପାରିଥାନ୍ତୁ। ହେଲେ ଏବର୍ଷ ସେ ସୁଯୋଗ ବୋଧେ ହାତଛଡ଼ା ହୋଇଗଲା। ମହାମାରୀ କରୋନା ଏବଂ ଭକ୍ତଙ୍କ ଭାବାବେଗ ମଧ୍ୟରେ ଦୀର୍ଘଦିନ ଧରି ଯେଉଁ ଛକାପଞ୍ଝା ଚାଲିଥିଲା ସେଥିରେ କରୋନା ଜିତିଯାଇଛି ବୋଲି ଅନୁଭବ ହେଉଛି। ତଥାପି ଆମକୁ ପୁଣି ଗୋଟିଏ ବର୍ଷ ଅପେକ୍ଷା କରିବାକୁ ପଡ଼ିବ।

**– ସରୋଜ ବେହେରା, ଶ୍ରଦ୍ଧାଳୁ, ପୁରୀ**

### ନିଷ୍ପତ୍ତିକୁ ସମସ୍ତଙ୍କୁ ସମ୍ମାନ ଦେବାକୁ ହେବ



ଭାବାବେଗ ବନାମ ପରିସ୍ଥିତି ମଧ୍ୟରେ ଚାଲିଥିବା ଛାୟା ଯୁଦ୍ଧରେ ଶେଷରେ ପରିସ୍ଥିତିର ବିଜୟ ଘଟିଛି ବୋଲି କୁହାଯାଇପାରିବ। ତେଣୁ ସାମ୍ପ୍ରତିକ ସମୟରେ ଏଭଳି ନିଷ୍ପତ୍ତିକୁ ଆମ ସମସ୍ତଙ୍କୁ ସମ୍ମାନ ଦେବାକୁ ହେବ। ରଥ ନିର୍ମାଣ କାର୍ଯ୍ୟରେ କୋଟି କୋଟି ଟଙ୍କାର ରାଜସ୍ୱ, ସହସ୍ରାଧିକ ବୃକ୍ଷର ବ୍ୟବହାର ସହିତ ସେବକ ଓ ଭକ୍ତମାନଙ୍କ ଭାବାବେଗ ଜଡ଼ିତ। ତେଣୁ ରଥ ପ୍ରତିଷ୍ଠା କାର୍ଯ୍ୟ ହୋଇ ନ ଥିବାରୁ ତିନିରଥଙ୍କୁ ଆଗାମୀ ବର୍ଷ ପାଇଁ ସୁରକ୍ଷିତ ରଖାଯାଉ। ଏଥିପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରନ୍ତୁ।

**– ସିଦ୍ଧାର୍ଥ ରାୟ, ସମାଜ ବିଜ୍ଞାନୀ, ପୁରୀ**

### ସବୁ ପ୍ରଭୁଙ୍କ ଇଚ୍ଛାରେ ହେଉଛି



ଦେଶର ନାଗରିକ ହିସାବରେ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତିକୁ ସମାଲୋଚନା କରିବା ଅନୁଚିତ୍। ଆମେ ସୁପ୍ରିମକୋର୍ଟ ଉପରେ ନୁହେଁ କି ସୁପ୍ରିମକୋର୍ଟ ଜଗନ୍ନାଥଙ୍କ ଉପରେ ନୁହଁନ୍ତି। ଯାହା ବି ହେଉଛି ସବୁ ପ୍ରଭୁଙ୍କ ଇଚ୍ଛାରେ। କାଳିଆ ଠାକୁର ସମସ୍ତ ଭକ୍ତଙ୍କ ଚଳନ୍ତି ଦେବତା। ତାଙ୍କର ଲକ୍ଷ ଲକ୍ଷ ଭକ୍ତ ରୋଗାକ୍ରାନ୍ତ ନ ହୁଅନ୍ତୁ ବୋଲି ସେ ଚାହୁଁଛନ୍ତି। ଯାହା ସବୁ ହେଉଛି ନା ସରକାରଙ୍କ ଇଚ୍ଛାରେ ନା କୋର୍ଟଙ୍କ ଇଚ୍ଛାରେ, ସବୁ ଜଗତର ନାଥ ଜଗନ୍ନାଥଙ୍କ ଇଚ୍ଛାରେ ହେଉଛି।

**– ମିଳନ କୁମାର ପାଇକରାୟ, ସାମାଜିକ କର୍ମୀ**

### ରିଭ୍ୟୁ ପିଟିଶନ ମାଧ୍ୟମରେ ପୁନର୍ବିଚାର କରାଯାଇପାରିବ



ସାଢେ ୪ କୋଟି ଓଡ଼ିଆଙ୍କ ଆସ୍ଥା ଓ ବିଶ୍ୱାସର ଠାକୁର ମହାପ୍ରଭୁ ଶ୍ରୀଜଗନ୍ନାଥ। ବିଶ୍ୱବାସୀଙ୍କ ମଙ୍ଗଳ ପାଇଁ ବର୍ଷକୁ ଥରେ ବଡ଼ଦାଣ୍ଡକୁ ଓହ୍ଲାଇଥାନ୍ତି ବିଶ୍ୱନିୟନ୍ତା। ହେଲେ ରଥଯାତ୍ରାକୁ ନେଇ ସୁପ୍ରିମ୍‌କୋର୍ଟଙ୍କ ଯେଉଁ ରାୟ ଆସିଛି ତାହା ମୋ ଭଳି କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ମନରେ ନିଶ୍ଚିତ ଶକ୍ତ ଆଘାତ ପହଞ୍ଚାଇଥିବ। ରାଜ୍ୟ ସରକାର ଯଦି ଚାହିଁବେ ତେବେ ରିଭ୍ୟୁ ପିଟିଶନ ମାଧ୍ୟମରେ ଏହାର ପୁନର୍ବିଚାର ହୋଇପାରିବ। ସ୍ନାନଯାତ୍ରା ଯେଉଁଭଳି ବିନା ଭକ୍ତରେ ସୁରୁଖୁରରେ ସମ୍ପନ୍ନ ହୋଇପାରିଲା ସେହିଭଳି ଭକ୍ତବିହୀନ ରଥଯାତ୍ରା ମଧ୍ୟ ସମ୍ଭବ ହେବ। କେବଳ ଏଥିପାଇଁ ଆମର ଉଦ୍ୟମ ଦରକାର।

**– ପ୍ରସନ୍ନ ମହାପାତ୍ର, ଭକ୍ତ, ପୁରୀ**

### ଭଗବାନ ସୁରକ୍ଷା ଦେବେ, ବିପଦରେ ପକାଇବେନି



ଭଗବାନ ଆମକୁ ସୁରକ୍ଷା ଦେବାକୁ ଅଛନ୍ତି। ଆମକୁ ବିପଦରେ ପକାଇବାକୁ ନୁହେଁ। ବର୍ତ୍ତମାନର ଏହି କରୋନା ଭୟାବହ ପରିସ୍ଥିତିରେ ସେ ମଧ୍ୟ ସାମାଜିକ ଦୂରତା ନିୟମ ପାଳନ କରି ନିଜ ମାଉସୀ ଘରକୁ ଯିବାକୁ ଚାହୁଁନାହାନ୍ତି। ସେ ଆମସହ ଅଛନ୍ତି ଓ ରହିବେ। ତେଣୁ ସମସ୍ତେ ଘରେ ରହି ସୁରକ୍ଷିତ ରହିବା ଉଚିତ। ଆଜି ନୁହେଁ ତ କାଲି ଆମେ ତାଙ୍କୁ ଦେଖିପାରିବା। ହେଲେ ଥରେ କୋଭିଡ୍ ପରିସ୍ଥିତି ଅଣାୟତ୍ତ ହୋଇଗଲେ ତାହା ସମ୍ଭାଳିବା ଅସମ୍ଭବ ହୋଇଯିବ। ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତିକୁ ମୁଁ ସ୍ୱାଗତ କରୁଛି।

**– ଶୁଭପ୍ରକାଶ ରଥ, ଇଞ୍ଜିନିୟର**

### ଭାବପ୍ରବଣତାରେ ବହିଯାଇ ନିଷ୍ପତ୍ତି ନେବାନାହିଁ



ରଥଯାତ୍ରା ଓ ଜଗନ୍ନାଥ ସଂସ୍କୃତି ସହ ଆମ ଭାବପ୍ରବଣତା ଯୋଡ଼ିହୋଇରହିଛି। ହେଲେ ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଭାବପ୍ରବଣତାରେ ବହିଯାଇ ନିଷ୍ପତ୍ତି ନେବା ଉଚିତ୍ ନୁହେଁ। ସୁପ୍ରିମକୋର୍ଟ ଯାହା ବି କହିଛନ୍ତି ତାହା ସମ୍ପୂର୍ଣ୍ଣ ଠିକ୍। ଥରେ ଭୂତାଣୁ ସଂକ୍ରମଣର ଶିକାର ହେଲେ ଭଗବାନ ମଧ୍ୟ ରକ୍ଷା କରିପାରିବେ ନାହିଁ। ହସ୍ପିଟାଲକୁ ଯାଇ ହଜାର ହଜାର ଟଙ୍କା ଖର୍ଚ୍ଚ କରିବା ସମସ୍ତଙ୍କ ପକ୍ଷରେ ସମ୍ଭବ ନୁହେଁ। ଭାବାବେଗ ପାଇଁ ଅନ୍ୟକୁ ମୃତ୍ୟୁ ମୁଖକୁ ଠେଲିବା କଥାନୁହେଁ। ଚଳିତବର୍ଷ ଆମେ ସମସ୍ତେ ରଥଯାତ୍ରା ମନରେ ପାଳିବା ଓ ଗରିବଙ୍କୁ ସାହାଯ୍ୟ କରିବା।

**– ପରିମିତା, ଆସୋସିଏଟ୍ ସିପିୟୁ ଭେରିଫିକେଶନ ଇଞ୍ଜିନିୟର**

### ଏହା ଶ୍ରୀଜଗନ୍ନାଥଙ୍କ ନିଷ୍ପତ୍ତି



ରଥଯାତ୍ରା ଆୟୋଜନ ନ କରିବାର ନିଷ୍ପତ୍ତି ସୁପ୍ରିମକୋର୍ଟଙ୍କର ନୁହେଁ, ଏହା ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିଷ୍ପତ୍ତି। ସୁପ୍ରିମକୋର୍ଟ ମାଧ୍ୟମରେ ଠାକୁର ଏହା ଆମ ନିକଟରେ ପହଞ୍ଚାଇଛନ୍ତି। ମାନବ ସମାଜ ଆହୁରି ବିପଦରେ ପଡୁ ବୋଲି ଭଗବାନ ମଧ୍ୟ ଚାହୁଁନାହାନ୍ତି। ଭକ୍ତଙ୍କ ପାଇଁ ସବୁବେଳେ ତାଙ୍କ ହୃଦୟରେ ଶ୍ରଦ୍ଧା, ଭଲପାଇବା ଅଛି ଓ ରହିବ। ଯେଉଁମାନେ ଏବେ ବିରୋଧ କରୁଛନ୍ତି ସେମାନେ ମନେରଖିବା ଉଚିତ ଯେ, ତାଙ୍କ ଇଚ୍ଛା ବିନା ଏଠି ପତ୍ରଟିଏ ମଧ୍ୟ ହଲେନାହିଁ। ତେଣୁ ସାଦରର ସହ ଏହାକୁ ସ୍ୱୀକାର କରିନେବା ଉଚିତ।

**– ସୁଜ୍ଞାନୀ ଦାସ, ଛାତ୍ରୀ**

## ଯାତ୍ରା ନ ହେଲେ କ'ଣ ହେବ ତିନିରଥ

ପୁରୀ ଅଫିସ, ୧୮।୬



ସୁପ୍ରିମ୍‌କୋର୍ଟଙ୍କ ରାୟ ପରେ ଏଥର ରଥଯାତ୍ରା ହେବ ନାହିଁ। ରାଜ୍ୟ କ୍ୟାବିନେଟ ମଧ୍ୟ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ପାଳନ କରିବା ଲାଗି ନିଷ୍ପତ୍ତି ନେଇଛି। ତେବେ ରଥଯାତ୍ରା ନ ହେଲେ କଣ ହେବ ତିନିରଥ ? ଏମିତି ପ୍ରଶ୍ନ ଏବେ ସମସ୍ତଙ୍କ ମନରେ ଉଙ୍କି ମାରୁଛି। ପୂର୍ବରୁ କେବେ ଏଭଳି ସ୍ଥିତି ଉପୁଜି ନ ଥିବାବେଳେ ଏକ ନୂଆ ପରମ୍ପରାକୁ ନେଇ ସମସ୍ତେ ଦ୍ୱନ୍ଦ୍ୱରେ। ଯଦିଓ ପ୍ରତିବର୍ଷ ରଥଯାତ୍ରା ପରେ ତିନିରଥକୁ ଭଙ୍ଗାଯାଇ ମହାପ୍ରସାଦ ପ୍ରସ୍ତୁତିରେ ବ୍ୟବହାର କରାଯାଏ, ଏଥର କିନ୍ତୁ ସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ। ସମ୍ପୂର୍ଣ୍ଣ ଭାବେ ନୂଆ ତିନିରଥ ପ୍ରସ୍ତୁତ ଅଛନ୍ତି। କ'ଣ ହେବ ତିନିରଥ ? ଏହାକୁ ନେଇ ଭିନ୍ନ ଭିନ୍ନ ଚର୍ଚ୍ଚା ବି ହେଉଛି। ଯେହେତୁ ପ୍ରତିଷ୍ଠା ହୋଇନାହିଁ ତିନିରଥକୁ ଆସନ୍ତା ବର୍ଷ ପାଇଁ ସୁରକ୍ଷିତ ରଖାଯିବା ଲାଗି ବ୍ୟବସ୍ଥା କରାଯିବା ଦରକାର ବୋଲି ଅନେକେ କହୁଛନ୍ତି। ଏହା ଯଦି ପରମ୍ପରା ବିରୋଧୀ ହୋଇ ନ ଥିବ ତେବେ ଆସନ୍ତା ବର୍ଷ ରଥ ନିର୍ମାଣ ପାଇଁ ଆଉ ଶହଶହ ଗଛ କାଟିବାକୁ ପଡିବ ନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

## ଭକ୍ତ, ସେବାୟତଙ୍କ ମନରେ କ୍ଷୋଭ

ପୁରୀ ଅଫିସ,୧୮।୬

ଜୁନ୍ ୨୩ରେ ରଥଯାତ୍ରା। ଏହାକୁ ଦୃଷ୍ଟିରେ ରଖି ସମସ୍ତ ପ୍ରସ୍ତୁତି ଚାଲିଥିଲା। କରୋନା କଟକଣା ତଥା ଲକ୍‌ଡାଉନ ପାଇଁ ବିଳମ୍ବରେ ରଥ ନିର୍ମାଣ ଆରମ୍ଭ ହୋଇଥିଲେ ହେଁ ଧାର୍ଯ୍ୟ ସମୟ ପୂର୍ବରୁ କାମ ସରିଥିଲା। ପ୍ରଶାସନ ପକ୍ଷରୁ ଆନୁଷଙ୍ଗିକ ପ୍ରସ୍ତୁତି ମଧ୍ୟ ଜୋର୍ ଧରିଥିଲା। ହେଲେ ଶୁକ୍ରବାର ସୁପ୍ରିମ୍‌କୋର୍ଟଙ୍କ ରାୟ ସମସ୍ତଙ୍କ ମନରେ ନିରାଶ ଭରିଦେଇଛି। ରଥଯାତ୍ରା ବନ୍ଦ ନିଷ୍ପତ୍ତିକୁ ସହଜରେ ଗ୍ରହଣ କରିପାରୁନାହାନ୍ତି ଭକ୍ତ ଓ ସେବାୟତ। ସମସ୍ତଙ୍କ ମନରେ କୋହ ଓ କ୍ଷୋଭ। ରଥଯାତ୍ରା ହେବା ଦାବିରେ ଶ୍ରୀକ୍ଷେତ୍ର ସୁରକ୍ଷା ବାହିନୀ ଏବଂ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଶୁକ୍ରବାର ୬ଘଣ୍ଟିଆ ପୁରୀ ବନ୍ଦ ଡାକରା ଦିଆଯାଇଛି।

ଏପ୍ରିଲ ୨୬ ତାରିଖ ଅକ୍ଷୟତୃତୀୟାରେ ଶ୍ରୀମନ୍ଦିର ଭିତରେ ରଥ ନିର୍ମାଣ ଅନୁକୂଳ ହୋଇଥିଲା। କେନ୍ଦ୍ର ସରକାରଙ୍କ ସର୍ତ୍ତମୂଳକ ଅନୁମତି ପରେ ୧୨ଦିନ ବିଳମ୍ବରେ ଅର୍ଥାତ୍ ମେ ୫ରେ ରଥ ନିର୍ମାଣ ଆରମ୍ଭ ହୋଇଥିଲା। ଧାର୍ଯ୍ୟ ସମୟ ପୂର୍ବରୁ ପ୍ରାୟ କାମ ସରିଛି। ସେହିପରି ମନ୍ଦିର ପ୍ରଶାସନ ପକ୍ଷରୁ ରଥ ପ୍ରତିଷ୍ଠା ଲାଗି ଦେଉଳ ପୁରୋହିତଙ୍କୁ ଅନୁମତି ଦିଆଯିବା ସହ ବିଭିନ୍ନ ସେବାୟତ ନିଯୋଗ ସହ ଆଲୋଚନା କରାଯାଇଥିଲା। ସେବାୟତମାନେ ରଥଯାତ୍ରା ହେବା ନେଇ ଏକପ୍ରକାର ନିଶ୍ଚିତ ଥିଲେ। ପ୍ରଶାସନ ପକ୍ଷରୁ ସିଂହଦ୍ୱାର ସମ୍ମୁଖରୁ ନୂତନ ଶେଡ୍ ଖୋଲାଯିବା, ବଡ଼ଦାଣ୍ଡ ସହ ସଂଯୋଗ ସାହିଗଳି ରାସ୍ତାକୁ ବନ୍ଦ ପାଇଁ ବ୍ୟାରିକେଡ କରାଯିବା, ବଡ଼ଦାଣ୍ଡ ଉଭୟ ପାର୍ଶ୍ୱରୁ କ୍ୟାବିନ ହଟାଇବା କାର୍ଯ୍ୟ ଚାଲିଥିଲା। ତେବେ କରୋନା ପାଇଁ ଏଥର ପୁରୀ ସମେତ ଓଡ଼ିଶାର କୌଣସି ସ୍ଥାନରେ ରଥଯାତ୍ରା ହେବ ନାହିଁ ବୋଲି କୋର୍ଟଙ୍କ ରାୟ ପରେ ସିଂହଦ୍ୱାର ସମ୍ମୁଖରେ ଭକ୍ତଙ୍କ ଭିଡ଼ ଲାଗିଥିଲା। ରଥ ନିର୍ମାଣରେ ସମ୍ପୃକ୍ତ ସେବକ କିଛି ସମୟ ପାଇଁ ଅଟକି ଯାଇଥିଲେ। ଯଦି ବିଶ୍ୱନିୟନ୍ତା ରଥରେ ବିରାଜମାନ କରିବେ ନାହିଁ ତେବେ ସେମାନେ କାହିଁକି ଘରଦ୍ୱାର ଛାଡ଼ି ସଙ୍ଗରୋଧରେ ରହି ଦିନରାତି ଏକ କରିଦେଇଥିଲେ ବୋଲି କହିଛନ୍ତି। ଅନ୍ୟ ସେବାୟତମାନେ କ୍ଷୋଭ ପ୍ରକାଶ କରିଛନ୍ତି। ସ୍ନାନପୂର୍ଣ୍ଣିମା ଯଦି ବିନା ଭକ୍ତରେ ହୋଇପାରିଲା ରଥଯାତ୍ରା କାହିଁକି ହୋଇପାରିବ ନାହିଁ ବୋଲି ପ୍ରଶ୍ନ କରିଛନ୍ତି। ଭକ୍ତମାନେ ମଧ୍ୟ ରଥଯାତ୍ରା ବନ୍ଦ ନିଷ୍ପତ୍ତିକୁ ଗ୍ରହଣ କରିପାରିନାହାନ୍ତି। ସେମାନେ ବରଂ ସରକାରଙ୍କ ନିୟମ ମାନି ଘରେ ରହିବେ, କିନ୍ତୁ ବଡ଼ଦାଣ୍ଡରେ ମହାପ୍ରଭୁଙ୍କ ରଥ ଗଡୁ ବୋଲି ମତ ରଖିଛନ୍ତି। ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଆବାହକ ପ୍ରିୟଦର୍ଶନ ପଟ୍ଟନାୟକଙ୍କ ନେତୃତ୍ୱରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ରଥଯାତ୍ରା ହେବା ଦାବିରେ ଶୁକ୍ରବାର ପୁରୀ ବନ୍ଦ ଡାକରା ଦେଇଛନ୍ତି ଶ୍ରୀକ୍ଷେତ୍ର ସୁରକ୍ଷା ବାହିନୀ ଏବଂ ଶ୍ରୀଜଗନ୍ନାଥ ସେନା। ସକାଳ ୬ରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ବନ୍ଦ ଡାକରା ଦିଆଯାଇଥିବା ଶ୍ରୀକ୍ଷେତ୍ର ସୁରକ୍ଷା ବାହିନୀର ସ୍ୱାଧୀନ କୁମାର ପଣ୍ଡା ଏବଂ ଶ୍ରୀଜଗନ୍ନାଥ ସେନାର ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି।

### ରଥଯାତ୍ରା ହେବା ଦାବିରେ ଆଜି ୬ଘଣ୍ଟିଆ ପୁରୀ ବନ୍ଦ

## ମହାପ୍ରଭୁ ସୁସ୍ଥ, ଗଜପତିଙ୍କୁ ଜଣାଇଲେ ଦଇତାପତି

### ରାଜପ୍ରସାଦ ବିଜେ

ପୁରୀ ଅଫିସ,୧୮।୬

ପବିତ୍ର ସ୍ନାନ ପୂର୍ଣ୍ଣିମାରେ ୧୦୮ ଗଡୁ ଜଳରେ ସ୍ନାନ ପରେ ଜ୍ୱରରେ ପଡ଼ିଥିଲେ ମହାପ୍ରଭୁ। ଅଣସର ଘରେ ଠାକୁରଙ୍କ ଗୁପ୍ତସେବା ଚାଲିଥିଲା। ଫୁଲୁରୀ ତେଲ ଓ ଓଷୁଅ ଲାଗି ପରେ ଏକାଦଶୀରେ ଦଶମୂଳ ମୋଦକ ଖାଇ ମହାପ୍ରଭୁ ସୁସ୍ଥ ହୋଇଛନ୍ତି। ଦଇତାପତି ସେବକମାନେ ଶ୍ରୀନଅରକୁ ଯାଇ ଦାରୁବିଗ୍ରହଙ୍କ ସୁସ୍ଥ ଖବର ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କୁ ଜଣାଇଛନ୍ତି। ଏହାସହିତ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ପ୍ରସାଦ ପ୍ରଦାନ କରିଛନ୍ତି। ଏହାକୁ ରାଜପ୍ରସାଦ ବିଜେ କୁହାଯାଏ।

ଆଷାଢ଼ କୃଷ୍ଣ ଦ୍ୱାଦଶୀ ତିଥିରେ ଅଣସରରେ ଥିବା ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ପ୍ରସାଦ ରାଜପ୍ରସାଦକୁ ବିଜେ ହେବାର ପରମ୍ପରା ରହିଛି। ଗୁରୁବାର ଶ୍ରୀମନ୍ଦିରରେ ଭୋଗମଣ୍ଡପ ନୀତି ସମ୍ପନ୍ନ ହେବା ପରେ ଦଇତାପତି ଅଣସର ଘର ଖୋଲି ଭିତରକୁ ଯାଇଥିଲେ। ଭଣ୍ଡାର ମେକାପ ଦେଇଥିବା ପାଟବସ୍ତ୍ର ପଡ଼ିଥିବା ରୁପାଥାଳି ଅଣସର ଘରକୁ ନେଇ ଠାକୁରଙ୍କ ଶ୍ରୀଅଙ୍ଗରୁ ବାହାରିଥିବା ଚନ୍ଦନ, କରାଳ, ପାଟଡୋରି ସଜେଇ କରି ରଖିଥିଲେ। ବେହେରଣ ଦ୍ୱାରରେ ଆସ୍ଥାନ ପଡିଆରୀ ପକାଇଥିବା ପାହାଡ଼ା (କପଡ଼ା) ଉପରେ ଏହି ଥାଳିକୁ ସଜାଇ ରଖିଥିଲେ। ଘଣ୍ଟ, ଛତା, କାହାଳୀ ସହ ଥାଳିଗୁଡ଼ିକୁ ଦଇତାପତିମାନେ ଗଜପତି ମହାରାଜାଙ୍କ ଉଦ୍ଦେଶ୍ୟରେ ଶ୍ରୀନଅରକୁ ନେଇ ଯାଇଥିଲେ। ରାଜବାଟୀରେ ପଡିଥିବା ଚାରିବାଡ଼ର ପାହାଡ଼ା ଉପରେ ଥାଳିମାନ ରଖିଥିଲେ। ରାଜଗୁରୁଙ୍କ ସହିତ ଗଜପତି ମହାରାଜା ଆସିଥିଲେ। ଏହାପରେ ଥାଳିଗୁଡ଼ିକୁ ସଂସ୍କାର କରି ରାଜଗୁରୁ ଗଜପତି ମହାରାଜାଙ୍କ ମୁଣ୍ଡରେ ଛୁଆଁଇଥିଲେ। ଗଜପତି ମହାରାଜା ଦଇତାପତିଙ୍କୁ ଶାଢି ବନ୍ଧେଇବା ଲାଗି ରାଜଗୁରୁଙ୍କୁ ଆଜ୍ଞା ପ୍ରଦାନ କରିଥିଲେ। ଦଇତାପତିମାନେ ଶାଢି ବନ୍ଧାଇବା ପରେ ଗଜପତିଙ୍କ ସହ ଠାକୁରଙ୍କ ଅଣସର କାର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ। ଏଥିସହ ଠାକୁରଙ୍କ ସୁସ୍ଥ ହେବା ଖବର ମଧ୍ୟ ଦେଇଥିଲେ।



ଶ୍ରୀମନ୍ଦିରରୁ ଶ୍ରୀନଅରକୁ ରାଜପ୍ରସାଦ ବିଜେ କରାଯାଉଛି।

### ଆଜି ଘଣା ଲାଗି

ଅଣସର ଘରେ ଏବେ ମହାପ୍ରଭୁଙ୍କ ଶ୍ରୀଅଙ୍ଗର ସପ୍ତାବରଣ କାର୍ଯ୍ୟ ଚାଲିଛି। ସେଥିମଧ୍ୟରେ ଗୁରୁବାର ଘଣାକଟା ହୋଇଛି। ଶୁକ୍ରବାର ମହାପ୍ରଭୁଙ୍କ ଶ୍ରୀଅଙ୍ଗ ସୁରକ୍ଷା ଲାଗି ଘଣାଲାଗି କରାଯିବ। ଘଣାଲାଗି କାର୍ଯ୍ୟ ସରିବା ପରେ ଜୟ ବିଜୟ ଦ୍ୱାର ଫିଟି ପଟିଦିଅଁଙ୍କର ମଙ୍ଗଳ ଆଳତି ହେବ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ନୀତି ନିର୍ଘଣ୍ଟ ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟା ୬ଟାରେ ଖଳି ବିଜେ ହୋଇ ରାତ୍ର ୧୦ଟା ସୁଦ୍ଧା ଘଣାଲାଗି ସରିବ। ଏହାପରେ ଜୟ ବିଜୟ ଦ୍ୱାର ଫିଟି ରାତ୍ର ସାଢେ ୧୦ଟାରେ ମଙ୍ଗଳ ଆଳତି ହୋଇ ଅନ୍ୟାନ୍ୟ ନୀତି ବଢ଼ିବ।

## ସଂକ୍ଷେପରେ

### ସରକାର ରିଭ୍ୟୁ ପିଟିଶନ ଦାଖଲ କରନ୍ତୁ: ଜୟନ୍ତ

ପୁରୀ ଅଫିସ,୧୮।୬: ମହାମାରୀ କରୋନା ପାଇଁ ଏଥର ରଥଯାତ୍ରାକୁ ବନ୍ଦ କରିଛନ୍ତି ସୁପ୍ରିମ୍‌କୋର୍ଟ। ଏହାକୁ ନେଇ ଭକ୍ତ ଓ ସେବାୟତ ମହଲରେ ଅସନ୍ତୋଷ ପ୍ରକାଶ ପାଉଥିବା ବେଳେ ଏହି ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଛନ୍ତି ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ। ଗୁରୁବାର ଗଣମାଧ୍ୟମକୁ ବିଧାୟକ ଷଡ଼ଙ୍ଗୀ କହିଛନ୍ତି, ରଥଯାତ୍ରାକୁ ବିନା ଭକ୍ତରେ କରିବା ପାଇଁ ରାଜ୍ୟ ସରକାର ରିଭ୍ୟୁ ପିଟିଶନ ଦାଖଲ କରିବାକୁ ନିବେଦନ କରୁଛି। ପୁରୀର ନାଗରିକମାନେ ସ୍ନାନପୂର୍ଣ୍ଣିମା କଟକଣାକୁ ମାନି ଘରେ ରହି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ରଥଯାତ୍ରାରେ ମଧ୍ୟ ସେହି କଟକଣାକୁ ମାନିବା ପାଇଁ ସମସ୍ତେ ପ୍ରସ୍ତୁତ। ରଥଯାତ୍ରା ହେଉ, ପରମ୍ପରା ରହୁ। ରଥଯାତ୍ରା ବନ୍ଦ ହେବା ଘଟଣା ସାରା ବିଶ୍ୱରେ ଥିବା କୋଟି କୋଟି ଜଗନ୍ନାଥପ୍ରେମୀଙ୍କୁ ଦୁଃଖ ଦେଇଛି। ରାଜ୍ୟ ସରକାର, କେନ୍ଦ୍ର ସରକାର, ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ପୁରୀ ଏମ୍‌ପି ସମସ୍ତେ ମହାପ୍ରଭୁଙ୍କ ପରମ୍ପରା ରକ୍ଷା ପାଇଁ କଟକଣାଯୁକ୍ତ ରଥଯାତ୍ରା ପାଇଁ ବ୍ୟବସ୍ଥା କରନ୍ତୁ। ପୁରୀବାସୀଙ୍କ ତରଫରୁ ସମସ୍ତ ପ୍ରକାର ସହଯୋଗ କରିବା ଲାଗି ମୁଁ ପ୍ରତିଶ୍ରୁତିବଦ୍ଧ ଜଗନ୍ନାଥଙ୍କ ରଥଯାତ୍ରା ବନ୍ଦ ହେଲେ ଆମେ ନିଜକୁ କ୍ଷମା କରିପାରିବା ନାହିଁ ବୋଲି ବିଧାୟକ କହିଛନ୍ତି।

### ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ଦୀପଦାନ

ପୁରୀ ଅଫିସ,୧୮।୬: ଦେଶ ମାତୃକାର ସୁରକ୍ଷା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ଭାରତ ମାତାର ସୁଯୋଗ୍ୟ ସନ୍ତାନମାନଙ୍କ ଉଦ୍ଦେଶ୍ୟରେ ହେ ବୀର ତୁମକୁ ପ୍ରଣାମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଗୁରୁବାର ଅପରାହ୍ନ ୫ଟାରେ ସାହିଭାଇ ଅନୁଷ୍ଠାନ ପକ୍ଷରୁ ଦୀପଦାନ କରାଯାଇ ବୀର ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଯାଇଛି। କାର୍ଯ୍ୟକାରୀ ସଭାପତି ବ୍ରଜବନ୍ଧୁ ମହାରଣାଙ୍କ ନେତୃତ୍ୱରେ ଅନୁଷ୍ଠାନର ସମସ୍ତ ସଦସ୍ୟାସଦସ୍ୟ ଉପସ୍ଥିତ ରହିଥିଲେ। କୋଭିଡ୍-୧୯ ନିୟମ ପାଳନ ସହିତ ସାମାଜିକ ଦୂରତା ରକ୍ଷା କରି ଏହି କାର୍ଯ୍ୟକ୍ରମ ସମ୍ପାଦନ କରାଯାଇଥିଲା। ସୂଚନାଥାଉ କି, ଲଦାଖ ସୀମାରେ ଭାରତ-ଚାଇନା ସେନା ମଧ୍ୟରେ ସଂଘର୍ଷ ଘଟି ଦୁଇ ବୀର ଓଡ଼ିଆଙ୍କ ସମେତ ୨୦ ଜଣ ଯବାନ ଶହୀଦ ହୋଇଛନ୍ତି।

### ପୁରୀରୁ ପୁଣି ୧୬ ପଜିଟିଭ ଚିହ୍ନଟ, ୫ ସୁସ୍ଥ

ପୁରୀ ଅଫିସ,୧୮।୬: ପୁରୀ ଜିଲାରୁ ଗୁରୁବାର ପୁଣି ୧୬ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୫ଜଣ ସୁସ୍ଥ ହୋଇଛନ୍ତି। ଚିହ୍ନଟ ନୂଆ ସଂକ୍ରମିତଙ୍କୁ ମିଶାଇ ଜିଲାର ପଜିଟିଭ ସଂଖ୍ୟା ଦ୍ୱିଶତକ ପାର କରିଛି। ମୋଟ ୨୦୪ ଜଣ ପଜିଟିଭଙ୍କ ମଧ୍ୟରୁ ୧୦୮ ଜଣ ଆରୋଗ୍ୟ ଲାଭ କରିଥିବାବେଳେ ୯୬ଜଣ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ତେବେ ଗୁରୁବାର ଚିହ୍ନଟ ନୂଆ ସଂକ୍ରମିତଙ୍କ ସମ୍ପର୍କରେ ଜିଲା ପ୍ରଶାସନ ପକ୍ଷରୁ ସମ୍ପୂର୍ଣ୍ଣ ତଥ୍ୟ ଦିଆଯାଇ ନାହିଁ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଗତ କିଛିଦିନ ଧରି ଜିଲାର ସଂକ୍ରମିତଙ୍କ ସଂଖ୍ୟା ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ମଝିରେ ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସ ପାଇଥିଲା। କିନ୍ତୁ ଗତ ୯ ଦିନରେ ପୁଣି ୯୬ ଜଣ ପଜିଟିଭ ଚିହ୍ନଟ ହେବା ପରେ ଜିଲାର ମୋଟ ପଜିଟିଭ ସଂଖ୍ୟା ଦ୍ୱିଶତକ ପାର୍ କରିଛି। ତେବେ ଗତ ୯ ଦିନ ମଧ୍ୟରେ ମାତ୍ର ୨୧ ଜଣ ସୁସ୍ଥ ହୋଇଛନ୍ତି। ଜିଲାରେ ପ୍ରଥମ କରୋନା ପଜିଟିଭ ଏପ୍ରିଲ ୩ ତାରିଖରେ ଚିହ୍ନଟ ହୋଇଥିଲା। ଏହାପରେ ୩୭ ଦିନ ଜିଲାରୁ କେହି ଏହି ଭୂତାଣୁ ଦ୍ୱାରା ଆକ୍ରାନ୍ତ ହୋଇ ନ ଥିଲେ। ଏହାପରେ ମେ ୧୦ ତାରିଖ ପରଠାରୁ ସଂକ୍ରମିତ ଚିହ୍ନଟ ହେବାରେ ଲାଗିଛନ୍ତି।

### କଣ୍ଟେନମେଣ୍ଟ ଜୋନ୍‌ରେ ବିଶୋଧନ କାର୍ଯ୍ୟ ଜାରି

ପୁରୀ ଅଫିସ,୧୭।୬: ପୁରୀ ଜିଲା ସିଭିଲ କୋର୍ଟ ପରିସରରେ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ପ୍ରଶାସନ ପକ୍ଷରୁ ତ୍ୱରିତ୍ ପଦକ୍ଷେପ ନିଆଯାଇଛି। ବୁଧବାର କୋର୍ଟ ସମେତ ଜିଲାପାଳଙ୍କ କାର୍ଯ୍ୟାଳୟ ଏବଂ ଏହାର ଆଖପାଖ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଥିଲା। ଗୁରୁବାର ସମ୍ପୃକ୍ତ ଅଞ୍ଚଳରେ ବିଶୋଧନ କାର୍ଯ୍ୟ ଜୋର୍‌ଦାର ଭାବେ ଚାଲିଛି। ଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ବିଭିନ୍ନ ସରକାରୀ କାର୍ଯ୍ୟାଳୟର ବିଶୋଧନ କାର୍ଯ୍ୟ ଜାରି ରହିଛି। ଜିଲା ଅଗ୍ନିଶମ କର୍ମଚାରୀମାନେ କଣ୍ଟେନମେଣ୍ଟ ଜୋନ ଅଞ୍ଚଳରେ ରାସାୟନିକ ସ୍ପ୍ରେ କରୁଛନ୍ତି। ସୂଚନାଥାଉ କି, କୋର୍ଟର ଜଣେ ଓକିଲ, ମୋହରିର ଏବଂ ହାଜର ହେବାକୁ ଆସିଥିବା ୨ ଅଭିଯୁକ୍ତଙ୍କଠାରେ କରୋନା ପଜିଟିଭ ଚିହ୍ନଟ ହେବା ପରେ ପ୍ରଶାସନ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଏହା ପରିସର ସମସ୍ତ ସରକାରୀ ଏବଂ ବେସରକାରୀ କାର୍ଯ୍ୟାଳୟ, ବ୍ୟବସାୟ ପ୍ରତିଷ୍ଠାନ ଆଦିକୁ ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ବନ୍ଦ କରି ଦିଆଯାଇଛି।

ମନେ ପଡ଼ନ୍ତି

ଦଶାହ ଉପଲକ୍ଷେ



ସ୍ୱର୍ଗତା ରାଜଲକ୍ଷ୍ମୀ ରଥ
ରାଜଲକ୍ଷ୍ମୀ ଭବନ, ନାଗେଶ୍ୱର ଟାଙ୍ଗୀ, ଭୁବନେଶ୍ୱର
(୦୧।୦୬।୧୯୪୪– ୧୦।୦୬।୨୦୨୦)
ବୋଉ, ଦୀର୍ଘ ୭୬ବର୍ଷର ଲୀଳାଖେଳା ପରେ ଆମକୁ ଛାଡ଼ି ତୁ ଆଷାଢ଼ କୃଷ୍ଣପକ୍ଷ ପଞ୍ଚମୀ ତିଥିରେ ଆର ପାରିକୁ ଚାଲିଗଲୁ। ତୋର ମମତାର ଡ଼ୋରି ଆମକୁ ବାନ୍ଧି ରଖିଛି ବୋଉ। ପ୍ରତି ମୁହୂର୍ତ୍ତରେ ଲାଗୁଛି ତୁ ଆମ ପାଖରେ ଅଛୁ, ତୁ ଆମପାଇଁ ଆତ୍ମନିର୍ଭରଶୀଳତାର ପ୍ରତୀକ। ଆଜିର ଏହି ଦିନରେ ପ୍ରଭୁ ଶ୍ରୀଜଗନ୍ନାଥ ତୋର ଅମର ଆତ୍ମାର ସଦ୍‌ଗତି ପ୍ରଦାନ କରନ୍ତୁ। ତୁ ଯୋଉଠି ଥାଆ ଆମକୁ କରୁଣା ଦୃଷ୍ଟିରେ ଚାହିଁଥା।
–:ଇତି ତୋର ହତଭାଗ୍ୟ:–
ଟୁନୁ, ମୁନୁ, ରୁନୁ,ବେବି ସିଲୁ, ବର୍ଷା, ମଞ୍ଜୁ, ସଞ୍ଜୁ, ନାତି, ନାତୁଣୀ, ବନ୍ଧୁ ଓ ପରିଜନ ବର୍ଗ ।
ଧ-୧୭୫୧୫

୧୧ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଈଶ୍ୱର ଚନ୍ଦ୍ର ସାମଲ
ଜଗନ୍ନାଥ ବିହାର, ବରମୁଣ୍ଡା, ଭୁବନେଶ୍ୱର
ତିରୋଧାନ: ୧୯।୦୬।୨୦୦୯
ଚାହୁଁ ଚାହୁଁ ୧୧ବର୍ଷ ବିତିଗଲା। ଆପଣଙ୍କ ଅନୁପସ୍ଥିତି ଆମ ଜୀବନରେ ଭରି ଦେଇଛି ଶୂନ୍ୟତା। ଆପଣ ଦେଖାଇଥିବା ପଥରେ ଆମେ ଅନୁଗାମୀ। ଆପଣଙ୍କ ସ୍ନେହ, ଶ୍ରଦ୍ଧା ଏବେ ବି ଆମ ଜୀବନର ଉତ୍ସ। ପ୍ରଭୁଙ୍କଠାରେ ପ୍ରାର୍ଥନାଆପଣଙ୍କ ଅମରଆତ୍ମା ଶାନ୍ତିରେ ରହୁ।
ଶୋକସନ୍ତପ୍ତ: ପତ୍ନୀ: ଲକ୍ଷ୍ମୀପ୍ରିୟା, ପୁତ୍ର: ସରୋଜ, ମନୋଜ, ବୋହୂ: ଅର୍ଚ୍ଚନା, ସୁଚରିତା, ଝିଅ: ଝରଣା, ମନସ୍ୱୀତା, ପ୍ରଜ୍ଞା, ଜ୍ୱାଇଁ: ପ୍ରଶାନ୍ତ, ଅଶୋକ, ଜ୍ୟୋତି, ନାତି: ଅରବିନ୍ଦ, ଅର୍ପଣ, ଅଂଶୁମାନ, ନାତୁଣୀ: ଆକାଂକ୍ଷା, ଐଶ୍ୱର୍ଯ୍ୟା, ସ୍ୱାତୀ ଓ ଶ୍ରେଷ୍ଠା ।
ଧ-୧୭୫୧୦

ଧରିତ୍ରୀ
DHARITRI
ଶୁକ୍ରବାର, ୧୯ ଜୁନ୍, ୨୦୨୦



**ଦଶପଲ୍ଲାର ପୂର୍ବତନ ବିଡିଓଙ୍କୁ ଆକ୍ରମଣ ଘଟଣା :୩ ଗିରଫ**

ନୟାଗଡ଼ ଅଫିସ,୧୮।୬: ଦଶପଲ୍ଲା ବ୍ଲକର ପୂର୍ବତନ ବିଡିଓଙ୍କୁ ଆକ୍ରମଣ ଘଟଣାରେ ସ୍ୱତନ୍ତ୍ର ପୋଲିସ ଟିମ୍ ଫକୀର ଦଳେଇ, ସୁଧାକର ପ୍ରଧାନ ଓ ଅଶ୍ୱିନୀ ସାହୁଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ଦଶପଲ୍ଲା ସବ୍‌ଜେଲକୁ ପଠାଇ ଦିଆଯାଇଥିବା ନୟାଗଡ ଏସଡିପିଓ ନିରଞ୍ଜନ ପାଢ଼ୀ ସୂଚନା ଦେଇଛନ୍ତି। ଦଶପଲ୍ଲାର ପୂବତନ ବିଡିଓ ଦେବୀ ପ୍ରସାଦ ମହାନ୍ତିଙ୍କୁ ଆକ୍ରମଣ ଘଟଣାରେ ପୋଲିସର କାର୍ଯ୍ୟକଳାପ ଉପରେ ପ୍ରଶାସନିକ ସେବା ସଂଘ ପକ୍ଷରୁ ଅସନ୍ତୋଷ ବ୍ୟକ୍ତ କରାଯାଇଥିଲା।

## ସଂକ୍ଷେପରେ

### ଭିଜିଲାନ୍ସ ଜାଲରେ ସର୍ବଶିକ୍ଷା ଅଭିଯାନର ଟେକ୍ନିକାଲ କନ୍‌ସଲ୍‌ଟାଣ୍ଟ

ଭଦ୍ରକ ଅଫିସ, ୧୮।୬ : ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭଦ୍ରକ ଡିପିସିଙ୍କ କାର୍ଯ୍ୟାଳୟ ଅଧିନ ସର୍ବଶିକ୍ଷା ଅଭିଯାନର ଟେକ୍ନିକାଲ କନ୍‌ସଲ୍‌ଟାଣ୍ଟ ବୈଲୋଚନ ପୁହାଣ ଭିଜିଲାନ୍ସ ଜାଲରେ ଛନ୍ଦି ହୋଇପଡିଛନ୍ତି। ଭିଜିଲାନ୍ସ ପକ୍ଷରୁ ତାଙ୍କୁ ପଚରାଉଚୁରା କରାଯାଉଛି। ଭଦ୍ରକ ଡିଏସ୍‌ପି ଦକ୍ଷିଣୀଚରଣ ମୁର୍ମୁଙ୍କ ସହ ବାଲେଶ୍ୱର ଡିଏସ୍‌ପି ସନ୍ତୋଷ ସାମନ୍ତରାୟଙ୍କ ନେତୃତ୍ୱରେ ୫ଜଣିଆ ଟିମ୍ ଗୁରୁବାର ବୈଲୋଚନଙ୍କ ଭଦ୍ରକ ଜଗନ୍ନାଥପୁର ଆଚାର୍ଯ୍ୟନଗରସ୍ଥିତ ବାସଭବନ ସମେତ ୫ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରିଛନ୍ତି। ତାଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ଆକଳନ କରାଯାଉଛି । ଜଗନ୍ନାଥପୁର ଆଚାର୍ଯ୍ୟନଗରସ୍ଥିତ ବାସଭବନ ସହ ଡିପିସି କାର୍ଯ୍ୟାଳୟ, ଭଦ୍ରକ ବଣିଆସ୍ଥିତ ପୈତୃକ ବାସଭବନ, ବନ୍ତ ତାଳପଦା ଛକସ୍ଥିତ ଟିଲୋ ଗ୍ରାମରେ ଥିବା ତାଙ୍କ ଶଳାଙ୍କ ଘର ଓ ବନ୍ତ ଟିକିରିଆସ୍ଥିତ ଶ୍ୱଶୁର ଘର ଉପରେ ଚଢ଼ାଉ କରାଯାଇ ସମ୍ପତ୍ତି ଆକଳନ କରାଯାଇଛି। ଭଦ୍ରକ ଆଚାର୍ଯ୍ୟନଗରସ୍ଥିତ ବାସଭବନରୁ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟ, ଜୀମା ବଣ୍ଡ ଓ ନଗଦ ଟଙ୍କା ଜବତ କରାଯାଇଛି। ରିପୋର୍ଟ ଲେଖା ହେବା ସୁଦ୍ଧା ସମ୍ପତ୍ତିର ଆକଳନ ସରି ନ ଥିବାରୁ ଭିଜିଲାନ୍ସ ପକ୍ଷରୁ ଚୂଡ଼ାନ୍ତ ରିପୋର୍ଟ ଦିଆଯାଇନାହିଁ।

### ବଡ଼ଭାଇଙ୍କ ଠେଙ୍ଗାମାଡ଼ରେ ସାନ ମୃତ

ମୋବାଇଲ ବ୍ୟବହାରକୁ ନେଇ ଗଣ୍ଡଗୋଳ

ରାୟଗଡ଼ା ଅଫିସ/ଟିକିରି,୧୮।୬: ସାମାନ୍ୟ କଥାକୁ ନେଇ ଦୁଇ ଭାଇଙ୍କ ମଧରେ କଥା କଟାକଟି ଓ ପରେ ହତ୍ୟା। ବଡ଼ଭାଇର ଠେଙ୍ଗାମାଡ଼ରେ ସାନଭାଇଙ୍କ ମୃତ୍ୟୁ ଘଟିଛି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ରାୟଗଡ଼ା ଜିଲା କାଶୀପୁର ଥାନା ଅଧୀନ ପଣସଗୁଡ଼ା ଗ୍ରାମରେ। ସୂଚନା ଅନୁଯାୟୀ, ଗାଁର ପିଣ୍ଟୁ ମାଝି(୨୭) ଓ ସାନଭାଇ ପପୁ ମାଝି(୨୩) ନିକଟରେ ତେଲଙ୍ଗାନାରୁ ଫେରି ସଙ୍ଗରୋଧରେ ଥିଲେ। ସେଠାରୁ ୨ଦିନ ତଳେ ଘରକୁ ଫେରିଥିଲେ। ତେବେ ମୋବାଇଲ ବ୍ୟବହାରକୁ ନେଇ ବୁଧବାର ବିଳମ୍ବିତ ରାତିରେ ଦୁହିଁଙ୍କ ମଧରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ବଡ଼ଭାଇ ଉତ୍ତ୍ୟକ୍ତ ହୋଇ ଠେଙ୍ଗା ସାହାଯ୍ୟରେ ସାନଭାଇଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ; ଯଦ୍ୱାରା ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ପରିବାର ଲୋକେ ଏ ନେଇ ପୋଲିସକୁ ଖବର ଦେଇଥିଲେ। କାଶୀପୁର ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଅଭିଯୁକ୍ତ ପିଣ୍ଟୁଙ୍କୁ ଅଟକ ରଖିଛି। ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଣାର ତଦନ୍ତ ଚାଲିଥିବା ଜଣାପଡ଼ିଛି। ଏ ନେଇ କାଶୀପୁର ଥାନାରେ ୯୩/୨୦ ନଂ. ରେ ଏକ ହତ୍ୟା ମାମଲା ରୁଜୁ ହୋଇଥିବା ସୂଚନା ମିଳିଛି।

### ବ୍ୟାଙ୍କ ଆକାଉଣ୍ଟରୁ ୧ ଲକ୍ଷ ଲୁଟ୍

ସୋନପୁର,୧୮।୬(ନି.ପ୍ର.)-ବୌଦ୍ଧ ଜିଲା ମନମୁଣ୍ଡା ଥାନା ନୂର୍ପା ଗ୍ରାମର ଗୌରଚନ୍ଦ୍ର ପଟ୍ଟନାୟକଙ୍କ ସ୍ତ୍ରୀ ସଞ୍ଜୁକ୍ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ କେହି ଦୁର୍ବୃତ୍ତ ୧ ଲକ୍ଷ ଟଙ୍କା ବିଭିନ୍ନ ପର୍ଯ୍ୟାୟରେ ଉଠାଇ ନେଇଥିବା ଅଭିଯୋଗ ହୋଇଛି । ଏ ନେଇ ସଞ୍ଜୁକ୍ତା ସୋନପୁର ଥାନା ଏବଂ ସୋନପୁର ଷ୍ଟେଟ୍‌ବ୍ୟାଙ୍କ ମୁଖ୍ୟ ପରିଚାଳକଙ୍କ ନିକଟରେ ଗୁରୁବାର ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗରୁ ଜଣାଯାଇଛି ଯେ, ସଞ୍ଜୁକ୍ତାଙ୍କ ନାମରେ ସୋନପୁର ଷ୍ଟେଟ୍ ବ୍ୟାଙ୍କ ମୁଖ୍ୟ ଶାଖାରେ ଆକାଉଣ୍ଟ ଅଛି । ଗତ ୧୬ ତାରିଖରେ ସଞ୍ଜୁକ୍ତା ଏଟିଏମ୍‌ରୁ ୩ ହଜାର ଟଙ୍କା କାଢ଼ିଥିଲେ । ଏହାପରେ ଏଟିଏମ୍‌ରୁ ମିନି ଷ୍ଟେଟମେଣ୍ଟ କାଢିଲା ପରେ ତାଙ୍କ ଆକାଉଣ୍ଟରୁ କେହି ୧ ଲକ୍ଷ ଟଙ୍କା ଉଠାଇ ନେଇଥିବା ଜଣାପଡିଥିଲା। କୌଣସି ଦୁର୍ବୃତ୍ତ ତାଙ୍କ ଆକାଉଣ୍ଟରୁ ମାର୍ଚ୍ଚ ୨୩ରେ ତିନୋଟି ପର୍ଯ୍ୟାୟରେ ୩୦ ହଜାର, ୨୪ ତାରିଖରେ ଦୁଇଟି ପର୍ଯ୍ୟାୟରେ ୨୦ ହଜାର, ଏପ୍ରିଲ ୨୯ ତାରିଖରେ ୧୦ ହଜାର, ମେ ୩୦ରେ ୧୦ ହଜାର, ୩୧ ତାରିଖରେ ୧୦ ହଜାର, ଜୁନ୍ ୩ ରେ ୧୦ ହଜାର ଓ ୧୨ ତାରିଖରେ ୧୦ ହଜାର ଟଙ୍କା ଉଠାଣ କରିଥିବା ଜଣାପଡିଛି। ଏକ କିଓସ୍କ ବ୍ୟାଙ୍କିଙ୍ଗ୍‌ରୁ ଏହି ଟଙ୍କା ଉଠାଣ ହୋଇଛି । ସଞ୍ଜୁକ୍ତାଙ୍କ ଅଭିଯୋଗ କ୍ରମେ ସୋନପୁର ଥାନାରେ ନଂ୧୦୮/୨୦ ରେ ଏକ ମାମଲା ରୁଜୁ ହୋଇଛି।

# ବିଡୋ ପଞ୍ଚାୟତରେ ୩୨.୨୭ ଲକ୍ଷର ଦୁର୍ନୀତି

ଓଡ଼ାପଡ଼ା, ୧୮।୬(ଡି.ଏନ.ଏ.)



ଭଗବାନ ସାହୁ

- ସରପଞ୍ଚ ଗିରଫ, ନିଲମ୍ବିତ ପିଇଓ ଫେରାର
- ୪.୬୪ ଲକ୍ଷ ଭଡା ଟଙ୍କା ଚଲୁ
- ବର୍ଷେ ହେଲା ହୋଇନି କ୍ୟାଶ୍‌ବୁକ ଅପଡେଟ୍
- ସ୍ୱତନ୍ତ୍ର ଅଡିଟ୍ ପାଇଁ ସରକାରଙ୍କୁ ନିବେଦନ

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ବିଡୋ ପଞ୍ଚାୟତରେ ବଡ଼ଧରଣର ଦୁର୍ନୀତି ହୋଇଛି। ଏଥିରେ ସମ୍ପୃକ୍ତ ଅଭିଯୋଗରେ ସରପଞ୍ଚ ଭଗବାନ ସାହୁଙ୍କୁ ଗୁରୁବାର ଗିରଫ କରାଯାଇଛି। ଏଥିପୂର୍ବରୁ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ସୁକାନ୍ତ ନାୟକଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଥିବା ବେଳେ ସେ ଫେରାର ଅଛନ୍ତି। ବିଡିଓ ଦାଶରଥି ଜେନାଙ୍କ ଅଭିଯୋଗକୁ ଭିତ୍ତିକରି ମୋଟଙ୍ଗା ଥାନାରେ ନଂ. ୧୩୩/୨୦, ଦଫା ୪୦୯ ଓ ୩୪ରେ ମାମଲା ରୁଜୁ କରାଯାଇଛି। ବିଭାଗ ପକ୍ଷରୁ ଘଟଣାର ଖୋଳତାଡ଼ ଆରମ୍ଭ ହୋଇଥିବାବେଳେ ଏହାର ସ୍ୱତନ୍ତ୍ର ଅଡିଟ୍ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି।

ଅଭିଯୋଗ ଅନୁଯାୟୀ, ବିଡୋ ପଞ୍ଚାୟତକୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟପାଇଁ ଆସିଥିବା ୩୨ଲକ୍ଷ ୨୭ହଜାର ୧୮ଟଙ୍କାକୁ ସରକାରୀ ନିୟମ ଉଲ୍ଲଂଘନ କରି ସରପଞ୍ଚ ଏବଂ ପିଇଓ ହଡ଼ପ କରିଛନ୍ତି। କେନ୍ଦ୍ର ଅର୍ଥ କମିଶନ ଓ ରାଜ୍ୟ ଅର୍ଥ କମିଶନଙ୍କ ବିଭିନ୍ନ ଯୋଜନା ବାବଦକୁ ଏହି ଅର୍ଥ ଦିଆଯାଇଥିଲା। ବର୍ଷକ ମଧ୍ୟରେ ଅଧିକାଂଶ ପଞ୍ଚାୟତ ୫୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରି ସାରିଥିବା ବେଳେ ବିଡୋ ପଞ୍ଚାୟତରେ ୧ଲକ୍ଷ ଟଙ୍କାରୁ କମ୍ ଅର୍ଥ ଖର୍ଚ୍ଚ ହୋଇଥିବା ଜଣାପଡିଥିଲା। ଏହାକୁ ନେଇ ସନ୍ଦେହ ହେବାରୁ ବିଭାଗ ପକ୍ଷରୁ ଖୋଳତାଡ଼ କରାଯାଇଥିଲା। କୌଣସି କାମ କରା ନ ଯାଇ ୩୨ଲକ୍ଷ ୨୭ ହଜାର ୧୮ଟଙ୍କା ହଡ଼ପ କରାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। କେବଳ ଭଡା ବାବଦ ୪ଲକ୍ଷ ୬୪ ହଜାର ଟଙ୍କା ଚଲୁ କରାଯାଇଛି। ବର୍ଷେ ହେଲା କ୍ୟାଶବୁକ୍ ଅପଡେଟ୍ କରାଯାଇନାହିଁ। ରେକର୍ଡପତ୍ର ଠିକ୍ ନ ଥିବା ଖୋଳତାଡ଼ ବେଳେ ଜଣାପଡ଼ିଛି।

ଏ ନେଇ ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା କୁହନ୍ତି, ବିଡୋ ପଞ୍ଚାୟତରେ ସରକାରୀ ଅର୍ଥ ଅନିୟମିତତା ହୋଇଛି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ପିଇଓଙ୍କୁ ନିଲମ୍ବନ କରାଯାଇଛି। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା କୁହନ୍ତି, ଆର୍ଥିକ ଅନିୟମିତତା ଘଟଣାରେ ସରପଞ୍ଚଙ୍କୁ ଗିରଫ କରାଯାଇଛି। ସରପଞ୍ଚଙ୍କୁ ନିଲମ୍ବନ ଏବଂ ପଞ୍ଚାୟତର ସ୍ୱତନ୍ତ୍ର ଅଡିଟ୍ କରିବା ପାଇଁ ସରକାରଙ୍କୁ ଅବଗତ କରାଯାଇଛି।

# ସର୍ଭିସ ରିଭଲଭରରୁ ଗୁଳିଫୁଟି ବଣାଇ ବିଧାୟକ ପିଏସ୍‌ଓଙ୍କ ମୃତ୍ୟୁ

ସୁନ୍ଦରଗଡ଼ ୧୮।୬ (ଡି.ଏନ୍.ଏ.)



ଡମ୍ବରୁଧର ସାହୁ

**ବିବାହ ପୂର୍ବରୁ ଆତ୍ମହତ୍ୟା କରିଥିବା ଚର୍ଚ୍ଚା**

ସର୍ଭିସ ରିଭଲଭରରୁ ଗୁଳିଫୁଟି ସୁନ୍ଦରଗଡ ଜିଲା ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ପିଏସ୍‌ଓ ଡମ୍ବରୁଧର ସାହୁଙ୍କ ମୃତ୍ୟୁ ଘଟିଛି। ପିଏସ୍‌ଓ ସାହୁଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ । ହେଲେ ସେ ସର୍ଭିସ ବନ୍ଧୁକ ସଫା କଲା ବେଳେ ଗୁଳି ଫୁଟି ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ କହିଛନ୍ତି। ଅନ୍ୟପକ୍ଷେ ସେ ଆତ୍ମହତ୍ୟା କରିଛନ୍ତି ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି ।

ବଣାଇ ଉପଖଣ୍ଡ ଲହୁଣୀପଡା ଥାନା ଅନ୍ତର୍ଗତ କୁରଡା ଗ୍ରାମର ସାହୁ ଗତ ୨୦୦୮ରେ ପୋଲିସ କନ୍‌ଷ୍ଟେବଲ ଭାବେ ଚାକିରି ଆରମ୍ଭ କରିଥିଲେ। ଗତ ୪ବର୍ଷ ହେବ ସେ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ପିଏସ୍‌ଓ ଭାବେ କାର୍ଯ୍ୟ କରିଆସୁଥିଲେ। ଗୁରୁବାର ସକାଳେ ପ୍ରାୟ ସାଢେ ୬ଟାରେ ସାହୁ ନିଜ କୁରଡା ଗ୍ରାମ ଘରେ ବିଧାୟକଙ୍କ ପାଖକୁ ଯିବା ପାଇଁ ପ୍ରସ୍ତୁତ ହେଉଥିଲେ। ଡମ୍ବରୁ ପରିବାର ଲୋକଙ୍କୁ ଜଳଖିଆ ପ୍ରସ୍ତୁତ କରିବାକୁ କହି ଘର ଛାତ ଉପରକୁ ଯାଇ ବନ୍ଧୁକ ସଫା କରୁଥିଲେ । ଏହି ସମୟରେ ଗୁଳି ଫୁଟିବା ଶବ୍ଦ ଶୁଣି ପରିବାର ଲୋକେ ଛାତ ଉପରକୁ ଦୌଡିଥିଲେ । ସେତେବେଳକୁ ସେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିଲେ। ପରିବାର ଲୋକେ ତାଙ୍କୁ ବଣାଇ ଉପଖଣ୍ଡ ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଲହୁଣୀପଡା ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ ୧୩/୨୦) ରୁଜୁ ହୋଇଛି। ତେବେ ଉକ୍ତ ଘଟଣାର ତଦନ୍ତ ଚାଲିଛି ବୋଲି ବଣାଇ ଆଡିଶନାଲ ଏସ୍‌ପି ସୟଦ ମଜବୁର ରେହମାନ କହିଛନ୍ତି।

ଅନ୍ୟପକ୍ଷେ ଆମ ବଣାଇ ଖବରଦାତା ଜଣାଇଛନ୍ତି, ଡମ୍ବରୁଧର ଗତ କିଛିଦିନ ହେବ ମାନସିକ ଚାପରେ ଥିଲେ । ତାଙ୍କର ବିବାହ ସ୍ଥିର ହୋଇସାରିଥିଲା । ସେ ଝିଅ ଦେଖି ଫେରିଥିଲେ । ପରିବାର ଲୋକେ ବିବାହ ପାଇଁ ପ୍ରସ୍ତୁତ ଚଳାଇଥିବା ବେଳେ ଗୁରୁବାର ସକାଳେ ହଠାତ୍ ଛାତ ଉପରୁ ଗୁଳି ଶବ୍ଦ ଶୁଭିଥିଲା । ପରିବାର ଲୋକେ ଓ ପଡ଼ୋଶୀ କୋଠା ଉପରକୁ ଯାଇଥିଲେ । ହେଲେ ସେଠାରେ ଡମ୍ବରୁଧର ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିବା ଦେଖିବାକୁ ପାଇଥିଲେ । ଏହି ଘଟଣାକୁ ସ୍ଥାନୀୟ ଲୋକେ ଆତ୍ମହତ୍ୟା ବୋଲି କହୁଥିବା ବେଳେ ପରିବାର ଲୋକେ ଓ ପୋଲିସ ଏହାକୁ ଏକ ଦୁର୍ଘଟଣା ବୋଲି କହିଛନ୍ତି । ସର୍ଭିସ ରିଭଲଭର ସଫା କରୁଥିବା ବେଳେ ଗୁଳିଫୁଟି ତାଙ୍କର ମୃତ୍ୟୁ ଘଟିଛି ବୋଲି ପୋଲିସ କହିଛି ।

# ସିଡିଏମ୍‌ଓ ସ୍ତରରେ ଅଦଳବଦଳ

କଟକ ଅଫିସ,୧୮।୬

**ଡା. ଲକ୍ଷ୍ମୀଧର ସାହୁ କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ**

ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ), ସ୍ପେଶାଲିଷ୍ଟ ଏବଂ ଅନ୍ୟାନ୍ୟ ପଦପଦବୀରେ ବଡ ଧରଣର ଅଦଳବଦଳ କରାଯାଇଛି। ଏ ନେଇ ଗୁରୁବାର ସରକାରଙ୍କ ପକ୍ଷରୁ ପ୍ରେସ୍ ବିବୃତି ଜାରିହୋଇଛି। ବୌଦ୍ଧ ସିଡିଏମ୍‌ଓ ଡା. ଲକ୍ଷ୍ମୀଧର ସାହୁଙ୍କୁ କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଏବଂ ପୁରୀ ସିଡିଏମ୍‌ଓ ଡା.ନୀଳକଣ୍ଠ ମିଶ୍ରଙ୍କୁ ରାଉରକେଲା ଜେନେରାଲ ହସ୍ପିଟାଲର ନିର୍ଦ୍ଦେଶକ ଭାବେ ପଦୋନ୍ନତି ମିଳିଛି। କେନ୍ଦ୍ରାପଡା ସିଡିଏମ୍‌ଓ ଡା.ଉର୍ମିଳା ମିଶ୍ର ଏବଂ ଗଜପତି ସିଡିଏମ୍‌ଓ ଡା.ଗୁନୁରାଣୀ ପଟ୍ଟନାୟକଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଭାବେ ପଦୋନ୍ନତି ଦିଆଯାଇଛି। ଢେଙ୍କାନାଳ ସିଡିଏମ୍‌ଓ ଡା. ନିରଞ୍ଜନ ମିଶ୍ରଙ୍କୁ ଜନସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକ, ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଭେଷଜ ବିଶେଷଜ୍ଞ ଡା. ବିରଞ୍ଚି ନାରାୟଣ ବାରିକଙ୍କୁ କ୍ୟାପିଟାଲ ହସ୍ପିଟାଲ ଅଧୀକ୍ଷକ ଭାବେ ପଦୋନ୍ନତି ଦିଆଯାଇଛି।

ବାଲେଶ୍ୱର ସିଡିଏମ୍‌ଓ ଡା. ବାନାର୍ଜୀ ପ୍ରସାଦ ଛୋଟରାୟଙ୍କୁ ଯାଜପୁର ସିଡିଏମ୍‌ଓ ଭାବେ ବଦଳି କରାଯାଇଛି। ସିଟି ହସ୍ପିଟାଲର ଡା. ଶକ୍ତି ପ୍ରକାଶ ମିଶ୍ରଙ୍କୁ ମାଲକାନାଗିରି ସିଡିଏମ୍‌ଓ, ଡା. ଅରୁଣ କୁମାର ପାତ୍ର ବରଗଡ ସିଡିଏମ୍‌ଓ ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ, ଡା. ପ୍ରଦୀପ କୁମାର ପାତ୍ର ଗଜପତି ସିଡିଏମ୍‌ଓ ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ, ଡା. ଉମାଶଙ୍କର ମିଶ୍ର ଗଞ୍ଜାମ ସିଡିଏମ୍‌ଓ ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ, ଡା.ସରୋଜ କୁମାର ମିଶ୍ର ସୁନ୍ଦରଗଡ ସିଡିଏମ୍‌ଓ ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ, ରୂପଭାନୁ ମିଶ୍ରଙ୍କୁ ମୟୂରଭଞ୍ଜ ସିଡିଏମ୍‌ଓ ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଭାବେ ବଦଳି କରାଯାଇଛି। ଡା. ଲାଲମୋହନ ରାଉତରାୟ ରାଉରକେଲା ଜେନେରାଲ ହସ୍ପିଟାଲ ଅଧୀକ୍ଷକ, ଡା.ରଞ୍ଜିତା ବିଶ୍ୱାଳ ନୟାଗଡ଼ ସିଡିଏମ୍‌ଓ ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ, ଡା.ଦୁଲାଶେନ ଜଗତ ଦେଓ ବାଲେଶ୍ୱର ସିଡିଏମ୍‌ଓ ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ, ଡା.ଅଭୟ କୁମାର ଦାସ ଅନୁଗୋଳ ସିଡିଏମ୍‌ଓ ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ, ଡା.ସନ୍ତୋଷ କୁମାର ପାତ୍ର ଭଦ୍ରକ ସିଡିଏମ୍‌ଓ ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ, ଡା. ଭୀମ ସାହୁ ବଲାଙ୍ଗୀର ସିଡିଏମ୍‌ଓ ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ, ଡା.ପ୍ରତାପ କୁମାର ବେହେରା କଳାହାଣ୍ଡି ସିଡିଏମ୍‌ଓ ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ, ଡା.ସୁଜାତା ରାଣୀ ମିଶ୍ର ଢେଙ୍କାନାଳ ସିଡିଏମ୍‌ଓ ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ, ଡା.ମକରନ୍ଦ ବେଉରା କୋରାପୁଟ ସିଡିଏମ୍‌ଓ ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ, ଡା.ଅନୀତା ପଟ୍ଟନାୟକ କେନ୍ଦ୍ରାପଡା ସିଡିଏମ୍‌ଓ ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଭାବେ ବଦଳି ହୋଇଛନ୍ତି। ଖୋର୍ଦ୍ଧା ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସୁଜାତା ମିଶ୍ରଙ୍କୁ ପୁରୀ ସିଡିଏମ୍‌ଓ ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଏବଂ ଭଦ୍ରକ ଜିଲାର ଡା. ପ୍ରଫୁଲ କୁମାର ନନ୍ଦଙ୍କୁ କ୍ୟାପିଟାଲ ହସ୍ପିଟାଲରେ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଭାଗ ସ୍ପେଶାଲିଷ୍ଟ ଭାବେ ବଦଳି କରାଯାଇଛି।

## ଗୁହାଳରୁ ନେଇଗଲେ ୩୦ ଛେଳି

ରାସୋଳ, ୧୮।୬(ଡି.ଏନ.ଏ.)

ଢେଙ୍କାନାଳ ଜିଲା ରାସୋଳ ଥାନା ଗଣ୍ଡାନାଳୀ ଗ୍ରାମର ଚତୁର୍ଭୁଜ ରାଉତଙ୍କ ଗୁହାଳରୁ ବୁଧବାର ବିଳମ୍ବିତ ରାତିରେ ୩୦ଟି ଛେଳି ଚୋରି ହୋଇଥିବା ଅଭିଯୋଗ ହୋଇଛି। ଖବର ଲେଖାଯିବା ସୁଦ୍ଧା ପୋଲିସ ଛେଳିଙ୍କୁ ଉଦ୍ଧାର କରିପାରି ନ ଥିବା ଜଣାପଡ଼ିଛି। ଅଭିଯୋଗ ଅନୁଯାୟୀ, ରାତିରେ ଚତୁର୍ଭୁଜ ଶୋଇଥିବାବେଳେ ୩-୪ଜଣ ଦୁର୍ବୃତ୍ତ ଏକ ବୋଲେରୋରେ ଆସିଥିଲେ। ଅଭିଯୁକ୍ତମାନେ ଖଣ୍ଡା ଦେଖାଇ ଭୟଭୀତ କରାଇବା ସହ ଗାଡ଼ିରେ ଛେଳି ଲଦିଥିଲେ। ପଡ଼ୋଶୀ କାଳିଆ ବେହେରା ଏହାର ପ୍ରତିବାଦ କରିବାରୁ ଦୁର୍ବୃତ୍ତମାନେ ତାଙ୍କୁ ଆକ୍ରମଣ କରିବାକୁ ଗୋଡ଼ାଇଥିଲେ। ଫଳରେ ସେ ଜଙ୍ଗଲକୁ ଦୌଡ଼ି ପଳାଇଥିଲେ। ଏହାପରେ ସେମାନେ ଫେରାର ହୋଇଯାଇଥିଲେ। ଏହି ଘଟଣା ଗ୍ରାମରେ ଚର୍ଚ୍ଚାର ବିଷୟ ହୋଇଛି। ପୋଲିସ ଘଟଣାର ତଦନ୍ତ କରୁଛି।

## କେନ୍ଦ୍ର, ରାଜ୍ୟ ସରକାରଙ୍କୁ ବିରୋଧୀଙ୍କ ଟାର୍ଗେଟ

# କରୋନା ବିଫଳତାକୁ ନେଇ ୨୬ରେ ପ୍ରତିବାଦ

ଭୁବନେଶ୍ୱର,୧୮।୬(ବ୍ୟୁରୋ)

କରୋନା ମହାମାରୀର ମୁକାବିଲା କରିବାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ମହାମାରୀ ମୁକାବିଲାରେ ବିଫଳ ସାଙ୍ଗକୁ ମହାଦୁର୍ନୀତି ହୋଇଥିବା ଅଭିଯୋଗ ଉଠାଇ ରାଜ୍ୟର ୧୨ ବିରୋଧୀ ଦଳ ଗୁରୁବାର ଏକଜୁଟଭାବେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଆସନ୍ତା ୨୬ରେ ଭୁବନେଶ୍ୱରଠାରେ ଏକ ପ୍ରତିବାଦ କାର୍ଯ୍ୟକ୍ରମ ଲାଗି ଏହି ଦଳଗୁଡିକ ନିଷ୍ପତ୍ତି ନେଇଛନ୍ତି। ସାଧାରଣ ନିର୍ବାଚନ ପରେ ପ୍ରଥମ ଥରଲାଗି ଛୋଟଛୋଟ ଦଳଗୁଡିକ ଏକଜୁଟ ହୋଇ ସରକାରଙ୍କ କରୋନା ମୁକାବିଲା ଏବଂ ପରିଚାଳନାଗତ ତ୍ରୁଟି ଯୋଗୁ ବର୍ତ୍ତମାନ ସଂକ୍ରମଣ ବଢୁଥିବା ବେଳେ ସାଧାରଣ ଲୋକମାନେ ଚରମ ଦୁର୍ଦ୍ଦିନ ଭିତରକୁ ଠେଲି ହୋଇଯାଉଛନ୍ତି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି।

# ରିପୋର୍ଟ ଆସିବା ପୂର୍ବରୁ ନାବାଳକଙ୍କ ମୃତ୍ୟୁ

ନବରଙ୍ଗପୁର,୧୮।୬ (ବି.ପ୍ର.)

- ନବରଙ୍ଗପୁରରେ ପୁଣି ୭ କରୋନା ପଜିଟିଭ
- ମୃତ୍ୟୁର ତଦନ୍ତ ରିପୋର୍ଟ ସରକାରଙ୍କୁ ପଠାଯିବ

ନବରଙ୍ଗପୁର ଜିଲାରେ ପୁଣି ୭ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ନାବାଳକ(୧୭)ଙ୍କର ରିପୋର୍ଟ ଆସିବା ପୂର୍ବରୁ ୧୪ ତାରିଖରେ ମୃତ୍ୟୁ ଘଟିଛି। ଅନ୍ୟ ଆକ୍ରାନ୍ତଙ୍କ ମଧ୍ୟରେ ସଙ୍ଗରୋଧ କେନ୍ଦ୍ରରେ ରହୁଥିବା ଜଣେ ବ୍ୟକ୍ତି, ୪ଜଣ ବିଏସ୍‌ଏଫ୍ ଯବାନ ଓ ଜଣେ ମହିଳା ସ୍ୱାସ୍ଥ୍ୟକର୍ମୀ ରହିଛନ୍ତି। ୬ ଜଣଙ୍କୁ ନବରଙ୍ଗପୁର କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି ବୋଲି ଜିଲାପାଳ ଅଜିତ କୁମାର ମିଶ୍ର ଗୁରୁବାର ସୂଚନା ଦେଇଛନ୍ତି। ନାବାଳକଙ୍କ ମୃତ୍ୟୁର କାରଣ ସମ୍ପର୍କରେ ତଦନ୍ତ କରାଯାଇ ସରକାରଙ୍କୁ ରିପୋର୍ଟ ପଠାଯିବ ବୋଲି ଜିଲାପାଳ ଖବରଦାତା ସମ୍ମିଳନୀରେ କହିଛନ୍ତି । ମୃତ ନାବାଳକଙ୍କ ଯକୃତ ସମସ୍ୟା ସହ ଥଣ୍ଡା ଜ୍ୱର ଥିଲା । ସେ ରାଜମହେନ୍ଦ୍ରୀରୁ ଆସି ତେନ୍ତୁଳିଖୁଣ୍ଟି ବ୍ଲକ ମଞ୍ଚାଗାଁ ସଙ୍ଗରୋଧ କେନ୍ଦ୍ରରେ ୧୪ ଦିନ ରହିବା ପରେ ଘରକୁ ଫେରିଥିଲେ । ୧୨ ତାରିଖରେ ତାଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ଯାଞ୍ଚ ପାଇଁ ପଠାଯାଇଥିଲା । ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ପ୍ରଥମେ ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ । ଚିକିତ୍ସାର ୨ ଦିନ ପରେ ତାଙ୍କର ମୃତ୍ୟୁ ଘଟିଥିଲା । ରିପୋର୍ଟ ଆସିବା ପୂର୍ବରୁ ମୃତଦେହ ସଂସ୍କାର ହୋଇ ସାରିଛି । ପ୍ରଶାସନ ପକ୍ଷରୁ ଏହାର ତଦନ୍ତ କରାଯାଉଛି। କେଉଁମାନେ ଉକ୍ତ ନାବାଳକଙ୍କ କଣ୍ଟାକ୍ଟରେ ଆସିଛନ୍ତି ତାହାର ରିପୋର୍ଟ ସରକାରଙ୍କୁ ପଠାଯିବ ବୋଲି ଜିଲାପାଳ କହିଛନ୍ତି । ସେହିଭଳି ସ୍ୱାସ୍ଥ୍ୟକର୍ମୀ ଜଣକ କାହା ସଂସ୍ପର୍ଶରେ ଆସିଛନ୍ତି ତାହାର କଣ୍ଟାକ୍ଟ ଟ୍ରେସିଂ କରାଯାଉଛି। ୪ ଜଣ ବିଏସ୍‌ଏଫ୍ ଯବାନ ଓ ଅନ୍ୟ ଜଣେ ସଙ୍ଗରୋଧ କେନ୍ଦ୍ରରେ ରହିଥିଲେ । ସେମାନଙ୍କ ସ୍ୱାବ୍ ପରୀକ୍ଷା ପରେ ପଜିଟିଭ ରିପୋର୍ଟ ଆସିଛି । ନବରଙ୍ଗପୁର ଜିଲାରେ ଏଥିପୂର୍ବରୁ ୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିଲେ। ସେମାନେ ସୁସ୍ଥହୋଇ ଘରକୁ ଫେରିଛନ୍ତି। କିଛିଦିନ ବ୍ୟବଧାନରେ ପୁଣି ୭ ଜଣ ପଜିଟିଭ ଚିହ୍ନଟ ହୋଇଥିବା ଜଣାପଡ଼ିଛି ।

## ମେଟାଲ, କଳାପଥର ଚୋରା ଚାଲାଣ: ୫ ଟ୍ରକ୍ ଜବତ

ଚଣ୍ଡିଖୋଲ, ୧୮।୬ (ଡି.ଏନ୍.ଏ.)

କଟକ ଭିଜିଲାନ୍ସ ବନ ବିଭାଗ ସ୍କ୍ୱାଡ ପକ୍ଷରୁ ଗୁରୁବାର ୫୩ ନଂ. ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବେଆଇନ ଚାଲାଣ କରାଯାଉଥିବା ୫ କଳାପଥର ଓ ମେଟାଲ ବୋଝେଇ ଟ୍ରକ ଜବତ କରାଯାଇଛି। ଧର୍ମଶାଳା ଓ ଦର୍ପଣ ତହସିଲ ଅଞ୍ଚଳରେ ବିଭିନ୍ନ ସ୍ଥାନରେ ବେଆଇନ ଖାଦାନ ଚାଲୁଥିବା ନେଇ ଗଣମାଧ୍ୟମରେ ଖବର ପ୍ରସାରିତ ହେବା ପରେ ଗୁରୁବାର ଭିଜିଲାନ୍ସ ବନବିଭାଗ ସ୍କ୍ୱାଡ ଇନ୍ସପେକ୍ଟର ରଜନୀ ମହାନ୍ତିଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରିଥିଲା। ଜାତୀୟ ରାଜପଥର ଆରୁହା ଓ ବରଡ଼ା ଛକ ନିକଟରୁ କଳାପଥର ଓ ମେଟାଲ ବୋଝେଇ ୫ ଟ୍ରକକୁ ଜବତ କରିଥିଲେ। ଜବତ ମେଟାଲ ଓ କଳାପଥରର ମୂଲ୍ୟ ୪୭ଲକ୍ଷ ୯୨ ହଜାର ଟଙ୍କା ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ସେମାନଙ୍କ ନିକଟରେ କୌଣସି କାଗଜପତ୍ର ନ ଥିବାରୁ ଟ୍ରକଗୁଡିକୁ ଚଣ୍ଡିଖୋଲ ବନ ବିଭାଗ କାର୍ଯ୍ୟାଳୟକୁ ନିଆଯାଇଥିଲା। ଏହି ଘଟଣାରେ ଜଙ୍ଗଲ ସୁରକ୍ଷା ଆଇନ୍ ଅନୁଯାୟୀ ଡାଳିଜୋଡ଼ା ରେଞ୍ଜରେ ୫ଟି ମାମଲା ରୁଜୁ ହୋଇଛି। ଆଗକୁ ଉକ୍ତ ଦୁଇ ଗୋଟି ତହସିଲ ଅଞ୍ଚଳରେ ଚାଲୁଥିବା କଳାପଥର, ମୋରମ ଓ ବୋଲଡର ବେଆଇନ ଖାଦାନ ଉପରେ ଚଢ଼ାଉ ଜାରି ରହିବ ବୋଲି ମହାନ୍ତି ସୂଚନା ଦେଇଛନ୍ତି।

# ଅଧାଗଢ଼ା ରହିଗଲା ବ୍ରହ୍ମତାଳଧ୍ୱଜ ରଥ

କେନ୍ଦ୍ରାପଡ଼ା ଅଫିସ, ୧୮।୬

**ଝୁଲଣ ଘରେ ମାଉସୀମା' ଆଡ଼ପ ମଣ୍ଡପ**



କେନ୍ଦ୍ରାପଡ଼ା ଜିଲା ଇଚ୍ଛାପୁରଠାରେ ପ୍ରସ୍ତୁତ ହେଉଥିବା ବ୍ରହ୍ମତାଳଧ୍ୱଜ ରଥ ଅଧାଗଢ଼ା ହୋଇ ରହିଗଲା। ଚଳିତବର୍ଷ ତୁଳସୀ କ୍ଷେତ୍ରାଧିପତି ଶ୍ରୀ ବଳଦେବଜୀଉ ଏହି ରଥରେ ବସି ପାରିବେନି। ଜିଲାପାଳ ସମର୍ଥ ବର୍ମା ବୁଧବାର ଏ ସମ୍ପର୍କରେ ଶ୍ରୀଜୀଉଙ୍କ ଟ୍ରଷ୍ଟ ବୋର୍ଡକୁ ନିର୍ଦ୍ଦେଶନାମା ଦେଇଛନ୍ତି। ଏଥିସହିତ ରାଜନଗରର ୩, ଗରଦପୁର ବ୍ଲକର ୩, ପଟ୍ଟାମୁଣ୍ଡାଇର ୨, ଆଳି, ରାଜକନିକା ଓ ଡେରାବିଶ ବ୍ଲକର ଗୋଟିଏ ଲେଖାଏ ସ୍ଥାନରେ ହେଉଥିବା ରଥଯାତ୍ରା ବନ୍ଦ କରାଯାଇଛି। ତେବେ ରଥଯାତ୍ରାର ସମସ୍ତ ନୀତିକାନ୍ତି ମନ୍ଦିର ପରିସରରେ କରାଯିବାକୁ ଅନୁମତି ଦେଇଛନ୍ତି। ଇଚ୍ଛାପୁରସ୍ଥ ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ପରିସରରେ ଏହି ନୀତିକାନ୍ତି ସମାପନ ପାଇଁ ଝୁଲଣ ଘରେ ମାଉସୀମା' ଆଡପ ମଣ୍ଡପ ଓ ରଥର ପ୍ରତୀକାତ୍ମକ ଭାବେ ସ୍ନାନ ବେଦୀକୁ ନିଆଯାଇ ପାରେ ବୋଲି ରାଜପୁରୋହିତ ଗିରିଧାରୀ ପତି ସୂଚନା ଦେଇଛନ୍ତି। ରଥର ପାରାଭାଡି ନିର୍ମାଣ ପର୍ଯ୍ୟାୟରେ ଜିଲାପାଳଙ୍କ ନିର୍ଦ୍ଦେଶନାମା ପରେ ଏହା ବନ୍ଦ ହୋଇଥିବା ଟ୍ରଷ୍ଟର କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ମନ୍ଦିର ପରସରରେ ରଥଯାତ୍ରାକୁ ନେଇ ରାଜପୁରୋହିତ ପତି, ପୁରୀ ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶ ନିଆଯିବ। ଏଥିସହିତ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶନାମା ପାଳନ କରାଯିବ। ଏ ସମ୍ପର୍କରେ ଜିଲାପାଳ ବର୍ମା କହିଛନ୍ତି, ମହାମାରୀ କରୋନା ବିଶ୍ୱରେ ଆତଙ୍କ ସୃଷ୍ଟି କରିଥିବା ବେଳେ କେନ୍ଦ୍ରାପଡା ଜିଲା ଏଥିରୁ ବାଦ ପଡିନାହିଁ। ୩୫ ହଜାରରୁ ଊର୍ଦ୍ଧ୍ୱ ପ୍ରବାସୀ ଜିଲାକୁ ଆସିଛନ୍ତି । ରଥଯାତ୍ରା ହେଲେ ଶ୍ରଦ୍ଧାଳୁଙ୍କ ଭାବାବେଗକୁ ରୋକିହେବ ନାହିଁ । ଫଳରେ ସାମାଜିକ ଦୂରତ୍ୱ ଓ ମହାମାରୀର ଅନ୍ୟ ନିୟାମାବଳୀ ଭଙ୍ଗ ହେବା ଦୃଷ୍ଟିରୁ ରଥଯାତ୍ରାକୁ ଚଳିତବର୍ଷ ପାଇଁ ବନ୍ଦ କରାଯାଇଛି।

# ରାଶନ କାର୍ଡ ଜାଲିଆତି ଗୁମର ଫିଟିଲା

ନୟାଗଡ଼ ଅଫିସ/ରଣପୁର,୧୮।୬(ସ୍ୱ.ପ୍ର.)

- ଦେଢ଼ବର୍ଷ ଧରି ଉଠାଣ ହେଉଥିଲା ରାଶନ ସାମଗ୍ରୀ
- ଜିଲାପାଳଙ୍କୁ ଫେରାଦ ହେଲେ ୨ ମହିଳା

ରଣପୁର ବ୍ଲକ ନରସିଂହପୁର ପଞ୍ଚାୟତ କରଡାପଲ୍ଲୀର ବାଳାମଣୀ ପଲେଇ ଓ ନରସିଂହପୁରର ଝରଣା ସାହୁଙ୍କ ନାମରେ ଦୀର୍ଘ ଦେଢ଼ବର୍ଷ ହେଲା ଉଠାଣ ହେଉଥିଲା ରାଶନ ସାମଗ୍ରୀ। ଏପରି କି ଫନୀ ଓ କରୋନା ସହାୟତା ମଧ ହରିଲୁଟ ଚାଲିଥିଲା। ସେମାନଙ୍କ ନାଁରେ ରାଶନ କାର୍ଡ ମଞ୍ଜୁର ହୋଇଥିବା ଜାଣି ନ ପାରି ଦୁଇ ମହିଳା ବିଡିଓଙ୍କ କାର୍ଯ୍ୟାଳୟକୁ ଧାଉଁଥିଲେ। ବିଡିଓ ଏହାର ଯାଞ୍ଚ କରିବାରୁ ଏମାନଙ୍କ ନାଁରେ ରାଶନ ସାମଗ୍ରୀ ଉଠୁଥିବା ଜଣାପଡିଛି। ଶେଷରେ ବିଡିଓଙ୍କ ଯାଞ୍ଚ ନରସିଂହପୁର ପଞ୍ଚାୟତରେ ରାଶନ କାର୍ଡ ଜାଲିଆତିର ଗୁମର ଫିଟାଇଛି। ଏ ସମ୍ପର୍କରେ ୨ ମହିଳା ବିଡିଓ, ନୟାଗଡ଼ ଜିଲାପାଳ, ପିଡି ଡିଆରଡିଏ, ଜିଲା ଯୋଗାଣ ଅଧିକାରୀ, ଉପଜିଲାପାଳଙ୍କୁ ଅବଗତ କରାଇ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ବାଳାମଣୀ ପଲେଇ ଓ ଝରଣା ସାହୁଙ୍କ ଅଭିଯୋଗ ଅନୁସାରେ ଆମ ନାଁରେ ରାଶନ କାର୍ଡ ଅଛି ବୋଲି ଆମେ ଜାଣିନୁ। ଏଥିପାଇଁ ଆମକୁ ଆବେଦନ କରିବାକୁ କୁହାଯାଇଥିଲା। ବାରମ୍ବାର ଆବେଦନ ପରେ କାର୍ଡ ନ ମିଳିବାରୁ ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ବିଡିଓ, ଉପଜିଲାପାଳ, ଜିଲାପାଳଙ୍କୁ ଅଭିଯୋଗ କରିଛୁ । ହେଲେ ବେଶି ଅଭିଯୋଗ ବିଡିଓଙ୍କ ନିକଟରେ କରିଥିଲୁ। ବାରମ୍ବାର ବ୍ଲକ କାର୍ଯ୍ୟାଳୟକୁ ଆସୁଥିବାରୁ ବିଡିଓ ଯୋଗାଣ ଅଧିକାରୀଙ୍କୁ ଡକାଇ ଯାଞ୍ଚ କରାଇଥିଲେ। ଯାଞ୍ଚ ପରେ ଆମ ନାଁରେ ରାଶନ କାର୍ଡ ଥିବା ଜଣାପଡିଛି। ଝରଣାଙ୍କ କାର୍ଡ ନଂ.୨୪୦୮୨୫୧୧୫୮୯ ଓ ବାଳାମଣିଙ୍କ କାର୍ଡ ନଂ.୨୪୦୮୨୫୧୧୬୩୫। ରାଶନ କାର୍ଡ ଥିବାରୁ ନୂଆ କାର୍ଡ ମିଳିବନି। ଦେଢ଼ବର୍ଷ ହେଲା ରାଶନ ସାମଗ୍ରୀ ଉଠାଇ ପୁଣି ନୂଆ କାର୍ଡ ପାଇଁ ପ୍ରଶାସନକୁ ହଇରାଣ କରୁଥିବାରୁ ବିଡିଓ ଆମ ଉପରେ ବିରକ୍ତ ହୋଇଥିଲେ। ଯାହା ହେଉ ତାଙ୍କ ନିର୍ଦ୍ଦେଶରେ ଯାଞ୍ଚ ହେବାରୁ ଆମେ ଜାଲିଆତିର ସୂଚନା ପାଇଲୁ। ଏଥିରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ସରପଞ୍ଚ ମୁଖ୍ୟ ବୋଲି ଜାଣିବାକୁ ପାଇଛୁ। ପୁଣି ଏହି ଜାଲିଆତିରେ ଅନ୍ୟ କିଛି କର୍ମଚାରୀ ଓ ରାଜନେତା ସମ୍ପୃକ୍ତି ଥିବା ଜଣାପଡୁଛି। ଏହାର ତଦନ୍ତ ପାଇଁ ଆମେ ଜିଲା ପ୍ରଶସନ ଓ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଛୁ। ଆଶା ରଖିଛୁ ନିଶ୍ଚିତ ନ୍ୟାୟ ପାଇବୁ। ଆମ ନାଁରେ ଉଠିଥିବା ରାଶନ ସାମଗ୍ରୀ ଆମକୁ ଫେରାଇବା ବ୍ୟବସ୍ଥା କରାଯାଉ। ଏ ନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ସରପଞ୍ଚଙ୍କୁ ଯୋଗାଯୋଗ କରିବାରୁ ସେମାନେ ଏଥିରେ ସମ୍ପୃକ୍ତ ନ ଥିବା କହିବା ସହ ଏହାର ତଦନ୍ତ କରାଗଲେ ସତ୍ୟତା ଜଣାପଡିବ ବୋଲି କହିଛନ୍ତି।



ଚାଇନାର ଉହାନ ସହର କରୋନା ସଂକ୍ରମଣର ଅନ୍ତୁଡ଼ିଶାଳ। ସଂକ୍ରମଣ ଯୋଗୁ ଏଠାରେ ଲକ୍‌ଡାଉନ୍ ଜାରି ହୋଇଥିଲା। ଲକ୍‌ଡାଉନ୍ ସମୟରେ କେବଳ ଘରେ ବସି ଖାଇବା ପିଇବା ଛଡ଼ା ଅନ୍ୟ କାମ ନ ଥିବାରୁ ଉହାନର ଜଣେ ୨୬ ବର୍ଷ ବୟସ୍କ ଯୁବକ ଝାଓଙ୍କ ଓଜନ ୧୭୭ କିଲୋରୁ ବଢ଼ି ୨୭୮ କିଲୋରେ ପହଞ୍ଚିଛି। ୨୦୧୯ ଡିସେମ୍ବରରେ ତାଙ୍କର ଓଜନ ୧୭୭ କିଲୋ ଥିଲା। ଗତ ୫ ମାସ ମଧ୍ୟରେ ତାଙ୍କ ଓଜନ ୧୦୧ କିଲୋ ବଢ଼ି ୨୭୮ କିଲୋରେ ପହଞ୍ଚିଛି।

# ମାଟିରେ ରହିଲେଣି ମାଛ



## ବୈଜ୍ଞାନିକ ଧରିଲେ କ୍ରମବିକାଶର ଖିଅ

ନୂଆଦିଲ୍ଲୀ: କଥାରେ ଅଛି, ମାଛର ଜୀବନ ପାଣିରେ। ଅର୍ଥାତ୍ ମାଛକୁ ପାଣିରୁ ବାହାର କରିଦେଲେ ସେ ମରିଯାଏ। ହେଲେ ପରିବର୍ତ୍ତିତ ସମୟ ସହିତ ତାଳଦେଇ କେତେକ ବିଶେଷ ପ୍ରଜାତିର ମାଛ ଏବେ ଜମିରେ ରହିବା ଆରମ୍ଭ କଲେଣି। ଭୂ-ଭାଗରୁ ଖାଦ୍ୟ ସଂଗ୍ରହ କରିବା, ପରିବେଶ ସହ ନିଜକୁ ସାମିଲ କରିବା, ସର୍ବୋପରି ତାପମାତ୍ରା ସହିତ ଖାପଖୁଆଇବା ଭଳି ସେମାନେ ନିଜକୁ ବିକଶିତ କରିସାରିଲେଣି। ସାମୁଦ୍ରିକ ମାଛ 'ବ୍ଲେନିସ୍' ଉପରେ ଚାଲିଥିବା ଗବେଷଣାରୁ ବିଶେଷଜ୍ଞମାନେ ଜଳଚର ଜୀବଙ୍କ ବାସସ୍ଥଳୀ ପରିବର୍ତ୍ତନର କାରଣ ସମ୍ପର୍କରେ ବହୁ ରୋଚକ ତଥ୍ୟ ଉଜାଗର କରିଛନ୍ତି।

'ବ୍ଲେନିସ୍' ପ୍ରଜାତିର ମାଛ ଉପରେ ଗବେଷଣା କରୁଥିବା ନ୍ୟୁ ସାଉଥ୍ ୱେଲ୍ସ ଏବଂ ମିନେସୋଟା ବିଶ୍ୱବିଦ୍ୟାଳୟର ଗବେଷକଙ୍କ ହାତରେ ଲାଗିଥିବା ତଥ୍ୟ ବ୍ରିଟିଶ୍ ଇକୋଲୋଜି ସୋସାଇଟି ଜର୍ନାଲ 'ଫଙ୍କ୍‌ଶନାଲ ଇକୋଲୋଜି'ରେ ପ୍ରକାଶିତ ହୋଇଛି। ଏଥିରେ ଦର୍ଶାଯାଇଛି ଯେ, 'ବ୍ଲେନିସ୍' ହେଉଛି ଏକ ସାମୁଦ୍ରିକ ମାଛ। ଏହାର କେତେକ ପ୍ରଜାତି ପାଣିରେ ବାସ କରୁଛନ୍ତି। ହେଲେ ଆଉ କେତେକ ପ୍ରଜାତି ପାଣି ଉପରକୁ ବାହାରି ଜମିରେ ରହିବା ଆରମ୍ଭ କଲେଣି। ସେମାନେ ଖାଦ୍ୟ ପାଇଁ ଆଉ ପାଣି ଉପରେ ନିର୍ଭର କରୁନାହାନ୍ତି। ବିନା କୌଣସି ସମସ୍ୟାରେ ଭୂ-ଭାଗରୁ ହିଁ ଖାଦ୍ୟ ସଂଗ୍ରହ କରୁଛନ୍ତି। ସ୍ତନ୍ୟପାୟୀ ଜୀବମାନେ ସାଧାରଣତଃ ଖାଇବା ଲାଗି ଦାନ୍ତର ସହାୟତା ନେଇଥାନ୍ତି। ତେବେ 'ବ୍ଲେନିସ୍' ବିନା ଦାନ୍ତରେ ଚଟାଣର ଶିଉଳି ଏବଂ ମଇଳା ଖାଇବା ଭଳି ଅଭ୍ୟାସ ବିକଶିତ କରିସାରିଲେଣି।

ଗବେଷଣା ଟିମ୍‌ର ପ୍ରମୁଖ ସଦସ୍ୟ ଡା. ଟେରି ଓର୍ଡଙ୍କ କହିବା କଥା, ଯେତେବେଳେ କୌଣସି ଜୀବ ବାସସ୍ଥାନ ପରିବର୍ତ୍ତନ କରିଥାଏ, ସେତେବେଳେ ତାହାର ଚାଲିଚଳଣ, ବ୍ୟବହାର ବଦଳିଯିବା ସ୍ୱାଭାବିକ। ଏପରି ସମୟରେ ଉକ୍ତ ଜୀବର ନମନୀୟତା ହିଁ ତାକୁ ସୁରକ୍ଷା ଦେଇଥାଏ। ହେଲେ ପରିବେଶଗତ ପରିବର୍ତ୍ତନ ସହିତ ଏହି ନମନୀୟତା ମଧ୍ୟ ନଷ୍ଟ ହୋଇଯାଏ। ଏଥିରୁ ଗୋଟିଏ କଥା ସ୍ପଷ୍ଟ, ବିକାଶ ଶୀର୍ଷରେ ପହଞ୍ଚିବା ପରେ ଜୀବର ପରିବର୍ତ୍ତନଶୀଳ କ୍ଷମତା କମିଯାଇଥାଏ। ଏପରି ବି ଅନୁମାନ କରାଯାଉଛି ଯେ, ପ୍ରାକୃତିକ ଆବାସସ୍ଥଳୀରେ ସଂଘର୍ଷ ଜୀବକୁ ବାସସ୍ଥାନ ବଦଳାଇବାକୁ ବାଧ କରିଥାଏ। ସେ ଆହୁରି ମଧ୍ୟ କହିଛନ୍ତି, ହୁଏତ ଜଳଚର ଜୀବ ଭୂଭାଗରେ ରହିବା ସେତିକି ଆଶ୍ଚର୍ଯ୍ୟଜନକ ହୋଇ ନ ପାରେ; ହେଲେ ସେମାନେ ନିଜ ପାଇଁ ଖାଦ୍ୟଶୃଙ୍ଖଳ ପ୍ରସ୍ତୁତ କରିବା ଲାଗି ନିଶ୍ଚୟ ଭାବେ ସଂଘର୍ଷ କରିଥିବେ।

ସାଧାରଣତଃ ସମୁଦ୍ର ଢେଉ ସହ 'ବ୍ଲେନିସ୍' ତଟକୁ ଚାଲି ଆସିଥାନ୍ତି। ସେମାନେ ଆବଶ୍ୟକତା ଅନୁଯାୟୀ ନିଜକୁ ଆର୍ଦ୍ର ରଖିବାରେ ସକ୍ଷମ। ଏହାପରେ ସେମାନେ ପାଣିମୁହାଁ ହେବା ପରିବର୍ତ୍ତେ ମାଟିରେ ହିଁ ରହିବା ଆରମ୍ଭ କରିଦେଇଥାନ୍ତି। ବଦଳୁଥିବା ତାପମାତ୍ରା, ଅମ୍ଳଜାନସ୍ତର ଅନୁଯାୟୀ ସେମାନେ ନିଜକୁ ଖାପଖୁଆଇ ନିଅନ୍ତି। ଏହି ତଥ୍ୟରୁ ବୈଜ୍ଞାନିକମାନେ କ୍ରମବିବର୍ତ୍ତନର ଖିଅକୁ ଧରିବାରେ ସଫଳ ହୋଇଛନ୍ତି। ଏ ସଂକ୍ରାନ୍ତରେ ଅଧିକ ଗବେଷଣା ଜାରି ରହିଛି। ଏ ନେଇ ଡା. ଓର୍ଡ କୁହନ୍ତି, ଏପରି ପରିବର୍ତ୍ତନ ମେରୁଦଣ୍ଡୀ ପ୍ରାଣୀଙ୍କ ଉତ୍ପତ୍ତି ସହିତ ସିଧାସଳଖ ଜଡ଼ିତ। ଯଦିଓ ପୂର୍ବରୁ ଜୀବାଶ୍ମରୁ ଏ ସମ୍ପର୍କିତ ଅନେକ ତଥ୍ୟ ଆବିଷ୍କୃତ ହୋଇସାରିଛି, ତଥାପି ମାଟିରେ ରହୁଥିବା 'ବ୍ଲେନିସ୍'ଙ୍କ ଉପରେ ଗବେଷଣା ଏ କ୍ଷେତ୍ରରେ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଜଳରୁ ଜୀବନ ସୃଷ୍ଟି ହେବା ପରେ କିଭଳି ଜୀବମାନେ ଜମିରେ ବାସ କରିବା ଆରମ୍ଭ କଲେ, ସେମାନଙ୍କୁ କେଉଁ ସବୁ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିଥିଲା, ସେମାନଙ୍କ ଶରୀରରେ କେଉଁ ସବୁ ପରିବର୍ତ୍ତନ ହୋଇଥିଲା ସେ ସମ୍ପର୍କରେ ବହୁ ଗୁରୁତ୍ୱପୂର୍ଣ୍ଣ ସୂଚନା ମିଳିବ ବୋଲି ବୈଜ୍ଞାନିକମାନେ ଆଶା ବାନ୍ଧିଛନ୍ତି।

# 'କବାଟ ବନ୍ଦହେଲେ ଝରକା ଖୋଜ'



ଅଦା ଶର୍ମା

ମୁମ୍ବାଇ: ସୋସିଆଲ ମିଡିଆରେ ସକ୍ରିୟ ଥିବା ଚୁଲ୍‌ବୁଲି ବଲିଉଡ୍ ଅଭିନେତ୍ରୀ ଅଦା ଶର୍ମା ସବୁବେଳେ ଫନୀ ପୋଷ୍ଟ କରିଥାନ୍ତି। ପ୍ରାୟତଃ ଫଟୋ ସେ ତାଙ୍କର ଇନ୍‌ଷ୍ଟାଗ୍ରାମରେ ଶେୟାର କରିଥାନ୍ତି। ନିକଟରେ ସେ ଏକ ଫଟୋ ଶେୟାର କରିଛନ୍ତି, ଯେଉଁଥିରେ ସେ ଘରର ଝରକା ପାଖରେ ବସିଥିବା ନଜର୍‌କୁ ଆସିଛନ୍ତି। ଏହାକୁ ଶେୟାର କରି ସେ ଲେଖିଛନ୍ତି ଯେ, ଜୀବନରେ ଯେତେବେଳେ ସବୁ କବାଟ ବନ୍ଦ ହୋଇଯାଏ ସେତେବେଳେ ଆମକୁ କ'ଣ କରିବାକୁ ପଡ଼ିବ। ସବୁ କବାଟ ବନ୍ଦ ହୋଇଗଲେ ଆମକୁ ଝରକା ଖୋଜିବାକୁ ପଡ଼ିବ। ଜୀବନରେ ସବୁବେଳ ସବୁ ସମୟ ଏକା ହୋଇ ନ ଥାଏ। ପ୍ରତି ମୁହୂର୍ତ୍ତରେ ଆମକୁ ପରିସ୍ଥିତିର ସାମ୍ନା କରିବାକୁ ପଡ଼ିବ। ତେଣୁ ଗୋଟିଏ କବାଟ ବନ୍ଦ ହୋଇଗଲେ ଭାଙ୍ଗି ନ ପଡ଼ି ଆଉ ଏକ ଝରକାର ସନ୍ଧାନ କରିବାକୁ ପଡ଼ିବ। ଅଦା ଜୀବନ ବଞ୍ଚିବାର ମନ୍ତ୍ର ଏକ ଫନୀ ପୋଷ୍ଟ ମାଧ୍ୟମରେ ଶିଖାଇଛନ୍ତି। ଅଦା ଆଉ ମଧ୍ୟ କହିଛନ୍ତି ଯେ, ୧୯୨୦ ମୁଭିରେ ମୁଁ ଅଭିନୟ କରିଥିଲି। ଏହା ଏକ ଭୂତ ଫିଲ୍ମ ଥିଲା। କିନ୍ତୁ ଏହି ମୁଭିରେ ଯେତିକି ଡର ଲାଗି ନ ଥିଲା ୨୦୨୦ ତା' ଠାରୁ ଅଧିକ ଭୟଭୀତ କରୁଛି। ପ୍ରକାଶ ଥାଉ କି, ଅଦା କମାଣ୍ଡୋ ୩ ମୁଭିରେ ବିଦ୍ୟୁତ୍‌ଙ୍କ ଅପୋଜିଟ୍‌ରେ ନଜର୍ ଆସିଥିଲେ। ଏହି ମୁଭିକୁ ଦର୍ଶକମାନେ ବେଶ୍ ପସନ୍ଦ ମଧ୍ୟ କରିଛନ୍ତି।



# ପୋଲିସ ଦେଖାଇଲା ମାନବିକତା

ରାଞ୍ଚି: ଲୋକଙ୍କୁ ସୁରକ୍ଷା ଦେବାପାଇଁ ପୋଲିସ ତା'ର କର୍ତ୍ତବ୍ୟ କରିଥାଏ। କିନ୍ତୁ କିଛି ପୋଲିସ କର୍ମଚାରୀ ସେମାନଙ୍କ କର୍ତ୍ତବ୍ୟ ବାହାରେ ବିଭିନ୍ନ କାମ କରି ପ୍ରଶଂସିତ ହୋଇଥାନ୍ତି। ଠିକ୍ ଏମିତି ଏକ କାମ କରି ଏବେ ଝାଡ଼ଖଣ୍ଡ ରାଞ୍ଚିର ଜଣେ ମହିଳା ଏସ୍‌ଆଇ ଢେର୍ ଚର୍ଚ୍ଚାରେ। ଏହି ମହିଳା ପୋଲିସ ସବ୍‌ଇନ୍ସପେକ୍ଟର ହେଉଛନ୍ତି ସୁଶୀଳା ବର୍ଡେକ। ରେଳ ଷ୍ଟେଶନରେ ଜଣେ ଭୋକିଲା ଶିଶୁକୁ ନିଜ ଘରୁ ଖାଦ୍ୟ ଆଣି ଖାଇବାକୁ ଦେଇ ସେ ତାଙ୍କ ମାନବିକତା ପ୍ରଦର୍ଶନ କରିଛନ୍ତି। ସୁଶୀଳା ରାଞ୍ଚିର ହାତିଆ ରେଳ ଷ୍ଟେଶନରେ ସୁରକ୍ଷା ଦାୟିତ୍ୱରେ ଥିବାବେଳେ ସେଠାରେ ଏକ ଶ୍ରମିକ ଟ୍ରେନ୍ ଅଟକିଥିଲା। ଟ୍ରେନ୍‌ରେ ଥିବା ଜଣେ ମହିଳା ତାଙ୍କ ଛୁଆ ପାଇଁ କିଛି ଖାଦ୍ୟ ନ ଥିବା କଥା ତାଙ୍କୁ ଜଣାଇଥିଲେ। ଖାଦ୍ୟ ନ ଥିବାରୁ ଛୁଆଟି ଭୋକରେ ଖୁବ୍ ଜୋରରେ କାନ୍ଦୁଥିଲା। ସୁଶୀଳା ଛୁଆଟିର ଏଭଳି ଅବସ୍ଥା ଦେଖି ବାଇକ୍ ନେଇ ନିଜ ଘରୁ ଉଷୁମ କ୍ଷୀର ଓ ଅନ୍ୟାନ୍ୟ ଖାଦ୍ୟ ଆଣି ଆସିଥିଲେ। ସୁଶୀଳାଙ୍କ ଠାରୁ ଖାଦ୍ୟ ନେଇ ମହିଳାଜଣକ ତାଙ୍କ ଶିଶୁକୁ ଦେଇ କୃତଜ୍ଞତାଭରା ଶୁଭେଚ୍ଛା ଜଣାଇଥିଲେ। ତେବେ ସୁଶୀଳାଙ୍କର ଏହି ମହନୀୟତା ପାଇଁ ଏବେ ତାଙ୍କୁ ସୋସିଆଲ ମିଡିଆରେ ଚାରିଆଡୁ ଶୁଭେଚ୍ଛାର ସୁଅ ଛୁଟିଛି। ରେଳମନ୍ତ୍ରୀ ମଧ୍ୟ ସୁଶୀଳାଙ୍କୁ ତାଙ୍କର ଏହି ମାନବିକତା ପାଇଁ ଟୁଇଟ୍ କରି ଧନ୍ୟବାଦ ଦେଇଛନ୍ତି।

# ପୁଅ ହେଲା ସ୍ପାଇଡରମ୍ୟାନ୍

ନୂଆଦିଲ୍ଲୀ: ସାଧାରଣତଃ ପିଲାମାନେ ସ୍ପାଇଡର ଏବଂ ସୁପରମ୍ୟାନ୍ ପରି ସୁପରହିଟ୍ ଫିଲ୍ମ ଦେଖିବାକୁ ପସନ୍ଦ କରିଥାନ୍ତି। ଖାଲି ସେତିକି ନୁହେଁ, ମନଭିତରେ ନିଜକୁ ସ୍ପାଇଡର ମ୍ୟାନ୍ ବନେଇବାର ଇଚ୍ଛା ମଧ୍ୟ ରଖିଥାନ୍ତି। ଏପରି ଜଣେ ଶିଶୁର ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।



କିନ୍ତୁ ଶିଶୁଟିର କାହାଣୀ ଟିକେ ଅଲଗା। ତା'ର ନାମ ଇଲୟ। ସ୍ପାଇଡରମ୍ୟାନ୍ ଫିଲ୍ମ ଦେଖିବାକୁ ଇଲୟକୁ ଖୁବ୍ ଭଲ ଲାଗେ। ସେ ତା' ବାପା ଜେରେମିଙ୍କୁ ସ୍ପାଇଡରମ୍ୟାନ୍ ପୋଷାକ କିଣିଦେବାକୁ କହିଲେ। ପୁଅର ଜିଦ୍ ଆଗରେ ହାର ମାନି ଏକ ସ୍ପାଇଡରମ୍ୟାନ୍ ପୋଷାକ କିଣି ଆଣିଲେ। ଡ୍ରେସ୍ ପିନ୍ଧି ସାରିବା ପରେ ଘର କାନ୍ଥରେ ସ୍ପାଇଡରମ୍ୟାନ୍ ପରି ଚାଲିଲେ। ଜେରେମି ପୁଅର ସ୍ୱପ୍ନ ପୂରା କରିବାକୁ ଏକ ବିଭିନ୍ନ ତରିକା ଆପଣାଇଥିଲେ। ସେ ଉଠାଇଥିବା ଫଟୋଗୁଡ଼ିକ ଏବେ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହୋଇଛି।

# ଗଙ୍ଗାରେ ସୁଶାନ୍ତଙ୍କ ଅସ୍ଥି ବିସର୍ଜନ

ପାଟନା: ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ଅସ୍ଥି ଗୁରୁବାର ଗଙ୍ଗାରେ ବିସର୍ଜନ କରାଯାଇଛି। ତାଙ୍କ ପିତା ଓ ପରିବାର ସଦସ୍ୟ ମିଶି ଗଙ୍ଗାରେ ତାଙ୍କୁ ଶେଷ ବିଦାୟ ଦେଇଛନ୍ତି। ସୂଚନାଯୋଗ୍ୟ, ଜୁନ ୧୪ରେ ସୁଶାନ୍ତ ମୁମ୍ବାଇର ବାନ୍ଦ୍ରାସ୍ଥିତ ଘରେ ବେକରେ ଫାଶି ଲଗାଇ ଆତ୍ମହତ୍ୟା କରିଥିଲେ। କିଏ କହୁଛି ଡିପ୍ରେସନ ପାଇଁ ଏଭଳି ପନ୍ଥା ସେ ବାଛିଛନ୍ତି ତ ଆଉ କିଏ ଏଥିଲାଗି ଫିଲ୍ମ ନିର୍ମାତାମାନଙ୍କୁ ଦୋଷ ଦେଇଛନ୍ତି। ତାଙ୍କ ମୃତ୍ୟୁକୁ ତାଙ୍କ ପ୍ରଶଂସକମାନେ ଏଯାଏ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ତେବେ ଏହି ବଲିଉଡ୍ ଷ୍ଟାରଙ୍କ ରହସ୍ୟ ଖୋଲିବାକୁ ଏବେ କ୍ରାଇମ୍‌ବ୍ରାଞ୍ଚ ମଧ୍ୟ ଲାଗିପଡ଼ିଛି। ଗୁରୁବାର ସୁଶାନ୍ତଙ୍କ ତଥାକଥିତ ଗର୍ଲଫ୍ରେଣ୍ଡ ରିୟା ଚକ୍ରବର୍ତ୍ତୀଙ୍କୁ ଜେରା କରିବାକୁ ପୋଲିସ ଡାକିଥିଲା। ବାନ୍ଦ୍ରା ପୋଲିସ ଷ୍ଟେଶନରେ ସେ ନିଜ ବୟାନ ରଖିଛନ୍ତି। ଏବେ ଯାଏଁ ଏହି ମାମଲାରେ ପୋଲିସ ୬ ଜଣଙ୍କୁ ପଚରାଉଚରା କରିସାରିଲାଣି। ଏଣୁ ଖୁବ୍ ଶୀଘ୍ର ଏହି ମାମଲା ଉପରୁ ପରଦା ଉଠିବ ବୋଲି କୁହାଯାଉଛି। ଘରର ଏକମାତ୍ର ପୁଅର ମୃତ୍ୟୁ ପରେ ପୂରା ପରିବାର ଭାଙ୍ଗି ପଡ଼ିଛି। ଆମେରିକାରେ ଥିବା ହେତୁ ତାଙ୍କ ଭଉଣୀ ଶ୍ୱେତା ସୁଶାନ୍ତଙ୍କ ଅନ୍ତିମ ସଂସ୍କାର ବେଳେ ପହଞ୍ଚିପାରି ନ ଥିଲେ। ସୂଚନାଯୋଗ୍ୟ ଯେ, ସୁଶାନ୍ତଙ୍କ ପିତା କେ.କେ. ସିଂହ ତାଙ୍କୁ ମୁଖାଗ୍ନି ଦେଇଥିଲେ।



## ଆତ୍ମହତ୍ୟା ଲାଗି ବାଧ୍ୟ କରାଯାଇଥିଲା: କଙ୍ଗନା



ମୁମ୍ବାଇ: ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ଆତ୍ମହତ୍ୟା ପରେ ପୂରା ଫିଲ୍ମ ଜଗତ ଏବଂ ତାଙ୍କର ପ୍ରଶଂସକ ସ୍ତବ୍ଧ ହୋଇପଡ଼ିଛନ୍ତି। ସମସ୍ତଙ୍କ ମନରେ ସେହି ଗୋଟିଏ ପ୍ରଶ୍ନ ଯେ, କାହିଁକି ସୁଶାନ୍ତ ଆତ୍ମହତ୍ୟା କଲେ। କେତେକଙ୍କ କହିବାନୁଯାୟୀ, ସେ ଦୀର୍ଘ ଦିନ ଧରି ଡିପ୍ରେସନରେ ଥିଲେ। ଏପରିକି କିଛି କୁହନ୍ତି ଯେ, ତାଙ୍କୁ ଫିଲ୍ମ ଇଣ୍ଡଷ୍ଟ୍ରିର ସମର୍ଥନ ମିଳି ନ ଥିଲା। ଏହି କାରଣରୁ ସୁଶାନ୍ତ ଏଭଳି ପଦକ୍ଷେପ ଉଠାଇଥିଲେ। ସାଧାରଣତଃ ପ୍ରିୟାପ୍ରୀତି ତୋଷଣ ବିରୋଧରେ ସ୍ୱର ଉଠାଇଥିବା ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାନାଓ୍ୱତ ମଧ୍ୟ ସୁଶାନ୍ତଙ୍କ ଆତ୍ମହତ୍ୟାକୁ ନେଇ ପ୍ରତିକ୍ରିୟା ଦେଇଛନ୍ତି। ତାଙ୍କ ଆତ୍ମହତ୍ୟା ପାଇଁ ସେ ବଲିଉଡ୍ ଇଣ୍ଡଷ୍ଟ୍ରିର କିଛି ଲୋକଙ୍କୁ ଦାୟୀ କରିଛନ୍ତି। ଏପରିକି, ସୁଶାନ୍ତ ମୃତ୍ୟୁ ଆତ୍ମହତ୍ୟା ନୁହେଁ ବରଂ ଯୋଜନାବଦ୍ଧଭାବେ ତାଙ୍କୁ ଏକପ୍ରକାର ହତ୍ୟା କରାଯାଇଛି ବୋଲି କଙ୍ଗନା କହିଛନ୍ତି। ସେ ଏନେଇ ତାଙ୍କ ଇନ୍‌ଷ୍ଟାଗ୍ରାମରେ ସେ ଏକ ଭିଡିଓ ଶେୟାର କରିଛନ୍ତି। ଯେଉଁଥିରେ ସେ ଭୀଷଣ ରାଗିଥିବା ନଜର୍‌କୁ ଆସିଛନ୍ତି। ବାରମ୍ବାର ତାଙ୍କ ମୃତ୍ୟୁ ପାଇଁ ସେ ବଲିଉଡ୍ ଇଣ୍ଡଷ୍ଟ୍ରିକୁ ଦାୟୀ କରିଛନ୍ତି। ତାଙ୍କୁ କୌଣସି ଫିଲ୍ମ ପାଇଁ ଆୱାର୍ଡ ମଧ୍ୟ ମିଳିନି। 'ଗଲିବୟ' ଭଳି ଫିଲ୍ମକୁ ବହୁତ ଗୁଡ଼ିଏ ଆୱାର୍ଡ ମିଳିଲା। କିନ୍ତୁ ମୋ ମତରେ ତାଙ୍କ ଅଭିନୀତ 'ଛିଛୋରେ' ବେଷ୍ଟ ଫିଲ୍ମ ଥିଲା। ଜଣେ ଭଲ ଅଭିନେତାଙ୍କୁ ପ୍ରୋତ୍ସାହନ ଦିଆ ନ ଯାଇ ତାଙ୍କ ବିରୋଧରେ ଷଡ଼ଯନ୍ତ୍ର କରାଯିବା ନିନ୍ଦନୀୟ ବୋଲି କଙ୍ଗନା ପ୍ରକାଶ କରିଛନ୍ତି।

## 'ବଲିଉଡ୍‌ରୁ ବଂଶବାଦ ହଟିବା ଜରୁରୀ'

ମୁମ୍ବାଇ: ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ଆତ୍ମହତ୍ୟା ପରେ ବଲିଉଡ୍‌ରେ ଚାଲିଥିବା ବଂଶବାଦ ବିରୋଧରେ ସ୍ୱର ଉଠିବାରେ ଲାଗିଛି। ସୁଶାନ୍ତଙ୍କ ଭଳି ଆତ୍ମହତ୍ୟା କରିଥିବା ଜିଆ ଖାଁଙ୍କ ମା' ରାବିୟା ଅମିନ୍ ଏବେ ମୁହଁ ଖୋଲିଛନ୍ତି। ବଲିଉଡ୍‌ରୁ ବଂଶବାଦ ନ ହଟିଲେ ଏଭଳି ଆତ୍ମହତ୍ୟା ଘଟଣା ଘଟିଚାଲିଥିବ ବୋଲି ରାବିୟା କହିଛନ୍ତି। ସଲମାନ୍ ଖାଁ ତାଙ୍କ ଝିଅ ଜିଆର ମୃତ୍ୟୁ ତଦନ୍ତରେ ହସ୍ତକ୍ଷେପ କରିଥିବା ସେ ଅଭିଯୋଗ ଆଣିଛନ୍ତି। ବଲିଉଡ୍‌ରେ ଏଭଳି ଧାରା ବନ୍ଦ ନ ହେଲେ ଫିଲ୍ମ ଦୁନିଆରେ କଳଙ୍କ ଲାଗିବ ବୋଲି ସେ କହିଛନ୍ତି। ନିଶବ୍ଦ ଏବଂ ଘଜ୍‌ନୀରେ ଅଭିନୟ କରିଥିବା ଜିଆ ୨୦୧୩ ଜୁନ୍ ୩ରେ ଆତ୍ମହତ୍ୟା କରିଥିଲେ। ୨୦୧୩ ଜୁନ୍ ୧୦ରେ ଜିଆଙ୍କ ବୟଫ୍ରେଣ୍ଡ୍ ସୂରଜ ପାଞ୍ଚୋଲିଙ୍କୁ ପୋଲିସ ଗିରଫ କରି ପଚରା ଉଚରା ଆରମ୍ଭ କରିଥିଲା। ତେବେ ସୂରଜଙ୍କୁ ପଚରା ଉଚରା ନ କରିବା ଲାଗି ସଲ୍‌ମାନ ଚାପ ପକାଇଥିବା ଜିଆଙ୍କ ମା' କହିଛନ୍ତି।



# ଟଲିଉଡ୍‌ରେ ନିଭେଥାଙ୍କ ୪ ବର୍ଷ

ନୂଆଦିଲ୍ଲୀ : ତେଲୁଗୁ ଫିଲ୍ମ ଦୁନିଆରେ ନିଭେଥା ଥୋମାସ୍ ଆଉ ନୂଆ ମୁହଁ ହୋଇ ନାହାନ୍ତି। ଜୁନ୍ ୧୭ରେ ଟଲିଉଡ୍‌ରେ ପ୍ରବେଶ କରିବା ତାଙ୍କର ୪ ବର୍ଷ ହୋଇଛି। ସେ ଦେଖିବାକୁ ଯେମିତି ସୁନ୍ଦର ତାଙ୍କ କଥା ଓ ଜ୍ଞାନ ମଧ୍ୟ ତାହାଠୁ ଢ଼େର୍ ବେଶୀ। ନିର୍ଦ୍ଦେଶକ ମୋହନ କ୍ରିଷ୍ଣା ପ୍ରଥମେ ତାଙ୍କୁ ସିନେଜଗତକୁ ଆଣିଥିଲେ। ପରେ ସେ ଆଉ ପଛକୁ ଚାହିଁନାହାନ୍ତି। ବିଭିନ୍ନ ତେଲୁଗୁ ଫିଲ୍ମରେ ସେ ନିଜର ଅଭିନୟ ଯାଦୁ ଦେଖାଇ ଚାଲିଛନ୍ତି। ଏହି ୪ ବର୍ଷ ପୂର୍ତ୍ତି ଅବସରରେ ସେ ନିଜ ଇନ୍‌ଷ୍ଟାଗ୍ରାମ ପୋଷ୍ଟରେ ପିଲାଦିନାର କେତେକ ଫଟୋ ଶେୟାର କରିଛନ୍ତି। ଫଲୋୟର୍ସଙ୍କଠାରୁ ଏନେଇ ଭିନ୍ନ ଭିନ୍ନ କମେଣ୍ଟମାନ ଦେଖି ନିଭେଥା ଭାବବିହ୍ୱଳ ହୋଇପଡ଼ିଛନ୍ତି। ଫିଲ୍ମ 'ଜେଣ୍ଟିଲମ୍ୟାନ୍'ରେ ଡେବ୍ୟୁ କଲାବେଳର କେତେକ ଫଟୋ ମଧ୍ୟ ସେ ଶେୟାର କରି ଢ଼େର୍ ପ୍ରଶଂସା ପାଇଛନ୍ତି। କଲେଜରେ ପଢ଼ୁଥିବା ବେଳେ ସେ ଟଲିଉଡ୍‌ରେ ପ୍ରବେଶ କରିଥିଲେ। ଏବେ ସେ ଏହି ଫିଲ୍ମ ଇଣ୍ଡଷ୍ଟ୍ରିର ଜଣେ ସଫଳ ଅଭିନେତ୍ରୀ। ରୋମାଣ୍ଟିକ୍- ଥ୍ରିଲର୍ ଭଳି ଫିଲ୍ମକରି ସେ ବେଶ୍ ଲୋକପ୍ରିୟତା ହାସଲ କରିପାରିଛନ୍ତି।



# 'ପେରି କୁବାରଟିନ' ପଦକ ବିଜେତା



ଅଶୋକ ମହାନ୍ତି

ଆଧୁନିକ ଅଲିମ୍ପିକ୍ କ୍ରୀଡ଼ା (୧୮୯୬) ପ୍ରାରମ୍ଭରୁ ପ୍ରତ୍ୟେକ ଅଲିମ୍ପିକ୍ସରେ ନିର୍ଦ୍ଦିଷ୍ଟ କ୍ରୀଡ଼ା ଶୃଙ୍ଖଳାରେ ପ୍ରଥମ ୩ ଜଣ ବିଜେତାଙ୍କୁ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ପ୍ରଦାନ କରିବାର ନିଆରା ପରମ୍ପରା ରହିଥିଲେ ମଧ୍ୟ ୧୯୬୪ ମସିହାରେ ଆରମ୍ଭ ହୋଇଥିଲା ଏକ ସ୍ୱତନ୍ତ୍ର ୪ର୍ଥ ପଦକ ପ୍ରଦାନର ବ୍ୟବସ୍ଥା। ଅଲିମ୍ପିକ୍ କ୍ରୀଡ଼ାର ଜନକ ବାରନ ପେରୀ ଡି'କୁବାରଟିନ୍‌ଙ୍କ ସମ୍ମାନାର୍ଥେ 'ପେରୀ କୁବାରଟିନ୍' ପଦକ ଅଲିମ୍ପିକ୍ କ୍ରୀଡ଼ାରେ କ୍ରୀଡ଼ାବିତ୍‌ଙ୍କ ଖେଳୁଆଡ ମନୋଭାବ, ବନ୍ଧୁତ୍ୱ ଏବ ଫେୟାର ପ୍ଲେ ପ୍ରଦର୍ଶନକୁ ସମ୍ମାନ ଦେବାପାଇଁ ଅନ୍ତର୍ଜାତୀୟ ଅଲିମ୍ପିକ୍ ସଂଘ(ଆଇଓସି) ଦ୍ୱାରା ଅନୁମୋଦିତ ହୋଇଥିଲା। ଏହି ବିରଳ ସମ୍ମାନରେ ସମ୍ମାନିତ ସୀମିତ କ୍ରୀଡ଼ାବିତ୍‌ଙ୍କ ମଧ୍ୟରୁ ୩ ଜଣଙ୍କ ପ୍ରେରଣାଦାୟକ ପ୍ରଦର୍ଶନ ନିମ୍ନରେ ପ୍ରଦାନ କରାଗଲା...।

**ନିକି ହାମ୍ବଲିନ ଏବଂ ଆବେ ଡି'ଅଗଷ୍ଟିନୋ :** ୨୦୧୬ ରିଓ ଅଲିମ୍ପିକ୍ସରେ ନ୍ୟୁଜିଲାଣ୍ଡର ନିକି ହାମ୍ବଲିନ ଏବଂ ଯୁକ୍ତରାଷ୍ଟ୍ର ଆମେରିକାର ଆବେ ଡି'ଅଗଷ୍ଟିନୋ ମହିଳା ୫୦୦୦ ମିଟର ଦୌଡ଼ରେ ଭାଗ ନେଇଥାନ୍ତି। ପ୍ରାରମ୍ଭିକ ହିଟ୍ସରେ ଦୌଡ଼ିବା ସମୟରେ ପ୍ରାୟ ୩୦୦୦ ମିଟର ଦୂରତା ଅତିକ୍ରମ କରିଥିବା ବେଳେ ହଠାତ୍ ହାମ୍ବଲିନ ଝୁଣ୍ଟି ଟ୍ରାକ୍‌ରେ ପଡ଼ି ଯାଇଥିଲେ ଏବଂ ଅଜାଣତରେ ସାଥୀ ଦୌଡ଼ାଳି ଡି'ଅଗଷ୍ଟିନୋଙ୍କ ସହିତ ଧକ୍କା ହୋଇଥିଲା। ଫଳରେ ଅଗଷ୍ଟିନୋ ମଧ୍ୟ ତଳେ ପଡ଼ି ଯାଇଥିଲେ। ଅଗଷ୍ଟିନୋ ସଙ୍ଗେ ସଙ୍ଗେ ଉଠିପଡ଼ିଥିଲେ ହେଁ ଦୌଡ଼ ଆରମ୍ଭ ନ କରି ହାମ୍ବଲିନଙ୍କୁ ଉଠିବାକୁ ସହାୟତା କରିଥିଲେ। ଅଗଷ୍ଟିନୋଙ୍କ ଗୋଡ଼ ଆଘାତପ୍ରାପ୍ତ ହୋଇଥିବାରୁ ସେ ଆଉଥରେ ପଡ଼ି ଯାଇଥିଲେ ଏବଂ ହାମ୍ବଲିନ ତାଙ୍କୁ ଉଠାଇବାକୁ ଚେଷ୍ଟା କରିଥିଲେ। ଏହାପରେ ଧୈର୍ଯ୍ୟ ଓ ସାହସର ପରିଚୟ ଦେଇ ଉଭୟ ଖେଳାଳି ରେସ୍ ଶେଷ କରିଥିଲେ। ଟ୍ରାକ୍ ବିଚାରକ ଏବଂ ବୈଷୟିକ ଅଧିକାରୀମାନେ ଏହି ଘଟଣାକୁ ଏକ ବିରଳ ବ୍ୟତିକ୍ରମ ଭାବେ ଗ୍ରହଣ କରି ଉଭୟ ଆବେ ଓ ହାମ୍ବଲିନଙ୍କୁ ଅନ୍ତିମ ପର୍ଯ୍ୟାୟରେ ଦୌଡ଼ିବା ପାଇଁ ସୁଯୋଗ ଦେଇଥିଲେ। ତେବେ ଆବେ ଭାଗନେବା ପାଇଁ ଅକ୍ଷମତା ପ୍ରକାଶ କରିଥିଲେ ଏବଂ ହାମ୍ବଲିନ ୧୭ତମ ସ୍ଥାନ ଅଧିକାର କରିଥିଲେ। ଆବେ ଓ ହାମ୍ବଲିନଙ୍କ ଦ୍ୱାରା ପ୍ରଦର୍ଶିତ ଅବିଶ୍ୱସନୀୟ ଖେଳୁଆଡ଼ ମନୋଭାବ, ବନ୍ଧୁତା, ନିଃସ୍ୱାର୍ଥପରତା ଏବଂ ଫେୟାରପ୍ଲେକୁ ୨୦୧୬ ରିଓ ଅଲିମ୍ପିକ୍ କ୍ରୀଡ଼ାର ସର୍ବୋତ୍କୃଷ୍ଟ ଏବଂ ସୁନ୍ଦରତମ ମୁହୂର୍ତ୍ତଭାବେ ବର୍ଣ୍ଣନା କରାଯାଇଛି। ଯଥାର୍ଥରେ ଏହି ଦୁଇ ମହାନ୍ କ୍ରୀଡ଼ାବିତ୍‌ଙ୍କୁ ୨୦୧୬ରେ ଅଲିମ୍ପିକ୍ ଆଦର୍ଶର ପ୍ରତୀକଭାବେ 'ପେରି କୁବାରଟନ' ପଦକରେ ସମ୍ମାନିତ କରାଯାଇଥିଲା।



**ଅଲିମ୍ପିକ୍ସରେ ପ୍ରଥମ ୩ ଜଣ ବିଜେତାଙ୍କୁ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ପ୍ରଦାନ କରିବା ପରମ୍ପରା ରହିଆସିଛି। ସମୟକ୍ରମେ ଚତୁର୍ଥ ପଦକ ପ୍ରଦାନ ବ୍ୟବସ୍ଥା କରାଗଲା। ସେହିପରି ଖେଳୁଆଡ ମନୋବୃତ୍ତି, ବନ୍ଧୁତ୍ୱ ଏବଂ ଫେୟାର ପ୍ଲେ ପ୍ରଦର୍ଶନକୁ ଦୃଷ୍ଟିରେ ରଖି 'ପେରି କୁବାରଟିନ୍' ପଦକ ମଧ୍ୟ ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା।**

**ଭାଣ୍ଡେରଲି କର୍ଡିରୋ ଡି'ଲିମା**

୨୦୦୪ ଏଥେନ୍ସ ଅଲିମ୍ପିକ କ୍ରୀଡ଼ାରେ ବ୍ରାଜିଲ ଦେଶକୁ ପ୍ରତିନିଧିତ୍ୱ କରି ୩୩ ବର୍ଷୀୟ ଭାଣ୍ଡେରଲି କର୍ଡିରୋ ଡି'ଲିମା ମାରାଥନ ଦୌଡ଼ରେ ଭାଗ ନେଇଥିଲେ। ୧୯୮୯ଠାରୁ କ୍ରସ୍‌କଣ୍ଟ୍ରି ଦୌଡ଼ରେ ଭାଗ ନେବା ଆରମ୍ଭକରି ଡି'ଲିମା ଅଲିମ୍ପିକ୍ ପୂର୍ବରୁ ୧୯୯୬ ଟୋକିଓ ଅନ୍ତର୍ଜାତୀୟ ମାରାଥନ, ୧୯୯୯ ଏବଂ ୨୦୦୩ରେ ପାନ୍ ଆମେରିକାନ୍ କ୍ରୀଡ଼ା ମାରାଥନ ଏବଂ ଏପ୍ରିଲ ୨୦୦୪ରେ ହାମବର୍ଗ ମାରାଥନରେ ବିଜେତା ହୋଇଥିଲେ ଏବଂ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିବା ପାଇଁ ଅନ୍ୟତମ ଦୃଢ଼ ଦାବିଦାର ଥିଲେ। ଅଗଷ୍ଟ ୨୯ରେ ପୁରାତନ ଅଲିମ୍ପିକ୍ କ୍ରୀଡ଼ାର ସ୍ମୃତିକୁ ଉଜ୍ଜୀବିତ କରିବା ଲକ୍ଷ୍ୟରେ ଗ୍ରୀସ୍‌ର ପୁରାତନ ସହର 'ମାରାଥନ'ରୁ ଆରମ୍ଭ ହୋଇଥିଲା ଏହି ଦୌଡ଼(୪୨.୧୯୫ କିଲୋମିଟର)। ଏଥିରେ ୫୯ଟି ଦେଶର ୧୦୨ ପ୍ରତିଯୋଗୀ ଭାଗ ନେଇଥିଲେ। ଅଳ୍ପସମୟ ମଧ୍ୟରେ ଡି'ଲିମା ସର୍ବାଗ୍ରେ ରହି ଦୌଡ଼ ଜାରି ରଖିଥାନ୍ତି। ୨୦ କି.ମି. ଅତିକ୍ରମ କରିବାପରେ ଏକ ଅପ୍ରୀତିକର ଘଟଣା ଘଟିଲା। ରାସ୍ତାର ଦୁଇପାଖରେ ଛିଡ଼ା ହୋଇଥିବା ଦର୍ଶକମାନେ ଦୌଡ଼ାଳିମାନଙ୍କୁ କରତାଳିଦେଇ ଉତ୍ସାହିତ କରୁଥାନ୍ତି। ହଠାତ୍ ସେମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି (ପରେ ସେ ବ୍ୟକ୍ତିଙ୍କ ନାମ ନିଲ୍ ହେରାନ୍ ବୋଲି ଜଣା ପଡ଼ିଥିଲା) ବାହାରିଆସି ଡି'ଲିମାଙ୍କୁ ଧକ୍କା ଦେଇଥିଲେ। ଏଥିରେ ଡି'ଲିମା ଇତସ୍ତତଃ ହୋଇ ପ୍ରାୟ ୧୫-୨୦ ସେକେଣ୍ଡ ସମୟ ହରାଇଥିଲେ। ତେବେ ସେ ପୁଣି ଦୌଡ଼ ଆରମ୍ଭ କରିଥିଲେ ହେଁ ଶେଷରେ ତୃତୀୟ ସ୍ଥାନ(୨:୧୧.୨୯ ସେକେଣ୍ଡ)ରେ ରହି ବ୍ରୋଞ୍ଜ ପଦକ ପାଇଥିଲେ। ଇଟାଲିର ବାଲ୍‌ଡିନି ୨:୧୦.୫୫ ସେକେଣ୍ଡ ସହ ସ୍ୱର୍ଣ୍ଣ ଏବଂ ଆମେରିକାର କେଫ୍ଲେଜିଗି ୨:୧୧.୨୮ ସେକେଣ୍ଡ ସମୟ ନେଇ ରୌପ୍ୟ ପଦକ ହାସଲ କରିଥିଲେ। ଅଲିମ୍ପିକ୍ ଆଦର୍ଶରେ ଅନୁପ୍ରାଣିତ ହୋଇ କ୍ରୀଡ଼ାରେ ଡି'ଲିମାଙ୍କ ଅସାଧାରଣ ଖେଳୁଆଡ଼ ମନୋଭାବ ପ୍ରଦର୍ଶନ ପାଇଁ ତାଙ୍କୁ 'ପେରି କୁବାରଟିନ୍' ପଦକ ଦ୍ୱାରା ସମ୍ମାନିତ କରାଯାଇଥିଲା। ଡିସେମ୍ବର ୨ରେ ରିଓଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଆଇଓସି ତାଙ୍କୁ ଏହି ପଦକ ପ୍ରଦାନ କରିଥିଲା। ୨୦୦୪ରେ ବ୍ରାଜିଲର ଶ୍ରେଷ୍ଠ କ୍ରୀଡ଼ାବିତ୍ ମନୋନୀତ ହୋଇଥିବା ଡି'ଲିମା ୨୦୧୬ ରିଓ ଅଲିମ୍ପିକ୍ସରେ ଅଲିମ୍ପିକ୍ ଜ୍ୟୋତି ପ୍ରଜ୍ୱଳନ ଏବଂ ଦୌଡ଼ରେ ସାମିଲ ହେବାର ବିରଳ ସମ୍ମାନ ପାଇଥିଲେ।



ଭାଣ୍ଡେରଲି କର୍ଡିରୋ ଡି'ଲିମା

ନିକି ହାମ୍ବଲିନ ଓ ଆବେ ଡି'ଅଗଷ୍ଟିନୋ



# ଟେଷ୍ଟ ପାଇଁ ବିବାହ ଏଡ଼ାଇଥିବା କ୍ରିକେଟର

**ଇଂଲଣ୍ଡ ପୂର୍ବତନ କ୍ରିକେଟର ଟୋନୀ ପାଇଗଟ୍ ଟେଷ୍ଟ ଖେଳିବା ପାଇଁ ନିଜ ବିବାହ ଏଡାଇ ଦେଇଥିଲେ। ମ୍ୟାଚ୍ ଚତୁର୍ଥ ଦିନ ତାଙ୍କର ବିବାହ ତାରିଖ ଥିଲା। ତେବେ ଏହା ଥିଲା ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟରର ପ୍ରଥମ ଓ ଶେଷ ମ୍ୟାଚ୍। ଅନ୍ତର୍ଜାତୀୟ କ୍ରିକେଟରେ ସଫଳ ହୋଇ ନ ଥିଲେ ମଧ୍ୟ ସେ ଘରୋଇ କ୍ରିକେଟରେ ଦୃଷ୍ଟାନ୍ତମୂଳକ ପ୍ରଦର୍ଶନ କରିଥିଲେ।**

ନିଜ ପସନ୍ଦର ଖେଳ ଖେଳିବାକୁ କ୍ରିକେଟରମାନେ ବହୁତ କିଛି କରିଥିବାର ଆମେ ଜାଣିଛୁ। ନିଜ ଦେଶର ଜର୍ସି ପିନ୍ଧିବାକୁ କ୍ରିକେଟରମାନେ ବହୁତ କିଛି ସଂଘର୍ଷ କରିଥାନ୍ତି। କେତେଜଣ ପରିଶ୍ରମ କରି ନିଜ ଦେଶ ପାଇଁ ଖେଳିବାର ଗୌରବ ଅର୍ଜନ ମଧ୍ୟ କରିଥାନ୍ତି। କିନ୍ତୁ ଏଭଳି କ୍ରିକେଟର ଅଛନ୍ତି ଯିଏକି ଟେଷ୍ଟ ଖେଳିବା ପାଇଁ ନିଜ ବାହାଘରକୁ ମଧ୍ୟ ଏଡାଇଯାଇଥିଲେ। କିନ୍ତୁ ମଜାର କଥା ହେଉଛି ଏହି କ୍ରିକେଟର ଜଣକ ପରେ ଆଉ ଜାତୀୟ ଦଳ ପାଇଁ ଖେଳିବାର ସୁଯୋଗ ପାଇ ନ ଥିଲେ। ଏହି କ୍ରିକେଟର ଜଣକ ହେଉଛନ୍ତି ଇଂଲଣ୍ଡର ଟୋନୀ ପାଇଗଟ।


ପାଇଗଟ ଟେଷ୍ଟ ଖେଳିବା ପାଇଁ ନିଜର ବାହାଘର ଏଡାଇଦେଇଥିଲେ। ଲଣ୍ଡନ୍‌ରେ ୧୯୫୮ ଜୁନ ୪ ତାରିଖରେ ଜନ୍ମଗ୍ରହଣ କରିଥିଲେ ପାଇଗଟ୍। ତାଙ୍କ ପୂରା ନାମ ଆଣ୍ଟୋନୀ ଚାର୍ଲ୍ସ ସାଇକେଲ୍ସନ ପାଇଗଟ। ୬ ଫୁଟ ୧ ଇଞ୍ଚ ଉଚ୍ଚତା ବିଶିଷ୍ଟ ଏହି କ୍ରିକେଟର କ୍ୟାରିୟରରେ ମାତ୍ର ଗୋଟିଏ ଟେଷ୍ଟ ହିଁ ଖେଳିଥିଲେ। ଏହି ଗୋଟିଏ ଟେଷ୍ଟରେ ସେ ୨ ଉଇକେଟ ନେବା ସହ ଅପରାଜିତ ୮ ରନ ସଂଗ୍ରହ କରିଥିଲେ। କିନ୍ତୁ ଏହି ମ୍ୟାଚ୍‌ରେ ଇଂଲଣ୍ଡ ଏକ ଇନିଂସ ଓ ୧୩୨ ରନରେ ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହୋଇଥିଲା। ୧୯୮୪ରେ ଇଂଲଣ୍ଡର ନ୍ୟୁଜିଲାଣ୍ଡ ଗସ୍ତରେ ଏହି ମ୍ୟାଚ୍ ଖେଳାଯାଇଥିଲା। ଗସ୍ତର ଦ୍ୱିତୀୟ ଟେଷ୍ଟରେ ପାଇଗଟ୍‌ଙ୍କୁ ଖେଳିବାର ସୁଯୋଗ ମିଳିଥିଲା। ଏହି ମ୍ୟାଚ୍‌ର ଚତୁର୍ଥ ଦିନରେ ତାଙ୍କ ବିବାହ ହେବାର ଥିଲା। ତେବେ ଏହି ଟେଷ୍ଟ ଖେଳିବା ପାଇଁ ସେ ବିବାହକୁ ଏଡାଇବାକୁ ନିଷ୍ପତ୍ତି ନେଇଥିଲେ। ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସରେ ୩୦୭ ରନ ସଂଗ୍ରହ କରିଥିଲା। ଜବାବରେ ଇଂଲଣ୍ଡ ପ୍ରଥମ ଓ ଦ୍ୱିତୀୟ ଇନିଂସରେ ଯଥାକ୍ରମେ ୮୨ ଓ ୯୩ ରନରେ ଅଲଆଉଟ ହୋଇ ଆତ୍ମ ସମର୍ପଣ କରିଥିଲା। ଡେବ୍ୟୁ ମ୍ୟାଚ୍ ହିଁ ତାଙ୍କର ଅନ୍ତର୍ଜାତୀୟ କ୍ୟାରିୟରର ଶେଷ ମ୍ୟାଚ୍ ଥିଲା। ଅନ୍ତର୍ଜାତୀୟ କ୍ରିକେଟରେ ସଫଳତା ପାଇ ନ ଥିଲେ ମଧ୍ୟ ଘରୋଇ କ୍ରିକେଟରେ ତାଙ୍କର ପ୍ରଦର୍ଶନ ଦୃଷ୍ଟାନ୍ତମୂଳକ ଥିଲା। ନ୍ୟୁଜିଲାଣ୍ଡ ଗସ୍ତରେ ତାଙ୍କୁ ଜରୁରିକାଳୀନ ପରିସ୍ଥିତିରେ ଇଂଲଣ୍ଡ ଦଳରେ ସାମିଲ କରିଥିଲା।

## ଖେଳ ଖବର

# 'ପ୍ଲେ ଫର୍ ଇଣ୍ଡିଆ' କାର୍ଯ୍ୟକ୍ରମକୁ କ୍ରୀଡ଼ାବିତ୍‌ଙ୍କ ସମର୍ଥନ

**ବେଙ୍ଗାଲୁରୁ, ୧୮।୬(ପି.ଟି.)**

ଗୋସ୍ପୋର୍ଟ୍ସ ଫାଉଣ୍ଡେଶନ ପକ୍ଷରୁ ଆରମ୍ଭ କରାଯାଇଥିବା 'ପ୍ଲେ ଫର୍ ଇଣ୍ଡିଆ' କାର୍ଯ୍ୟକ୍ରମକୁ ଦେଶର ପ୍ରମୁଖ କ୍ରୀଡ଼ା ବ୍ୟକ୍ତିତ୍ୱମାନେ ସମର୍ଥନ କରିଛନ୍ତି। ସେମାନଙ୍କ ମଧ୍ୟରେ କ୍ରିକେଟର ରୋହିତ ଶର୍ମା, ଯୁବରାଜ ସିଂ, ମୟଙ୍ଗ ଅଗ୍ରୱାଲ, ସ୍ମୃତି ମନ୍ଧାନା, ରେସଲର ବଜରଙ୍ଗ ପୁନିଆ, ଅଲିମ୍ପିଆନ ସାକ୍ଷୀ ମଲିକ, ଦୀପା କର୍ମକାର ପ୍ରମୁଖ ରହିଛନ୍ତି। ଟେନିସ ତାରକା ସାନିଆ ମିର୍ଜା, କ୍ରୀଡ଼ା ଶିଳ୍ପସହ ଜଡ଼ିତ ବଲିଉଡ ସେଲିବ୍ରିଟି ଅଭିଷେକ ବଚ୍ଚନ ଓ ସୁନୀଲ ସେଟ୍ଟୀ ମଧ୍ୟ ଏଥିରେ ଯୋଡ଼ି ହୋଇଛନ୍ତି। କୋଭିଡ-୧୯ ସଂକ୍ରମଣରେ ପ୍ରଭାବିତ କ୍ରୀଡ଼ା ସହିତ ସମ୍ପୃକ୍ତ ବ୍ୟକ୍ତିଙ୍କୁ ସହାୟତା କରିବା ପାଇଁ ଏପରି ଏକ ଭିଡିଓ କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ। ଭାରତର କ୍ରୀଡ଼ା ସମୁଦାୟ, ପ୍ରଶଂସକ ଏବଂ ଆଥଲେଟ୍‌ଙ୍କୁ ଏକତ୍ରିତ କରି ଖେଳ ପ୍ରତି ଅବଦାନ ଥାଇ ଲୋକଲୋଚନକୁ ଆସିପାରି ନ ଥିବା ବ୍ୟକ୍ତିଙ୍କୁ ସହଯୋଗ କରିବା ଏହାର ଉଦ୍ଦେଶ୍ୟ। କୋଭିଡ-୧୯ ପାଇଁ କାର୍ଯ୍ୟ ନ ପାଇ ନିୟମିତ ଅର୍ଥ ଉପାର୍ଜନ କରିପାରୁ ନ ଥିବା କ୍ଲିନର, ଗାର୍ଡନର, କୋଚ୍, ଅମ୍ପାୟର, ରେଫରି ଓ ଅନ୍ୟ ସପୋର୍ଟ ଷ୍ଟାଫ୍ ପ୍ରମୁଖ ଏମାନଙ୍କ ମଧ୍ୟରେ ସାମିଲ।



ସାନିଆ ମିର୍ଜା



ଯୁବରାଜ ସିଂ

''ବିଶେଷ ଜଣାଶୁଣା ନ ଥିବା ଏବଂ ସ୍ୱୀକୃତି ପାଇ ନ ଥିବା ଅନେକ ବ୍ୟକ୍ତିଙ୍କ କାର୍ଯ୍ୟ ପାଇଁ ଖେଳ ଆମକୁ ଖୁସି ଦେଇଥାଏ। ଭାରତୀୟ କ୍ରୀଡ଼ା ପ୍ରତି କିନ୍ତୁ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥାଏ। ଭାରତୀୟ କ୍ରୀଡ଼ାର ମେରୁଦଣ୍ଡ କୁହାଯାଉଥିବା ଏହି ବ୍ୟକ୍ତିମାନଙ୍କୁ ଆର୍ଥିକ ଏବଂ ଅଣଆର୍ଥିକ ସହାୟତା କରିବା ପ୍ଲେ ଫର ଇଣ୍ଡିଆ କାର୍ଯ୍ୟକ୍ରମର ଲକ୍ଷ୍ୟ'' ବୋଲି ପୂର୍ବତନ ଭାରତୀୟ ଅଲରାଉଣ୍ଡର ଯୁବରାଜ ସିଂ ପ୍ରକାଶ କରିଛନ୍ତି। ପ୍ରୋ କବାଡ଼ି ଲିଗ୍ ଏବଂ ଇଣ୍ଡିଆନ ସୁପର ଲିଗ୍‌ର ମାଲିକା ଅଭିଷେକ କହିଛନ୍ତି ଯେ, ''ସାମ୍ପ୍ରତିକ ସମୟରେ ଏହି କର୍ମଚାରୀମାନେ ଆମ ନିକଟରୁ ସମସ୍ତ ପ୍ରକାର ସହାୟତା ଆବଶ୍ୟକ କରୁଛନ୍ତି। ତେଣୁ ସମସ୍ତେ ଏକତ୍ରିତ ହୋଇ ଏହି କାର୍ଯ୍ୟକ୍ରମରେ ସାମିଲ ହେବାର ସମୟ ଆସିଛି''। ଗୋସ୍ପୋର୍ଟ୍ସ ଫାଉଣ୍ଡେଶନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପ୍ତି ବୋପାଲା ମଧ୍ୟ ସମାନ ମତବ୍ୟକ୍ତ କରିଛନ୍ତି। ''କୋଭିଡ-୧୯ ଭାରତୀୟ କ୍ରୀଡ଼ା ଉପରେ ଗୁରୁତର ପ୍ରଭାବ ପକାଇଛି। କ୍ରୀଡ଼ା ଉପରେ ନିର୍ଭର କରୁଥିବା ସେମାନଙ୍କ ଜୀବନଶୈଳୀ ଅସ୍ତବ୍ୟସ୍ତ ହୋଇଯାଇଛି। କଷ୍ଟ ସମୟ ଦେଇ ଗତି କରୁଥିବା ବ୍ୟକ୍ତିମାନଙ୍କୁ ଆମ କାର୍ଯ୍ୟକ୍ରମ କିଛି ପରିମାଣରେ ସାହାଯ୍ୟ କରିବା ନେଇ ଆଶା ରହିଛି'' ବୋଲି ସେ କହିଛନ୍ତି। ''ଆମେ ମିଳିମିଶି କାର୍ଯ୍ୟକଲେ କ'ଣ ହାସଲ କରିପାରିବୁ 'ପ୍ଲେ ଫର୍ ଇଣ୍ଡିଆ' ତା'ର ଏକ ବଡ଼ ଉଦାହରଣ। ଏହି କାର୍ଯ୍ୟକ୍ରମକୁ ସମର୍ଥନ କରୁଥିବା ସମସ୍ତଙ୍କୁ ମୁଁ ଧନ୍ୟବାଦ ଜଣାଉଛି'' ବୋଲି 'ଲାଇଫ୍ ଇଜ୍ ଏ ବଲ୍'ର ପ୍ରତିଷ୍ଠାତା ତଥା ପୂର୍ବତନ ଡେଭିସ କପ୍ ଟେନିସ ତାରକା ସୋମଦେବ ଦେବବର୍ମନ ପ୍ରକାଶ କରିଛନ୍ତି।

# ୨୦୧୧ ବିଶ୍ୱକପ୍ ଫାଇନାଲ ବିକ୍ରି ହୋଇଥିବା ଅଭିଯୋଗ

**କଲମ୍ବୋ, ୧୮।୬ (ପି.ଟି.)**

ବିଶ୍ୱକପ୍ ୨୦୧୧ ଫାଇନାଲ ତାଙ୍କ ଦେଶ ଭାରତକୁ ବିକ୍ରି କରିଥିବା ଅଭିଯୋଗ କରିଛନ୍ତି ଶ୍ରୀଲଙ୍କାର ପୂର୍ବତନ କ୍ରୀଡ଼ା ମନ୍ତ୍ରୀ ମହିନ୍ଦାନନ୍ଦ ଅଲୁଥ୍‌ଗାମେଜ। ତେବେ ପୂର୍ବତନ ଅଧିନାୟକ କୁମାର ସଙ୍ଗକାରା ଓ ମାହେଲା ଜୟବର୍ଦ୍ଧନେ ତାଙ୍କଠାରୁ ଉପଯୁକ୍ତ ପ୍ରମାଣ ଦାବି କରିଛନ୍ତି। ଏକ ଟିଭି ଚ୍ୟାନେଲକୁ ସାକ୍ଷାତ୍‌କାର ଦେଇ ଅଲୁଥ୍‌ଗାମେଜ କହିଛନ୍ତି, ଫାଇନାଲ ଫିକ୍ସ ହୋଇଯାଇଥିଲା। ଫାଇନାଲ ମ୍ୟାଚରେ ଶ୍ରୀଲଙ୍କା ୨୭୫ରନ ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଗୌତମ ଗମ୍ଭୀର(୯୭) ଓ ତତ୍କାଳୀନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ(୯୧)ଙ୍କ ଚମତ୍କାର ବ୍ୟାଟିଂ ଯୋଗୁ ଭାରତ ବିଜୟ ସହ ଟ୍ରଫି ହାସଲ କରିନେଇଥିଲା। ମୁଁ ସେତେବେଳେ କ୍ରୀଡ଼ା ମନ୍ତ୍ରୀ ଥିଲି। ଦେଶର ସମ୍ମାନ ଦୃଷ୍ଟିରୁ ଏହା ପ୍ରକାଶ କରିବାକୁ ଚାହିଁ ନ ଥିଲି। କିନ୍ତୁ ଆମେ ଏହି ମ୍ୟାଚରେ ବିଜୟ ଲାଭ କରିପାରିଥାନ୍ତୁ ବୋଲି ରାଜନେତା ଜଣକ କହିଛନ୍ତି। ଅଲୁଥ୍‌ଗାମେଜ କହିଛନ୍ତି ମୁଁ ଜାଣେ ଲୋକମାନେ ସେତେବେଳେ ଏ ବିଷୟରେ ଚିନ୍ତା କରିଥିବେ। ଏହି ପ୍ରସଙ୍ଗରେ ଯଦି କୌଣସି ବିତର୍କ ହୁଏ ସେଥିରେ ମୁଁ ଭାଗ ନେବାଲାଗି ପ୍ରସ୍ତୁତ ଅଛି। ଅନ୍ୟପକ୍ଷରେ ସେ ସମୟରେ ଶ୍ରୀଲଙ୍କା ଅଧିନାୟକ ଥିବା ସଙ୍ଗକାରା ମନ୍ତ୍ରୀଙ୍କୁ ଦୁର୍ନୀତି ନିବାରଣ ତଦନ୍ତ ପାଇଁ ଆବଶ୍ୟକ ପ୍ରାମାଣିକ ତଥ୍ୟ ଦାଖଲ କରିବା ଲାଗି କହିଛନ୍ତି। ଜୟବର୍ଦ୍ଧନେ ମଧ୍ୟ ଜଣେ ପୂର୍ବତନ ଅଧିନାୟକ। ସେ ଏହି ମ୍ୟାଚ୍‌ରେ ଏକ ଶତକ ହାସଲ କରିଥିଲେ। ମନ୍ତ୍ରୀଙ୍କ ଅଭିଯୋଗକୁ ନେଇ ସେ ଉପହାସ କରିଛନ୍ତି। ଆଗକୁ ନିର୍ବାଚନ ହେବାକୁ ଥିବାରୁ ଅଲୁଥ୍‌ଗାମେଜ ଏଭଳି ବୟାନବାଜି କରୁଛନ୍ତି। ଯଦି ସେ ଫିକ୍ସିଂ କଥା କହିଛନ୍ତି ତେବେ ଏହାର ପ୍ରମାଣ ଦିଅନ୍ତୁ ଏବଂ ଏଥିରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କ ନାମ ପ୍ରକାଶ କରନ୍ତୁ। ଗେମ୍‌ରେ ଫିକ୍ସିଂ ହୋଇଥିବା ଅଲୁଥ୍‌ଗାମେଜ୍ ଏହା ପୂର୍ବରୁ ମଧ୍ୟ ଥରେ କହିଥିଲେ। ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଫାଇନାଲ ମ୍ୟାଚ ଖେଳାଯାଇଥିଲା।

## ଶ୍ରୀସନ୍ଥଙ୍କୁ ରଣଜୀ ଟିମ୍‌ରେ ସାମିଲ କରିବ କେରଳ

**ଥିରୁଭାନନ୍ତପୁରମ, ୧୮।୬**

ଭାରତୀୟ ଦ୍ରୁତ ବୋଲର ଏସ୍. ଶ୍ରୀସନ୍ଥ ପୁଣି ଥରେ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିବା ସମ୍ଭାବନା ସୃଷ୍ଟି ହୋଇଛି। ଆସନ୍ତା ସେପ୍ଟେମ୍ବରରେ ତାଙ୍କର ୭ ବର୍ଷୀୟା ବାସନ୍ଦ ଅବଧି ଶେଷ ହେବାକୁ ଯାଉଛି। ଫଳରେ କେରଳ କ୍ରିକେଟ ଆସୋସିଏଶନ (କେସିଏ) ଶ୍ରୀସନ୍ଥଙ୍କୁ ରଣଜୀ ଦଳରେ ସାମିଲ କରିବାକୁ ପ୍ରସ୍ତୁତ ଅଛି ବୋଲି କହିଛି। ତେବେ ଏଥିପାଇଁ ଫିଟ୍‌ନେସ୍‌ର ପ୍ରମାଣ ଦେବାକୁ ହେବ ବୋଲି ଆସୋସିଏଶନ ତରଫରୁ କୁହାଯାଇଛି। ତାଙ୍କୁ ଫିଟ୍‌ନେସ୍ ଟେଷ୍ଟରେ ଉତ୍ତୀର୍ଣ୍ଣ ହେବାକୁ ପଡ଼ିବ ବୋଲି କେରଳ କୋଚ୍ ତଥା ପୂର୍ବତନ ଭାରତୀୟ ବୋଲର ଟିନୁ ୟୋହାନନ୍ କହିଛନ୍ତି।

ଯଦି ଏହା ହୁଏ ତେବେ ଶ୍ରୀସନ୍ଥ ୨୦୧୩ ପରେ ପ୍ରଥମଥର ପାଇଁ ପ୍ରଥମଶ୍ରେଣୀ କ୍ରିକେଟ ଖେଳିବାର ସୁଯୋଗ ହାସଲ କରିବେ। ୨୦୧୩ ମେ'ରେ ଦିଲ୍ଲୀ ପୋଲିସ ଶ୍ରୀସନ୍ଥଙ୍କ ସମେତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଦଳ ରାଜସ୍ଥାନ ରୟାଲ୍ସର ଅନ୍ୟ ଦୁଇଜଣ ସାଥୀ ଖେଳାଳି ଅଜିତ୍ ଚାଣ୍ଡିଲା ଓ ଅଙ୍କିତା ଚାଭନଙ୍କୁ ଗିରଫ କରିଥିଲା। ଆଇପିଏଲ୍‌ରେ ସ୍ପଟ୍ ଫିକ୍ସିଂ ଅଭିଯୋଗରେ ଏମାନଙ୍କୁ ଗିରଫ କରାଯାଇଥିଲା। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏହି ୩ ଖେଳାଳିଙ୍କୁ ଆଜୀବନ ବାସନ୍ଦ କରିଥିଲା। ଏହା ବିରୋଧରେ ଶ୍ରୀସନ୍ଥ ଏକ ଲମ୍ବା ଆଇନ୍‌ଗତ ଲଢେଇ କରିଥିଲେ ଓ ୨୦୧୫ରେ ତାଙ୍କୁ ଦିଲ୍ଲୀର ଏକ ସ୍ୱତନ୍ତ୍ର କୋର୍ଟ ସବୁ ପ୍ରକାର ଅଭିଯୋଗରୁ ମୁକ୍ତ କରିଥିଲେ। ୨୦୧୮ରେ ମଧ୍ୟ କେରଳ ହାଇକୋର୍ଟ ମଧ୍ୟ ବୋର୍ଡର ଏହି ବାସନ୍ଦାଦେଶକୁ ପ୍ରତ୍ୟାହାର କରିନେଇଥିଲା।

# ଚାଇନିଜ୍ ସ୍ପନସରଶିପ୍‌କୁ ବର୍ତ୍ତମାନ ହଟାଇ ହେବନାହିଁ: ଧୁମଲ

**ନୂଆଦିଲ୍ଲୀ, ୧୮।୬ (ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରୁ ବର୍ତ୍ତମାନ ପାଇଁ ଚାଇନିଜ ସ୍ପନସରଶିପ୍‌କୁ ହଟାଯାଇପାରିବ ନାହିଁ। ଚୁକ୍ତି ମିଆଦ ଶେଷ ହେବା ପରେ ବିକଳ୍ପ ଚିନ୍ତା କରାଯାଇ ପାରେ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) କୋଷାଧ୍ୟକ୍ଷ ଅରୁଣ ଧୁମଲ ପ୍ରକାଶ କରିଛନ୍ତି। ଭିଭୋ ବର୍ତ୍ତମାନ ଆଇପିଏଲର ଟାଇଟଲ ପ୍ରାୟୋଜକ ରହିଛି। ଚାଇନାର ଏହି କମ୍ପାନୀ ଯୋଗୁ ଭାରତକୁ ଆର୍ଥିକ ଫାଇଦା ମିଳୁଛି। ଚଳିତ ସପ୍ତାହ ପ୍ରଥମଭାଗରେ ସୀମାନ୍ତବର୍ତ୍ତୀ ଗଲୱାନ ଉପତ୍ୟକାରେ ଦୁଇ ଦେଶର ସୈନ୍ୟଙ୍କ ମଧ୍ୟରେ ସଂଘର୍ଷ ପରେ ଦେଶରେ ଚାଇନା ବିରୋଧୀ ମନୋଭାବ ଦେଖାଦେଇଛି। ୪ ଦଶନ୍ଧି ପରେ ସୀମାନ୍ତ ଅଞ୍ଚଳରେ ଏଭଳି ଉତ୍ତେଜନା ପ୍ରଥମେ ଦେଖିବାକୁ ମିଳିଛି। ସଂଘର୍ଷରେ ଅତିକମ୍‌ରେ ୨୦ ଭାରତୀୟ ସୈନ୍ୟ ପ୍ରାଣ ହରାଇଛନ୍ତି। ଏହି କାରଣରୁ ଚାଇନା ଉତ୍ପାଦକୁ ବର୍ଜନ କରିବା ଲାଗି ଆହ୍ୱାନ ଦିଆଯାଇଛି। କିନ୍ତୁ ଧୁମଲ ଯୁକ୍ତି କରିଛନ୍ତି ଚାଇନିଜ କମ୍ପାନୀଗୁଡ଼ିକ ଆଇପିଏଲ୍ ଭଳି ଭାରତୀୟ ଇଭେଣ୍ଟଗୁଡ଼ିକୁ ସ୍ପନସର କରୁଛନ୍ତି। ଏହାଦ୍ୱାରା ଦେଶର ସ୍ୱାର୍ଥ ସାଧନ ହୋଇପାରୁଛି। ବିସିସିଆଇ ଭିଭୋଠାରୁ ବାର୍ଷିକ ୪୪୦ କୋଟି ଟଙ୍କା ପାଉଛି। ଏହି କମ୍ପାନୀ ସହିତ ୨୦୨୨ ପର୍ଯ୍ୟନ୍ତ ଚୁକ୍ତି ହୋଇଛି। ଜଣେ ଭାବାବେଗ ହୋଇପଡ଼ିଲେ ତାତ୍ତ୍ୱିକ ଦୃଷ୍ଟିକୋଣ ପ୍ରତି ଧ୍ୟାନ ଦେଇ ନ ଥାନ୍ତି। ଚାଇନା ଦୃଷ୍ଟିରୁ ଏକ ଚାଇନିଜ୍ କମ୍ପାନୀକୁ ସମର୍ଥନ କରିବା ଅବା ଭାରତର ସ୍ୱାର୍ଥ ପାଇଁ ଏକ ଚାଇନିଜ କମ୍ପାନୀରୁ ସହାୟତା ନେବା ମଧ୍ୟରେ ପାର୍ଥକ୍ୟ ରହିଛି ବୋଲି ଧୁମଲ କରିଛନ୍ତି। ଆମେ ଚାଇନିଜ କମ୍ପାନୀଗୁଡ଼ିକୁ ସେମାନଙ୍କ ଉତ୍ପାଦ ଭାରତରେ ବିକ୍ରି କରିବା ଲାଗି ଅନୁମତି ଦେଇଛେ। ଭାରତୀୟ ଗ୍ରାହକମାନଙ୍କଠାରୁ ସେମାନେ ଯାହା ଆୟ କରୁଛନ୍ତି ସେଥିରୁ କିଛି ଅଂଶ ବିସିସିଆଇ(ବ୍ରାଣ୍ଡ ପ୍ରମୋଶନ ଭାବେ)କୁ ଦେଉଛନ୍ତି। ବୋର୍ଡ ଏହି ଅର୍ଥରୁ ୪୨ ପ୍ରତିଶତ ଟିକସ ଆକାରରେ ଭାରତ ସରକାରଙ୍କୁ ଦେଉଛନ୍ତି ବୋଲି ସେ ଯୁକ୍ତି ଦର୍ଶାଇଛନ୍ତି। ଭିଭୋ ଭଳି ଓପୋ ମୋବାଇଲର ଚାହିଦା ରହିଛି। ଗତ ବର୍ଷ ସେପ୍ଟେମ୍ବର ପର୍ଯ୍ୟନ୍ତ ଏହି କମ୍ପାନୀ ଭାରତୀୟ କ୍ରିକେଟ ଦଳର ପ୍ରାୟୋଜକ ରହିଆସିଥିଲା। ପରେ ଏହି ଚାଇନିଜ କମ୍ପାନୀ ସ୍ଥାନରେ ବେଙ୍ଗାଲୁରୁସ୍ଥିତ ଏଜୁକେଶନାଲ ଟେକ୍ନୋଲୋଜି ବାଇଜୁସ୍ ପ୍ରାୟୋଜକ ହୋଇଛି। ଧୁମଲ ଏକଥା ମଧ୍ୟ କହିଛନ୍ତି ଯେ, ଚାଇନିଜ ସାମଗ୍ରୀ ଉପରେ କମ୍ ନିର୍ଭରଶୀଳ ହେବା ପାଇଁ ସେ ପ୍ରସ୍ତୁତ ଅଛନ୍ତି। କିନ୍ତୁ ଯେପର୍ଯ୍ୟନ୍ତ ଏହି କମ୍ପାନୀଗୁଡ଼ିକୁ ଭାରତରେ ବ୍ୟବସାୟ ପାଇଁ ଅନୁମତି ରହିଛି ଆଇପିଏଲ୍ ଭଳି ଇଣ୍ଡିଆନ ବ୍ରାଣ୍ଡ ଆଇପିଏଲ୍‌କୁ ସ୍ପନସର କଲେ କୌଣସି ଅସୁବିଧା ନାହିଁ।



**ଶ୍ରମିକଙ୍କୁ ରୋଜଗାର ଦେବାକୁ ଦାବି**

**କଟକ ଅଫିସ:** ବିଭିନ୍ନ ଦାବି ନେଇ ଗୁରୁବାର ସିଏମ୍‌ସି ମୁଖ୍ୟ କାର୍ଯ୍ୟାଳୟ ଫାଟକ ସମ୍ମୁଖରେ ସିପିଆଇ (ଏମ୍) ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ସିଏମ୍‌ସି କମିଶନରଙ୍କୁ ଦାବିପତ୍ର ଦିଆଯାଇଛି। ପ୍ରତି ପରିବାରକୁ ୩ ମାସ ପାଇଁ ମାସିକ ୭୫୦୦ଟଙ୍କା ପ୍ରଦାନ କରିବା, ୬ମାସ ପାଇଁ ମୁଣ୍ଡପିଛା ୧୦ କିଲୋ ଖାଦ୍ୟଶସ୍ୟ ଦେବା, ବନ୍ଦ ପଡ଼ିଥିବା କଳକାରଖାନାକୁ ପୁନଃ ଖୋଲିବା, ପ୍ରବାସୀ ଶ୍ରମିକଙ୍କ ଦକ୍ଷତା ଅନୁସାରେ ନିଯୁକ୍ତି ଆଦି ଦାବି କରାଯାଇଛି। ସଙ୍ଗଠନ ସମ୍ପାଦକ ପ୍ରତାପ ମହାପାତ୍ର, ଗୋକୁଳାନନ୍ଦ ବେହେରା, ପ୍ରମୋଦ ସ୍ୱାଇଁ, ରବୀନ୍ଦ୍ର ଧଳ ଏବଂ ନିର୍ମଳ ଦାସ ପ୍ରମୁଖ ବିକ୍ଷୋଭରେ ସାମିଲ ଥିଲେ।

## ସଂକ୍ଷେପରେ

### ଓଡ଼ିଆ ଝିଅଙ୍କୁ ଆଭାର୍ ସମ୍ମାନ

**ଭୁବନେଶ୍ୱର,୧୮।୬(ବ୍ୟୁରୋ):** କରୋନା ମହାମାରୀ ସମୟରେ ଲୋକଙ୍କୁ ସହାୟତା ଯୋଗାଇଦେବା ଏବଂ ସାମାଜିକ କର୍ମରେ ନିୟୋଜିତ ରହିବା ଲାଗି ଓଡ଼ିଆ ଝିଅ ମୀନାକ୍ଷୀ ମହାନ୍ତିଙ୍କୁ ଦିଲ୍ଲୀଠାରେ ଟ୍ରେଣ୍ଡସ୍ୱାୟର ସଲ୍ୟୁଶନ ପକ୍ଷରୁ ଅନମ୍ୟାଚଡ୍ ସପୋର୍ଟର ଆୱାର୍ଡ ତଥା 'ଆଭାର୍' ସମ୍ମାନରେ ସମ୍ମାନିତ କରାଯାଇଛି। କରୋନା ଭଳି ସଙ୍କଟ ସମୟରେ ହାତଗଣତି କିଛି ସହୃଦୟ ବ୍ୟକ୍ତି ସହାୟତାର ହାତ ବଢ଼ାଇବାକୁ ଆଗକୁ ଆସିଥିବାବେଳେ ମୀନାକ୍ଷୀଙ୍କର ସମାଜ ମଙ୍ଗଳ କାର୍ଯ୍ୟ ଅନେକଙ୍କୁ ଉତ୍ସାହିତ କରିବ ବୋଲି କୁହାଯାଇଛି। ଏହି ସମ୍ମାନ ତାଙ୍କ ଆତ୍ମବିଶ୍ୱାସକୁ ବଢାଇଥିବା ବେଳେ ଭବିଷ୍ୟତରେ ଆହୁରି ଅନେକ ଜନମଙ୍ଗଳକାରୀ କାର୍ଯ୍ୟ କରିବାକୁ ପ୍ରେରଣା ଯୋଗାଇବ ବୋଲି ମିନାକ୍ଷୀ କହିଛନ୍ତି। ଫିଟନେସ୍ ଡିଜାଇନର ଭାବେ କାର୍ଯ୍ୟ କରୁଥିବା ମୀନାକ୍ଷୀ ଏଭଳି ଜନମଙ୍ଗଳକାରୀ କାର୍ଯ୍ୟରେ ନିୟୋଜିତ ରହିଆସିଛନ୍ତି।

### ସେବକ ଅସୁସ୍ଥ, ଆସିଲାନି ଆମ୍ବୁଲାନ୍ସ

**ପୁରୀ ଅଫିସ,୧୮।୬:** ରଥଖଳାରେ ଆମ୍ବୁଲାନ୍ସ କିମ୍ବା ପ୍ରାଥମିକ ଚିକିତ୍ସା ସୁବିଧା ନ ଥିବାରୁ ଗୁରୁବାର ରାତିରେ ଜଣେ ସେବକଙ୍କୁ ହସ୍ପିଟାଲ ନେବାରେ ସମସ୍ୟା ହୋଇଛି। ସୂଚନା ଅନୁଯାୟୀ, ରଥ ନିର୍ମାଣ କାମ ସାରି ଫେରୁଥିବା ବେଳେ କୌଣସି କାରଣରୁ ଜଣେ ସେବକ ଲକ୍ଷ୍ମୀ ମାର୍କେଟ ସମ୍ମୁଖରେ ପଡ଼ିଯାଇଥିଲେ। ପ୍ରାୟ ୩୦ମିନିଟ୍ ରାସ୍ତାରେ ପଡ଼ିରହିବା ପରେ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେବାରୁ ସେବକଙ୍କୁ ଏକ ଷ୍ଟ୍ରେଚରରେ ନୀଳାଚଳ ଭକ୍ତ ନିବାସକୁ ନିଆଯାଇଥିଲା। ରାତି ପ୍ରାୟ ୯ଟାରେ ଏକ ଆମ୍ବୁଲାନ୍ସ ଭକ୍ତ ନିବାସରେ ପହଞ୍ଚିବା ପରେ ସେବକଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

### ଲୁଟ୍ ବେଳେ ଦୁର୍ଘଟଣା: ୨ ଲୁଟେରା ଗୁରୁତର

**ପୁରୁଣା ଭୁବନେଶ୍ୱର, ୧୮।୬(ଡି.ଏନ୍.ଏ):** ମହିଳାଙ୍କଠାରୁ ସୁନା ଚେନ ଲୁଟ୍ କରି ଫେରାର ହୋଇଯାଉଥିବା ଦୁଇ ଲୁଟେରାଙ୍କ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଉଭୟ ଲୁଟେରା ଗୁରୁତର ହୋଇଛନ୍ତି। ସେମାନଙ୍କ ପରିଚୟ ମିଳିପାରି ନାହିଁ। ଚିକିତ୍ସା ପାଇଁ ଉଭୟଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଶାନ୍ତିସ୍ତୂପ ଧଉଳି ପାଦଦେଶ ଅନତିଦୂରରେ ଗୁରୁବାର ଜଣେ ମହିଳା ଘର ସମ୍ମୁଖରେ ବସିଥିଲେ। ହଠାତ୍ ଦୁଇ ଜଣ ଲୁଟେରା ବାଇକ୍(ଓଡି ୦୨ବିଡି ୮୬୬୦)ରେ ଆସି ଭୁଜାଲି ଦେଖାଇବା ସହ ତାଙ୍କ ବେକରୁ ସୁନାଚେନ ଲୁଟି ନେଇ ଫେରାର ହୋଇଯାଇଥିଲେ। କୁମାରଡିହ ଛକଠାରେ କୌଣସି କାରଣରୁ ଲୁଟେରାଙ୍କ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ଉଭୟ ଗୁରୁତର ହୋଇଥିଲେ। ଖବରପାଇ ଧଉଳିଥାନା ପୋଲିସ ପହଞ୍ଚି ଉଭୟଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ପଠାଇଥିଲା।

### ଦୁର୍ବୃତ୍ତ ଜାଳିଦେଲେ ଦୋକାନ

**କଣାସ,୧୮।୬(ସ୍ୱ.ପ୍ର.):** କଣାସ ଥାନା ଚାନ୍ଦପଡ଼ା ଗ୍ରାମର ଏକ ଫାଷ୍ଟଫୁଡ ଦୋକାନରେ କେହି ଦୁର୍ବୃତ୍ତ ନିଆଁ ଲଗାଇଦେଇଥିବା ଗୁରୁବାର ଅଭିଯୋଗ ହୋଇଛି। ପୋଲିସ ତଦନ୍ତ ଚଳାଇଛି। ଚାନ୍ଦପଡ଼ା ଗ୍ରାମର ସଂଗ୍ରାମ ଛୋଟରାୟଙ୍କ ଏକ ଫାଷ୍ଟଫୁଡ୍ ଦୋକାନ ରହିଛି। ବୁଧବାର ରାତିରେ କେହି ଦୁର୍ବୃତ୍ତ ତାଙ୍କ ଦୋକାନରେ ନିଆଁ ଲଗାଇ ଦେଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ସଂଗ୍ରାମ ଦୋକାନକୁ ଆସିବାବେଳେ ସମସ୍ତ ଆସବାବପତ୍ର ଓ ଦୋକାନ ଗୃହ ସମ୍ପୂର୍ଣ୍ଣ ପୋଡ଼ି ଯାଇଥିଲା। ପରେ ସେ ଏ ସମ୍ପର୍କରେ ପୋଲିସକୁ ଜଣାଇଥିଲେ।

### ଅଟୋ ସହ ଗଞ୍ଜେଇ ଜବତ, ୨ ଗିରଫ

**ଭୁବନେଶ୍ୱର,୧୮।୬ (ବ୍ୟୁରୋ):** ଅଟୋରେ ଗଞ୍ଜେଇ ଚାଲାଣ ସମୟରେ ଖଣ୍ଡଗିରି ପୋଲିସ ଦୁଇଜଣ ଗଞ୍ଜେଇ ବ୍ୟବସାୟୀଙ୍କୁ ଗିରଫ କରିଛି। ସେମାନେ ହେଲେ ନୟାଗଡ଼ ଦଶପଲ୍ଲାର ଅକ୍ଷୟ ନାୟକ ଓ ଶରଣକୂଳର ବ୍ରଜବନ୍ଧୁ ସ୍ୱାଇଁ। ସେମାନଙ୍କ ନିକଟରୁ ପୋଲିସ ୭ କେଜି ଗଞ୍ଜେଇ ସହ ଅଟୋକୁ ଜବତ କରିଛି। ଏଥିସହ ଏନ୍‌ଡିପିଏସ୍ ଆକ୍ଟରେ ମାମଲା ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରିଛି।

# ନିଶା, ଜୁଆଖେଳକୁ ବିରୋଧ କରିବାରୁ ବୁଲିଲା ଖଣ୍ଡା

## ରାଜଧାନୀ ରାସ୍ତାରେ ଆତଙ୍କରାଜ

- ବିଏମ୍‌ସି ଠିକା କର୍ମଚାରୀଙ୍କୁ ଗୋଡ଼ାଇ ହାଣିଲେ
- ଅଭିଯୁକ୍ତଙ୍କ ବାଇକରେ ଲାଗିଛି ଅଟୋର ନମ୍ବର

**ଭୁବନେଶ୍ୱର,୧୮।୬ (ବ୍ୟୁରୋ)**

କମିଶନରେଟ ପୋଲିସ ଅଞ୍ଚଳରେ ଅପରାଧୀଙ୍କ ରାଜ ଚାଲିଛି। ନିଶା, ଜୁଆଖେଳ ସାଙ୍ଗକୁ ଖଣ୍ଡା ବୁଲାଇ ଆତଙ୍କ ସୃଷ୍ଟି କରୁଛନ୍ତି। ପୋଲିସ ଚୁପ୍ ରହୁଥିବାବେଳେ ନିଶା ଓ ଜୁଆଖେଳକୁ ବାରଣ କରିବାରୁ ବିଏମ୍‌ସିର ଜଣେ ଠିକା କର୍ମଚାରୀଙ୍କୁ ମହଙ୍ଗା ପଡ଼ିଛି। ନିଶା ବେପାର କରୁଥିବା ଯୁବକମାନେ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ଖଣ୍ଡା, ଲୁହାରଡ୍, ଠେଙ୍ଗାରେ ମରଣାନ୍ତକ ଆକ୍ରମଣ କରିଛନ୍ତି। ଗୁରୁବାର ଦିନଦ୍ୱିପ୍ରହରରେ ଖାରବେଳନଗର ଥାନା ଅନ୍ତର୍ଗତ ରେଡ୍‌କ୍ରସ ଛକ ଟ୍ରାଫିକ୍ ପୋଷ୍ଟ ନିକଟରେ ଘଟିଛି ଏହି ଘଟଣା। ଆହତ ଠିକା କର୍ମଚାରୀ ସୁନୀଲ କୁମାର ଆଚାର୍ଯ୍ୟ ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତେବେ ଘଟଣାସ୍ଥଳରେ ଅଭିଯୁକ୍ତମାନେ ଛାଡ଼ି ଯାଇଥିବା ଏକ ବାଇକ୍‌ରେ ଅଟୋ ନମ୍ବର ଲାଗିଥିବା ପୋଲିସ ଜାଣିବାକୁ ପାଇଛି। ଅଭିଯୁକ୍ତମାନେ ସ୍ଥାନୀୟ ଅଞ୍ଚଳର ଓ ନିଶା କାରବାର, ଜୁଆ ଖେଳ ସହ ଗାଡ଼ି ଚୋରି ଗ୍ୟାଙ୍ଗ୍ ସହ ସମ୍ପୃକ୍ତ ଥିବା ମଧ୍ୟ ସନ୍ଦେହ କରାଯାଉଛି। ତେବେ ଏଥିରେ ସ୍ଥାନୀୟ ଯୁବକ ସମ୍ପୃକ୍ତ ଥିବାରୁ ପୋଲିସ ଭୟରେ ଘଟଣାକୁ ଚାପିଦେବ ବୋଲି ଚର୍ଚ୍ଚା ଚାଲିଛି।

ସୂଚନା ଅନୁଯାୟୀ, ସୁନୀଲ ବିଏମ୍‌ସି ଠିକା କର୍ମଚାରୀଭାବେ ଖାରବେଳନଗର ଓ ଆଖପାଖ ଅଞ୍ଚଳରୁ ଅଳିଆ ଉଠାଇବା ଦାୟିତ୍ୱ ନେଇଛନ୍ତି। ହେଲେ ୟୁନିଟ୍-୪ ଅଞ୍ଚଳରେ ଅଳିଆ ପଡୁଥିବା ସ୍ଥାନରେ ଅପରାଧୀମାନେ ଆଡ୍ଡା ଜମାଇଥାନ୍ତି। ବ୍ରାଉନସୁଗାର ବେପାର କରିବା ସହ ଜୁଆ ଖେଳନ୍ତି। ସେମାନେ ଅଳିଆ ପକାଇବାରେ ସମସ୍ୟା ସୃଷ୍ଟି କରୁଥିବାରୁ ଏହାକୁ ସୁନୀଲ ବିରୋଧ କରିଥିଲେ। ଏପରିକି ଦୁଇଦିନ ତଳେ ସେମାନଙ୍କୁ ତାଗିଦ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଗୁରୁବାର ଅପରାହ୍ନ ସାଢେ ଗୋଟାଏ ସମୟରେ ସୁନୀଲ ୟୁନିଟ-୪ ହାଟ ନିକଟରେ ଛିଡା ହୋଇଥିବା ସମୟରେ ୩ଟି ବାଇକରେ ୭ରୁ ୮ ଜଣ ଯୁବକ ଖଣ୍ଡା, ଲୁହା ରଡ୍ ଓ ଲାଠି ଧରି ଆସି ତାଙ୍କୁ ଘେରିଯାଇ ଆକ୍ରମଣ କରିଥିଲେ। ସୁନୀଲ ଜୀବନ ବଞ୍ଚାଇବାକୁ ଦୌଡିଥିଲେ ମଧ୍ୟ ଦୁର୍ବୃତ୍ତମାନେ ଗୋଡ଼ାଇ ଗୋଡ଼ାଇ ହାଣିବା ସହ ପିଟିଥିଲେ। କେତେଜଣ ସ୍ଥାନୀୟ ଲୋକ ପୋଲିସକୁ ଫୋନ୍ କରିବା ସହ ପ୍ରତିବାଦ କରିବାରୁ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ହେଲେ ଜଣେ ଦୁର୍ବୃତ୍ତ ନକଲି ନମ୍ବର ଲାଗିଥିବା ବାଇକ ଛାଡି ପଳାଇଥିଲେ। ଏହାପରେ ପୋଲିସ ପହଞ୍ଚି ଉକ୍ତ ବାଇକକୁ ଜବତ କରିବା ସହ ଘଟଣାର ତଦନ୍ତ ଜାରି ରଖିଛି।



ଚାଇନା ସହ ସଂଘର୍ଷବେଳେ ଶହୀଦ ଦୁଇ ଓଡ଼ିଆ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଭୁବନେଶ୍ୱର ଗାନ୍ଧୀମାର୍ଗର ଏସ୍‌ବିଆଇ ସମ୍ମୁଖରେ ଶିଳ୍ପୀ ସୁବଳ ମହାରଣା ତିଆରି କରିଥିବା ବାଲୁକାକଳା।



ଭୁବନେଶ୍ୱର ବିମାନବନ୍ଦରରେ ଗୁରୁବାର ଦୁଇ ଓଡ଼ିଆ ଯବାନଙ୍କ ପାର୍ଥିବ ଶରୀର ପହଞ୍ଚିବା ସମୟରେ ଉପସ୍ଥିତ ଥିବା ମନ୍ତ୍ରୀ, ନେତା ଓ ଅନ୍ୟମାନେ।

# ଡାକ୍ତରଙ୍କ ନାମରେ ରୁଜୁ ହେଲା ମାମଲା

**ଦାନ୍ତ ଉପାଡିବାବେଳେ ମହିଳାଙ୍କ ମୃତ୍ୟୁ ଘଟଣା**

**ଭୁବନେଶ୍ୱର,୧୮।୬ (ବ୍ୟୁରୋ)**

ଏୟାରପୋର୍ଟ ଥାନା ଅନ୍ତର୍ଗତ ଗଙ୍ଗନଗରସ୍ଥିତ ଏକ ଡେଣ୍ଟାଲ କ୍ଲିନିକ୍‌ରେ ଦାନ୍ତ ଉପାଡ଼ିବାବେଳେ ଜଣେ ମହିଳାଙ୍କର ମୃତ୍ୟୁ ଘଟିଛି। ମୃତ ମହିଳାଙ୍କ ସ୍ୱାମୀ ରାଜକିଶୋର ପଟ୍ଟନାୟକ ଥାନାରେ ଅଭିଯୋଗ କରିବା ପରେ ଗୁରୁବାର ପୋଲିସ ଆଇପିସି ଦଫା ୩୦୪(ଏ)ରେ ସମ୍ପୃକ୍ତ ଡାକ୍ତରଙ୍କ ନାମରେ ମାମଲା (ନଂ. ୧୦୬/୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଥାନାଧିକାରୀ ଉମାକାନ୍ତ ପ୍ରଧାନ କହିଛନ୍ତି, ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି। ଏହାସହ ଏକ ଡାକ୍ତରୀ ଟିମ୍ ତ୍ରୁଟିପୂର୍ଣ୍ଣ ଚିକିତ୍ସା ନେଇ ହୋଇଥିବା ଅଭିଯୋଗର ଯାଞ୍ଚ କରିବ। ଯଦି ଡାକ୍ତରଙ୍କ ଭୁଲ୍ ପାଇଁ ମହିଳାଙ୍କ ମୃତ୍ୟୁ ଘଟିଥିବା ଜଣାପଡିବ ତେବେ ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଧାନ କହିଛନ୍ତି। ଅଭିଯୋଗ ଅନୁସାରେ, ଲକ୍ଷ୍ମୀସାଗର ବିଡିଏ କଲୋନୀରେ ରାଜକିଶୋର ପରିବାର ସହ ରୁହନ୍ତି। କିଛିଦିନ ତଳେ ତାଙ୍କ ସ୍ତ୍ରୀ ଦାନ୍ତ ମାଡିରେ ଭୀଷଣ ଯନ୍ତ୍ରଣା ଅନୁଭବ କରୁଥିବାରୁ ଗଙ୍ଗନଗରରେ ଥିବା ଜଣେ ଡାକ୍ତରଙ୍କୁ ଦେଖାଇଥିଲେ। ଦାନ୍ତ ଉପାଡିବା ପରେ ନୂଆ ଦାନ୍ତ ଲଗାଇଲେ ସବୁ ଠିକ୍ ହୋଇଯିବ ବୋଲି କହି ଡାକ୍ତର ଅଢ଼େଇ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି କହିଥିଲେ। ବୁଧବାର ଅପରାହ୍ନରେ ରାଜକିଶୋରଙ୍କ ସ୍ତ୍ରୀ ପୁଅ ଯଶବନ୍ତଙ୍କ ସହ ଉକ୍ତ କ୍ଲିନିକ୍‌ରେ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ଓଟିକୁ ନେଇ ଅପରେଶନ ପାଇଁ ଦାନ୍ତ ମୂଳରେ ଆନାସ୍ଥେସିଆ ଦେଇଥିଲେ। ଏହାପରେ ହଠାତ୍ ମହିଳା ଜଣକ ଅସୁସ୍ଥ ହୋଇପଡିଥିଲେ। ଡାକ୍ତର ଜଣକ ପରିବାର ଲୋକଙ୍କୁ ଜଣାଇ ତୁରନ୍ତ କ୍ୟାପିଟାଲ ହସ୍ପିଟାଲ ନେଇଯିବାକୁ କହିଥିଲେ। ପରିବାର ଲୋକେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ ମଧ୍ୟ ସେତେବେଳକୁ ତାଙ୍କର ମୃତ୍ୟୁ ଘଟିସାରିଥିଲା।

# ଡାକ୍ତରଙ୍କୁ ଆକ୍ରମଣ, ଜଣେ ଗିରଫ

## କୋଭିଡ୍ ହସ୍ପିଟାଲରୁ କାର୍ଯ୍ୟସାରି ଫେରୁଥିଲେ

**ପୁରୀ ଅଫିସ,୧୮।୬**

ତାଳବଣିଆ ଥାନା ଅଞ୍ଚଳରେ ଜଣେ କରୋନା ଯୋଦ୍ଧା ଡାକ୍ତରଙ୍କୁ ଶୁକ୍ରବାର ମରଣାନ୍ତକ ଆକ୍ରମଣ ଅଭିଯୋଗରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏ ନେଇ ପୋଲିସ ମାମଲା (ନଂ/୧୦୬/୨୦) ରୁଜୁ କରିବା ସହ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ଲାଗି ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି।

ସୂଚନା ମୁତାବକ, ଆଇଡିଏଚ୍ କୋଭିଡ୍ ହସ୍ପିଟାଲରୁ ଡା. ସୁବ୍ରତ ବିଶ୍ୱାଳ ଡ୍ୟୁଟି ସାରି ସ୍କୁଟିରେ ରାତିରେ ବାଲିଘାଟସ୍ଥିତ ତାଙ୍କର ଜଣେ ସମ୍ପର୍କୀୟଙ୍କ ଘରକୁ ଯାଉଥିଲେ। ପଛରୁ ୨ଟି ବାଇକ୍‌ରେ ୪ଜଣ ଯୁବକ ଦ୍ରୁତଗତିରେ ଆସୁଥିବାବେଳେ ଡା. ବିଶ୍ୱାଳଙ୍କ ଗାଡ଼ିରେ ଧକ୍କା ହୋଇଥିଲା। ସମ୍ପୃକ୍ତ ଯୁବକମାନେ ଜାଗୁଲାଇ ଛକ ନିକଟରେ ଡାକ୍ତରଙ୍କୁ ଅଟକାଇ ଗାଳି କରିବା ସହ ମାଡ଼ ମାରିଥିଲେ। ସ୍ଥାନୀୟ ଲୋକେ ଏବଂ ସାଦା ପୋଷାକରେ ଥିବା ଜଣେ ପୋଲିସ ପହଞ୍ଚିବାରୁ ଯୁବକମାନେ ଖସି ଯାଉଥିବାବେଳେ ଜଣଙ୍କୁ କାବୁ କରାଯାଇଛି। ପରେ ପୋଲିସଙ୍କୁ ଜଣାଇବା ସହ ଡାକ୍ତରଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି।

# ଚାଇନା ଜାତୀୟ ପତାକା ପୋଡ଼ି

**କଟକ ଅଫିସ,୧୮।୬**

ଭାରତୀୟ ସେନାଙ୍କ ଉପରେ ହୋଇଥିବା ଆକ୍ରମଣକୁ ନିନ୍ଦା କରି କଟକ ସହରର ବିଭିନ୍ନ ସଙ୍ଗଠନ ପକ୍ଷରୁ ଗୁରୁବାର ପ୍ରତିବାଦ ସଭା ହୋଇଯାଇଛି। ଏହି ଅବସରରେ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସେବା ସଙ୍ଗଠନ ସଭାପତି ନଗେନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ଜଗତପୁର ଗୋଲେଇଛକଠାରେ ପ୍ରତିବାଦ ସଭା ହୋଇଥିଲା। ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ ସହ ଚାଇନା ରାଷ୍ଟ୍ରପତି ଜିନ୍‌ପିଙ୍ଗଙ୍କ ଫଟୋଚିତ୍ର ପୋଡ଼ାଯାଇଥିଲା। ଚାଇନା ସାମଗ୍ରୀ ବର୍ଜନ ପାଇଁ ଆହ୍ୱାନ ଦିଆଯାଇଛି। ମାନସ ପରିଡା, ଅଲେଖ ଚନ୍ଦ୍ର ବେହେରା, ତୀର୍ଥାନନ୍ଦ ପଣ୍ଡା, କୁଳମଣି ବେହେରା, ଇତିଶ୍ରୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ମଧୁପାଟଣା ଟ୍ରାଫିକ ଛକଠାରେ ଅନ୍ତର୍ରାଷ୍ଟ୍ରୀୟ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ତରଫରୁ ପ୍ରତିବାଦ ସଭା କରାଯାଇଛି। ଏଥିରେ ଚାଇନା ଜାତୀୟ ପତାକା ପୋଡ଼ାଯିବା ସହ ଚାଇନା ବିରୋଧୀ ସ୍ଲୋଗାନ ଦିଆଯାଇଥିଲା। ରାଜ୍ୟ ସଭାପତି ଦୀପକ ମହାନ୍ତି, କାର୍ଯ୍ୟକାରୀ ସଭାପତି ବିଶ୍ୱରଞ୍ଜନ ଜେଠୀ, ଉପସଭାପତି ମହେନ୍ଦ୍ର ଦଲେଇ, ଉମାକାନ୍ତ ବ୍ରହ୍ମଚାରୀ, ଅଜିତ ଦାସ, ଚନ୍ଦ୍ରଶେଖର ବେହେରା, ଅଜିତ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

**କଟକ ଅଫିସ,୧୮।୬:** ସିଏମ୍‌ସି୪୯ ନମ୍ବର ୱାର୍ଡ ଅଧୀନ ଯୋବ୍ରା ଅଞ୍ଚଳର ଚୂନଭାଟି ବସ୍ତି ଉଚ୍ଛେଦ ପାଇଁ ଧମକ ଦିଆଯାଉଛି। ଏହା ପ୍ରତିବାଦରେ ଗୁରୁବାର ବସ୍ତିବାସିନ୍ଦା ମିଳିତ ମଞ୍ଚ ଏବଂ ଚୂନଭାଟି ବସ୍ତିବାସିନ୍ଦାଙ୍କ ପକ୍ଷରୁ ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ବିକ୍ଷୋଭ କରାଯାଇଛି। ବସ୍ତିବାସିନ୍ଦା ମିଳିତ ମଞ୍ଚର ଆବାହକ ଖଗେଶ୍ୱର ସେଠୀ କହିଛନ୍ତି, ଗତ କିଛିଦିନ ହେବ ଜଣେ ପୂର୍ବତନ କର୍ପୋରେଟର ବସ୍ତିବାସିନ୍ଦାଙ୍କୁ ଘର ଭାଙ୍ଗି ଚାଲିଯିବାକୁ କହୁଛନ୍ତି। ନଚେତ ସେମାନଙ୍କ ଘରୁ ବିଦ୍ୟୁତ ସଂଯୋଗ କାଟିଦିଆଯିବ ବୋଲି ଧମକ ଦେଉଛନ୍ତି। ତେଣୁ ବସ୍ତିବାସିନ୍ଦା ରାସ୍ତାକୁ ଓହ୍ଲାଇଛନ୍ତି। ରାଜକିଶୋର ମଲ୍ଲିକଙ୍କ ନେତୃତ୍ୱରେ ଏହି ବିକ୍ଷୋଭରେ ଦୀପକ ଦାସ, ସସ୍ମିତା ମହାନ୍ତି ପ୍ରମୁଖ ସାମିଲ ଥିଲେ।

# ନାମଫଳକକୁ କେନ୍ଦ୍ରକରି ଗୋଷ୍ଠୀ ସଂଘର୍ଷ, ୪ ଗୁରୁତର

**ଖୋର୍ଦ୍ଧା ଅଫିସ,୧୮।୬:** ବାଘମାରୀ ଥାନା ଅନ୍ତର୍ଗତ କୋଟପିଲା ଗ୍ରାମ ଛକରେ ଗୁରୁବାର ନାମଫଳକକୁ କେନ୍ଦ୍ରକରି ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି। ଏଥିରେ ୪ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ କୋଟପିଲା ଗ୍ରାମର ଅରୁପ ଭୋଇ, ଦିଲ୍ଲୀପ ରଥ, ହରିହର ତ୍ରିପାଠୀ ଓ ସୁବାସ ଲେଙ୍କା। ଏମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗୁରୁତରଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, କୋଟପିଲା ଗ୍ରାମ ଛକରେ ପୂର୍ତ୍ତ ବିଭାଗ ପକ୍ଷରୁ ନାମଫଳକ ଲଗାଯାଇଛି। ଏହାକୁ ଓସ୍ତପୁର ଗ୍ରାମର କେତେଜଣ ଯୁବକ ବିରୋଧ କରିଥିଲେ। ସୂଚନାଫଳକରୁ କୋଟପିଲା ଗ୍ରାମ ନାମ ପରିବର୍ତ୍ତେ ଓସ୍ତପୁର ଗ୍ରାମକୁ ରାସ୍ତା ବୋଲି ଲେଖିବାକୁ ନେଇ କିଛି ଦିନ ତଳେ ମୁହାଁମୁହିଁ ହୋଇଥିଲେ। ଗୁରୁବାର କୋଟପିଲା ଗ୍ରାମର କେତେଜଣ ଯୁବକ ଦୋକାନରେ ବସିଥିବାବେଳେ ଓସ୍ତପୁର ଗ୍ରାମର ୧୫ରୁ ଊର୍ଦ୍ଧ୍ୱ ଯୁବକ ପହଞ୍ଚି ଆକ୍ରମଣ କରିଥିଲେ।

# ରଥ ନିର୍ମାଣ ପରେ କେବେ ଯାତ୍ରା ବନ୍ଦ ହୋଇନି

**ପୁରୀ ଅଫିସ,୧୮।୬**

ରଥ ନିର୍ମାଣ ସରିଥିଲେ ହେଁ ଏ ବର୍ଷ ହୋଇପାରିବନି ଘୋଷଯାତ୍ରା। ଭଉଣୀଭାଇଙ୍କୁ ସାଥୀରେ ଧରି ବଡ଼ଦାଣ୍ଡକୁ ଓହ୍ଲାଇବେ ନାହିଁ ବିଶ୍ୱନିୟନ୍ତା। ବଡ଼ଦାଣ୍ଡରେ ଗଡ଼ିବନି ତିନିରଥ କି ଭକ୍ତ ପାଇବେନି ଦର୍ଶନ। ଶୁକ୍ରବାର ସୁପ୍ରିମ୍‌କୋର୍ଟଙ୍କ ରାୟ ପରେ ଏହା ସ୍ପଷ୍ଟ ହୋଇଯାଇଛି। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସବୁ ପ୍ରସ୍ତୁତି ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଏବେ କରୋନା ପାଇଁ ସମସ୍ତଙ୍କୁ ନିରାଶ ହେବାକୁ ପଡ଼ିଛି। ପୂର୍ବରୁ ଏମିତି କେବେ ହୋଇନି। ପ୍ରତିକୂଳ ପରିସ୍ଥିତିରେ ଦୀର୍ଘବର୍ଷ ଧରି ରଥଯାତ୍ରା ସିନା ବନ୍ଦ ହୋଇଯାଇଛି ମାତ୍ର ତିନିରଥ ନିର୍ମାଣ ପରେ କେବେ ଯାତ୍ରା ବନ୍ଦ ହେବାର ରେକର୍ଡ ନାହିଁ ବୋଲି ମତ ଦେଇଛନ୍ତି ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର। ମିଶ୍ରଙ୍କ ମତରେ ରଥ ନିର୍ମାଣ ସରିବା ପରେ ରଥଯାତ୍ରା ବନ୍ଦ ହେବାର ନଜିର ମାଦଳା ପାଞ୍ଜି କିମ୍ବା ଇତିହାସରେ ମିଳେ ନାହିଁ। ଏ ବର୍ଷ ରଥ ନିର୍ମାଣ ହୋଇସାରିଥିଲେ ମଧ୍ୟ ଏଥିରେ ମହାପ୍ରଭୁ ବିଜେ କରିପାରିବେ ନାହିଁ। ତେଣୁ ଏହା ଏକ ନୂତନ ପରମ୍ପରା ସୃଷ୍ଟି କରିବ। ପୂର୍ବରୁ ଥରେ ରଥଯାତ୍ରା ଶ୍ରୀମନ୍ଦିର ଭିତରେ ଅନୁଷ୍ଠିତ ହୋଇଥିବାରୁ ଏ ବର୍ଷ ସେହି ପରମ୍ପରା ଅନୁସରଣ କରାଯିବାର ସମ୍ଭାବନା ରହିଛି।

## ବିଭିନ୍ନ ସମୟରେ ଶ୍ରୀମନ୍ଦିର ଉପରେ ଆକ୍ରମଣ

- ୬୭୦-୬୭୫ ମସିହା ମଧ୍ୟରେ ରକ୍ତବାହୁ ଆକ୍ରମଣ କରିବା ପରେ ମହାପ୍ରଭୁ ମହାନଦୀର ଜଳପଥରେ ଯାଇ ସୋନପୁରରେ ପହଞ୍ଚିଥିଲେ। ସୋନପୁରଠାରୁ ୩୦କି.ମି. ଦୂର ଛଳିଆ ପାହାଡ଼ ପାଦଦେଶରେ ଥିବା ବାଘାପଲ୍ଲୀରେ ୪୫ବର୍ଷ ଏକାନ୍ତରେ ଉପାସିତ ହୋଇଥିଲେ। ସେତେବେଳେ ରଥଯାତ୍ରା ସମ୍ଭବ ହୋଇ ନ ଥିଲା।
- ୧୫୦୯ରେ ଶ୍ରୀମନ୍ଦିର ଉପରେ ଚତୁର୍ଥ ଆକ୍ରମଣ କାଳରେ ମହାପ୍ରଭୁ ଚିଲିକାର ଚଢେଇଗୁହା ପାହାଡ଼ ଗୁମ୍ଫାରେ ବିଜେ କରିଥିଲେ।
- ୧୫୬୮ରେ କଳାପାହାଡ଼ ଶ୍ରୀମନ୍ଦିର ଉପରେ ଆକ୍ରମଣ କରିଥିବା ସମୟରେ ରଥଯାତ୍ରା ବନ୍ଦ ହୋଇଥିଲା।
- ୧୬୦୧ରେ ମିର୍ଜା ଖୁରୁମ୍ ଆକ୍ରମଣ ସମୟରେ ଦାରୁବିଗ୍ରହ ପୁରୀ ଜିଲା କପିଳେଶ୍ୱରପୁରରେ ଅବସ୍ଥାନ କରିଥିଲେ।
- ୧୬୦୭ରେ ହାସିମ୍ ଖାଁ ଆକ୍ରମଣ କରିବାରୁ ଗଡ଼ଖୋର୍ଦ୍ଧାର ଗୋପାଳ ମନ୍ଦିରରେ ଦାରୁବିଗ୍ରହ ବିଜେ କରିଥିଲେ।
- ୧୬୧୨ରେ କଲ୍ୟାଣମଲ୍ଲଙ୍କ ଆକ୍ରମଣ ବେଳେ ମହାପ୍ରଭୁ ଚିଲିକା ମଧ୍ୟରେ ଥିବା ମହିଷା ନାସୀକୁ ଚାଲିଯାଇଥିଲେ। ସେତେବେଳେ ରଥଯାତ୍ରା ଆସିଯିବାରୁ ସେହି ଦ୍ୱୀପରେ ଗୋଟିଏ ବର୍ଷ ରଥଯାତ୍ରା ହୋଇଥିଲା।
- ୧୬୧୭ରେ ମକରମ୍ ଖାଁ ଆକ୍ରମଣ କରିବାରୁ ବାଣପୁରର ଗବପଦରଠାରେ ବର୍ଷେରୁ ଅଧିକ ସମୟ ରହିଥିଲେ ଦାରୁଦିଅଁ।
- ୧୬୨୧ରେ ମହାପ୍ରଭୁ ଅନ୍ଧାରିଗଡ଼ରେ ବିଜେ କରିଥିଲେ। ସେତେବେଳେ ଶ୍ରୀମନ୍ଦିର ଉପରେ ଆକ୍ରମଣ କରିଥିଲେ ମୀର୍ଜା ଅହମ୍ମଦ ବେଗ୍। ମହାପ୍ରଭୁଙ୍କ ସନ୍ଧାନ ପାଇ ଆକ୍ରମଣକାରୀ ଅନ୍ଧାରିଗଡ଼କୁ ଯାତ୍ରା କରିବାରୁ ରାତାରାତି ଦାରୁଦିଅଁଙ୍କ ବିଗ୍ରହ ସ୍ଥାନାନ୍ତର ସମ୍ଭବ ହୋଇ ନ ଥିଲା।
- ୧୭୩୧ରେ ତକି ଖାଁଙ୍କ ଆକ୍ରମଣ କାଳରେ ପ୍ରଥମେ ବାଣପୁରର ନଇରୀଠାରେ ବର୍ଷେ ୪ ମାସ ରହିବାପରେ ଗଞ୍ଜାମ ଜିଲାର ଖଲ୍ଲିକୋଟ ଦେଇ ଚିକିଲ୍ଲିଠାରେ ପାଖାପାଖି ଦୁଇବର୍ଷ ଠାକୁର ରହିଥିଲେ।
- ୧୭୩୩ ମସିହାରେ ତକି ଖାଁଙ୍କ ଦ୍ୱିତୀୟ ଆକ୍ରମଣ ବେଳେ ମହାପ୍ରଭୁ ଗଞ୍ଜାମ ଜିଲାର ଆଠଗଡ଼ ନିକଟ ହାତୀବାରି ପାହାଡ଼ ଉପତ୍ୟକାର ମାରଦାଠାରେ ୨ବର୍ଷ ୨ମାସ ରହିଥିଲେ।

# ୧୨ଦଫା ଦାବିରେ ବ୍ଲକ ଅଫିସ ଆଗରେ ବିକ୍ଷୋଭ

## ଶିଳ୍ପ ସଂସ୍ଥାର ପୁନରୁଦ୍ଧାର କରାଯାଇ ପ୍ରବାସୀଙ୍କୁ ନିଯୁକ୍ତି ଦିଆଯାଉ




**ଖୋର୍ଦ୍ଧା ଅଫିସ,୧୮।୬**

୧୨ଦଫା ଦାବି ନେଇ ସିପିଆଇ(ଏମ୍), ଖୋର୍ଦ୍ଧା ଜିଲା କମିଟି ପକ୍ଷରୁ ଗୁରୁବାର ଖୋର୍ଦ୍ଧା ବ୍ଲକ ଅଫିସ ଆଗରେ ବିକ୍ଷୋଭ କରିବା ସହ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଲକ୍‌ଡାଉନ ଯୋଗୁ କ୍ଷତିଗ୍ରସ୍ତ ପରିବାରଙ୍କୁ ୬ମାସ ପର୍ଯ୍ୟନ୍ତ ୭୫ଶହ ଟଙ୍କା, ମୁଣ୍ଡପିଛା ୧୦କେଜି ଚାଉଳ, ଗହମ ମାଗଣାରେ ଯୋଗାଇ ଦିଆଯାଉ। ଏମ୍‌ଜିଏନଆରଜିଏସ୍ ଯୋଜନାରେ ସମସ୍ତ ଗ୍ରାମାଞ୍ଚଳରେ ଇଚ୍ଛୁକ ବ୍ୟକ୍ତିଙ୍କୁ ଦୈନିକ ୩ଶହ ଟଙ୍କା ହିସାବରେ ୨ଶହ ଦିନ କାମ, ଲକ୍‌ଡାଉନ ସମୟରେ ନିଜସ୍ୱ ଖର୍ଚ୍ଚରେ ଫେରିଥିବା ଶ୍ରମିକଙ୍କ ସମସ୍ତ ଖର୍ଚ୍ଚ ଦିଆଯାଉ। ରାଜ୍ୟରେ ବନ୍ଦ ରହିଥିବା ଶିଳ୍ପ ସଂସ୍ଥାର ପୁନରୁଦ୍ଧାର କରାଯାଇ ପ୍ରବାସୀ ଶ୍ରମିକଙ୍କୁ ସେଠାରେ ନିୟୋଜିତ କରାଯାଉ। କୋଭିଡ-୧୯ରେ ଆବଶ୍ୟକ ସାମଗ୍ରୀ କିଣାରେ ହୋଇଥିବା ଦୁର୍ନୀତିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ପେଟ୍ରୋଲ ଓ ଡିଜେଲ ଉପରୁ ଟ୍ୟାକ୍ସ ଛାଡ କରି ଦରବୃଦ୍ଧି ବନ୍ଦ କରାଯାଉ। ଶ୍ରମ ଆଇନ ସଂଶୋଧନ ଆଳରେ ଶ୍ରମିକ ଶୋଷଣ ନୀତି ବନ୍ଦ ଲାଗି ଦାବିପତ୍ରରେ ଉଲ୍ଲେଖ ରହିଛି। ଖୋର୍ଦ୍ଧା ଜିଲା କମିଟି ପକ୍ଷରୁ ଅନନ୍ତ ମଙ୍ଗରାଜ, କିଶୋର ଚନ୍ଦ୍ର ପରମଗୁରୁ, ପିତାମ୍ବର ରଣା, ଗୋପାଳ ପଟ୍ଟନାୟକ, କୈଳାସ ବଳିଆରସିଂ, ପୀତବାସ ବାରିକ, ଶଙ୍କର୍ଷଣ ପ୍ରଧାନଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

# ଜୁନ ୨୫ ସୁଦ୍ଧା କାମ ଶେଷ କର

**ସିଏମ୍‌ସିକୁ ସରକାରଙ୍କ ନିର୍ଦ୍ଦେଶ**

**କଟକ ଅଫିସ,୧୮।୬:** କଟକ ସହରର ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କଟକ ମହାନଗର ନିଗମ (ସିଏମସି)କୁ ୫କୋଟି ଟଙ୍କା ଦିଆଯାଇଥିଲା। ଆସନ୍ତା ୨୫ ତାରିଖ ସୁଦ୍ଧା ସମସ୍ତ କାର୍ଯ୍ୟ ଶେଷ କରିବା ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁଯାୟୀ, ପୂର୍ବରୁ ଠିକାଦାରମାନଙ୍କ ଦ୍ୱାରା ସିଏମ୍‌ସିରେ ଉନ୍ନତିମୂଳକ କାର୍ଯ୍ୟ କରାଯାଉଥିଲା। ମାତ୍ର ଚଳିତବର୍ଷଠାରୁ ଅର୍ବାନ ୱେଜ ଏମ୍ପ୍ଲୟମେଣ୍ଟ ଇନିସିଏଟିଭ (ୟୁଡବ୍ଲ୍ୟୁଆଇ) ଯୋଜନାରେ କାର୍ଯ୍ୟ କରାଯିବ। ସହରରେ ଉନ୍ନତିମୂଳକ କାର୍ଯ୍ୟ ପାଇଁ ରାଜ୍ୟ ସରକାର ସିଏମ୍‌ସିକୁ ୫କୋଟି ଟଙ୍କା ପ୍ରଦାନ କରିଥିଲେ। ଏଥିରେ ପ୍ରବାସୀମାନଙ୍କୁ ରୋଜଗାର ଦିଆଯିବା ସହ ବିଭିନ୍ନ ୱାର୍ଡରେ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ଙ୍କୁ କାର୍ଯ୍ୟକ୍ଷମ କରାଯିବ। ସିଏମ୍‌ସିର ମୋଟ ୫୯ଟି ୱାର୍ଡ ପାଇଁ ୫କୋଟି ଟଙ୍କା ଦିଆଯାଇଥିବା ବେଳେ ପକ୍କୋଦ୍ଧାର ଏବଂ ଡ୍ରେନ କାମରେ ଏହି ଟଙ୍କା ଖର୍ଚ୍ଚ କରାଯାଉଛି। ଏଥିସହ ମଞ୍ଜୁର ହୋଇଥିବା ଉକ୍ତ ଟଙ୍କାରେ ସମସ୍ତ ସରକାରୀ କାର୍ଯ୍ୟାଳୟ କାନ୍ଥରେ ସୌନ୍ଦର୍ଯ୍ୟକରଣ କରାଯିବ ବୋଲି ମଧ୍ୟ ସ୍ଥିର ହୋଇଛି। ମାତ୍ର ଏହି କାମ ଅହେତୁକ ବିଳମ୍ବ ହେଉଛି। ମୋଟ ୪୦୯ଟି କାର୍ଯ୍ୟାଦେଶ ମଧ୍ୟରୁ ଏବେ ସୁଦ୍ଧା ୧୭୩ଟି ଦିଆହୋଇଛି। ଅବଶିଷ୍ଟ କାର୍ଯ୍ୟାଦେଶ ଜୁନ୍ ୨୫ ସୁଦ୍ଧା ସାରିବାକୁ ରାଜ୍ୟ ସରକାର ସିଏମ୍‌ସିକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ସିଏମସି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସିଏମସି କମିଶନର ଅନନ୍ୟା ଦାସ ୨୨ ତାରିଖ ସୁଦ୍ଧା ସମସ୍ତ କାର୍ଯ୍ୟ ସାରିବାକୁ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଆବାସ ଯୋଜନାରୁ ବଞ୍ଚିତ ବସ୍ତିବାସିନ୍ଦା

- ଚୂଡ଼ାନ୍ତ ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ କରୁନି ସିଏମ୍‌ସି
- ବସ୍ତିବାସିନ୍ଦା ଏକତା ମଞ୍ଚ ପକ୍ଷରୁ ବିକ୍ଷୋଭ

**କଟକ ଅଫିସ,୧୮।୬**

ସହରାଞ୍ଚଳରେ ବାସହୀନ ଲୋକଙ୍କୁ ପକ୍କାଘର ଯୋଗାଇଦେବାକୁ ରାଜ୍ୟ ସରକାର ଘୋଷଣା କରିଛନ୍ତି। କଟକ ସହରରେ ରହୁଥିବା ଗରିବ ବସ୍ତିବାସିନ୍ଦାଙ୍କ ମଧ୍ୟରୁ ଅଧିକାଂଶ ଆବାସ ଯୋଜନାରେ ପକ୍କାଘର ନିର୍ମାଣ କରିଥିବାବେଳେ ଅନେକେ ଏଥିରୁ ବାଦ୍ ପଡ଼ିଛନ୍ତି। ସରକାରଙ୍କ ଦ୍ୱାରା ସମ୍ପୃକ୍ତ ହିତାଧିକାରୀଙ୍କୁ ଚିହ୍ନଟ ପ୍ରକ୍ରିୟା ଶେଷ ହୋଇସାରିଛି। ମାତ୍ର ଏବେ ସୁଦ୍ଧା ଚିହ୍ନଟ ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ କରି ଘୋଷଣା କରାଯାଇନାହିଁ। ସରକାରୀ ପଞ୍ଜୀକରଣ ଅନୁଯାୟୀ ସହରରେ ୩ଶହରୁ ଊର୍ଦ୍ଧ୍ୱ ବସ୍ତି ରହିଛି। ୨ଲକ୍ଷରୁ ଊର୍ଦ୍ଧ୍ୱ ଗରିବ ଲୋକ ସରକାରୀ ଓ ବେସରକାରୀ ଜମିରେ ଘର କରି ରହୁଛନ୍ତି। ବାସଗୃହ ପାଇଁ ସେମାନେ କଟକ ମହନଗର ନିଗମ (ସିଏମ୍‌ସି) ଅଫିସକୁ ବାରମ୍ବାର ଦୌଡୁଥିଲେ ବି ସୁଫଳ ମିଳୁନାହିଁ। ଏ ନେଇ ଗୁରୁବାର ବସ୍ତିବାସିନ୍ଦା ଏକତା ମଞ୍ଚ ପକ୍ଷରୁ ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ସିଏମ୍‌ସି କମିଶନର ଅନନ୍ୟା ଦାସଙ୍କୁ ଏକ ଦାବିପତ୍ର ଦିଆଯାଇଛି। ସାହି-ବସ୍ତିର ସମସ୍ତ ଭୂମିହୀନ ଗରିବ ଲୋକଙ୍କୁ ଚିହ୍ନଟ କରି ତାଲିକା ପ୍ରକାଶ ଏବଂ ଅସଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କ ପାଇଁ ଆର୍ଥିକ ଓ ସାମାଜିକ ସୁରକ୍ଷା ଆଇନ କାର୍ଯ୍ୟକାରୀ କରାଯିବାକୁ ମଞ୍ଚର ସଭାପତି ସେଖ୍ ଅବଦୁଲ୍ଲା ଦାବି କରିଛନ୍ତି। ସମ୍ପାଦକ ହେମେନ୍ଦ୍ର ସାମଲ, ଆଇନଜୀବୀ ପଦ୍ମାବତୀ ନାୟକ, ଖୁର୍ସିଦା ବେଗମ, ଲକ୍ଷ୍ମୀ ବାରିକ, ସାବିତ୍ରୀ ପାଲ, ସବିତା ଭୂୟାଁ, ଜଗନ୍ନାଥ ନାୟକ, ରାମ ପ୍ରସାଦ ରାଓ, ଲକ୍ଷ୍ମୀ ବିଶ୍ୱାଳ ପ୍ରମୁଖ ଏହି ଆନ୍ଦୋଳନରେ ସାମିଲ ଥିଲେ।




ସିଏମ୍‌ସି କାର୍ଯ୍ୟାଳୟ ଆଗରେ ବସ୍ତିବାସିନ୍ଦା ଏକତା ମଞ୍ଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଧରିତ୍ରୀ
DHARITRI
ଶୁକ୍ରବାର, ୧୯ ଜୁନ୍, ୨୦୨୦

## ଟ୍ରାକ୍ଟର ଓଲଟି ଶ୍ରମିକ ମୃତ

ମହାକାଳପଡା/ମର୍ଶାଘାଇ, ୧୮।୬ (ଡି.ଏନ୍.ଏ.)- ମହାକାଳପଡା ବ୍ଲକ ଖିଞ୍ଚିରା-ବଡଚ ରାସ୍ତାରେ ଭାରସାମ୍ୟ ହରାଇ ଏକ ଟ୍ରାକ୍ଟର ଗୁରୁବାର ପାଣିକୁ ଖସିପଡ଼ିଛି। ଫଳରେ ଟ୍ରାକ୍ଟରରେ ଥିବା ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖିଞ୍ଚିରା ଗ୍ରାମର କ୍ଷୀରୋଦ ଓଝାଙ୍କ ପୁଅ ଚନ୍ଦ୍ରକାନ୍ତ ଓଝା(୨୪)। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ମର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଟ୍ରାକ୍ଟରଟି ଗଡା ଖାଲିକରି ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଗାଡ଼ି ଚାଳକ ଫେରାର ହୋଇଯାଇଛନ୍ତି। ମର୍ଶାଘାଇ ଥାନାରେ ମାମଲା (ନଂ.୧୫୦/୨୦) ରୁଜୁ ହୋଇଛି।



## ସଂକ୍ଷେପରେ

### ଯାଜପୁର ଜିଲାରେ ୯ କରୋନା ସଂକ୍ରମିତ

ଯାଜପୁର ଅଫିସ, ୧୮।୬: ଯାଜପୁର ଜିଲାରେ ଗୁରୁବାର ଆଉ ୯ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଆକ୍ରାନ୍ତଙ୍କ ସଂଖ୍ୟା ୩୭୦ରେ ପହଞ୍ଚିଛି। ଆରୋଗ୍ୟଙ୍କ ସଂଖ୍ୟା ୩୨୬ରେ ରହିଥିବା ବେଳେ ବର୍ତ୍ତମାନ ୨୪ ଜଣ ଚିକିତ୍ସାଧୀନ ଅଛନ୍ତି। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଯାଜପୁର ବ୍ଲକର ୫ ଜଣ, କୋରେଇ ବ୍ଲକର ଜଣେ, ବଡଚଣା ବ୍ଲକ ୨ ଏବଂ ଦଶରଥପୁର ବ୍ଲକର ଜଣେ ସଂକ୍ରମିତ ଅଛନ୍ତି। ସେମାନଙ୍କ ମଧ୍ୟରୁ ୪ଜଣ ରାଜ୍ୟ ଭିତରେ ସଂସର୍ଶରେ ଆସି ଆକ୍ରାନ୍ତ ହୋଇଥିବା ବେଳେ ଅନ୍ୟ ୫ଜଣ ବେଙ୍ଗାଲୁରୁ, ମହାରାଷ୍ଟ୍ର, ସୁରଟ, ଦିଲ୍ଲୀ ଓ ତାମିଲନାଡୁରୁ ଫେରିଥିବା ଜଣାପଡିଛି। ଅନ୍ୟପକ୍ଷେ ଗୁରୁବାର ଆକ୍ରାନ୍ତ ସଂଖ୍ୟାକୁ ଦୃଷ୍ଟିରେ ରଖି ଯାଜପୁର ଜିଲାପାଳ ଯାଜପୁର ବ୍ଲକ ନାଥସାହି ପଞ୍ଚାୟତର ନାଥସାହି ଗ୍ରାମକୁ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରିଛନ୍ତି।

### ଗୋଷ୍ଠୀ ସଂଘର୍ଷ, ୨ ଗୁରୁତର

ଯାଜପୁର ରୋଡ୍, ୧୮।୬(ଡି.ଏନ୍.ଏ.): ଯାଜପୁର ରୋଡ୍ ଥାନା ଅଧୀନ ଖଣ୍ଡାହତାଠାରେ ଗୁରୁବାର ପୂର୍ବ ଶତ୍ରୁତାରୁ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ଜଣେ ଗୁରୁତର ହୋଇଛନ୍ତି। ସେହିପରି ଅନ୍ୟ ଏକ ଘଟଣାରେ ସଂଘବଦ୍ଧ ଆକ୍ରମଣରେ ଅନ୍ୟ ଜଣେ ଆହତ ହୋଇଥିବା ସୂଚନା ମିଳିଛି। ଏ ନେଇ ଥାନାରେ ୨ଟି ପୃଥକ୍ ମାମଲା ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ପୂର୍ବ ଶତ୍ରୁତାରୁ ଖଣ୍ଡାହତାର ଶ୍ରୀଧର ଦାସ ସେହି ଗ୍ରାମର ଦୁଇଭାଇ ପିଙ୍କୁ ପ୍ରଧାନ ଓ ରିଙ୍କୁଙ୍କୁ ଫୋନରେ ଗାଳିଗୁଲଜ କରିଥିଲେ। ଏଥିପାଇଁ ଶ୍ରୀଧରଙ୍କୁ ଉଭୟ ପିଙ୍କୁ ଓ ରିଙ୍କୁ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ଅନ୍ୟ ଏକ ଘଟଣାରେ ଖଣ୍ଡହତାର ଅଶୋକ ସାମଲ ଘର ନିର୍ମାଣ କରୁଥିବା ବେଳେ ସେହି ଗ୍ରାମର ମାଧବ ସ୍ୱାଇଁ ଓ ଉଦୟ ସ୍ୱାଇଁ ନିର୍ମାଣ କର୍ଯ୍ୟ ଅଟକାଇଥିଲେ। ଏହାକୁ ନେଇ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ଏଥିରେ ମାଧବ ଗୁରୁତର ହୋଇଥିବା ସୂଚନା ମିଳିଛି।

### ପୁଣି ଜଣେ କରୋନା ଆକ୍ରାନ୍ତ

ନୟାଗଡ଼ ଅଫିସ,୧୮।୬: ନୟାଗଡ଼ ସହରର ଜଣେ ସୁନା ବ୍ୟବସାୟୀଙ୍କ ପୁଅ କରୋନା ଅକ୍ରାନ୍ତ ଚିହ୍ନଟ ହେବା ପରେ ଗୁରୁବାର ତାଙ୍କୁ ଭୁବନେଶ୍ୱର କୋଭିଡ୍ ହସ୍ପିଟାଲକୁ ପଠାଯାଇଥିବା ନୟାଗଡ ପୌର ନିର୍ବାହୀ ଅଧିକାରୀ ସନ୍ତୋଷ ଜେନା ସୂଚନା ଦେଇଛନ୍ତି। ସେ କହିଛନ୍ତି, ଗୁରୁବାର ରାତି ଓ ଶୁକ୍ରବାର ଉକ୍ତ ବ୍ୟବସାୟୀଙ୍କ ଘର ଓ ଦୋକାନ ବିଶୋଧନ ସହ ତାଙ୍କ ପରିବାର ସଦସ୍ୟଙ୍କ ସ୍ୱାବ୍ ଟେଷ୍ଟ କରାଯିବ।

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ବରୀ/ରତ୍ନଗିରି, ୧୮।୬ (ସ୍ୱ.ପ୍ର./ଡି.ଏନ୍.ଏ.): ବରୀ ରାମଚନ୍ଦ୍ରପୁର ଥାନା ଅଧୀନ ରମ୍ଭା ଚମ୍ପିତିରା ଗ୍ରାମର ସୁବାସ ସାମଲଙ୍କ ସ୍ତ୍ରୀ ମିଲିଙ୍କର ବୁଧବାର ଅପରାହ୍ଣରେ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ମିଲି ବେକରେ ଲୁଗା ଦେଇ ଆତ୍ମହତ୍ୟା କରିଥିବା ଶାଶୁଘର ଲୋକେ କହୁଥିବା ବେଳେ ତାଙ୍କୁ ଯୌତୁକ ପାଇଁ ହତ୍ୟା କରାଯାଇଛି ବୋଲି ଅଭିଯୋଗ ଆଣିଛନ୍ତି ପରିବାର ଲୋକେ। ୩ ବର୍ଷ ତଳେ ସୁବାସ ବାଲିଚନ୍ଦ୍ରପୁର ଥାନା ଅଧୀନ ମାଣ୍ଡୁକା ଗ୍ରାମର ଅନୁ ସିଂଙ୍କ ଝିଅ ମିଲିଙ୍କୁ ବିବାହ କରିଥିଲେ। ସେମାନଙ୍କର ଦେଢ଼ ବର୍ଷର ଏକ ଝିଅ ଅଛି। ଯୌତୁକ ପାଇଁ ଶାଶୁଘର ଲୋକେ ମିଲିଙ୍କୁ ହତ୍ୟା କରିଥିବା ନେଇ ତାଙ୍କ ବାପା ଅନୁ ସିଂ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ମୃତଦେହ ଜବତ କରିବା ସହ ସୁବାସଙ୍କୁ ଥାନାକୁ ଆଣି ପଚରାଉଚୁରା ଚଳାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ପୋଲିସ ସୂତ୍ରରୁ ପ୍ରକାଶ।

### କେନ୍ଦ୍ରାପଡ଼ାରେ ଆଉ ୭ ଆକ୍ରାନ୍ତ

କେନ୍ଦ୍ରାପଡ଼ା ଅଫିସ: କେନ୍ଦ୍ରାପଡ଼ା ଜିଲାରେ ଗୁରୁବାର ୭ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ଆକ୍ରାନ୍ତଙ୍କ ସଂଖ୍ୟା ୧୯୩ରେ ପହଞ୍ଚିଛି। ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ସମସ୍ତ ଆକ୍ରାନ୍ତ ସଙ୍ଗରୋଧ କେନ୍ଦ୍ରରେ ଥିବା ଅବସ୍ଥାରେ ଚିହ୍ନଟ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

# ସଂଶୋଧନ ହେଉନି ତ୍ରୁଟିପୂର୍ଣ୍ଣ ବିଦ୍ୟୁତ୍ ବିଲ୍

- ବିପିଏଲ୍ ଓ ସୌଭାଗ୍ୟ ଯୋଜନାରେ ବିଦ୍ୟୁତ୍ ସଂଯୋଗ ନେଇଥିବା ଉପଭୋକ୍ତା ହନ୍ତସନ୍ତ
- ବିଭାଗୀୟ କର୍ତ୍ତୃପକ୍ଷଙ୍କ ମନମୁଖି କାର୍ଯ୍ୟ ନେଇ ବଢୁଛି ଅସନ୍ତୋଷ

ଦଶରଥପୁର, ୧୮।୬ (ଡି.ଏନ୍.ଏ.)

ଦଶରଥପୁର ବିଦ୍ୟୁତ୍ ଉପଖଣ୍ଡ ଅଧୀନ ଆଲକୁଣ୍ଡ ଓ କସବା ଗ୍ରାମର କେତେଜଣ ବିଦ୍ୟୁତ୍ ଉପଭୋକ୍ତାଙ୍କ ବିଲ୍‌ରେ ତ୍ରୁଟି ଥିବା ଅଭିଯୋଗ କରାଯାଉଥିଲେ ବି ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଉପଭୋକ୍ତାମାନେ ଏ ନେଇ କନିଷ୍ଠ ଯନ୍ତ୍ରୀଙ୍କଠାରୁ ଆରମ୍ଭ କରି ଉପଖଣ୍ଡ ଅଧିକାରୀଙ୍କ ଭେଟି ଅଭିଯୋଗ କରିବା ପରେ ବି ଏଥିପ୍ରତି ଦୃଷ୍ଟି ଦିଆଯାଉନାହିଁ। ବିପିଏଲ୍ ଓ ସୌଭାଗ୍ୟ ଯୋଜନାରେ ବିଦ୍ୟୁତ୍ ସଂଯୋଗ ନେଇଥିବା ଉପଭୋକ୍ତାଙ୍କ ବିଲରେ ଏଭଳି ତ୍ରୁଟି ପରିଲକ୍ଷିତ ହୋଇଥିବା ବେଳେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଏଭଳି ମନମୁଖି କାର୍ଯ୍ୟ ନେଇ ଉପଭୋକ୍ତାମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅଭିଯୋଗ ଅନୁସାରେ, ବିପିଏଲ୍ ଓ ସୌଭାଗ୍ୟ ଯୋଜନାରେ ବିଦ୍ୟୁତ୍ ସଂଯୋଗ ନେଇଥିବା ଉକ୍ତ ପଞ୍ଚାୟତର ଯୁଧିଷ୍ଠିର ମଲ୍ଲିକ (ନଂ.- ୬୧୨୨୨୨୧୩୦୭୬୪), ହଗୁରା ମଲ୍ଲିକ (ନଂ.-୬୧୨୨୨୨୧୩୦୭୩୫), ଛୁଲୁକି ସାହୁ (ନଂ.- ୬୧୨୨୨୨୧୩୦୭୯), ନାରାୟଣ ଦଳାଇ (ନଂ.- ୬୧୨୨୨୨୧୪୦୭୪୨), ଶ୍ରୀଧର ମଲ୍ଲିକ (ନ.-୬୧୨୨୨୨୧୩୦୭୨୯), ପଦ୍ମନ ମଲ୍ଲିକ, ଦୁରୀ ମଲ୍ଲିକଙ୍କ ସମେତ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଉପଭୋକ୍ତା ପ୍ରତି ମାସରେ ବିଦ୍ୟୁତ୍ ବିଲ୍ ପୈଠ କରୁଛନ୍ତି। ଏହାସତ୍ତ୍ୱେ କେତେକଙ୍କ ବିଲରେ ୩ ହଜାର ଟଙ୍କା ଏରିଅର ଆସୁଥିବା ବେଳେ କେତେଜଣଙ୍କ ବିଲରେ ୮ ହଜାର ଓ ଆଉ କେତେଜଣଙ୍କ ବିଲରେ ୧୦ ହଜାର ଟଙ୍କା ଏରିଅର ବିଲରେ ଲେଖାଯାଇଛି। ଏଭଳି ତ୍ରୁଟିକୁ ଦେଖିବା ପରେ ଉପଭୋକ୍ତାମାନେ ବାରମ୍ବାର କନିଷ୍ଠ ଯନ୍ତ୍ରୀ ଏବଂ ଏସ୍‌ଡିଓଙ୍କୁ ଦେଖାକରି ଅଭିଯୋଗ କରିଥିଲେ ମଧ୍ୟ ସେମାନଙ୍କୁ ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ କୌଣସି ପଦକ୍ଷେପ ନେଉନାହାନ୍ତି। ନିୟମାନୁସାରେ ଜଣେ ଉପଭୋକ୍ତା ୧ ବା ୨ଟି ୯ୱାଟ୍‌ର ଏଲଇଡି ବଲ୍ବ ଓ ଗୋଟିଏ ଫ୍ୟାନ୍ ସଂଯୋଗ କରିପାରିବେ। ମିଟର ରିଡ଼ିଂ ଅନୁସାରେ ଉପଭୋକ୍ତାଙ୍କୁ ୮୦ରୁ ୧୫୦ ଟଙ୍କା ପର୍ଯ୍ୟନ୍ତ ଦେୟ ଦେବାକୁ ହେବ। ଏହି ନିୟମ ଅନୁସାରେ ସମ୍ପୃକ୍ତ ଉପଭୋକ୍ତାଙ୍କ ମଧ୍ୟରୁ କେତେଜଣ ଦେଢ଼ ବର୍ଷରୁ ୨ ବର୍ଷ ହେଲା କଣ୍ଟ୍ରୋଲମର ହୋଇଥିବାବେଳେ ମିଟର ରିଡ଼ିଂ ଅନୁସାରେ ୧୦୦ରୁ ୧୨୦ଟଙ୍କା ମଧ୍ୟରେ ବିଲ୍ ପୈଠ କରୁଛନ୍ତି। ପ୍ରତି ମାସରେ ବିଲ୍ ପୈଠ କରାଯାଉଥିଲେ ସୁଦ୍ଧା ୮ରୁ ୧୦ ହଜାର ଟଙ୍କା ବକେୟା କିଭଳି ହେଲା ସେ ନେଇ ଉପଭୋକ୍ତା ମହଲରେ ପ୍ରତିକ୍ରିୟା ପ୍ରକାଶ ପାଉଛି। ଏହା ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ କାର୍ଯ୍ୟକଳାପ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଅପରପକ୍ଷେ ଉକ୍ତ ଅଞ୍ଚଳର ଉପଭୋକ୍ତାଙ୍କ ଉଦ୍ଦେଶ୍ୟରେ ବସିଥିବା ସ୍ୱତନ୍ତ୍ର ଟ୍ରାନ୍ସଫର୍ମର କିଛିଦିନ ତଳେ ପୋଡ଼ି ଯାଇଛି। ତେବେ ଟ୍ରାନ୍ସଫର୍ମର ବସାଇବାକୁ ହେଲେ ଉପଭୋକ୍ତାମାନଙ୍କୁ ବକେୟା ଏରିଅର ପୈଠ କରିବାକୁ ବିଦ୍ୟୁତ୍ ବିଭାଗ କର୍ମଚାରୀ ବାଧ୍ୟ କରୁଛନ୍ତି। ଯେଉଁମାନେ ବକେୟା ପୈଠ ନ କରିବେ ସେମାନଙ୍କ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯିବ ବୋଲି ବିଭାଗୀୟ କର୍ତ୍ତୃପକ୍ଷ ଚେତାବନୀ ଦେଉଛନ୍ତି। ଏହାକୁ ନେଇ ଉପଭୋକ୍ତା ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ଏ ସମ୍ପର୍କରେ ଦଶରଥପୁର ବିଦ୍ୟୁତ୍ ଉପଖଣ୍ଡ ଅଧିକାରୀ ବ୍ରଜ କିଶୋର ଧଳଙ୍କୁ ପଚାରିବାରେ ସେ ଏଠାରେ ନୂତନ ଭାବେ ଯୋଗଦେଇଛନ୍ତି। ଯଦି ଲୋକମାନଙ୍କର ଏପରି ଅଭିଯୋଗ ରହିଛି, ସେମାନେ ଯଥାଶୀଘ୍ର ବିଲ୍ ଧରି ଅଫିସ୍ ଆସିଲେ କ'ଣ ତ୍ରୁଟି ରହିଛି ଦେଖାଯାଇ ସମାଧାନ କରାଯିବ ବୋଲି କହିଛନ୍ତି।

## ସିପିଆଇଏମ୍‌ର ପ୍ରତିବାଦ



ସିପିଆଇ କର୍ମୀମାନେ ବ୍ଲକ କାର୍ଯ୍ୟାଳୟ ଆଗରେ ପ୍ରତିବାଦ କରୁଛନ୍ତି।

ବାଲିଆ, ୧୮।୬

ଭାରତୀୟ କମ୍ୟୁନିଷ୍ଟ ପାର୍ଟି ମାର୍କ୍ସବାଦୀ କେନ୍ଦ୍ର କମିଟି ଆହ୍ୱାନକ୍ରମେ ଗୁରୁବାର ବିରିଡି ବ୍ଲକ କମିଟି କର୍ମକର୍ତ୍ତାଙ୍କ ପକ୍ଷରୁ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଥିବା ୧୨ ଦଫା ଦାବି ଉପସ୍ଥାପନ କରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ କର୍ମୀମାନେ ପ୍ରତିବାଦ କରିଥିଲେ। ଏଥିରେ ଜିଲା ସମ୍ପାଦକ ଲୋଭାକାନ୍ତ ସ୍ୱାଇଁ, ଜିଲା କମିଟି ସଭ୍ୟ ଗଣେଶ ମାଣିଆ, ଯୁଧିଷ୍ଠିର ଦାସ, ବେଣୁଧର ବାରିକ, ଆଞ୍ଚଳିକ କମିଟି ସଭ୍ୟ ନଟବର ପଲେଇ, ବ୍ରାଞ୍ଚ କମିଟି ସମ୍ପାଦକ ମାଧବ ନନ୍ଦ ଭୋଇ, ସନ୍ତୋଷ ଓଝା, ସୁକଳତା ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଲକ୍‌ଡାଉନ ସମୟରେ ଥିବା ପରିବାରକୁ ୬ମାସ ପର୍ଯ୍ୟନ୍ତ ୭୫୦୦ ଟଙ୍କା ପ୍ରଦାନ କରିବା, ଶ୍ରମିକଙ୍କୁ ୨୦୦ ଦିନ କାମ ସହ ୩୦୦ ଟଙ୍କା ମଜୁରି ପ୍ରଦାନ, ସ୍ୱାସ୍ଥ୍ୟକର୍ମୀଙ୍କୁ ତୁରନ୍ତ ଖୋଲି ସେଥିରେ ପ୍ରବାସୀଙ୍କୁ ନିଯୁକ୍ତି ଦେବା, ଓଡ଼ିଶାରେ କୋଭିଡ-୧୯ରେ ହୋଇଥିବା ଖର୍ଚ୍ଚର ଶ୍ୱେତପତ୍ର ପ୍ରକାଶ କରିବା ଏବଂ ଖର୍ଚ୍ଚରେ ହୋଇଥିବା ଦୁର୍ନୀତିର ତଦନ୍ତ କରିବାକୁ କର୍ମୀମାନେ ଦାବି କରିଥିଲେ। ଶେଷରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓଙ୍କ ଅନୁପସ୍ଥିତିରେ ମୁଖ୍ୟ କିରାଣୀଙ୍କୁ ପ୍ରଦାନ କରାଯାଇଥିଲା।

## ସରପଞ୍ଚଙ୍କ ସ୍ୱାମୀଙ୍କୁ ମରଣାନ୍ତକ ଆକ୍ରମଣ

ବରୀ, ୧୮।୬ (ସ୍ୱ.ପ୍ର.)

ବରୀ ବ୍ଲକ ଅଧୀନ ଈଶାଣପୁର ସରପଞ୍ଚ ରଞ୍ଜୁଲତା ମହାନ୍ତିଙ୍କ ସ୍ୱାମୀ ମାଧବ ମହାନ୍ତିଙ୍କୁ ଗତ ୧୬ ତାରିଖରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏ ନେଇ ଥାନାରେ ଅଭିଯୋଗ କରାଯାଇଥିବା ବେଳେ ଏ ପର୍ଯ୍ୟନ୍ତ ପୋଲିସ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିପାରିନାହିଁ। ତେବେ ସରପଞ୍ଚଙ୍କ ପରିବାରକୁ ହତ୍ୟା ଧମକ ଦିଆଯାଇଥିବାରୁ ସମସ୍ତ ସଦସ୍ୟ ଭୟଭୀତ ଅବସ୍ଥାରେ ରହୁଛନ୍ତି। ଏ ନେଇ ସରପଞ୍ଚଙ୍କ ପରିବାର ପକ୍ଷରୁ ଗୁରୁବାର ପୁଣି ଥାନାରେ ଅଭିଯୋଗ କରାଯାଇଛି। ପୋଲିସ ନଂ.-୧୨୮/୨୦ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ଅଭିଯୋଗ ମୁତାବକ, ଈଶାଣପୁର ଗ୍ରାମର କେତେଜଣ ବ୍ୟକ୍ତି ମାଧବଙ୍କୁ ଅନେକ ସମୟରେ ଚାନ୍ଦା ମାଗୁଥିଲେ। ସେ ଏ ନେଇ ମନା କରିଦେବାରୁ ଅଭିଯୁକ୍ତମାନେ ତାଙ୍କୁ ଗତ ମଙ୍ଗଳବାର ମରଣାନ୍ତକ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ମାଧବଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପୂର୍ବରୁ ସରପଞ୍ଚଙ୍କ ଘର ଆଗରେ ଠିଆ ହୋଇ ଅଭିଯୁକ୍ତମାନେ ଗାଳିଗୁଲଜ କରିବା ସହ ଟଙ୍କା ମାଗୁଥିବା ନେଇ ରଞ୍ଜୁଲତା ଥାନାରେ ଅଭିଯୋଗ କରିଥିଲେ।

## ରାସ୍ତା ନିର୍ମାଣକୁ ବିରୋଧ କରି ରାସ୍ତାରୋକୋ

ଖଣ୍ଡପଡ଼ା,୧୮।୬(ସ୍ୱ.ପ୍ର.)

ଖଣ୍ଡପଡ଼ା ବ୍ଲକ ମର୍ଦ୍ଦରାଜପୁର ପଞ୍ଚାୟତର ରେବତୀବଣିଆ ନୂଆସାହି ବସ୍ତିକୁ ସଂଯୋଗ କରୁଥିବା ରାସ୍ତାରେ ଗୁରୁବାର ସ୍ଥାନୀୟ ବାସିନ୍ଦା ମାଟି ପକାଉଥିଲେ। ଏହାକୁ ବିରୋଧ କରି ବେଣାଗାଡିଆ ପଞ୍ଚାୟତ ବରକୋଳି ଗ୍ରାମର ବହୁ ବ୍ୟକ୍ତି ରାସ୍ତାରୋକୋ କରିଥିଲେ। ଏଥିଯୋଗୁ ଖଣ୍ଡପଡା-କଣ୍ଟିଲୋ ରାସ୍ତାରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖଣ୍ଡପଡା ତହସିଲଦାର ପାର୍ଥସାରଥୀ ହାଁସଦା, ଥାନା ଆଇଆଇସି ବିମଳ କୁମାର ମଲ୍ଲିକ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସେମାନେ ଜିଦ୍‌ରେ ଅଟଳ ଥିଲେ। ସୂଚନାଯୋଗ୍ୟ ଦୀର୍ଘ ୨୫ବର୍ଷ ହେବ ରାସ୍ତା ନିର୍ମାଣକୁ କେନ୍ଦ୍ରକରି ବରକୋଳି ଓ ନୂଆସାହି ବସ୍ତି ବାସିନ୍ଦାଙ୍କ ମଧ୍ୟରେ ବିବାଦ ଲାଗିରହିଛି। ଏହାର ସମାଧାନ ପାଇଁ ବୁଧବାର ଖଣ୍ଡପଡା ବିଧାୟକଙ୍କ ଉପସ୍ଥିତିରେ ଉକ୍ତ ୨ ଗ୍ରାମର ପ୍ରତିନିଧି ଆଲୋଚନା କରିଥିଲେ ହେଁ କୌଣସି ବାଟ ବାହାରିନାହିଁ। ଶୁକ୍ରବାର ତହସିଲ ଅଫିସରେ ଉଭୟ ଗ୍ରାମବାସୀଙ୍କ ଉପସ୍ଥିତିରେ ଆଲୋଚନା କରାଯାଇ ସମାଧାନ କରାଯିବ ବୋଲି ତହସିଲଦାର କହିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।



ଗ୍ରାମବାସୀଙ୍କ ଦ୍ୱାରା ରାସ୍ତାରୋକୋ କରାଯାଇଛି।

## ଗୋଟିଏ ରାତିରେ ୬ ସ୍ଥାନରୁ ଚୋରି

ବାଲିକୁଦା, ୧୮।୬(ସ୍ୱ.ପ୍ର.): ବାଲିକୁଦା ଥାନା ଅଞ୍ଚଳରେ ଗୋଟିଏ ରାତିରେ ୬ସ୍ଥାନରୁ ଚୋରି ହୋଇଛି। ଅରିଲୋ ଗାଁର ୩ଜଣଙ୍କ ଘରୁ ଚୋରି ହୋଇଥିବାବେଳେ ଭୋଦା ଗାଁରୁ ଜଣଙ୍କ ପଲ୍‌ସର୍ ଚୋରି ହୋଇଛି। ଜଙ୍ଗଲା ଗାଁର ଜଣଙ୍କ ଘରୁ ଚୋରି ହୋଇଛି। ସେହିପରି ଅଡଙ୍ଗା ପଞ୍ଚାୟତ ଖାଲେରୀ ଗାଁର ଦିଲ୍ଲୀପ ସ୍ୱାଇଁଙ୍କ ଘରୁ ଚୋରି ହୋଇଛି। ଭୋଦା ଗାଁରୁ ବାରମ୍ବାର ଚୋରି ହେଉଥିବାରୁ ଲୋକେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ଏବାବଦରେ ଅଭିଯୋଗ କଲେ ମଧ୍ୟ କୌଣସି ଫଳ ନ ମିଳିବାରୁ ବାଧ୍ୟ ହୋଇ ପଞ୍ଚାୟତ ମୁରବି ମନ୍ତ୍ରୀ ରଘୁନନ୍ଦନ ଦାସଙ୍କୁ ଗୁହାରି କରିଥିଲେ। ପୋଲିସ ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ ଆରମ୍ଭ କରିଛି। ଅରିଲୋ ଗାଁର ଈଶ୍ୱର ମଲ୍ଲିକ, ବାବାଜି ମଲ୍ଲିକ ଓ ରାମଚନ୍ଦ୍ର ପରିଡାଙ୍କ ଘରେ ଚୋର ପଶି ଟଙ୍କା ସୁନା ଚୋରି କରିଥିବା ବେଳେ ଜଙ୍ଗଲାର ରଞ୍ଜନ ଦାସଙ୍କ ଘରୁ ମୂଲ୍ୟବାନ ଜିନିଷ ଚୋରି ହୋଇଥିବା ଅଭିଯୋଗ ହୋଇଛି।

## ମହିଳାଙ୍କୁ ବଳାତ୍କାର ଅଭିଯୋଗ

ଓଡ଼ଗାଁ,୧୮।୬(ସ୍ୱ.ପ୍ର.): ଓଡ଼ଗାଁ ଆଦର୍ଶ ଥାନା ପାଇକ ପନ୍ତିଖାରୀ ଅଞ୍ଚଳରେ ଜଣେ ବିବାହିତା ମହିଳାଙ୍କୁ ଗଣବଳାତ୍କାର କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ମଙ୍ଗଳବାର ରାତିରେ ମହିଳା ଜଣକ ଘରେ ଏକାକୀ ଶୋଇଥିବା ବେଳେ ଦାଣ୍ଡ ଦୁଆର ଖୋଲା ରଖିଥିଲେ। ଏହି ସୁଯୋଗରେ ଗ୍ରାମର ଦୁଇ ଯୁବକ ରାତି ପ୍ରାୟ ୨ଟାରେ ତାଙ୍କ ଘରେ ପଶି ବଳାତ୍କାର କରିଥିଲେ। ଏ ନେଇ ବୁଧବାର ଥାନାରେ ଅଭିଯୋଗ ହେବା ପରେ ପୋଲିସ ୧୪୨/୨୦ରେ ମାମଲା ରୁଜୁ କରିଛି। ସମ୍ପୃକ୍ତ ଦୁଇ ଅଭିଯୁକ୍ତଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ଅନ୍ୟପକ୍ଷେ ମହିଳାଙ୍କ ଡାକ୍ତରୀ ପରୀକ୍ଷା ରିପୋର୍ଟ ଆସି ନ ଥିବା ତଦନ୍ତ କରୁଥିବା ଅଧିକାରୀ ସଞ୍ଜୟ ପରିଡା ସୂଚନା ଦେଇଛନ୍ତି।

## ପେଟ୍ରୋଲ, ଡିଜେଲ ମୂଲ୍ୟ ବୃଦ୍ଧି ପ୍ରତିବାଦ




ମେଡ଼ିକାଲ ଛକଠାରେ କଂଗ୍ରେସ କର୍ମୀଙ୍କ ପ୍ରତିବାଦ।

ଯାଜପୁର ଟାଉନ୍, ୧୮।୬ (ଡି.ଏନ୍.ଏ.)

ପେଟ୍ରୋଲ, ଡିଜେଲ ଦର ବୃଦ୍ଧି ନେଇ ଯାଜପୁର ଜିଲା କଂଗ୍ରେସ ପକ୍ଷରୁ ଗୁରୁବାର ପ୍ରତିବାଦ କରାଯାଇଥିଲା। ବରିଷ୍ଠ କଂଗ୍ରେସ ନେତା ସନ୍ତୋଷ କୁମାର ନନ୍ଦଙ୍କ ନେତୃତ୍ୱରେ ମେଡ଼ିକାଲ ଛକଠାରେ କଂଗ୍ରେସ କର୍ମୀମାନେ ସରକାର ବିରୋଧୀ ନାରା ଦେଇଥିଲେ। ୨ମାସ ମଧ୍ୟରେ ୯ଥର ତୈଳ ବୃଦ୍ଧି ଯୋଗୁ ସାଧାରଣ ଲୋକେ ହଇରାଣ ହେଉଥିବାରୁ କେନ୍ଦ୍ର ସରକାର ଟିକସ ହ୍ରାସ କରିବା ସହ ଓ ରାଜ୍ୟ ସରକାର ଭାଟ୍ ହ୍ରାସ କରିବାକୁ କଂଗ୍ରେସ ପକ୍ଷରୁ ଦାବି ହୋଇଥିଲା। ପୂର୍ବତନ ଏମ୍‌ପି ଅଞ୍ଚଳ ଦାସ, ଦୁର୍ଯ୍ୟୋଧନ ବେହେରା, ବରିଷ୍ଠ କଂଗ୍ରେସ ନେତା ଦିଗମ୍ବର କର, ବିଷ୍ଣୁ ଚରଣ ରାଉତ, ବଳଭଦ୍ର ଦାସ, ଭାସ୍କର ଚନ୍ଦ୍ର ମହାନ୍ତି, ହୃଷୀକେଶ ପତି, ନିତାଇ ଚାନ୍ଦ ମହାନ୍ତି, ପ୍ରତିମା କର, ଅବଦୁଲ ସଲିମ ଖାଁ, ଅବଦୁଲ ଆଲିମ ଖାଁ, ବିଜୟ ମହାପାତ୍ର ପ୍ରମୁଖ ପ୍ଲାକାର୍ଡ଼ ଓ ବ୍ୟାନର ଧରି ପ୍ରତିବାଦ ଜଣାଇଥିଲେ।

## ୱାର୍ଡ଼ସଭ୍ୟାଙ୍କୁ ମାଡ଼ ଘଟଣାର କାର୍ଯ୍ୟାନୁଷ୍ଠାନ ଦାବି

ପଟ୍ଟାମୁଣ୍ଡାଇ,୧୮।୬ (ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ବ୍ଲକ୍ କଖାରୁଣୀ ପଞ୍ଚାୟତର ଜଣେ ୱାର୍ଡସଭ୍ୟାଙ୍କୁ ମାଡ଼ ଘଟଣାରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଗୁରୁବାର ୨୫ ଜଣ ମହିଳା ଓ ପୁରୁଷ ବ୍ଲକ କାର୍ଯ୍ୟାଳୟରେ ଧାରଣା ଦେଇଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ମେ ୨୮ରେ ବ୍ଲକର ୧ନଂ ୱାର୍ଡସଭ୍ୟା ପଦ୍ମାବତୀ ମଳିକ ଓ ଅମରି ମଳିକଙ୍କୁ କଖାରୁଣୀ ପଞ୍ଚାୟତ ସରପଞ୍ଚଙ୍କ ସ୍ୱାମୀ ପ୍ରଶାନ୍ତ କୁମାର ମଳିକ ମାଡ଼ ମାରିଥିଲେ। ଏନେଇ ମେ ୨୯ରେ ପଟ୍ଟାମୁଣ୍ଡାଇ ଥାନାରେ ଏତଲା ଦିଆଯିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ପଦ୍ମାବତୀ କେନ୍ଦ୍ରାପଡ଼ା ଜିଲାପାଳ ଓ ଏସ୍‌ପିଙ୍କୁ ଭେଟିଥିଲେ। ମାତ୍ର କୌଣସି ସୁଫଳତା ନ ମିଳିବାରୁ ଧାରଣା ଦିଆଯାଇଥିଲା। ପଟ୍ଟାମୁଣ୍ଡାଇ ଆଇଆଇସି ରାକେଶ ତ୍ରିପାଠୀ ଧାରଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ସହ ସମସ୍ୟାର ସମାଧାନ ପାଇଁ ପ୍ରଶାନ୍ତ ଓ ପଦ୍ମାବତୀଙ୍କୁ ଥାନାକୁ ଡାକିଥିଲେ। ରିପୋର୍ଟ ଲେଖା ହେବା ବେଳକୁ ଉଭୟ ପକ୍ଷଙ୍କ ମଧ୍ୟରେ ଆପୋସ ସମାଧାନ ପାଇଁ ଆଲୋଚନା ଚାଲିଥିଲା।

## ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ଚାଲିଛି ରାସ୍ତା ମରାମତି

ରଘୁନାଥପୁର, ୧୮।୬(ଡି.ଏନ.ଏ.)



କଂକ୍ରିଟ ରାସ୍ତାରେ ସିମେଣ୍ଟ ଗୋଳା ଚିପ୍‌ସ ପକାଯାଉଛି

କ୍ଷତି ହୋଇ ନ ଥିବା ରାସ୍ତା ଉପରେ ଚାଲିଛି ମରାମତି କାର୍ଯ୍ୟ। ତାହା ପୁଣି ବିଭାଗୀୟ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ। ଫଳରେ କାର୍ଯ୍ୟର ଭାଗମାପ ଓ ବୈଧତାକୁ ନେଇ ଉଠିଛି ପ୍ରଶ୍ନ। ଏପରି ବ୍ୟତିକ୍ରମ ଦେଖିବାକୁ ମିଳିଛି ରଘୁନାଥପୁର ବ୍ଲକ ଅଧୀନ ରେଡୁଆ ପଞ୍ଚାୟତ ୧ ନମ୍ବର ୱାର୍ଡ ଗ୍ରାମ୍ୟ ରାସ୍ତାରେ। ପଞ୍ଚାୟତକୁ ଆସିଥିବା କେନ୍ଦ୍ରୀୟ ଅନୁଦାନରେ ରାଜେନ୍ଦ୍ର ମହାପାତ୍ର ଘରଠାରୁ ଶରତ ବାରିକ ଘର ପର୍ଯ୍ୟନ୍ତ ଦୁଇଶହ ଫୁଟ କଂକ୍ରିଟ ରାସ୍ତାର ମରାମତି ପାଇଁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଜିତ ଦାସଙ୍କ ନାମରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଗୁରୁବାର କାର୍ଯ୍ୟ ଆରମ୍ଭ ହେଉଥିବା ସ୍ଥାନରେ ସୂଚନା ଫଳକ ଲଗାଯାଇ ନ ଥିବାବେଳେ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ଶୁଖିଲା କଂକ୍ରିଟ ମସଲା ରାସ୍ତା ଉପରେ ବିଛାଇ ଦିଆଯାଇଛି। ଏହାଛଡା ତିନିଇଞ୍ଚ୍ ମୋଟେଇ ପାଇଁ ନିର୍ଦ୍ଦେଶ ଥିଲେ ସୁଦ୍ଧା ଏଥିରେ ବ୍ୟତିକ୍ରମ ହେଉଥିବା ଅଭିଯୋଗ ହେଉଛି। ଦାୟିତ୍ୱରେ ଥିବା ଯନ୍ତ୍ରୀ ପ୍ରଦୀପ୍ତ ଖୁଣ୍ଟିଆଙ୍କୁ ଏସମ୍ପର୍କରେ ପଚାରିବାରୁ ପ୍ରଥମେ ସେମାନଙ୍କୁ କାର୍ଯ୍ୟ ନ କରିବା ପାଇଁ କୁହାଯାଇଥିଲା। ସେମାନେ ମନଇଚ୍ଛା କରୁଛନ୍ତି ବୋଲି କହିଥିଲେ। ତେବେ ମୋତେ କାର୍ଯ୍ୟ ପାଖକୁ ନ ଯିବା ପାଇଁ ନିର୍ଦ୍ଦେଶ ଥିବା ଖୁଣ୍ଟିଆ ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ କାର୍ଯ୍ୟାଦେଶ ପାଇଥିବା ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦାସ କାର୍ଯ୍ୟ କରାଯାଉଥିବା ସମ୍ପର୍କରେ ଜାଣିନାହାନ୍ତି ବୋଲି ପ୍ରକାଶ କରିଛନ୍ତି। ଏହି ଘଟଣା ପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି।

## ଭଙ୍ଗା କୁଡ଼ିଆରେ ଦିବ୍ୟାଙ୍ଗ ପରିବାର

ଏରସମା,୧୮।୬(ସ୍ୱ.ପ୍ର.)



ଚାଳଘର ଆଗରେ ଦିବ୍ୟାଙ୍ଗ ବୁଦ୍ଧଦେବ।

**ଏରସମା ବ୍ଲକ**
- ଆବେଦନ ପରେ ବି ମିଳୁନି ପକ୍କାଘର
- ପ୍ରଶାସନ ଦୃଷ୍ଟି ଦେବାକୁ ନିବେଦନ

ଦିବ୍ୟାଙ୍ଗମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା କରିଛନ୍ତି। ମାତ୍ର ଜଗତ୍‌ସିଂହପୁର ଜିଲାର ଏକ ଦିବ୍ୟାଙ୍ଗ ପରିବାର ସରକାରୀ ଯୋଜନାରୁ ବଞ୍ଚିତ ହୋଇ ଭଙ୍ଗା କୁଡ଼ିଆରେ ଦିନ କାଟୁଛନ୍ତି। ଏହି ଦୃଶ୍ୟ ଦେଖିବାକୁ ମିଳିଛି, ଜିଲାର ଏରସମା ବ୍ଲକ ଅଧୀନ ଭିତର ଅନ୍ଧାରୀ ପଞ୍ଚାୟତସ୍ଥିତ ଜାମୁକଣ ଗ୍ରାମର ବୁଦ୍ଧଦେବ ମହାପାତ୍ରଙ୍କ କ୍ଷେତ୍ରରେ।

ବୁଦ୍ଧଦେବଙ୍କ ପରିବାର କହିଲେ, ସ୍ତ୍ରୀ, ଗୋଟିଏ ଝିଅ (୧୫), ପୁଅ (୧୦), ବୃଦ୍ଧ ବାପା ଓ ବୋଉ। ବୁଦ୍ଧଦେବ ମଜୁରି ଲାଗି ପରିବାର ପୋଷଣ କରୁଥିଲେ। ମାତ୍ର ୧୦ ବର୍ଷ ତଳେ ତାଙ୍କ ମାନସିକ ଅବସ୍ଥା କୌଣସି କାରଣରୁ ଖରାପ ହୋଇଯିବାରୁ ଏବେ ତାଙ୍କର ବାତ ବେମାର ବାହାରିଛି। ତେଣୁ ପରିବାରର ଅର୍ଥିକ ଅବସ୍ଥା ଭଲ ନ ଥିବାରୁ ତାଙ୍କର ଠିକରେ ଚିକିତ୍ସା ହୋଇପାରୁ ନାହିଁ। ଫଳରେ ଏବେ ସେ ଜଣେ ମାନସିକ ରୋଗୀ। ପ୍ରଶାସନ ପକ୍ଷରୁ ତାଙ୍କୁ ୭୫ ପ୍ରତିଶତ ଭିନ୍ନକ୍ଷମ ବୋଲି ପ୍ରମାଣପତ୍ର ମିଳିଛି। ବୁଦ୍ଧଦେବ ଏବେ କୌଣସି କାର୍ଯ୍ୟ କରି ପାରୁ ନ ଥିବାରୁ ତାଙ୍କ ବୃଦ୍ଧ ବାପା ମଜୁରି ଲାଗି ପରିବାର ଚଳାଉଛନ୍ତି। ପକ୍କାଘର ଖଣ୍ଡେ ନ ଥିବାରୁ ସପରିବାର ଭଙ୍ଗା କୁଡ଼ିଆରେ ଦିନ କାଟୁଛନ୍ତି। ଘର ଖଣ୍ଡେ ପାଇଁ ଏହି ପରିବାର ବାରମ୍ବାର ଆବେଦନ କରିଥିଲେ ମଧ୍ୟ ତାହା ଏ ପର୍ଯ୍ୟନ୍ତ ମିଳି ପାରିନାହିଁ। ତେଣୁ ଘର ଖଣ୍ଡେ ଯୋଗାଇ ଦେବାକୁ ବୁଦ୍ଧଦେବଙ୍କ ପରିବାର ପ୍ରଶାସନ ନିକଟରେ ନିବେଦନ କରିଛନ୍ତି। ଏସମ୍ପର୍କରେ ଏରସମା ବିଡିଓ କୈଳାସ ଚନ୍ଦ୍ର ବେହେରାଙ୍କୁ ପଚାରିବାରୁ ସେ କହିଥିଲେ, ବୁଦ୍ଧଦେବଙ୍କ ପରିବାର ସମ୍ପର୍କରେ ଜାଣି ନ ଥିଲି। ଏବେ ଜାଣିଲି। ଖୁବ୍‌ଶୀଘ୍ର ଘର ଯୋଗାଇ ଦେବାର ବ୍ୟବସ୍ଥା କରିବି। ଏବେ ଦେଖିବାକୁ ଅପେକ୍ଷା କେବେ ବୁଦ୍ଧଦେବଙ୍କ ପରିବାରକୁ ଘର ଖଣ୍ଡେ ମିଳୁଛି।

# ଚାଷୀଙ୍କ ଅଭିଯୋଗ ଶୁଣୁନି ପ୍ରଶାସନ

## ଜଳ ନିଷ୍କାସନ ବ୍ୟବସ୍ଥା ପାଇଁ ଦାବି ହୋଇଥିଲେ ବି ପଦକ୍ଷେପ ଶୂନ

ନାଉଗାଁ,୧୮।୬(ସ୍ୱ.ପ୍ର.)

ଚାଷ ଜମିରୁ ଜଳ ନିଷ୍କାସନ ବ୍ୟବସ୍ଥା କରିବାକୁ ପ୍ରଶାସନ ନିକଟରେ ନାଉଗାଁ ବ୍ଲକ ଅଧୀନ ବଚ୍ଛାଲୋ ପଞ୍ଚାୟତର ଅଲଣା-୨, କୁଣ୍ଡିଗାଁ ଓ ବଚ୍ଛାଲୋ ଗ୍ରାମର ଚାଷୀ ବାରମ୍ବାର ଦାବି କରି ଆସୁଛନ୍ତି। ମାତ୍ର ପ୍ରଶାସନ ପକ୍ଷରୁ ଏଦିଗରେ କୌଣସି ପଦକ୍ଷେପ ନିଆଯାଉନାହିଁ। ଫଳରେ ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଶୀଘ୍ର ଏଦିଗରେ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ନ ଦେଲେ ସମ୍ପୃକ୍ତ ୩ ଗ୍ରାମର ଗ୍ରାମବାସୀ ଓ ଚାଷୀ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏସମ୍ପର୍କରେ ଚାଷୀ ସୁବାସ ଚନ୍ଦ୍ର ଲେଙ୍କା, ବିପ୍ଳବ ପରିଡ଼ା, ଆଦିକନ୍ଦ ପରିଡା, ସନାତନ ଲେଙ୍କା, ବିଜୟ ପାତ୍ର, ବିଭୁ ପ୍ରସାଦ ପରିଡ଼ା ପ୍ରମୁଖ କହିଛନ୍ତି, ଚାଷ ଜମିରୁ ଜଳ ନିଷ୍କାସନ ପାଇଁ ୧ ତାରିଖରେ ତହସିଲଦାର ଜେ.କଳ୍ପନାଙ୍କୁ ଲିଖିତ ଅଭିଯୋଗ କରିଥିଲେ। ହେଲେ ତହସିଲ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ପୁନର୍ବାର ୧୦ ତାରିଖରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ଅଭିଯୋଗ କରିଥିଲେ। ହେଲେ ଏ ପର୍ଯ୍ୟନ୍ତ କେହି ବି ଅଧିକାରୀ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେଉନାହାନ୍ତି।

ଚାଷୀ ପ୍ରଶାସନକୁ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି, ଉକ୍ତ ୩ଗ୍ରାମର ଚାଷ ଜମି ଓ ଗ୍ରାମରୁ ପାଣି ନିଷ୍କାସନ ପାଇଁ ଅଲଣା-୨ରୁ ବଚ୍ଛାଲୋ ଯିବା ରାସ୍ତାରେ ଏକ ପୋଲ ରହିଛି। ଏହି ପୋଲ ମାଧ୍ୟମରେ ଜଳ ନିଷ୍କାସନ ହୋଇଥାଏ। ଏବେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନାଉଗାଁରୁ ବଚ୍ଛାଲୋ ରାସ୍ତା କରାଯାଉଛି। ରାସ୍ତା ନିର୍ମାଣ ହେବା ଯୋଗୁ ଜଳ ନିଷ୍କାସନ ପାଇଁ ବାଧକ ସାଜିଛି। ଜଳ ନିଷ୍କାସନ ପାଇଁ ଥିବା ପୁରୁଣା ପୋଲକୁ ଭାଙ୍ଗି ଠିକାଦାର ନୂତନଭାବେ ତିଆରି କରିବାକୁ ଯୋଜନା କରିଥିଲେ। ମାତ୍ର କୁଣ୍ଡିଗ୍ରାମର ଜଣେ ବ୍ୟକ୍ତି ଓ ତାଙ୍କ ପୁଅ ଏହି କାର୍ଯ୍ୟକୁ ବନ୍ଦ କରିଛନ୍ତି। ଆଗକୁ ଅଧିକ ବର୍ଷା ହେବ। ଯଦି ଶୀଘ୍ର ପୋଲ ନହୁଏ ଜଳ ନିଷ୍କାସନ ହୋଇ ପାରିବ ନାହିଁ। ଫଳରେ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେବ। କେବଳ ସେତିକି ନୁହେଁ ଗ୍ରାମରୁ ମଧ୍ୟ ବର୍ଷା ଜଳ ନିଷ୍କାସନ ହୋଇ ପାରିବନାହିଁ। ଏ ସମ୍ପର୍କରେ ତହସିଲଦାରଙ୍କୁ ପଚାରିବାରେ ସେ କହିଥିଲେ, କ'ଣ ପାଇଁ ସମ୍ପୃକ୍ତ ବ୍ୟକ୍ତି ପୋଲ କାମ ବନ୍ଦ କରିଛନ୍ତି ଏହାର ତଦନ୍ତ କରାଯାଇ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ।

## ସଂକ୍ଷେପରେ

### ଖଟିଆରେ ବୁହା ହେଲେ ରୋଗୀ

ଠାକୁରମୁଣ୍ଡା, ୧୮।୬(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ ଚମ୍ପାଝର ପଞ୍ଚାୟତର ଅଶନବଣି ଗାଁ ରାସ୍ତା ଖାଲ ଖମା ସହିତ କାଦୁଅ ହୋଇଥିବାରୁ ଆମ୍ବୁଲାନ୍ସ ପଶିପାରିଲା ନାହିଁ। ଫଳରେ ରୋଗୀଙ୍କୁ ଖଟିଆରେ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଆଣିବାକୁ ପଡିଛି। ବୁଧବାର ଅପରାହ୍ନ ସମୟରେ ଗ୍ରାମର ସୀତା ମାରାଣ୍ଡି ନାମକ ଜଣେ ମହିଳାଙ୍କ ଦେହ ଅସୁସ୍ଥ ହେବାରୁ ତାଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବାପାଇଁ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସକୁ ଫୋନ କରି ଡାକିଥିଲେ। ଆମ୍ବୁଲାନ୍ସ ପହଞ୍ଚିବାର ୨ କି.ମି. ପୂର୍ବରୁ ରାସ୍ତା ଖରପ ଯୋଗୁ ଯାଇ ନ ପାରି ଅଟକି ରହିଥିଲା। ଆମ୍ବୁଲାନ୍ସ କର୍ମଚାରୀ ରୋଗୀଙ୍କ ପରିବାର ଲୋକଙ୍କୁ ଜଣାଇବା ପରେ ପରିବାର ଲୋକେ ରୋଗୀଙ୍କୁ ଏକ ଖଟିଆରେ ବୋହି ଆଣି ଆମ୍ବୁଲାନ୍ସରେ ଭର୍ତ୍ତି କରି ତାଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଗାଁକୁ ରାସ୍ତା ନ ଥିବାରୁ ଦେହ ଖରାପ କିମ୍ବା ଗର୍ଭବତୀ ମହିଳାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବାକୁ ଖଟିଆ ଭରସା। ଏନେଇ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ଟୁରା ହୋ, ପ୍ରତାପ ମହାନ୍ତ, ଶ୍ରୀରାମ ହାଂସଦା, ମାଙ୍ଗାତ ଟୁଡୁ, ଗାଲୁ ହୋ ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି।

### 'ବିକାଶକୁ ପ୍ରାଥମିକତା ଦେଉଥିଲେ'

ଖଇରା, ୧୮।୬(ଡି.ଏନ.ଏ.): ବିଭିନ୍ନ ରାଜନୈତିକ ଦଳରୁ ସେ ବିଜୟ ହେଉଥିଲେ ସତ ହେଲେ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ବିକାଶକୁ ପ୍ରାଥମିକତା ଦେଉଥିଲେ। ଦୁର୍ନୀତିରୁ ଦୂରରେ ରହିବା ସହ ସ୍ପଷ୍ଟବାଦିତାକୁ ନିଜର ଆଦର୍ଶ ଭାବେ ଗ୍ରହଣ କରିଥିଲେ ବୋଲି ପୂର୍ବତନ ଏମ୍‌ପି ଅର୍ଜୁନ ଚରଣ ସେଠୀଙ୍କ ଏକାଦଶାହ ଅବସରରେ ଆୟୋଜିତ ସ୍ମୃତି ସଭାରେ ଯୋଗ ଦେଇଥିବା ବକ୍ତାମାନେ ଆଲୋକପାତ କରିଛନ୍ତି। ଗୁରୁବାର ପୂର୍ବାହ୍ନରେ ଖଇରା ବ୍ଲକ ସାରଡାଙ୍ଗ ପଞ୍ଚାୟତ ଅଧୀନ ଶ୍ୟାମରାଈ ସଂସ୍କୃତ ମହାବିଦ୍ୟାଳୟରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଅବସରପ୍ରାପ୍ତ ପ୍ରଧାନ ପଣ୍ଡିତ ବୁଦ୍ଧିରାମ ପାଣିଗ୍ରାହୀ ପୌରୋହିତ୍ୟ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଭାସ୍କର ଚନ୍ଦ୍ର ପୃଷ୍ଟି, ମହାବିଦ୍ୟାଳୟର ଅଧକ୍ଷ ଶ୍ରୀଧର ପଣ୍ଡା, ସ୍ଥାନୀୟ ସରପଞ୍ଚ ହରିହର କୁଣ୍ଡୁ, ଶିକ୍ଷୟତ୍ରୀ ସୀତା ମାରାଣ୍ଡି ପ୍ରମୁଖ ସ୍ୱର୍ଗତ ସେଠୀଙ୍କର ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ।

### ସାପକାମୁଡ଼ାରେ ଯୁବକ ମୃତ

କେନ୍ଦୁଝର, ୧୮।୬(ସ୍ୱ.ପ୍ର.)-ସାପକାମୁଡ଼ାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଯୋଶିପୁର ଥାନା କପଣ୍ଡ ଗ୍ରାମର ଋତୁରାଜ ନାଏକ(୨୦)। ସେ ବୁଧବାର ବିଳମ୍ବିତ ରାତିରେ ଘରେ ଶୋଇଥିବାବେଳେ ତାଙ୍କୁ ଏକ ଚିତି ସାପ କାମୁଡ଼ି ଦେଇଥିଲା। ତାଙ୍କୁ ପରିବାର ଲୋକେ ପ୍ରଥମେ ଯଶିପୁର ଏବଂ ପରେ କରଞ୍ଜିଆ ଡାକ୍ତରଖାନାରେ ଭର୍ତ୍ତିକରିଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ୧୦୮ ଆମ୍ବୁଲାନ୍ସ ଯୋଗେ କେନ୍ଦୁଝର ମୁଖ୍ୟଚିକିତ୍ସାଳୟକୁ ପଠାଇଥିଲେ। କିନ୍ତୁ ବାଟରେ ତାଙ୍କର ମତ୍ୟୁ ଘଟିଥିଲା। ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଗୁରୁବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଧାନକିଣାରେ ଅବ୍ୟବସ୍ଥା ନେଇ ଅସନ୍ତୋଷ

## ଜିଲାପାଳଙ୍କୁ ଦାବିପତ୍ର ଦେଲେ ଚାଷୀ

ବାରିପଦା ଅଫିସ, ୧୮।୬

ରବି ଧାନ କିଣାରେ ବ୍ୟାପକ ଅବ୍ୟବସ୍ଥା ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦାନା ବାନ୍ଧିବାରେ ଲାଗିଛି। ଏଥିରେ ସରକାରୀ କର୍ମଚାରୀ, ମିଲର, ଦଲାଲମାନେ ସମ୍ପୃକ୍ତ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦ କରି ଚାଷୀମାନେ ଗୁରୁବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଦାବିପତ୍ରରେ କୁହାଯାଇଛି ଯେ, ଦେଉଳି ଲ୍ୟାମ୍ପସରେ କାଣିମହୁଲି ଗ୍ରାମର ନବୀନ ଚନ୍ଦ୍ର ବାରିକ ପଞ୍ଜୀକୃତ କରିବା ପରେ ତାଙ୍କୁ ଟୋକନ ମିଳିଥିଲା। ସେ ଧାନ ବିକ୍ରି କରିବା ପାଇଁ ଲ୍ୟାମ୍ପସକୁ ଯାଇଥିଲେ। ହେଲେ ସେଠାରେ ଲ୍ୟାମ୍ପସର ଏମ୍‌ଡି ତାଙ୍କୁ ପଦୁଗିରିଶୋଳଠାରେ ଥିବା ରାଇସ ମିଲରେ ଧାନ ବିକ୍ରି କରିବା ପାଇଁ କହିଥିଲେ। ବାଧ ହୋଇ ମିଲରେ ସେ ୧୨୧ କୁଇଣ୍ଟାଲ ଧାନ ବିକ୍ରି କରିଥିଲେ। ମିଲର କୁଇଣ୍ଟାଲ ପିଛା ୧୦ରୁ ୧୧ କିଲୋ ଧାନ କାଟି କିଣିଥିଲେ। ସେହିଭଳି ସେ ମିଲକୁ ଗାଡ଼ି ଖର୍ଚ୍ଚ କରି ନେଇଥିଲେ। ଏଭଳି ତାଙ୍କୁ ଠକେଇର ଶିକାର ହେବାକୁ ପଡ଼ିଛି। ଖାଲି ନବୀନ ନୁହନ୍ତି, ଜିଲାରେ ଏଭଳି ଅନେକ ଚାଷୀ ରବି ଧାନ ବିକ୍ରିରେ ଠକେଇର ଶିକାର ହୋଇଛନ୍ତି। ଚାଷୀମାନଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ରବି ଧାନ ବିକ୍ରି ପାଇଁ ଠିକ୍ ଭାବେ ସଚେତନ କରାଯାଇ ନାହିଁ କି ପ୍ରଚାର ପ୍ରସାର କରାଯାଇନାହିଁ। ଫଳରେ ଅଧିକାଂଶ ଚାଷୀ ପଞ୍ଜୀକୃତ କରିବାରୁ ବଞ୍ଚିତ ହୋଇଛନ୍ତି। ଯେଉଁ ଚାଷୀମାନେ ଧାନ ବିକ୍ରି କରିବା ପାଇଁ ପଞ୍ଜୀକୃତ କରିଥିଲେ, ସେମାନେ ଟୋକନ ପାଇଥିଲେ ମଧ ଲ୍ୟାମ୍ପସଗୁଡ଼ିକ ସେମାନଙ୍କ ଧାନ ନ କିଣି ବିଭିନ୍ନ ବାହାନ ଦେଖାଇ ମିଲରମାନଙ୍କୁ ଧାନ ବିକ୍ରି କରିବା ପାଇଁ ପରୋକ୍ଷରେ କହିଛନ୍ତି। ସେହିଭଳି ଯେଉଁ ଚାଷୀମାନେ ଧାନ ଦେଇଛନ୍ତି ସେମାନଙ୍କଠାରୁ କୁଇଣ୍ଟାଲ ପିଛା ୮ରୁ ୧୨ କିଲୋ କଟାଯାଇଥିବା ନେଇ ଚାଷୀମାନେ ଅଭିଯୋଗ କରିଛନ୍ତି। ସେହିଭଳି କିଛି ଲ୍ୟାମ୍ପସ ଏମଡ଼ିମାନଙ୍କ ପରିବାର, ବନ୍ଧୁବର୍ଗଙ୍କ ନାମ ପଞ୍ଜୀକୃତ କରି ଧାନ ବିକ୍ରି କରାଯାଇଛି, ଏହାର ତଦନ୍ତ କରାଗଲେ ପ୍ରକୃତ କଥା ବାହାରକୁ ଆସିବ। ଲ୍ୟାମ୍ପସରେ ଧାନ ନ ଦେଇ ଚାଷୀ ସିଧାସଳଖ ମିଲରକୁ ଦେବା ଫଳରେ ପରିବହନ ବାବଦ ଖର୍ଚ୍ଚ ଲ୍ୟାମ୍ପସ ଚାଷୀଙ୍କୁ ଦେଉନାହିଁ। ଫଳରେ ଚାଷୀଙ୍କ କ୍ଷତି ସହୁଛି। ତେଣୁ ଏହାର ତଦନ୍ତ ପାଇଁ ଏକାଧିକ ଚାଷୀ ଗୁରୁବାର ଜିଲାପାଳଙ୍କଠାରେ ଦାବି କରିଛନ୍ତି। ପ୍ରଭାସ କରମହାପାତ୍ରଙ୍କ ନେତୃତ୍ୱରେ ପର୍ଶୁରାମ ଖର୍ଦ୍ଦା, ରାମରାୟ ହାସଁଦା, ରଞ୍ଜନ କୁମାର ନାୟକଙ୍କ ସମେତ ଏକାଧିକ ଚାଷୀ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।




ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଚାଷୀମାନେ।

# ଗଡ଼ିବନି ବିଶ୍ୱର ସର୍ବୋଚ୍ଚ ରଥ

କେନ୍ଦୁଝର, ୧୮।୬ (ସ୍ୱ.ପ୍ର./ଡି.ଏନ.ଏ.)

ରଥ ନିର୍ମାଣ ଶେଷ ହୋଇଛି । ପଥ ମଧ ପ୍ରସ୍ତୁତ ଅଛି। କିନ୍ତୁ କରୋନା କଟକଣା ପାଇଁ ଚଳିତବର୍ଷ ବିଶ୍ୱର ସର୍ବୋଚ୍ଚ ରଥ କେନ୍ଦୁଝରର ଆରାଧ୍ୟ ଶ୍ରୀ ବଦଳଦେବଜୀଉଙ୍କ ରଥ ଗଡ଼ିବ ନାହିଁ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ ପରେ ଜିଲା ପ୍ରଶାସନ ଏଭଳି ନିଷ୍ପତ୍ତି ନେଇଥିବା ଜଣାପଡିଛି। ୭୨ ଫୁଟ ଉଚ୍ଚ ଶ୍ରୀଜୀଉଙ୍କ ନନ୍ଦିଘୋଷ ରଥ ବିଶ୍ୱର ସର୍ବୋଚ୍ଚ ରଥର ମାନ୍ୟତା ବିଭିନ୍ନ ଜାତୀୟସ୍ତରୀୟ ସଂଗଠନମାନେ ଘୋଷଣା କରିବା ପରେ ଏହି ରଥ ଯାତ୍ରାର ଗୁରୁତ୍ୱ ବହୁ ଗୁଣା ବଢିଯାଇଛି। ଦୀର୍ଘଦିନ ଧରି ରଥ ଯାତ୍ରା ହେବା ନେଇ ଆଶା ଆଶଙ୍କାରେ ସମସ୍ତେ ରହିଥିଲେ। ପ୍ରଶାସନ ରଥଯାତ୍ରା ପାଇଁ ସମାବେଶକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି। ରଥଯାତ୍ରା ସମୟରେ ଶ୍ରୀଜୀଉଙ୍କ ଯଥାରୀତି ପୂଜାର୍ଚ୍ଚନା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ କିପରି ପାଳନ କରାଯିବ ସେ ନେଇ ସେବାୟତ, ବ୍ରାହ୍ମଣ ତଥା ବରିଷ୍ଠ ବ୍ୟକ୍ତିମାନଙ୍କ ସହିତ ଆଲୋଚନା ପରେ ନିଷ୍ପତ୍ତି ନିଆଯିବ ବୋଲି ଦେବୋତ୍ତର ବିଭାଗ ନିର୍ବାହୀ ଅଧିକାରୀ ତଥା ଉପଜିଲାପାଳ ରାମଚନ୍ଦ୍ର କିସ୍କୁ କହିଛନ୍ତି ।

କେନ୍ଦୁଝରର ଶ୍ରୀ ବଳଦେବଜୀଉଙ୍କ ଘୋଷଯାତ୍ରା ରାଜାରାଜୁଡା ଅମଳରୁ ଚାଲିଆସୁଛି। ଏହି ରଥଯାତ୍ରାରେ ଭୂୟାଁ ଜନଜାତିର ଲୋକ ମାନେ ରଥ ଟାଣିବା ପାଇଁ ଆବଶ୍ୟକ ଶିଆଡି ଲତାରେ ଦଉଡି ପ୍ରସ୍ତୁତି ଆରମ୍ଭ କରିଦେଇଥିଲେ। କିନ୍ତୁ ପ୍ରଶାସନ ପକ୍ଷରୁ ରଥଯାତ୍ରା ବନ୍ଦ କରିବା ନିଷ୍ପତ୍ତିରେ ସମସ୍ତ ଶ୍ରଦ୍ଧାଳୁଙ୍କ ଭାବାବେଗକୁ ପ୍ରଭାବିତ କରିଛି।



# 'ଦକ୍ଷ ସଙ୍ଗଠକ, ଲଢୁଆ ନେତା ଥିଲେ ଅର୍ଜୁନ'

## ଏକାଦଶାହରେ ସ୍ମୃତିଚାରଣ

ସଜନାଗଡ଼, ୧୮।୬(ଡି.ଏନ.ଏ.)

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅର୍ଜୁନ ଚରଣ ସେଠୀଙ୍କ ଏକାଦଶାହ ଉପଲକ୍ଷେ ବାଲେଶ୍ୱର ଜିଲା ନୀଳଗିରି ଡାକବଙ୍ଗଳା ପରିସରରେ ଗୁରୁବାର ସ୍ମୃତିତର୍ପଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କେନ୍ଦ୍ର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମଉଦ୍ୟୋଗ, ମତ୍ସ୍ୟ, ପ୍ରାଣୀବିକାଶ ଏବଂ ଗୋପାଳନ ରାଷ୍ଟ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସ୍ମୃତିଚାରଣ କରିଥିଲେ। ସେ କହିଥିଲେ ଯେ, ଅର୍ଜୁନ ସେଠୀ ଜଣେ ଦକ୍ଷ ସଙ୍ଗଠକ ଓ ଲଢୁଆ ନେତା ଥିଲେ। ତାଙ୍କ ଉଦ୍ୟମରେ ନୀଳଗିରିରେ ପାନୀୟଜଳ ସମସ୍ୟାର ସମାଧାନ ହୋଇଥିଲା। ସ୍ଥାନୀୟ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ନୀଳଗିରିର ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ଅକ୍ଷୟ ଆଚାର୍ଯ୍ୟ, ପୂର୍ବତନ ନଗରପାଳ ରାଧାଗୋବିନ୍ଦ ଖଟୁଆ, ଗଙ୍ଗାଧର ମିଶ୍ର, ଉପେନ୍ଦ୍ର ଦାସ ଓ କରୁଣାକର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ସେଠୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।



ସ୍ମୃତି ତର୍ପଣ ସଭାରେ କେନ୍ଦ୍ରମନ୍ତ୍ରୀ ଓ ଅନ୍ୟମାନେ।

# ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ନୋଟିସ

## ମହିଳା ସରପଞ୍ଚ ଓ ସମିତି ସଭ୍ୟଙ୍କୁ ମାଡ଼ ଘଟଣା

କେନ୍ଦୁଝର/ହାଟଡିହୀ, ୧୮।୬(ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକ ବାଙ୍ଗୋର ସରପଞ୍ଚ ସୁପ୍ରଭା ରାଉତ ଓ ସମିତି ସଭ୍ୟ ବିବେକାନନ୍ଦ ରାଉତଙ୍କୁ ଗତ ୨ ତାରିଖ ଘସିପୁରା ଏସ୍‌ଆଇ ବିଶ୍ୱଜିତ ବେହେରା ଓ ସୋସୋ ଏସଆଇ ଗଗନ ନାୟକ ମାଡ ମାରିବା ସହ ଦୁର୍ବ୍ୟବହାର କରିଥିଲେ। ଏହି ଘଟଣାରେ ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ ଗତ ୪ ତାରିଖ ଏନଏଚଆରସିରେ ଦାୟର କରିଥିବା ମାମଲାରେ କେନ୍ଦୁଝର ଏସ୍‌ପି ଓ ଜିଲାପାଳଙ୍କୁ ଘଟଣା ଦିଗରେ କଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ସେନେଇ ରିପୋର୍ଟ ତଲବ ହୋଇଛି। କେସ୍ ନଂ ୧୫୩୧/୧୮/୬/୨୦୨୦ ଅଟେ। ଏନ୍‌ଏଚ୍‌ଆର୍‌ସି ତରଫରୁ ଚଳିତମାସ ୧୭ ତାରିଖରେ ଏହି ନିର୍ଦ୍ଦେଶନାମା ଜାରି ହୋଇଛି। ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ କୁହାଯାଇଛି।

# ବାଲିଘାଟରେ ବିଧାୟକଙ୍କ ଶେଷକୃତ୍ୟ ସମ୍ପନ୍ନ

ବାଲେଶ୍ୱର ଅଫିସ, ୧୮।୬

ବାଲେଶ୍ୱର ସଦର ବିଧାୟକ ମଦନମୋହନ ଦତ୍ତଙ୍କ ଶେଷକୃତ୍ୟ ଗୁରୁବାର ବାଲିଘାଟସ୍ଥିତ ସ୍ୱର୍ଗଦ୍ୱାରରେ ସମ୍ପନ୍ନ ହୋଇଛି। ସକାଳ ୬ଟା ବେଳେ ତାଙ୍କର ମରଶରୀରକୁ ବାସଭବନରୁ ଏକ ଶୋଭାଯାତ୍ରାରେ ଅଣାଯାଇ ମୋତିଗଞ୍ଜ ବଜାର, ସିନେମା ଛକଦେଇ ଭାଜପା ସଦର କାର୍ଯ୍ୟାଳୟକୁ ନିଆଯାଇଥିଲା। ପରେ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଜିଲା ସ୍କୁଲ ପଡ଼ିଆରେ ମରଶରୀରକୁ ସମର୍ଥକ, ସାଧାରଣ ଲୋକ, ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ଶେଷ ଦର୍ଶନ ତଥା ଶ୍ରଦ୍ଧାଞ୍ଜଳି ପ୍ରଦାନ ନିମନ୍ତେ ରଖାଯାଇଥିଲା। ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ସଦର ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତରୁ କାର୍ଯ୍ୟକର୍ତ୍ତା, ଶୁଭେଚ୍ଛୁ ପହଞ୍ଚି ଶେଷଦର୍ଶନ କରିଥିଲେ। ସେଠାରୁ ପୁଣି ଏକ ଶୋଭାଯାତ୍ରାରେ ନିଆଯାଇ ବାଲିଘାଟସ୍ଥିତ ସ୍ୱର୍ଗଦ୍ୱାରକୁ ନିଆଯାଇଥିଲା। ତାଙ୍କର ପୁତ୍ର ମାନସ ମୁଖାଗ୍ନି ଦେଇଥିବା ବେଳେ ବନ୍ଧୁବାନ୍ଧବ, ପରିବାର ଲୋକେ ଉପସ୍ଥିତ ଥିଲେ।

ବିଧାୟକ ଦତ୍ତ ଗତ ୬ମାସ ପୂର୍ବରୁ ଯକୃତଜନିତ ରୋଗରେ ପୀଡ଼ିତ ଥିଲେ। ବୁଧବାର ପୂର୍ବାହ୍ନ ୯ଟା ୪୫ମିନିଟ୍‌ରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍‌ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଯାଇଥିଲା। ତାଙ୍କର ମରଶରୀରକୁ ଆମ୍ବୁଲାନ୍ସ ଯୋଗେ ଅଣାଯାଇ ବୁଧବାର ରାତି ୧୦ଟା ବେଳେ ସହରସ୍ଥିତ ପରମିଟଘାଟ ବାସଭବନରେ ପହଞ୍ଚିଥିଲା। ଜିଲାର ବିଭିନ୍ନ ସ୍ଥାନରେ ତାଙ୍କ ମରଶରୀରକୁ ରଖାଯାଇ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା, ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ଗୋବିନ୍ଦ ଚନ୍ଦ୍ର ଦାସ, ଭାଜପା ଜିଲା ସଭାପତି ଉମାକାନ୍ତ ମହାପାତ୍ର, ସମାଜସେବୀ ସୁବାସିନୀ ଜେନା, ଅର୍ଚ୍ଚନା ନନ୍ଦୀ, ଗୌରାଙ୍ଗ ପାଣିଗ୍ରାହୀ ପ୍ରମୁଖ ବହୁ ଦଳୀୟ ନେତା, କାର୍ଯ୍ୟକର୍ତ୍ତା, ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ।




ବିଧାୟକଙ୍କ ମରଶରୀରକୁ ଶୋଭାଯାତ୍ରାରେ ବାଲିଘାଟସ୍ଥିତ ସ୍ୱର୍ଗଦ୍ୱାରକୁ ନିଆଯାଉଛି।

# ଗୋଟିଏ ଦିନରେ ୪୨ ସଂକ୍ରମିତ ଚିହ୍ନଟ

ଭଦ୍ରକ ଅଫିସ/ବାଲେଶ୍ୱର ଅଫିସ/ କେନ୍ଦୁଝର, ୧୮।୬(ସ୍ୱ.ପ୍ର.): ଉତ୍ତରଓଡ଼ିଶାରେ ଗୁରୁବାର ଗୋଟିଏ ଦିନରେ ୪୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବାଲେଶ୍ୱର ଜିଲାରେ କେବଳ ୩୪ଜଣ ଚିହ୍ନଟ ହୋଇଥିବା ବେଳେ ଭଦ୍ରକରେ ୩ ଓ କେନ୍ଦୁଝର ଜିଲାରେ ୫ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବାଲେଶ୍ୱର ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୫୬ରେ ପହଞ୍ଚିଛି। ସେହିପରି ଭଦ୍ରକରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୮୧ ଓ କେନ୍ଦୁଝରରେ ୮୦ ଛୁଇଁଛି। ଭଦ୍ରକରେ ବର୍ତ୍ତମାନ ସୁଦ୍ଧା ୧୫୫ଜଣ ସୁସ୍ଥ ହୋଇ ଘରକୁ ଫେରିଲେଣି। ଚିହ୍ନଟ ସଂକ୍ରମିତମାନେ ଭଣ୍ଡାରିପୋଖରୀ ବ୍ଲକର ଦୁଇଟି ସଙ୍ଗରୋଧ କେନ୍ଦ୍ରର ବୋଲି ଜଣାପଡ଼ିଛି। ଏମାନେ ଗୁଜରାଟ, ପଶ୍ଚିମବଙ୍ଗ ଓ ତାମିଲନାଡୁ ଫେରନ୍ତା। ବାଲେଶ୍ୱରର ନୂଆ ସଂକ୍ରମିତମାନେ କ୍ୱାରାଣ୍ଟାଇନ୍ ସେଣ୍ଟରରେ ଥିଲେ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସେମାନଙ୍କ ମଧ୍ୟରୁ ୮ଜଣ ନୂଆଦିଲ୍ଲୀ, ୨୦ ମହାରାଷ୍ଟ୍ର, ୨ ତାମିଲନାଡୁ, ୨ ପଶ୍ଚିମବଙ୍ଗ, ଜଣେ ଆନ୍ଧ୍ରପ୍ରଦେଶ ଓ ଜଣେ ହରିୟାଣା ଫେରନ୍ତା ବୋଲି ସୂଚନା ମିଳିଛି। ସେହିପରି କେନ୍ଦୁଝରରେ ସମସ୍ତ ଆକ୍ରାନ୍ତ କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ଥିଲେ। ଆକ୍ରାନ୍ତଙ୍କ ମଧ୍ୟରେ ବଡ଼ବିଲରେ ୨, ଝୁମ୍ପୁରାରେ ୨ ଓ ତେଲକୋଇରେ ଜଣେ ପଜିଟିଭ ଚିହ୍ନଟ ହୋଇଛନ୍ତି। ଅଦ୍ୟାବଧି ୪୪ଜଣ ସୁସ୍ଥ ହୋଇଥିବା ବେଳେ ଅନ୍ୟ ୩୬ଜଣ ଚିକିତ୍ସାଧୀନ ଅଛନ୍ତି। ସମସ୍ତେ କେନ୍ଦୁଝର କୋଭିଡ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

# ହନୁମାନଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଲାଗି ଦାବିପତ୍ର



ଦାବିପତ୍ର ଦେବାକୁ ଆସିଥିବା ବିଶ୍ୱହିନ୍ଦୁ ପରିଷଦର କର୍ମକର୍ତ୍ତା।

ଭଦ୍ରକ ଅଫିସ, ୧୮।୬

ଭଦ୍ରକ ପୌରାଞ୍ଚଳ ୧୩ ନଂ. ୱାର୍ଡର ଏଲଖା ଓ ମୀରସାହି ଗ୍ରାମରେ ଗତ ରବିବାର ରାତିରେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଏହି ସମୟରେ ଏଲଖା ଛକସ୍ଥିତ ହନୁମାନଙ୍କ ମୂର୍ତ୍ତିକୁ କେହି ଦୁର୍ବୃତ୍ତ ଭାଙ୍ଗି ଦେଇଥିଲେ। ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଉଗ୍ରରୂପ ନେବାରୁ ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରାଯାଇଥିଲା। ଭାଙ୍ଗି ଦିଆଯାଇଥିବା ମୂର୍ତ୍ତିଙ୍କୁ ବିସର୍ଜନ କରାଯାଇ ନୂତନ ବିଗ୍ରହ ସ୍ଥାପନ ପାଇଁ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଅତିରିକ୍ତ ଜିଲାପାଳ ଅରୁଣ କୁମାର ମହାପାତ୍ରଙ୍କ ନିକଟରେ ଦାବି କରାଯାଇଛି। ଉଭୟ ପକ୍ଷରୁ ୧୬ଜଣଙ୍କୁ ଗିରଫ କରି ଟାଉନ ପୋଲିସ କୋର୍ଟଚାଲାଣ କରିଛି।

ଉକ୍ତ ଗୋଷ୍ଠୀ ସଂଘର୍ଷ ଘଟଣାକୁ ନେଇ ପୂର୍ବରୁ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିପତ୍ର ପ୍ରଦାନ ବେଳେ ଜିଲା ସଭାପତି ବିଜୟ ସିନ୍‌ହା, ବଜରଙ୍ଗ ଦଳର ସ୍ୱାଧୀନ ସୁନ୍ଦର ଦାସ, ଦେବାଶିଷ ଜେନା, ଚନ୍ଦନ ଦାସ, ମହେଶ୍ୱର ବେହେରା, ସମ୍ବିତ ନାୟକ, ରାହୁଲ ସାହୁ, ଗୋବିନ୍ଦ ରାଉତ, କୈଳାସ ଦାସ ଓ ବିଜୟ ଭୂଷଣ ନାୟକ ପ୍ରମୁଖ ଉପସ୍ଥିତ ରହି ଘଟଣାକୁ ନିନ୍ଦା କରିଥିଲେ।

# ନୂତନ ଯୋଜନାର କାର୍ଯ୍ୟକାରିତା ଉପରେ ଗୁରୁତ୍ୱ

## ପ୍ରଶାସନ, ଜନପ୍ରତିନିଧିଙ୍କ ମିଳିତ ବୈଠକ

ଭଦ୍ରକ ଅଫିସ, ୧୮।୬

ମହାମାରୀ କରୋନା ରାଜ୍ୟବାସୀଙ୍କୁ ବହୁପଛକୁ ନେଇଯାଇଛି। ସେମାନଙ୍କୁ ମୁଖ୍ୟସ୍ରୋତକୁ ଫେରାଇ ଆଣିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା ପ୍ରଣୟନ କରାଯାଉଛି। ଜିଲାରେ ସେହିସବୁ ଯୋଜନାର ସଫଳ ରୂପାୟନ କ୍ଷେତ୍ରରେ ଜନପ୍ରତିନିଧିଙ୍କ ଭୂମିକା ବହୁ ଅଧିକ। ଏଥିଲାଗି ଜିଲା ପ୍ରଶାସନ ଏବଂ ଏମ୍‌ପି, ବିଧାୟକମାନଙ୍କର ଏକ ମିଳିତ ବୈଠକ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଡ. ଜ୍ଞାନରଞ୍ଜନ ଦାସ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଜିଲା ଯୋଜନାବୋର୍ଡ ଅଧ୍ୟକ୍ଷ ତଥା ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଧାମନଗର ବିଧାୟକ ବିଷ୍ଣୁ ସେଠୀ, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଜିଲାପରିଷଦ ଅଧ୍ୟକ୍ଷ ଦ୍ୱିଜବର ରାଉତ, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦସ, ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଜିଲାପାଳ ଡ. ଦାସ ସୂଚନା ଦେଇ ସରକାରଙ୍କ ଦ୍ୱାରା ପ୍ରଣୀତ ନୂତନ ଯୋଜନା ସବୁର ରୂପରେଖ ଉପସ୍ଥାପନ କରିଥିଲେ। ବୈଠକରେ କୃଷି, ଉଦ୍ୟାନ, ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ବିଭିନ୍ନ ଯୋଜନା ଉପରେ ତଥ୍ୟ ରଖିଥିଲେ। ଯୋଜନାଗୁଡ଼ିକର ସଫଳ ରୂପାୟନ ପାଇଁ ଆଲୋଚନା ହୋଇଥିଲା।



ବୈଠକରେ ଜିଲାପାଳ, ଏମ୍‌ପି ଓ ବିଧାୟକ।

# ପ୍ରସ୍ତାବିତ ପେଟ୍ରୋ କେମିକାଲ୍ସ ପ୍ରକଳ୍ପକୁ ବିରୋଧ

ବାଲିଆପାଳ, ୧୮।୬(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକର ସମୁଦ୍ର ଉପକୂଳ ୬ଟି ପଞ୍ଚାୟତରେ ପ୍ରସ୍ତାବିତ ପେଟ୍ରୋ କେମିକାଲ୍ସ ପ୍ରକଳ୍ପକୁ ସମ୍ପୃକ୍ତ ପଞ୍ଚାୟତର ନିର୍ବାଚିତ ସରପଞ୍ଚ ଏବଂ ସମିତିସଦସ୍ୟମାନେ ବିରୋଧ କରିବା ସହିତ ତୁରନ୍ତ ଏହାକୁ ବନ୍ଦ ନ କଲେ ଆନ୍ଦୋଳନ ବ୍ୟାପକ ହେବ ବୋଲି ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି । ବାଲିଆପାଳରେ ଚଉମୁଖଠାରେ ସୁବର୍ଣ୍ଣରେଖା ବନ୍ଦର ପାଇଁ ଟାଟା କମ୍ପାନୀ ଏବଂ ଚେନ୍ନାଇର କ୍ରିଏଟିଭ ପୋର୍ଟ ରାଜ୍ୟ ସରକାରଙ୍କ ସହିତ ଚୁକ୍ତିପତ୍ର ସ୍ୱାକ୍ଷର କରିଛନ୍ତି। ଏହାପରେ ଏବେ ରାଜ୍ୟ ସରକାର ଏହି ବ୍ଲକର ବେତଗଡ଼ିଆ, ଅଁଳାଡ଼ିହା, ନୂଆଗାଁ, ଜଗତିପୁର, ଜମ୍ବିରାଇ, ପଞ୍ଚୁପାଲି ଆଦି ପଞ୍ଚାୟତର ୩୫ଶହ ଏକର ଜାଗାରେ ହଳଦିଆ ପେଟ୍ରୋକେମିକାଲ୍ସ ପ୍ରକଳ୍ପ ନିର୍ମାଣ ପାଇଁ କମ୍ପାନୀଙ୍କ ସହିତ ଚୁକ୍ତିପତ୍ର ସ୍ୱାକ୍ଷର କରିଛନ୍ତି। ସରକାରଙ୍କ ପକ୍ଷରୁ ଇଡ଼କୋ ସରକାରୀ ଏବଂ ଘରୋଇ ଜମି ଅଧିଗ୍ରହଣ ପାଇଁ କାର୍ଯ୍ୟ କରୁଛି। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ବାଲିଆପାଳ ତହସିଲଦାର ଜନଅଭିଯୋଗ ଶୁଣାଣି କରୁଛନ୍ତି। ମାତ୍ର ଏହାକୁ ସମ୍ପୃକ୍ତ ପଞ୍ଚାୟତବାସୀ ବିରୋଧ କରୁଛନ୍ତି।

ଏସବୁ ପଞ୍ଚାୟତରେ ଜନସାଧାରଣ ୭୦ରୁ ୮୦ ବର୍ଷ ଧରି ସରକାରୀ ଜାଗାରେ ବସବାସ କରିଆସୁଛନ୍ତି। ସେଠାରେ ସେମାନେ ଘର କରି ସ୍ଥାୟୀ ଭାବେ ବାସ କରୁଛନ୍ତି। ଏସବୁ ଅଞ୍ଚଳ ଅତି ଉର୍ବର ହୋଇଥିବାରୁ ସେମାନେ ଧାନ, ପାନ, ଚିନାବାଦାମ, କାଜୁ ଆଦି ଚାଷ କରି ସ୍ୱଚ୍ଛଳରେ ଜୀବନ କଟାଉଛନ୍ତି। ଏପରି ଏକ ଉର୍ବର ଜମିକୁ ସରକାର କମ୍ପାନୀକୁ ଦେବା ପାଇଁ କରିଥିବା ଚୁକ୍ତିକୁ ବାତିଲ୍ ପାଇଁ ବେତଗଡ଼ିଆ ସରପଞ୍ଚ ବାଦଲ ବାଡ଼ି, ସମିତି ସଦସ୍ୟ ସନ୍ତୋଷ ଗିରି, ଆଳାଡ଼ିହା ପଞ୍ଚାୟତର ନିରଞ୍ଜନ କୁହ୍ଲାରୀ, ପୂର୍ଣ୍ଣଚନ୍ଦ୍ର ଜେନା, କମଳଲୋଚନ କର, ଜମ୍ବିରାଇ ପଞ୍ଚାୟତ ସରପଞ୍ଚ ପ୍ରତିନିଧି କାର୍ତ୍ତିକ ନାୟକ, ସଦସ୍ୟ ପ୍ରତିନିଧି କମଳାକାନ୍ତ ମାଝି, ଉପେନ୍ଦ୍ର ଜେନା, ତପନ ଜେନା, ଗଣେଶ ପାତ୍ର, ଶିବ ଜେନା, ଅନନ୍ତ ସାମନ୍ତରାୟ ପ୍ରମୁଖ ଖବରଦାତା ସମ୍ମିଳନୀରେ ଦାବି କରିଛନ୍ତି। ସରକାର ଏହାର ପୁନଃ ବିଚାର ନ କଲେ ଆଗାମୀ ଦିନରେ ନିଜ ଜନ୍ମମାଟିର ସୁରକ୍ଷା ପାଇଁ ଅଶୀଦଶକର କ୍ଷେପଣାସ୍ତ୍ର ବିରୋଧୀ ଆନ୍ଦୋଳନର ପୁନରାବୃତ୍ତି ଘଟିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ସେହିପରି ନୂଆଗାଁଠାରେ ଏହି ପ୍ରକଳ୍ପକୁ ବିରୋଧ କରି ଏକ ସମାବେଶ ଅନୁଷ୍ଠିତ ହୋଇଥିଲା। ଗଙ୍ଗାଧର ପଡ଼ିଆରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସ୍ଥାନୀୟ ସରପଞ୍ଚ ସୁଷମା ଦଳାଇ, ସମିତି ସଦସ୍ୟ ସବିତା ପାତ୍ର, ଚକ୍ରଧର ଗିରି, ମନ୍ମଥ ଗିରି ପ୍ରମୁଖ ଯୋଗଦେଇ ପେଟ୍ରୋକେମିକାଲ୍ସ ପ୍ରକଳ୍ପକୁ ବିରୋଧ କରିଥିଲେ।



ଖବରଦାତା ସମ୍ମିଳନୀରେ ଯୋଗଦେଇଥିବା ସ୍ଥାନୀୟ ଗ୍ରାମବାସୀ।

## ସଂକ୍ଷେପରେ

### କନ୍ଧମାଳରେ ୩ ଚିହ୍ନଟ, ୧୪୭ରେ ପହଞ୍ଚିଲା ସଂଖ୍ୟା

**ଫୁଲବାଣୀ ଅଫିସ, ୧୮।୬:** କନ୍ଧମାଳ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ଗୁରୁବାର ଆଉ ୩ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ଏବେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୪୭ରେ ପହଞ୍ଚିଛି। ନୂଆ ସଂକ୍ରମିତଙ୍କ ମଧ୍ୟରେ ୨୯ ଓ ୩୩ ବର୍ଷୀୟ ଦୁଇ ଜଣ ପୁରୁଷ ଓ ୨୯ ବର୍ଷୀୟା ଜଣେ ମହିଳା ଅଛନ୍ତି। ପୁରୁଷଦ୍ୱୟ ତାମିଲନାଡୁ, ଏବଂ ମହିଳା ଜଣକ କେରଳରୁ ଫେରି ଜି.ଉଦୟଗିରି ଏବଂ ଦାରିଙ୍ଗିବାଡି ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିଲେ। ବର୍ତ୍ତମାନ ସୁଦ୍ଧା ଆକ୍ରାନ୍ତଙ୍କ ମଧ୍ୟରୁ ୫୦ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ବାକି ୯୭ ଚିକିତ୍ସାଧୀନ ଅଛନ୍ତି। ଗତ ବୁଧବାର ସୁଦ୍ଧା ଜିଲାକୁ ୯୩୭୪ ପ୍ରବାସୀ ଫେରିଛନ୍ତି। ସେମାନଙ୍କ ମଧ୍ୟରୁ ୪୫୧୯ ଜଣ କ୍ୱାରାଣ୍ଟାଇନ ସମୟସୀମା ସାରିଛନ୍ତି। ସେହିପରି ପରୀକ୍ଷା ପାଇଁ ଯାଇଥିବା ୨୧୩୮ ସ୍ୱାବ ନମୁନା ମଧ୍ୟରୁ ୨୧୨୦ଟିର ରିପୋର୍ଟ ହସ୍ତଗତ ହୋଇଛି।

### ଗଞ୍ଜାମରେ ହେବନି ରଥଯାତ୍ରା

**ଛତ୍ରପୁର,୧୮।୬(ଡି.ଏନ୍.ଏ.):** ଗଞ୍ଜାମ ଜିଲାରେ କୌଣସି ସ୍ଥାନରେ ଚଳିତବର୍ଷ ରଥଯାତ୍ରା ହେବନି। ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ବିଭିନ୍ନ ରଥଯାତ୍ରା କମିଟି ଏହି ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ କମିଟିମାନଙ୍କୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଗୁରୁବାର ଧନ୍ୟବାଦ ଦେଇଛନ୍ତି। ରଥଯାତ୍ରାରେ କେହି ସାମିଲ ନ ହେବାକୁ ଜନସାଧାରଣଙ୍କୁ ସେ ଅନୁରୋଧ କରିଛନ୍ତି। ତାରାତାରିଣୀ ଯାତ୍ରା ବନ୍ଦ ବେଳେ ଜନସାଧାରଣ ସହଯୋଗ କରିଥିଲେ। ସେଭଳି ରଥଯାତ୍ରା ନ କରିବା ନେଇ ସହଯୋଗ କରନ୍ତୁ ବୋଲି ଜିଲାପାଳ କହିଛନ୍ତି।

### ଗୁଟ୍‌ଖା ଜବତ, ୨ ଭାଇ ଗିରଫ

**ପୁରୁଷୋତ୍ତମପୁର,୧୮।୬(ଡି.ଏନ୍.ଏ.):** ପୁରୁଷୋତ୍ତମପୁର ମୁଖ୍ୟରାସ୍ତା ପାର୍ଶ୍ୱ ଏକ ରାଶନ ଦୋକାନ ଉପରେ ଗୁରୁବାର ସନ୍ଧ୍ୟାରେ ପୋଲିସ ଚଢ଼ାଉ କରି ବିପୁଳ ପରିମାଣର ଗୁଟ୍‌ଖା ଜବତ କରିଛି। ଏହି କାରବାର ଚଳାଉଥିବା ୨ ଭାଇ ଲକ୍ଷ୍ମୀ ସାହୁ ଓ ଦିବାକର ସାହୁଙ୍କୁ ଗିରଫ କରିଛି। ୨ ଭାଇ ବହୁଦିନ ହେଲା ଗୁଟ୍‌ଖା କାରବାର ଚଳାଉଥିଲେ। ଥାନା ଅଧିକାରୀ ଜଗନ୍ନାଥ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ୍ ଦୋକାନ ଉପରେ ଚଢ଼ାଉ କରିଥିଲେ। ସେଠାରୁ ୧୧ ବସ୍ତା ବିଭିନ୍ନ କମ୍ପାନୀର ଗୁଟ୍‌ଖା ଜବତ କରିବା ସହ ୨ ଭାଇଙ୍କୁ ଗିରଫ କରିଥିଲେ। ଏନେଇ ନଂ.୧୭୯/୨୦ରେ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ମଲ୍ଲିକ କହିଛନ୍ତି।

### ୪ ଜୁଆ ଆଡ୍ଡାରୁ ୨୫ ଗିରଫ

**ଆସିକା,୧୮।୬(ଡି.ଏନ୍.ଏ.):** ଆସିକା ପୋଲିସ ପକ୍ଷରୁ ଗୁରୁବାର କୋଟିନଡା ଓ ହରିଡାପଦର ଗ୍ରାମରେ ଚାଲିଥିବା ୨ ଜୁଆଆଡ୍ଡାରେ ଚଢ଼ାଉ କରାଯାଇଥିଲା। ସେଠାରୁ ୧୧ଣ ଜୁଆଡିଙ୍କୁ ଗିରଫ କରାଯିବା ସହ ୨୧,୮୦୦ଟଙ୍କା ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହରିଡାପଦର, ନୂଆପଲ୍ଲୀ, କୋଟିନଡା ଓ କଲେଜ ଛକ ଅଞ୍ଚଳର। ଏ ନେଇ ପୃଥକ ୨ ମାମଲା (ନଂ.୩୪୨ ଓ ୩୪୩/୨୦) ରୁଜୁ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି। ସେହିପରି ଗାଙ୍ଗପୁର ପୋଲିସ ବୁଧବାର ରାତିରେ ମୁନିଗାଡି ଓ କେନ୍ଦୁପଦରଠାରେ ଚାଲିଥିବା ୨ ଜୁଆଆଡ୍ଡାରେ ଚଢ଼ାଉ କରି ୧୪ଜଣଙ୍କୁ ଗିରଫ କରିଛି। ମୁନିଗାଡିରୁ ୭,୧୨୦ ଟଙ୍କା ଜବତ କରାଯାଇ ୫ଜଣଙ୍କୁ ଗିରଫ କରାଯାଇଥିବାବେଳେ କେନ୍ଦୁପଦରରୁ ୯ଜଣଙ୍କୁ ଗିରଫ କରାଯିବା ସହ ୧୨,୮୭୦ ଟଙ୍କା ଜବତ କରାଯାଇଥିବା ଥାନା ଅଧିକାରୀ ଧିରେଶ୍ କୁମାର ଦାସ କହିଛନ୍ତି।

### ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

**ଖଲ୍ଲିକୋଟ,୧୮।୬(ଡି.ଏନ.ଏ.):** ଲଦାଖର ଗଲ୍‌ୱାନ୍ ଉପତ୍ୟକାରେ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ଖଲ୍ଲିକୋଟ ପ୍ରେସ କ୍ଲବ ପକ୍ଷରୁ ଗୁରୁବାର ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶାର ୨ ଶହୀଦ ଯବାନ ଚନ୍ଦ୍ରକାନ୍ତ ପ୍ରଧାନ ଏବଂ ନନ୍ଦୁରାମ ସୋରେନଙ୍କ ଫଟୋରେ ମାଲ୍ୟାର୍ପଣ କରାଯାଇଥିଲା। ଏମାନଙ୍କ ଅମର ଆତ୍ମାର ସଦଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିସହ ଚାଇନାର ପ୍ରତ୍ୟେକ ଦ୍ରବ୍ୟ ବର୍ଜନ ପାଇଁ ଦୃଢ଼ ନିଷ୍ପତ୍ତି ହୋଇଥିଲା।

# ୨୧ରୁ ଗଞ୍ଜାମରେ ୩ୟ ପର୍ଯ୍ୟାୟ ସ୍ୱାସ୍ଥ୍ୟ ସ୍କ୍ରିନିଂ

## ଲକ୍ଷଣ ଥିଲେ କୋଭିଡ୍ କେୟାର ହୋମ୍‌ରେ ରହିବେ



କୋଭିଡ୍ କେୟାର ହୋମ୍ କାମ ଚାଲିଛି।

**ଛତ୍ରପୁର,୧୮।୬(ଡି.ଏନ୍.ଏ.)**

ଗଞ୍ଜାମ ଜିଲାରେ ଘରକୁ ଘର ଯାଇ ସମସ୍ତ ପରିବାର ସଦସ୍ୟଙ୍କ ତୃତୀୟ ପର୍ଯ୍ୟାୟ ସ୍ୱାସ୍ଥ୍ୟ ସ୍କ୍ରିନିଂ ସୋମବାରଠାରୁ ଆରମ୍ଭ ହେବ। ଯାହାଠାରେ କରୋନା ଲକ୍ଷଣ ବାହାରିବ ସେମାନଙ୍କୁ ପଞ୍ଚାୟତ କୋଭିଡ୍ କେୟାର ହୋମ୍‌ରେ ରଖାଯିବ। ପରେ ସେମାନଙ୍କର କୋଭିଡ୍ ପରୀକ୍ଷା କରାଯିବ ବୋଲି ଗୁରୁବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏବେ ଦ୍ୱିତୀୟ ପର୍ଯ୍ୟାୟ ସ୍ୱାସ୍ଥ୍ୟସ୍କ୍ରିନିଂ ଚାଲିଛି ଏବଂ ଏହା ଶନିବାର ଶେଷ ହେବ। କରୋନା ଲକ୍ଷଣ ଦେଖାଯାଉଥିବା ଲୋକଙ୍କୁ ଆଇସୋଲେଶନରେ ରଖି ସ୍ୱାବ୍ ନମୁନା ପରୀକ୍ଷା ଏବଂ ଚିକିତ୍ସା କରିବା ପାଇଁ ନିଷ୍ପତ୍ତି ହୋଇଛି। ପ୍ରତି ପଞ୍ଚାୟତ ଏବଂ ସହରାଞ୍ଚଳରେ ୨୦ ଶଯ୍ୟା ବିଶିଷ୍ଟ ସ୍ୱତନ୍ତ୍ର କୋଭିଡ୍ କେୟାର ହୋମ୍ ପ୍ରସ୍ତୁତି ଜୋରଦାର ଚାଲିଛି। ଯେଉଁମାନେ ପଜିଟିଭ୍ ବାହାରୁଛନ୍ତି ସେମାନଙ୍କ କଣ୍ଟାକ୍ଟ ଟ୍ରେସିଂ ଚାଲିଛି। ଅନ୍ୟପକ୍ଷରେ ଜିଲାରେ କରୋନା ଆକ୍ରାନ୍ତଙ୍କ ସୁସ୍ଥ ସଂଖ୍ୟା ଭଲ ରହିଛି। ତଥାପି ଆହୁରି ସଜାଗ ରହିବାକୁ ପଡିବ। କେବଳ ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ କାମ କଲେ ହେବନି, ଲୋକେ ନିଜେ ସଚେତନ ହେବାକୁ ପଡିବ। ନଚେତ୍ ନିଜେ ଓ ନିଜ ପରିବାର ସଦସ୍ୟଙ୍କ ପ୍ରତି ବିପଦ ଆସିବ ବୋଲି ଜିଲାପାଳ କହିଛନ୍ତି। କେବଳ ଗ୍ରେସେରୀ ଓ ପରିବା ପାଇଁ ଘରୁ ବାହାରକୁ ଆସିବା, ମାସ୍କ ପିନ୍ଧିବା ସହ ସାମାଜିକ ଦୂରତା ରକ୍ଷା କରିବା ପାଇଁ ଜିଲାପାଳ ପରାମର୍ଶ ଦେଇଛନ୍ତି।

## ପଜିଟିଭ୍ ସଂଖ୍ୟା ୭୫୫କୁ ବୃଦ୍ଧି

### ୧୩ କରୋନା ଯୋଦ୍ଧାଙ୍କ ସମେତ ୫୬ ପଜିଟିଭ୍ ଚିହ୍ନଟ

ଗଞ୍ଜାମ ଜିଲାରେ ଗୁରୁବାର ଆଉ ୫୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୭୫୫କୁ ବୃଦ୍ଧି ପାଇଛି। ଗୁରୁବାର ଚିହ୍ନଟ ପଜିଟିଭ୍‌ଙ୍କ ମଧ୍ୟରେ ୧୩ କରୋନା ଯୋଦ୍ଧା ରହିଛନ୍ତି। ବେଲଗୁଣ୍ଠା, ରଙ୍ଗେଇଲୁଣ୍ଡା, ଶେରଗଡ଼, ବୁଗୁଡ଼ା ଓ ସୋରଡ଼ା ବ୍ଲକ, ପୁରୀ ଜିଲାର ଜଣେ ଲେଖାଏ, ପୋଲସରା ବ୍ଲକରୁ ୨ ଜଣ ଏବଂ ବ୍ରହ୍ମପୁର ମହାନଗର ନିଗମରୁ ୫ ଏପରି ମୋଟ ୧୩ କରୋନା ଯୋଦ୍ଧା ସଂକ୍ରମିତ ହୋଇଥିବା ସୂଚନା ମିଳିଛି। ସେହିପରି ଅନ୍ୟ ୪୩ ପଜିଟିଭ୍‌ଙ୍କ ମଧ୍ୟରେ ସୋରଡା ଓ ବେଲଗୁଣ୍ଠା ବ୍ଲକର ୩ ଜଣ ଲେଖାଏ, ବ୍ରହ୍ମପୁର ମହାନଗର ନିଗମର ୫, ଭଞ୍ଜନଗର ବ୍ଲକର ୭, ବୁଗୁଡା, କୁକୁଡାଖଣ୍ଡି ଓ ରଙ୍ଗେଇଲୁଣ୍ଡା ବ୍ଲକର ୨ ଜଣ ଲେଖାଏ, ପାତ୍ରପୁର, ଛତ୍ରପୁର, ଧରାକୋଟ, ଦିଗପହଣ୍ଡି ଓ ହିଞ୍ଜିଳି ବ୍ଲକର ଜଣେ ଲେଖାଏ, କବିସୂର୍ଯ୍ୟନଗର ଓ ଶେରଗଡ ବ୍ଲକର ୪ ଜଣ ଲେଖାଏ ଏବଂ ପୋଲସରା ବ୍ଲକର ୬ ଜଣ ରହିଛନ୍ତି। ଏମାନେ ସମସ୍ତେ ଅନ୍ୟ ରାଜ୍ୟରୁ ଆସିଥିବା ପ୍ରବାସୀ ତଥା ପଜିଟିଭ୍‌ଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି। ଅନ୍ୟପକ୍ଷରେ ଗୁରୁବାର ୧୬ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏ ସମ୍ପର୍କରେ ଗୁରୁବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଟୁଇଟ୍ କରି ସୂଚନା ଦେଇଛନ୍ତି। ଜିଲାରେ ବର୍ତ୍ତମାନ ସୁଦ୍ଧା ୬୩୬ ଆକ୍ରାନ୍ତ ସୁସ୍ଥ ହୋଇଥିବା ବେଳେ କୋଭିଡ୍ ହସ୍ପିଟାଲରେ ୧୧୩ ଜଣଙ୍କ ଚିକିତ୍ସା ଚାଲିଛି। ୬ ଜଣଙ୍କ ମୃତ୍ୟୁ ଘଟିଛି।

# ବିଏମ୍‌ସିର ୬ ଦୋକାନ ସିଲ୍



ଅନ୍ନପୂର୍ଣ୍ଣା ମାର୍କେଟ ଅଞ୍ଚଳର ଏକ ଦୋକାନକୁ ବନ୍ଦ କରାଯାଉଛି।

**ବ୍ରହ୍ମପୁର ଅଫିସ,୧୮।୬**

- ଲକ୍‌ଡାଉନ୍ ନିୟମ ଉଲ୍ଲଂଘନ
- ୪ ଦୋକାନରୁ ଗୁଟ୍‌ଖା ଜବତ

କରୋନା ମୁକାବିଲା ନେଇ ଘୋଷିତ ଲକ୍‌ଡାଉନ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ଗୁରୁବାର ୬ ଦୋକାନକୁ ସିଲ କରିଛି ପ୍ରଶାସନ। ବ୍ରହ୍ମପୁର ମହାନଗର ନିଗମ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଗୁରୁବାର ରାମଲିଙ୍ଗମ୍ ଟେମ୍ପୁଲ ରୋଡ୍, ଗାନ୍ଧୀନଗର, ଚର୍ଚ୍ଚ ରୋଡ୍, ଗେଟବଜାର ଅଞ୍ଚଳରେ ଲକ୍‌ଡାଉନ୍ ନିୟମାବଳୀ ଉଲ୍ଲଂଘନ କରିଥିବା ୬ ଦୋକାନକୁ ସିଲ କରିଛି। ଅନ୍ୟପଟରେ ବ୍ରହ୍ମପୁର ତହସିଲଦାରଙ୍କ ନେତୃତ୍ୱରେ ଗଠିତ ସ୍କ୍ୱାଡ୍ ବଡବଜାର, ଗିରିମାର୍କେଟ ଓ ଅନ୍ନପୂର୍ଣ୍ଣା ମାର୍କେଟ ଅଞ୍ଚଳରେ ଲାକ୍‌ଡାଉନ୍ ନିୟମ ଉଲ୍ଲଂଘନ କରିଥିବା ଦୋକାନକୁ ବନ୍ଦ କରିଥିଲା। ଏହି ସମୟରେ ୪ ଦୋକାନରୁ ୧୦ କିଲୋ ଓଜନର ଗୁଟଖା ଜବତ କରାଯାଇଥିବା ତହସିଲଦାରଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

## ଘରୋଇ ସଙ୍ଗରୋଧରେ ଥିବା ଯୁବକଙ୍କ ଆତ୍ମହତ୍ୟା

### କାରଣ ଅସ୍ପଷ୍ଟ, ମୋବାଇଲ ଫୋନ ଜବତ

**ବ୍ରହ୍ମପୁର ଅଫିସ,୧୮।୬**

ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ନୂଆ ବସ୍‌ଷ୍ଟାଣ୍ଡ ପଛପଟେ ଲିଙ୍ଗରାଜ ନଗରରେ ଥିବା ଏକ ଆପାର୍ଟମେଣ୍ଟରେ ଘରୋଇ ସଙ୍ଗରୋଧରେ ଥିବା ଜଣେ ଯୁବକ ଗୁରୁବାର ଆତ୍ମହତ୍ୟା କରିଛନ୍ତି। ସେ ହେଲେ ହାର୍ଦ୍ଦିକ ପଟ୍ଟନାୟକ (୨୩)। ଯୁବକ ଜଣଙ୍କ ବେଡରେ ଏକ ବେଡ଼ଶିଟ ଲଗାଇ ବେଡ଼ରୁମ ଭିତରେ ଥିବା ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଥିବା ପୋଲିସ କହିଛି। ମୃତଦେହ ଜବତ କରି ନଂ. ୨୭୫/୨୦ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଯୁବକଙ୍କ ଆତ୍ମହତ୍ୟା ପଛର କାରଣ ଜଣାପଡି ନ ଥିବା ବେଳେ ପୋଲିସ ତାଙ୍କ ମୋବାଇଲ ଫୋନ ନମ୍ବର ଜବତ କରି ତଦନ୍ତ ଚଳାଇଛି। ଯୁବକ ଜଣଙ୍କ ଘରେ ସଙ୍ଗରୋଧରେ ଥିବା ବେଳେ ସେ ବୁଧବାର ରାତିରେ ଘର ବାହାରକୁ କାହିଁକି ଯାଇଥିଲେ ଏବଂ ରାତ୍ର ଭୋଜନ କେଉଁଠି ଓ କାହା ସହିତ କରିଥିଲେ ସେ ନେଇ ପୋଲିସ ଅନୁସନ୍ଧାନ କରୁଛି ବୋଲି କହିଛି।

ପ୍ରକାଶ ଯେ, ଉକ୍ତ ଆପାର୍ଟମେଣ୍ଟରେ ରହୁଥିବା ଶାଶ୍ୱତ ପଟ୍ଟନାୟକ ଓ ସ୍ତ୍ରୀ ସୁଧାଂଶୁବାଳା ପଟ୍ଟନାୟକଙ୍କ ଏକ ମାତ୍ର ପୁଅ ହାର୍ଦ୍ଦିକ। ସେ ବି-ଟେକ୍ ପାସ କରିବା ପରେ ବାଙ୍ଗାଲୋରରେ ଏକ କମ୍ପାନୀରେ କମ୍ପ୍ୟୁଟର ଇଞ୍ଜିନିୟର ଭାବେ କାମ କରୁଥିଲେ। ସେ ଲକ୍‌ଡାଉନ୍ ଯୋଗୁ ବାଙ୍ଗାଲୋରରେ ଫସି ରହିଥିଲେ। ନିୟମ କୋହଳ ହେବା ପରେ ଗତ ୯ ତାରିଖରେ ବ୍ରହ୍ମପୁର ଫେରି ନିଜ ଘରେ ସଙ୍ଗରୋଧରେ ରହୁଥିଲେ। ଗୁରୁବାର ସକାଳେ ହାର୍ଦ୍ଦିକ ନିଜ ବେଡ଼ ରୁମ୍ ଫ୍ୟାନରେ ଝୁଲୁଥିବା ପ୍ରଥମେ ତାଙ୍କ ମା' ଦେଖିବାକୁ ପାଇଥିଲେ। ପରେ ବଜାରକୁ ଯାଇଥିବା ତାଙ୍କ ସ୍ୱାମୀଙ୍କୁ ଖବର କରିଥିଲେ। ଉଭୟ ସ୍ୱାମୀ ଓ ସ୍ତ୍ରୀ ପୁଅ ବଞ୍ଚିଥିବା ଭାବି ବେଡ୍‌ଶିଟ କାଟି ତଳକୁ ଓହ୍ଲାଇ ଖଟରେ ଶୁଆଇ ଦେଇଥିଲେ। ପରେ ପୋଲିସକୁ ବାପା ଶାଶ୍ୱତ ଘଟଣା ସମ୍ପର୍କରେ ଜଣାଇଥିଲେ।

## ଖେମୁଣ୍ଡି ଓକିଲ ସଂଘ ଅନ୍ତରୀଣ କମିଟି ଚୟନ ନେଇ ବିବାଦ

### ରାଜ୍ୟ ବାର୍ କାଉନ୍‌ସିଲ ନିଷ୍ପତ୍ତିକୁ ଅପେକ୍ଷା

**ଦିଗପହଣ୍ଡି,୧୮।୬(ଡି.ଏନ.ଏ.)**

ଲକ୍‌ଡାଉନ ଯୋଗୁ ରାଜ୍ୟର ସ୍ୱୀକୃତି ପ୍ରାପ୍ତ ଓକିଲ ସଂଘ ନିର୍ବାଚନ ସ୍ଥଗିତ ରଖି ସଂଘ ପରିଚାଳନା ନିମନ୍ତେ ଅନ୍ତରୀଣ କମିଟି ଚୟନ ପାଇଁ ରାଜ୍ୟ ବାର୍ କାଉନ୍‌ସିଲ ନିଷ୍ପତ୍ତି ନେଇଥିଲା। ମାତ୍ର ଖେମୁଣ୍ଡି ଓକିଲ ସଂଘରେ ଏନେଇ ବିବାଦ ଦେଖାଯାଇଛି। କାର୍ଯ୍ୟକର୍ତ୍ତା ଚୟନ ପାଇଁ ନିୟମାବଳୀରେ କେତେକ ପରିବର୍ତ୍ତନ ଯୋଗୁ ଏପରି ବିବାଦ ଦେଖାଦେଇଛି। ପ୍ରଥମ ନିୟମ ପ୍ରକାରେ ଓକିଲ ସଂଘ ପୂର୍ବତନ ସଭାପତିଙ୍କ ମଧ୍ୟରୁ ଜଣେ ଏବଂ ପୂର୍ବତନ ସମ୍ପାଦକ ମାନଙ୍କ ମଧ୍ୟରୁ ୨ଜଣଙ୍କ ନାମ ଓକିଲ ସଂଘ କାର୍ଯ୍ୟକାରୀ କମିଟିର ସୁପାରିଶ ମାଧ୍ୟମରେ ବାର୍‌କାଉନସିଲର ଅନୁମୋଦନ ପାଇଁ ପଠାଯିବାକୁ ନିର୍ଦ୍ଦେଶ ରହିଥିଲା। ପରେ ମେ' ୩୦ରେ ଆଉ ଏକ ନିୟମାବଳୀରେ ସଂଘର ୨୦୧୯ରେ ନିର୍ବାଚିତ କାର୍ଯ୍ୟକାରୀ କମିଟି ସଭ୍ୟମାନଙ୍କୁ ଅନ୍ତରୀଣ କମିଟିରୁ ଦୂରେଇ ରଖି ନୂତନ କମିଟି ଗଠନ ପାଇଁ କୁହାଯାଇଥିଲା। ଫଳରେ ଗତ ଜୁନ୍ ୧ରେ ଖେମୁଣ୍ଡି ଓକିଲ ସଂଘ କାର୍ଯ୍ୟକାରୀ କମିଟି ବୈଠକ ବସିଥିଲା। ବରିଷ୍ଠ ସଭ୍ୟ ଏ.ସୋମେଶ୍ୱର ରାଓ ଅନ୍ତରୀଣ କମିଟି ପାଇଁ ପୂର୍ବତନ ସଭାପତି ହୃଦୟ ରଞ୍ଜନ ମେକାପଙ୍କ ନାମ ପ୍ରସ୍ତାବ ଦେଇଥିଲେ। ସୂର୍ଯ୍ୟନାରାୟଣ ସାହୁ ଏବଂ ରସାନନ୍ଦ ରାଉତ ପୂର୍ବତନ ସଭାପତି ଲକ୍ଷ୍ମୀନାରାୟଣ ପାଢ଼ୀଙ୍କ ନାମ ପ୍ରସ୍ତାବ ଦେବାରୁ କୌଣସି ନିଷ୍ପତ୍ତି ହୋଇପାରିନଥିଲା। ବୁଧବାର ଖେମୁଣ୍ଡି ଓକିଲ ସଂଘର କିଛି ସଦସ୍ୟ ବୈଠକ ଡକାଇ ଅନ୍ତରୀଣ କମିଟିର ଅଧ୍ୟକ୍ଷ ପଦବୀ ପାଇଁ ପୂର୍ବ ପ୍ରସ୍ତାବିତ ହୃଦୟ ରଞ୍ଜନ ମେକାପ ଏବଂ ସମ୍ପାଦକ ପଦବୀ ନିମନ୍ତେ ରଞ୍ଜନ କୁମାର ବେହେରା, ହେମନ୍ତ କୁମାର ପାଣିଗ୍ରାହୀଙ୍କ ନାମ ଅନୁମୋଦନ ପାଇଁ ରାଜ୍ୟ ବାର୍ କାଉନ୍‌ସିଲ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଛନ୍ତି। ଏଥିସହ ନିର୍ବାଚନ ଅଧିକାରୀ ପ୍ରଭାକର ରାଉତଙ୍କ ବଦଳରେ ଲକ୍ଷ୍ମୀନାରାୟଣ ପାଢ଼ୀଙ୍କୁ ଚୟନ କରାଯାଇ ପ୍ରସ୍ତାବକୁ ମଞ୍ଜୁର ନିମନ୍ତେ ଏକ ଚିଠି ପଠାଇଛନ୍ତି। ସମସ୍ତଙ୍କ ନଜର ରାଜ୍ୟ ବାରକାଉନସିଲର ନିଷ୍ପତ୍ତି ଉପରେ। ଅପରପକ୍ଷରେ କାର୍ଯ୍ୟକାରୀ କମିଟି ସୁପାରିଶ କ୍ରମେ ସଂଘ ପରିଚାଳନା ନିମନ୍ତେ ଅନ୍ତରୀଣ କମିଟିର କାର୍ଯ୍ୟକର୍ତ୍ତା ଚୟନ କରାଯାଇ ପ୍ରସ୍ତାବକୁ ଅନୁମୋଦନ ନିମନ୍ତେ ବାର୍ କାଉନସିଲକୁ ପଠାଇ ଦିଆଯାଇଥିବା ନିର୍ବାଚନ ଅଧିକାରୀ ରାଉତ ଜଣାଇଛନ୍ତି।

## ସିପିଆଇ (ଏମ୍) ପକ୍ଷରୁ ପ୍ରତିବାଦ ଦିବସ

**ଦିଗପହଣ୍ଡି,୧୮।୬(ଡି.ଏନ.ଏ.)**

ସିପିଆଇଏମ୍ ରାଜ୍ୟ କମିଟି ଡାକରାକ୍ରମେ ଗୁରୁବାର ଦିଗପହଣ୍ଡି ଆଞ୍ଚଳିକ କମିଟି ଆନୁକୂଲ୍ୟରେ ପ୍ରତିବାଦ ଦିବସ ପାଳନ କରାଯାଇଛି। ଜିଲା କମିଟି ସଭ୍ୟ ଅଶ୍ୱିନୀ କୁମାର ଦାସଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ପାର୍ଟି କାର୍ଯ୍ୟାଳୟ ପରିସରରେ ଆୟୋଜିତ ସଭାରେ କୁରେଶୁ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ବହୁ ସଂଖ୍ୟକ ଦଳୀୟ କର୍ମୀ ଉପସ୍ଥିତ ରହିବା ସହ ସାମାଜିକ ଦୂରତ୍ୱ ରକ୍ଷା ସହ ମାସ୍କ ପିନ୍ଧି ପ୍ରତିବାଦ ଦିବସରେ ସାମିଲ ହୋଇଥିଲେ। ଲକଡାଉନ୍‌ରେ ଆୟକର ସୀମା ବାହାରେ ଥିବା ସମସ୍ତ ପରିବାରକୁ ୬ମାସ ଯାଏ ୭୫୦୦ ଟଙ୍କା ପ୍ରଦାନ, ସମସ୍ତ ପରିବାରକୁ ମୁଣ୍ଡପିଛା ୧୦କେଜି ଲେଖାଏ ଚାଉଳ ଓ ଗହମ ଆଦି ୧୨ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆଙ୍କୁ ପ୍ରଦାନ କରାଯାଇଥିଲା।

## ସିପିଏମ୍‌ର ୧୦ ଦଫା ଦାବି ନେଇ ପ୍ରତିବାଦ

**ଗଞ୍ଜାମ,୧୮।୬(ଡି.ଏନ.ଏ.)**

ଗଞ୍ଜାମ ବ୍ଲକ ବିଭିନ୍ନ ସ୍ଥାନରେ ସିପିଏମ ପକ୍ଷରୁ ୧୦ ଦଫା ଦାବି ନେଇ ପ୍ରତିବାଦ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସିପିଏମ ନେତା ଦିଲୀପ ଛୋଟରାୟଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ଦଶଟୁଙ୍କି ନିକଟସ୍ଥ ୧୬ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ସାମାଜିକ ଦୂରତା ସହ ମାକ୍ସ ପିନ୍ଧି ପ୍ରତିବାଦ କରିଥିଲେ। ଲକ୍‌ଡାଉନ୍‌ରେ ମୁଣ୍ଡ ପିଛା ୧୦ କିଲୋ ଚାଉଳ, ଏମ୍‌ଜିଏନ୍‌ଆର୍‌ଇଜିଏସରେ ଗ୍ରାମାଞ୍ଚଳରେ ସମସ୍ତ ଇଚ୍ଛୁକ ବ୍ୟକ୍ତିଙ୍କୁ ଦୈନିକ ୩୦୦ ଟଙ୍କା ମଜୁରୀରେ ବାର୍ଷିକ ୨୦୦ ଦିନର କାମ, ଘରକୁ ଫେରିଥିବା ପ୍ରବାସୀଙ୍କୁ କାମ ଯୋଗାଇଦେବା ପ୍ରମୁଖ ଦାବି ରହିଥିଲା। ଧର୍ମରାଜ ସ୍ୱାଇଁ, ସୁଜିତ ବେହେରା, ପ୍ରଶାନ୍ତ ଛୋଟରାୟ ପ୍ରମୁଖ ଦଳୀୟ କର୍ମୀମାନେ ସମିଲ ହୋଇଥିଲେ। ସେହିପରି ଖଣ୍ଡଦେଉଳି ଠାରେ ମଧ୍ୟ ସିପିଏମ୍ ନେତା ରାମଚନ୍ଦ୍ର ନାୟକ, ଖଲି ସ୍ୱାଇଁଙ୍କ ନେତୃତ୍ୱରେ ପ୍ରତିବାଦ ସଭା ହୋଇଥିଲା।

## ମୋଟାବାଡି ପଞ୍ଚାୟତ ଶଟ୍‌ଡାଉନ୍

**ବୁଗୁଡା,୧୮।୬(ଡି.ଏନ୍.ଏ.)**

ବୁଗୁଡା ବ୍ଲକ ମୋଟାବାଡି ପଞ୍ଚାୟତକୁ ୪ ଦିନ ପାଇଁ ସରପଞ୍ଚ ନିର୍ମଳ ନାୟକ ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ଶୁକ୍ରବାର ଠାରୁ ସୋମବାର ରାତି ୧୨ଟା ପର୍ଯ୍ୟନ୍ତ ଶଟ୍‌ଡାଉନ୍ ଘୋଷଣା କରାଯାଇଥିବା ଡେଙ୍ଗୁରା ଦେଇ ଲୋକଙ୍କୁ ଗୁରୁବାର ସନ୍ଧ୍ୟାରେ ଜଣାଇଦିଆଯାଇଛି। ମୋଟାବାଡି ସଙ୍ଗରୋଧ କେନ୍ଦ୍ର ଦାୟିତ୍ୱରେ ଥିବା ଜଣେ ଶିକ୍ଷୟିତ୍ରୀଙ୍କ କରୋନା ରିପୋର୍ଟ ପଜିଟିଭ ଆସିବା ପରେ ତାଙ୍କୁ କୋଭିଡ୍ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କସହ କାମ କରୁଥିବା ଅନ୍ୟ ୨ ଶିକ୍ଷୟିତ୍ରୀଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ହାସତ୍ତ୍ୱେ ମଧ୍ୟ ଲୋକମାନେ କୋଭିଡ୍ କଟକଣା ନ ମାନି ବିନା ମାସ୍କରେ ବୁଲିବା ସହ ଦୋକାନ ବଜାରରେ ଭିଡ ଜମାଉଥିଲେ। ଫଳରେ ଗୋଷ୍ଠୀ ସଂକ୍ରମଣ ଆଶଙ୍କା କରି ସରପଞ୍ଚ ଏପରି ନିଷ୍ପତ୍ତି ନେଇଛନ୍ତି।

## ଶହୀଦ ଚନ୍ଦ୍ରକାନ୍ତଙ୍କୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ଶ୍ରଦ୍ଧାଞ୍ଜଳି



ରାଇକିଆ ମୋଟର ଚାଳକ ସଂଘ ତରଫରୁ ଶ୍ରଦ୍ଧାଞ୍ଜଳି ଦିଆ ଯାଉଛି।

**ରାଇକିଆ,୧୮।୬(ଡ଼ି.ଏନ.ଏ)**

ଚୀନ ସୈନ୍ୟଙ୍କ ସହ ସଂଘର୍ଷବେଳେ ଶହୀଦ ହୋଇଥିବା ରାଇକିଆର ଚନ୍ଦ୍ରକାନ୍ତ ପ୍ରଧାନଙ୍କୁ ସହରର ବିଭିନ୍ନ ସଙ୍ଗଠନ ତରଫରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ନାଗରିକ ମଞ୍ଚ କାର୍ଯ୍ୟାଳୟରେ ସମସ୍ତ ସଦସ୍ୟ ଯୋଗ ଦେଇ ୨ ମିନିଟ ନୀରବ ପ୍ରାର୍ଥନା କରିବା ସହ ଚନ୍ଦ୍ରକାନ୍ତଙ୍କ ସ୍ମୃତିଚାରଣ କରିଥିଲେ। ମଞ୍ଚ ସଭାପତି ସୁଶାନ୍ତ କୁମାର ଜେନା, ସମ୍ପାଦକ ମେନେଶ୍ୱର ଦିଗାଳ, ଯୁଗ୍ମ ସମ୍ପାଦକ ମସେସ ଦିଗାଳ ପ୍ରମୁଖ ଉପସ୍ଥିତ ଥିଲେ। ରାଇକିଆ ମୋଟର ଚାଳକ ସଂଘ ତରଫରୁ ମଧ୍ୟ ଏକ ସଭାର ଆୟୋଜନ କରାଯାଇ ଶହୀଦ ଚନ୍ଦ୍ରକାନ୍ତଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରାଯାଇଥିଲା। ଏଥିସହ ଚାଇନା ସାମଗ୍ରୀ ବର୍ଜନ ପାଇଁ ମଧ୍ୟ ନିଷ୍ପତ୍ତି ନିଆଯାଇଥିଲା। ବସ୍‌ଷ୍ଟାଣ୍ଡ ଠାରେ ବଣିକ ସଂଘ ତରଫରୁ ଏକ ସଭା ଆୟୋଜନ କରାଯାଇ 'ଶହୀଦ ଚନ୍ଦ୍ରକାନ୍ତ ଅମର ରହେ' ସ୍ଲୋଗାନ ଦେବା ସହ ଚାଇନାର ଦୋମୁହାଁ ନୀତି ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସଂଘ ତରଫରୁ ସମସ୍ତ ସଦସ୍ୟ ଯୋଗ ଦେଇଥିବା ବେଳେ ସମ୍ପାଦକ ବିଜୟ ପଣ୍ଡା ନେତୃତ୍ୱ ନେଇଥିଲେ। ଗୁରବାର ବଣିକ ସଂଘର ପୂର୍ବ ନିଷ୍ପତ୍ତି କ୍ରମେ ରାଇକିଆ ସହରର ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା।

## ପାତ୍ରପୁର ଗାଁ ସିଲ୍

**ପାତ୍ରପୁର,୧୮।୬(ଡି.ଏନ୍.ଏ.)**

ପାତ୍ରପୁର ବ୍ଲକ ବାଦପୁରରେ ଗୁରୁବାର ଜଣେ ମହିଳା କରୋନା ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ତାଙ୍କୁ କୋଭିଡ୍ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି। ୩ଜଣ ଦୋକାନୀଙ୍କ କରୋନା ରିପୋର୍ଟ ପଜିଟିଭ ଆସିବା ପରେ ବୁଧବାର ରାତିରେ ଜିଲାପାଳ ପାତ୍ରପୁରକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରିଥିଲେ। ଚିକିଟି ଏସ୍‌ଡ଼ିପିଓ ସୁରେନ୍ଦ୍ର ନାଥ ମୁର୍ମୁ, ତହସିଲାଦର ଡ଼. ଶ୍ରୀନିବାସ ବେହେରା, ବିଡ଼ିଓ ପ୍ରକାଶ ଦାସ, ଜରଡ଼ା ଥାନା ଅଧିକାରୀ ମୃତ୍ୟୁଞ୍ଜୟ ସ୍ୱାଇଁ ପ୍ରମୁଖ ଗୁରୁବାର ଗାଁ ଚାରିପଟ ରାସ୍ତାକୁ ବାରିକେଡ ବାନ୍ଧି ସିଲ୍ କରିଛନ୍ତି। ସମସ୍ତ ଦୋକାନ ବଜାର ବନ୍ଦ ପାଇଁ କୁହାଯାଇଥିବାବେଳେ ଆବଶ୍ୟକସ୍ଥଳେ ମେଡ଼ିକାଲ ଯିବାକୁ ହେଲେ ଯାଞ୍ଚ କରି ଛଡ଼ାଯିବ।

# ଭଞ୍ଜନଗରରେ ୭ ଦୋକାନୀ ଆକ୍ରାନ୍ତ



ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜ ଚଢ଼ାଉ କରୁଛନ୍ତି।

**ଭଞ୍ଜନଗର,୧୮।୬(ଡି.ଏନ.ଏ)**

ଭଞ୍ଜନଗର ବ୍ଲକରେ ପୂର୍ବରୁ ଜଣେ ରାଶନ ଦୋକାନୀ ଆକ୍ରାନ୍ତ ହୋଇଥିବା ବେଳେ ଗୁରୁବାର ଆଉ ୭ଜଣ ବିଭିନ୍ନ ଦୋକାନୀ ଆକ୍ରାନ୍ତ ହୋଇଛନ୍ତି। ୬ ଆକ୍ରାନ୍ତ ଗାଲେରୀ ଅଞ୍ଚଳର ଏକ ଗ୍ରାମର ହୋଇଥିବାବେଳେ ଜଣେ ସେଲୁନ୍ ଦୋକାନୀ ଅଛନ୍ତି। ଅନ୍ୟ ଜଣେ ଦୁର୍ଗାପ୍ରସାଦ ଅଞ୍ଚଳର ଏକ ଗ୍ରାମର। ତେଣୁ ପ୍ରଶାସନ ପକ୍ଷରୁ ଅଧିକ ଆକ୍ରାନ୍ତ ଚିହ୍ନଟ ହୋଇଥିବା ଝାଲିଆଗୋଚ୍ଛା ଗ୍ରାମକୁ କଣ୍ଟେନ୍‌ମେଣ୍ଟ ଜୋନ ଘୋଷଣା କରିବା ପାଇଁ ପ୍ରସ୍ତୁତି ଚାଲିଛି। ଆକ୍ରାନ୍ତ ଦୋକାନୀମାନଙ୍କର କୌଣସି କରୋନା ଲକ୍ଷଣ ନ ଥିଲା। ଏହାପୂର୍ବରୁ ସଙ୍ଗରୋଧ କେନ୍ଦ୍ର ବାହାରୁ ଭଞ୍ଜନଗର ବ୍ଲକର ୫ଜଣଙ୍କ ରିପୋର୍ଟ ପଜିଟିଭ୍ ଆସିଥିଲା। ଗୁରୁବାର ସୁଦ୍ଧା ସଙ୍ଗରୋଧ କେନ୍ଦ୍ର ବାହାରୁ ଭଞ୍ଜନଗର ବ୍ଲକ ଓ ଏନ୍‌ଏସିରେ ୧୨ଜଣ ଆକ୍ରାନ୍ତ ହେଲେଣି। ଦୋକାନୀମାନେ ଆକ୍ରାନ୍ତ ହେବା ଦ୍ୱାରା ସାଧାରଣ ଲୋକଙ୍କ ପାଇଁ ବିପଦ ବଢ଼ିଯାଇଛି। ଅନ୍ୟପଟେ ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜଙ୍କ ନେତୃତରେ ଗୁରୁବାର ସହରର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବେନିୟମ ଭାବେ ଖୋଲିଥିବା ୩ ଗ୍ୟାରେଜ୍, ଗୋଟିଏ ଜୋତା ଦୋକାନ ଓ ଗୋଟିଏ ପାଇପ୍ ଦୋକାନକୁ ସିଲ୍ କରାଯାଇଛି।

# ଭଙ୍ଗା କୁଡ଼ିଆରେ ଅସହାୟ ବୃଦ୍ଧ ଦମ୍ପତି

### ମିଳୁଛି ୫୦୦ ଟଙ୍କା, ୧୦ କେଜି ଚାଉଳ

**ଖଜୁରିପଡ଼ା/ବଲସକୁମ୍ପା,୧୮।୬(ଡି.ଏନ୍.ଏ.)**

ଖଜୁରିପଡ଼ା ବ୍ଲକ ଟିଗ୍ରାପଙ୍ଗା ପଞ୍ଚାୟତ ଭୁଲ୍ଲାକନାଲି ଗ୍ରାମର ଅନ୍ତର୍ଯ୍ୟାମୀ ଦିଗାଲ (୭୫) ଓ ସ୍ତ୍ରୀ ରଇବାରି (୭୦)। ବୟସାଧିକ୍ୟ ଯୋଗୁ ଆଖିକୁ ଭଲ ଦିଶୁ ନ ଥିବାବେଳେ ଓଳିଏ ଖାଇଲେ ଆର ଓଳିକୁ ଉପାସ ରହୁଛନ୍ତି। ଏକମାତ୍ର ଝିଅର ବିବାହ ପରେ ଦେଖାଶୁଣା କରିବାକୁ କେହି ନାହାନ୍ତି। ଅନ୍ତର୍ଯ୍ୟାମୀଙ୍କୁ ୫ଶହ ଟଙ୍କା ବିକଳାଙ୍ଗ ଭତ୍ତା ମିଳୁଥିବାବେଳେ ରାଶନ କାର୍ଡରେ ୧୦ କେଜି ଚାଉଳ ମିଳୁଛି। ମାତ୍ର ଏଥିରେ ସେମାନେ ଚଳି ପାରୁନାହାନ୍ତି। ରଇବାରିଙ୍କ କହିବା ଅନୁଯାୟୀ, ୧୦ବର୍ଷ ହେବ ସ୍ୱାମୀ ପକ୍ଷାଘାତ ଯୋଗୁ ଚାଲିବୁଲି ପାରୁ ନ ଥିବାବେଳେ ଦେଖା ଯାଉନାହିଁ। ମୋତେ ମଧ୍ୟ ଭଲରେ ଦିଶୁନାହିଁ। ଝାଟିମାଟି କୁଡିଆରେ ରହୁଥିବାବେଳେ କାଳବୈଶାଖି ଯୋଗୁ ଛପର ଉଡି ଯାଇଛି। ଏନେଇ ବଲସକୁମ୍ପା ଆର୍‌ଆଇଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ସହାୟତା ମିଳିନାହିଁ। ପଞ୍ଚାୟତ ଠାରୁ ବ୍ଲକ ପର୍ଯ୍ୟନ୍ତ ଗୁହାରି କରି ମଧ୍ୟ ଆବାସ ଯୋଜନାରେ ଘର ଖଣ୍ଡେ ମିଳୁନାହିଁ। ଏନେଇ ବଲସକୁମ୍ପା ଆର୍‌ଆଇଙ୍କୁ ପଚାରିବାରୁ ପୁନଃ ଆବେଦନ କଲେ ପଲିଥିନ ଯୋଗାଇ ଦିଆଯିବ ବୋଲି କହିଛନ୍ତି। ତୁରନ୍ତ ପ୍ରଶାସନ ଏହି ବୃଦ୍ଧ ଦମ୍ପତିଙ୍କୁ ସହାୟତା ସହ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ଦାବି କରିଛନ୍ତି ଅଞ୍ଚଳବାସୀ।



ଅସହାୟ ବୃଦ୍ଧ ଦମ୍ପତି।

## ବଜ୍ରପାତରେ ମଇଁଷି ମୃତ

ଭୁବନ, ୧୮।୬(ଡି.ଏନ.ଏ.)- ଭୁବନ ଏନ୍ଏସି ଅଧୀନ ୧୫ନଂ. ୱାର୍ଡର ପବିତ୍ର ବେହେରାଙ୍କ ଏକ ମଇଁଷିର ଗୁରୁବାର ବଜ୍ରପାତରେ ମୃତ୍ୟୁ ଘଟିଛି। କାଲୁଣି ପୀଠ ନିକଟରେ ମଇଁଷି ପଲ ଚରୁଥିବାବେଳେ ବଜ୍ରପାତ ହୋଇଥିଲା। ଆର୍ଆଇ ଶ୍ରୀକାନ୍ତ କୁମାର ପରିଡ଼ା, ପ୍ରାଣୀଧନ ଚିକିତ୍ସକ ଶୁଭ୍ରାଂଶୁ ଶେଖର ବାରିକ ଘଟଣାର ତଦନ୍ତ କରିଛନ୍ତି। ମୃତ ମଇଁଷିର ଆନୁମାନିକ ମୂଲ୍ୟ ୪୦ ହଜାର ଟଙ୍କା ହେବ ବୋଲି ଜଣାପଡ଼ିଛି।



## ସଂକ୍ଷେପରେ

### ବଦଳିଲେ ଅନୁଗୋଳ ସିଡିଏମ୍ଓ

ଅନୁଗୋଳ ଅଫିସ, ୧୮।୬: ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଗୁରୁବାର ୩୦ ଜଣ ଡାକ୍ତରଙ୍କ ପଦୋନ୍ନତି ସହ ବଦଳି କରାଯାଇଛି। ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡିଏମ୍ଓ) ପ୍ରତାପ କୁମାର ବେହେରାଙ୍କୁ କଳାହାଣ୍ଡି ଜିଲା ସିଡିଏମ୍ଓ ଦାୟିତ୍ୱ ଦିଆଯାଇଛି। ସେହିପରି ଢେଙ୍କାନାଳ ଜିଲାର ଏଡିଏମ୍ଓ ମେଡିକାଲ ଭାବେ କାର୍ଯ୍ୟ କରୁଥିବା ଡାକ୍ତର ଅଭୟ କୁମାର ଦାଶଙ୍କୁ ପଦୋନ୍ନତି ସହ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଭାବେ ବଦଳି କରାଯାଇଛି। ଅନୁଗୋଳ ସିଡିଏମ୍ଓ ବେହେରା ଗତ ଫେବୃଆରୀ ୨୯ରୁ ଏଠାରେ କାର୍ଯ୍ୟରତ ଥିଲେ।

### ଦୁର୍ଘଟଣାରେ ବୃଦ୍ଧ ମୃତ

କାମାକ୍ଷାନଗର, ୧୮।୬(ଡି.ଏନ.ଏ.): କାମାକ୍ଷାନଗର ଥାନା ଆଲୁଅଝରଣ ନିକଟରେ ଗୁରୁବାର ଅପରାହ୍ନରେ ଦୁର୍ଘଟଣାରେ କୀର୍ତ୍ତନ ଜେନା (୭୫)ଙ୍କ ମୃତ୍ୟୁ ଘଟିଛି। ସେ ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିବାବେଳେ ଏକ ଟାଟା ଏସିଇ (ନଂ. ଓଡି ୨୯ ସି ୪୬୫୦) ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପୋଲିସ ଗାଡ଼ି ଜବତ କରି ତଦନ୍ତ ଆରମ୍ଭ କରିଛି।

### ଗଣ୍ଡଗୋଳ, ୨ ମାମଲା ରୁଜୁ

ବଇଣ୍ଡା, ୧୮।୬(ଡି.ଏନ.ଏ.): ହଣ୍ଡପା ଥାନା ଉଡଲ ଗ୍ରାମର ରଞ୍ଜିତା ବେହେରାଙ୍କୁ ତାଙ୍କ ଭାଇ କଣ୍ଡାଳ ଗ୍ରାମର ରୋହିତ ବେହେରା ଓ ସାଙ୍ଗ କରୁଣାକର ବେହେରା ମାଡ଼ ମାରିବା ସହ ହତ୍ୟା ଧମକ ଦେଇଥିବା ବୁଧବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏ ନେଇ ନଂ. ୧୩୦/୨୦ରେ ମାମଲା ରୁଜୁ କରିଛି। ରଞ୍ଜିତା ପ୍ରେମ ବିବାହ କରିଥିବାରୁ ଏହାକୁ ବିରୋଧ କରି ତାଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ସେହିପରି ବିଲେଇନାଳୀ ଗ୍ରାମର ତ୍ରିନାଥ ସେଠୀଙ୍କୁ ତାଙ୍କ ଭାଇ ପ୍ରଶ୍ନ ସେଠୀ, ଭାଉଜ ଦୁଃଖୀ ସେଠୀ ବୁଧବାର ଠେଙ୍ଗାରେ ମାଡ଼ ମାରିଥିବା ଅଭିଯୋଗରେ ପୋଲିସ ନଂ. ୧୨୯/୩୦ରେ ମାମଲା ରୁଜୁ କରିଛି।

### ରେଲୱେ ଚୋରି ସାମଗ୍ରୀ ଉଦ୍ଧାର, ୫ ଗିରଫ

କଣିହାଁ, ୧୮।୬(ଡି.ଏନ.ଏ.): ଅନୁଗୋଳ ଜିଲା କଣିହାଁ ବ୍ଲକ ସମଲ ଥାନା ପୋଲିସ ରେଲୱେ ସାମଗ୍ରୀ ଚୋରି ଓ ଏହାକୁ କିଣିଥିବା ଅଭିଯୋଗରେ ମୋଟ୍ ୫ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଗହମ ଗ୍ରାମର ନୃସିଂହ ବାରିକ, ସୌରଭ ଦାସ, ମଧୁସୂଦନ ବେହେରା, ବାପୁନ ସାହୁ ଓ ସିଲିଂ ଗ୍ରାମର ରାଜେଶ। ତାଳଚେର-ବିମଳାଗଡ ରେଳପଥ ନିର୍ମାଣ ପାଇଁ ବାରୁଆଁଠାରେ ଥିବା ଠିକାସଂସ୍ଥା କ୍ୟାମ୍ପରୁ ଗତ ୧୨ ତାରିଖରେ ରାତିରେ ଗାଡ଼ି ବ୍ୟାଟେରି ଓ ଅନ୍ୟାନ୍ୟ ଜିନିଷ ଚୋରି ପରେ ବିକ୍ରି କରାଯାଇଥିବା ପୋଲିସ ସୂଚନା ଦେଇଛି।

### ମହିଳାଙ୍କୁ ମରଣାନ୍ତକ ଆକ୍ରମଣ

ଛେଣ୍ଡିପଦା,୧୮।୬(ସ୍ୱ.ପ୍ର.): ଅନୁଗୋଳ ଜିଲା ଜରପଡା ଥାନା ନାଉପଦା ଗ୍ରାମର ମିନା ଖିଲାର(୨୩)ଙ୍କୁ ଗୁରୁବାର ମରଣାନ୍ତକ ଆକ୍ରମଣ ହୋଇଛି। ଏ ନେଇ ବାପା ମହରଗା ଖିଲାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୧୩୩/୨୦ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗରୁ ଜଣାଯାଏ, ବିବାହ ପରଠାରୁ ମିନାଙ୍କୁ ସ୍ୱାମୀ ରଣଜିତ ନିର୍ଯାତନା ଦେଉଥିବାରୁ ସେ ବାପାଙ୍କ ସହ କଟକ ପଳାଇଥିଲେ। ଗତ ୧୨ ତାରିଖରେ ମିନା ପୈତୃକ ଘର ନାଉପଦା ଆସିଥିବା ବେଳେ ବୁଧବାର ରାତିରେ ରଣଜିତ, ତାଙ୍କ ଭଉଣୀ ରୀତା ଖିଲାର ଓ ଭିଣୋଇ ଜଗା ବାଘ ସେଠାରେ ପହଞ୍ଚି ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଥାନା ଅଧିକାରୀ ପ୍ରଦୀପ କୁମାର ପ୍ରଧାନ କହିଛନ୍ତି, ଅଭିଯୋଗ ପରେ ମାମଲା ରୁଜୁ କରାଯିବା ସହ ଘଟଣାର ତଦନ୍ତ ଚାଲିଛି।

### ୨୦ ହଜାର ଟଙ୍କା ଜରିମାନା ଆଦାୟ

କାମାକ୍ଷାନଗର, ୧୮।୬(ଡି.ଏନ.ଏ.): ବେଆଇନ ଭାବେ ବାଲି ଚାଲାଣ କରୁଥିବା ୨ ଟ୍ରାକ୍ଟରକୁ କାମାକ୍ଷାନଗର ବ୍ଲକ ତୁମୁସିଙ୍ଗା ଆର୍ଆଇ ବିଶ୍ୱମ୍ଭର ପ୍ରଧାନ ଜବତ କରିଛନ୍ତି। ଜବତ ଟ୍ରାକ୍ଟର ମାଲିକଙ୍କ ନିକଟରୁ ୧୦ ହଜାର ଟଙ୍କା ଲେଖାଏ ଜରିମାନା ଆଦାୟ କରାଯାଇଛି। ତହସିଲଦାର ସଞ୍ଜୟ କୁମାର ରାଉତଙ୍କ ନିର୍ଦ୍ଦେଶରେ ଏହି ଚଢ଼ାଉ କରାଯାଇଥିଲା।

# ବସ୍‌କୁ ଯାତ୍ରୀ ଅଭାବ

- କ୍ଷତିରେ ଚାଲୁଛି ଓଏସ୍ଆର୍‌ଟିସି
- ଉଠୁନି ତେଲ ବାବଦ ଖର୍ଚ୍ଚ
- ୩ ରୁଟ୍‌ରୁ ଗୋଟିଏରେ ବନ୍ଦ

ଅନୁଗୋଳ ଅଫିସ, ୧୮।୬

ଲକ୍‌ଡାଉନ ବେଳେ ଯାତ୍ରୀ ପରିବହନ ସେବା ଚାଲୁ କରିବା ନେଇ ବିଭିନ୍ନ ଆଡୁ ଦାବି ଉଠୁଥିଲା। ସମୟ ସୁବିଧା ଦେଖି ସରକାର କଟକଣା କୋହଳ କଲେ ଓ ବସ୍ ସେବାକୁ ଅନୁମତି ଦେଲେ। ହେଲେ ଏବେ ବସ୍‌କୁ ହେଉନାହାନ୍ତି ଯାତ୍ରୀ। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଲୋକେ ଅନ୍ୟତ୍ର ଯିବାକୁ ଇଚ୍ଛା କରୁ ନ ଥିବାରୁ ଅନୁଗୋଳ ଜିଲାରେ ଘରୋଇ ବସ୍‌ଗୁଡ଼ିକ ପ୍ରାୟତଃ ଚଳାଚଳ କରୁନାହିଁ। ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍ଆର୍‌ଟିସି) ପକ୍ଷରୁ ଯେଉଁ କେତୋଟି ରୁଟ୍‌ରେ ବସ୍ ଚଳାଯାଉଛି ସେଥିରେ ତେଲ ଖର୍ଚ୍ଚ ଉଠୁନି। ବହୁ କ୍ଷତି ହେଉଥିବାରୁ ଏବେ ୩ଟି ରୁଟ୍ ମଧ୍ୟରୁ ଗୋଟିଏରେ ବସ୍ ଚଳାଚଳକୁ ବନ୍ଦ କରାଯାଇଛି। ଓଏସ୍ଆର୍‌ଟିସି ଅନୁଗୋଳ ୟୁନିଟ୍ ଇନ୍‌ଚାର୍ଜ ମାଗୁଣି ମହାନ୍ତିଙ୍କ କହିବା ଅନୁଯାୟୀ, ଗତ ୮ ତାରିଖ ଠାରୁ ରାଜ୍ୟରେ ଓଏସ୍ଆର୍‌ଟିସିର ବସ୍ ସେବା ଆରମ୍ଭ ହୋଇଛି। ଅନୁଗୋଳ ୟୁନିଟ୍‌କୁ ୩ଟି ରୁଟ୍ ଜୟପୁର, ବାରିପଦା ଓ ଫୁଲବାଣୀକୁ ବସ୍ ଚଳାଇବାକୁ ଅନୁମତି ମିଳିଥିଲା। କିନ୍ତୁ ଫୁଲବାଣୀ ରୁଟ୍‌ରେ ଆଦୌ ଯାତ୍ରୀ ନ ହେବାରୁ ଏହାକୁ ବନ୍ଦ କରି ଦିଆଯାଇଛି। ଜୟପୁରକୁ ଯାଉଥିବା ଗାଡ଼ିରେ ମଧ୍ୟ ଯାତ୍ରୀ ହେଉନାହାନ୍ତି। ଏବେ ସେହି ରୁଟ୍‌ରେ ପ୍ରାୟ କ୍ଷତି ସହିବାକୁ ପଡୁଛି। ବାରିପଦା ଯାଉଥିବା ବସ୍‌ର ମଧ୍ୟ ସମାନ ଅବସ୍ଥା। କେବେ କେମିତି ଯାତ୍ରୀ ହେଲେ ସେଦିନର ତେଲ ଖର୍ଚ୍ଚ ଉଠୁଛି ନ ହେଲେ ହାତରୁ ଭରଣା କରିବାକୁ ପଡୁଛି। ତେଲ ଓ ମରାମତି ଖର୍ଚ୍ଚ ଉଠିଗଲେ ଗାଡ଼ି ଚଳାଚଳରେ କୌଣସି ଅସୁବିଧା ହୁଅନ୍ତା ନାହିଁ। ଯଦି ଏହି ଖର୍ଚ୍ଚ ନ ଉଠିବ ତାହେଲେ ବସ୍ ଚଳାଚଳ ସମ୍ଭବ ନୁହେଁ ବୋଲି ମହାନ୍ତି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଘରୋଇ ବସ୍ ଚଳାଚଳ ଏ ପର୍ଯ୍ୟନ୍ତ ସ୍ୱାଭାବିକ ହୋଇପାରୁନି। ଜିଲା ମଧ୍ୟରେ କାଁ ଭାଁ ବସ୍ ଚାଲିଥିବାବେଳେ ଯାତ୍ରୀ ନ ଥିବାରୁ ବାହାର ଜିଲାକୁ ଗାଡ଼ି ଗଡୁନାହିଁ। ଏମିତିକି ଗାଡ଼ି ଚଳାଇବାକୁ ଆସୁଥିବା ଚାଳକଙ୍କୁ ଆଉ ଗାଁ ଲୋକେ ସେଠାକୁ ଫେରିବାକୁ ଅନୁମତି ଦେବାକୁ ରାଜି ହେଉନାହାନ୍ତି। ତେଣୁ ବସ୍ ଚଳାଚଳ ସ୍ୱାଭାବିକ ହେବାକୁ ଆହୁରି ସମୟ ଲାଗିବ ବୋଲି ଘରୋଇ ବସ୍ ମାଲିକ ପକ୍ଷରୁ ସୂଚନା ମିଳିଛି।



ଅନୁଗୋଳରେ ଥିବା ଓଏସ୍ଆର୍‌ଟିସି ଅଫିସ।

# ବାଳସୁଧାର ଗୃହରୁ ୪ ଅନ୍ତେବାସୀ ଫେରାର

- ଝରକା ଗ୍ରୀଲ୍ ଭାଙ୍ଗି ମାରିଥିଲେ ଚମ୍ପଟ
- ୨ ଜଣଙ୍କୁ ଧରିବାରେ ପୋଲିସ ସକ୍ଷମ

ଅନୁଗୋଳ ଅଫିସ, ୧୮।୬

ଅନୁଗୋଳ ବାଳସୁଧାର ଗୃହରୁ ୪ ଜଣ ଅନ୍ତେବାସୀ ବୁଧବାର ବିଳମ୍ବିତ ରାତିରେ ଚମ୍ପଟ ମାରିଥିଲେ। ବାଳସୁଧାର ଗୃହ କର୍ତ୍ତୃପକ୍ଷ ଏ ନେଇ ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ୨ ଜଣଙ୍କୁ ଧରିବାରେ ସକ୍ଷମ ହୋଇଛି। ଅନ୍ୟ ଦୁଇ ଜଣ ଫେରାର ରହିଥିବା ସୂଚନା ମିଳିଛି। ପ୍ରକାଶ ଯେ, ଅନୁଗୋଳ ଜିଲା ଠାକୁରଗଡ଼ ଥାନା ପାଇକସାହିଠାରେ ଏକ ବ୍ୟାଙ୍କ ଡକାୟତି ଘଟଣାରେ ସମ୍ପୃକ୍ତ ଦୁଇ ନାବାଳକଙ୍କୁ ଗିରଫ କରି ପୋଲିସ ବାଳସୁଧାର ଗୃହରେ ଛାଡ଼ିଥିଲା। ଅନ୍ୟ ଦୁଇଜଣ ବଳାତ୍କାର ମାମଲାରେ ଗିରଫ ହୋଇ ଏଠାରେ ଥିଲେ। ନୂଆ କରି ଆସିଥିବା ଅନ୍ତେବାସୀଙ୍କ ପାଇଁ ତିନି ନମ୍ବର ରୁମ୍‌କୁ କର୍ତ୍ତୃପକ୍ଷ କ୍ୱାରାଣ୍ଟାଇନ୍ ରୁମ୍ କରିଥିବାରୁ ସେଥିରେ ୫ଜଣ ରହିଥିଲେ। ତେବେ ବୁଧବାର ରାତିରେ ୪ ଅନ୍ତେବାସୀ ଝରକା ଗ୍ରୀଲ ଭାଙ୍ଗି ଚମ୍ପଟ ମାରିଥିଲେ। ସକାଳୁ ଜେଲ କର୍ତ୍ତୃପକ୍ଷଙ୍କ ସହ କର୍ମଚାରୀମାନେ ଘଟଣା ସମ୍ପର୍କରେ ଅବଗତ ହୋଇଥିଲେ। ଏହାପରେ ବାଳସୁଧାର ଗୃହ କର୍ତ୍ତୃପକ୍ଷ ଅନୁଗୋଳ ଥାନାରେ ଅଭିଯୋଗ କରିଥିଲେ। ସହରରେ ଖୋଜାଖୋଜି ବେଳେ ଜଣେ ନାବାଳକ ଅନ୍ତେବାସୀଙ୍କୁ ପୋଲିସ ବଡ଼କେରା ଛକ ନିକଟରେ ମାଡ଼ି ବସିଥିଲା। ଅନ୍ୟ ଜଣଙ୍କୁ ତାଙ୍କ ପରିବାର ଲୋକେ ଆଣି ସକାଳ ୮ଟାରେ ବାଳସୁଧାର ଗୃହ କର୍ତ୍ତୃପକ୍ଷଙ୍କୁ ଜିମା ଦେଇଥିଲେ ବୋଲି ସୁପରିଣ୍ଟେଣ୍ଡେଣ୍ଟ ଅମିର୍ କୁମାର ନାଥଶର୍ମା ସୂଚନା ଦେଇଛନ୍ତି। ଅନ୍ୟ ଦୁଇ ଜଣଙ୍କୁ ପୋଲିସ ଖୋଜା ଖୋଜି ଜାରି ରଖିଛି।

# ଆଇନ ସହାୟତା କେନ୍ଦ୍ର ଉଦ୍‌ଘାଟିତ


ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସହାୟତା କେନ୍ଦ୍ର ଉଦ୍‌ଘାଟିତ।

ଅନୁଗୋଳ ଅଫିସ, ୧୮।୬

ଅନୁଗୋଳ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ପ୍ରବାସୀ ଓ ଅସହାୟ ଶ୍ରମିକମାନଙ୍କ ସହାୟତା ପାଇଁ ଏକ ଆଇନ ସହାୟତା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଜିଲା ଓ ଦୌରାଜଜ୍ ତଥା ଜିଲା ଆଇନସେବା ପ୍ରାଧିକରଣ ଅନୁଗୋଳର ଅଧ୍ୟକ୍ଷ ଅଶାନ୍ତ କୁମାର ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ମନୋଜ କୁମାର ମହାନ୍ତି, ଭିଜିଲାନ୍ସ ଜଜ୍ ସୌମେନ୍ଦ୍ର କୁମାର ରାଜଗୁରୁ, ଅତିରିକ୍ତ ଜିଲା ଓ ଦୌରାଜଜ୍ ସୌମ୍ୟକ୍ ପାତ୍ର, ଜିଲା ଆଇନସେବା ପ୍ରାଧିକରଣର ସଚିବ ଏସ୍. ଶୁଭଲକ୍ଷ୍ମୀ, ପିଡିଡିଆର୍‌ଡିଏ ଅତୁଲ୍ୟ କୁମାର ଚମ୍ପତିରାୟ, ଜିଲା ଆଇନସେବା ପ୍ରାଧିକରଣର ସମ୍ମୁଖ କାର୍ଯ୍ୟାଳୟର ରିଟେନର ହୃଦୟନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସହାୟତା ପାଇଁ ରାଜ୍ୟ ଆଇନସେବା ପ୍ରାଧିକରଣର ସହାୟତା ନମ୍ବର ୧୫୦୬, ଜିଲା ଆଇନସେବା ପ୍ରାଧିକରଣଙ୍କ ସହାୟତା ନମ୍ବର. ୦୬୭୬୪-୨୩୦୧୧୨ ଓ ସମ୍ମୁଖ କାର୍ଯ୍ୟାଳୟରେ କାର୍ଯ୍ୟରତ ରିଟେନରଙ୍କ ନମ୍ବର ୮୯୧୭୨୯୯୦୩୩ରେ ଯୋଗାଯୋଗ ପାଇଁ ସୂଚନା ଦିଆଯାଇଛି।

# କୂଅରେ ପଡ଼ି ଜୀବନ ଗଲା

ଭାପୁର, ୧୮।୬(ଡି.ଏନ.ଏ.)

ଢେଙ୍କାନାଳ ସଦର ଥାନା ଉପର ନଟକଟା ଗ୍ରାମର ଚଇନ ପଧାନ (୪୫)ଙ୍କ ବୁଧବାର ରାତିରେ କୂଅରେ ଖସିପଡ଼ି ମୃତ୍ୟୁ ଘଟିଛି। ଗାଁ ଦାଣ୍ଡରେ ଥିବା ଉକ୍ତ କୂଅର ଚାରିପଟେ ବାଡ଼ ନ ଥିବାରୁ ଏପରି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି। କୌଣସି କାର୍ଯ୍ୟରେ ଚଇନ ବାହାରକୁ ଯାଇଥିଲେ। ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ପରେ ତାଙ୍କୁ କୂଅ ଭିତରୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ସହାୟତାରେ ଜିଲା ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

# ଢେଙ୍କାନାଳ ରଥଯାତ୍ରା ବନ୍ଦ

ଢେଙ୍କାନାଳ ଅଫିସ, ୧୮।୬

ଢେଙ୍କାନାଳର ପ୍ରସିଦ୍ଧ ରଥଯାତ୍ରା ଚଳିତବର୍ଷ ହେବନାହିଁ। ଶ୍ରୀକ୍ଷେତ୍ରର ନୀତି ଓ ପରମ୍ପରା ଅନୁଯାୟୀ ଏଠାରେ ପ୍ରତିବର୍ଷ ରଥଯାତ୍ରା ଅନୁଷ୍ଠିତ ହେଉଥିଲା। ଚଳିତବର୍ଷ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସୁପ୍ରିମ୍‌କୋର୍ଟ ରଥଯାତ୍ରା ଉପରେ ଅଙ୍କୁଶ ଲଗାଇଛନ୍ତି। ତଦନୁଯାୟୀ ଢେଙ୍କାନାଳର ରଥଯାତ୍ରା ବନ୍ଦ ରହିବ ବୋଲି ସ୍ପଷ୍ଟ ହୋଇଛି। ତେବେ ମହାପ୍ରଭୁ ଶ୍ରୀ ବଳରାମଜୀଉଙ୍କ ମନ୍ଦିର ବେଢ଼ାରେ ଠାକୁରଙ୍କ ଘୋଷଯାତ୍ରା ପ୍ରତୀକାତ୍ମକ ଭାବେ କରାଯିବ ବୋଲି ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି।

ରଥଯାତ୍ରାରେ ଜନସମାଗମକୁ ନିଷେଧ କରାଯାଇଛି। ସୀମିତ ସେବକଙ୍କୁ ନେଇ ଗୁଣ୍ଡିଚା ଏବଂ ବାହୁଡ଼ା ଯାତ୍ରାର ନୀତି ସମାପନ ହେବ। ସାନରଥରେ ରାଜବାଟୀରେ ପୂଜା ପାଉଥିବା ବିଗ୍ରହ ବିଜେ କରୁଥିଲେ। ବିଗ୍ରହଙ୍କୁ ଶ୍ରୀବଳରାମ ଜୀଉଙ୍କ ମନ୍ଦିରକୁ ଅଣାଯାଇ ନୀତିକାନ୍ତି କରାଯିବ। ଏଥିରେ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ଜିଲାପାଳ ସମସ୍ତଙ୍କୁ ନିବେଦନ କରିଛନ୍ତି। ଢେଙ୍କାନାଳ ଇତିହାସରେ ରଥଯାତ୍ରା କେବେ ବନ୍ଦ ହୋଇ ନ ଥିଲା। ଚଳିତବର୍ଷ ପ୍ରଥମ ଥର ପାଇଁ ଏପରି ବ୍ୟତିକ୍ରମ ହୋଇଥିବା ରାଜପୁରୋଧା ପଞ୍ଚାନନ ମିଶ୍ର ସୂଚନା ଦେଇଛନ୍ତି।


ଢେଙ୍କାନାଳ ବଳରାମ ମନ୍ଦିର।

# ଟ୍ରକ୍ ଅଟକାଇ ଲୁଟ୍, ୩ ଗିରଫ

ବଇଣ୍ଡା, ୧୮।୬(ଡି.ଏନ.ଏ.)

କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ହଣ୍ଡପା ଥାନା ଗୁଣ୍ଡୁରୀମୁଣ୍ଡାଠାରେ ବୁଧବାର ବିଳମ୍ବିତ ରାତିରେ ଏକ ଅମୁଲ ବୋଝେଇ ଟ୍ରକ୍‌ରୁ ଲୁଟ୍ ହୋଇଛି। ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ହଣ୍ଡପା ପୋଲିସ ଗୁରୁବାର ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପୁରୁଣାକୋଟ ଗ୍ରାମର ଧ୍ରୁବ ପ୍ରଧାନ, ଜରଡା ଗ୍ରାମର ଶ୍ରୀମୁଖ ସିଂ, ପପୁନ ମାଝି। ଏ ସଂକ୍ରାନ୍ତରେ ନଂ. ୧୩୧/୨୦ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ହଣ୍ଡପା ଥାନା ସେକେଣ୍ଡ ଅଫିସର ସରୋଜ ଦାସଙ୍କ ସୂଚନା ଅନୁଯାୟୀ, ସମ୍ବଲପୁର ଅଇଁଠାପାଲି ଗ୍ରାମର ସାଜିତ ହୁସେନ ଏକ ଅମୁଲ ବୋଝେଇ ଟ୍ରକ୍(ନଂ. ଓଆର ୧୫ ପି ୨୭୮୬) ଧରି କଟକରୁ ସମ୍ବଲପୁର ଅଭିମୁଖେ ଆସୁଥିଲେ। ଗୁଣ୍ଡୁରୀମୁଣ୍ଡାଠାରେ ଧ୍ରୁବ, ଶ୍ରୀମୁଖ, ପପୁନ ଟ୍ରକ୍ ଅଟକାଇ ଏକ ଲୁହା ରଡ୍‌ରେ ଗାଡ଼ି କାଚ ଭାଙ୍ଗିଦେଇଥିଲେ। ଏଥିସହ ସାଜିତଙ୍କୁ ଆକ୍ରମଣ କରି ୧୧ ହଜାର ଟଙ୍କା ଲୁଟି ନେଇଥିଲେ। ସାଜିତ ଏ ନେଇ ଥାନାରେ ଅଭିଯୋଗ କରିଥିଲେ।

# ଦିନ ୨ଟା ଯାଏ ଖୋଲିବ ଦୋକାନ

ଛେଣ୍ଡିପଦା,୧୮।୬(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ କୋଶଳା ପଞ୍ଚାୟତକୁ ଗୁରୁବାର ସକାଳୁ ୨୪ ଘଣ୍ଟା ପାଇଁ ଶଟ୍‌ଡାଉନ କରାଯାଇଥିଲା। କୋଶଳା ସଙ୍ଗରୋଧ କେନ୍ଦ୍ରରୁ କେତେଜଣ ଯୁବକ ସ୍ଥାନୀୟ ବଜାରକୁ ଆସିଥିବା ଜଣାପଡିବା ପରେ ସରପଞ୍ଚ ବିଳାସ ସାହୁ ଏହି ପଦକ୍ଷେପ ନେଇଥିଲେ। ସେହିପରି ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ସକାଳ ୭ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ସ୍ଥାନୀୟ ଅଞ୍ଚଳରେ ଦୋକାନ ବଜାର ଖୋଲା ରହିବ ବୋଲି କୁହାଯାଇଛି। ତେବେ ଔଷଧ ଦୋକାନଗୁଡ଼ିକ ପୂର୍ବବତ୍ ଖୋଲିବ ବୋଲି ଜଣାଯାଇଛି।

# ପ୍ରଶାସନ ସହ ଆଲୋଚନା ବିଫଳ

## ଡିପୋ ସ୍ଥାନାନ୍ତର ପ୍ରସଙ୍ଗ

ବଇଣ୍ଡା,୧୮।୬(ଡି.ଏନ.ଏ.)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ପଞ୍ଚାୟତ ଗୁଣ୍ଡୁରୀମୁଣ୍ଡା ଗ୍ରାମରେ ନିର୍ମାଣ ହୋଇଥିବା ଏକ କୋଇଲା ଡିପୋକୁ ବିରୋଧ କରି ସପ୍ତାହେ ହେଲା ଗ୍ରାମବାସୀ ରାସ୍ତା ଅବରୋଧ କରିଥିବା ବେଳେ ଗୁରୁବାର ପ୍ରଶାସନ ସହ ଆଲୋଚନା ବିଫଳ ହୋଇଛି। ଅପରାହ୍ନରେ ତହସିଲଦାର ଡ. ଲକ୍ଷ୍ମୀପ୍ରସାଦ ସାହୁ, ଆଠମଲ୍ଲିକ ଏସ୍‌ଡିପିଓ ଭବାନୀଶଙ୍କର ଉଦ୍‌ଗାତା, ହଣ୍ଡପା ଆଇଆଇସି ଲବ ବୋଡ଼ା, ମାହେଶ୍ୱରୀ ଆଞ୍ଚଳିକ କ୍ଷତିଗ୍ରସ୍ତ କମିଟି ସଭ୍ୟ ବିଶ୍ୱଜିତ ମିଶ୍ର, ଅରବିନ୍ଦ ସାହୁ, ବିନାୟକ ବିଶ୍ୱାଳ, ବିଲେଇନାଳୀ ସରପଞ୍ଚ ନବକିଶୋର ସାହୁ, ପ୍ରଦୀପ ବେହେରା, ଅଜିତ ପଟ୍ଟନାୟକ, ବିଶ୍ୱରଞ୍ଜନ ପ୍ରଧାନଙ୍କ ସମେତ ଗ୍ରାମବାସୀଙ୍କ ମଧ୍ୟରେ ବୈଠକ ଅନୁଷ୍ଠିତ ହୋଇଥିଲା। ଗ୍ରାମବାସୀ କହିଥିଲେ ଯେ, ସେମାନଙ୍କ ଅଜାଣତରେ ଏହି ଡିପୋ ନିର୍ମାଣ କରାଯାଇଛି। ଏଥିଯୋଗୁ ୨୦ ଗ୍ରାମର ଲୋକେ ପ୍ରଦୂଷଣର ଶିକାର ହେବେ। ତେଣୁ ଏଠାରୁ ଡିପୋକୁ ସ୍ଥାନାନ୍ତର କରାଯାଉ ବୋଲି ବୈଠକରେ ଦାବି କରାଯାଇଥିଲା। ତେବେ ଏହି ଆଲୋଚନା ବିଫଳ ହୋଇଥିବା ସୂଚନା ମିଳିଛି। ଅପରପକ୍ଷରେ କୋଇଲା ନେଇ ଆସିଥିବା ଶତାଧିକ ଟ୍ରକ୍ ରାଜପଥ ପାର୍ଶ୍ୱରେ ଅଟକି ରହିଥିବା ବେଳେ ବୁଧବାର ରାତିରେ କେତେଜଣ ଯୁବକ ଅନ୍‌ଲୋଡିଂ ପାଇଁ ଯୋଜନା କରୁଥିଲେ। ଏହାକୁ ନେଇ ଗ୍ରାମବାସୀଙ୍କ ସହ ସେମାନଙ୍କ ବଚସା ହୋଇଥିଲା। ସମ୍ପୃକ୍ତ ଯୁବକମାନେ ଗ୍ରାମବାସୀଙ୍କୁ ହତ୍ୟା ଧମକ ଦେଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଏସ୍‌ଡିପିଓ ଉଦ୍‌ଗାତା କହିଛନ୍ତି, ଗ୍ରାମବାସୀଙ୍କ ସହ ଆଲୋଚନା ହୋଇଥିଲା। କୋଇଲା ଡିପୋ କରିଥିବା କମ୍ପାନୀର ଉଚ୍ଚ ପଦାଧିକାରୀ ଆସି ଗ୍ରାମବାସୀଙ୍କ ସମସ୍ୟା ସମାଧାନ ନିମନ୍ତେ ଲିଖିତ ପ୍ରତିଶ୍ରୁତି ଦେବା ପରେ ଯାହା କିଛି ସମାଧାନ ହେବ ବୋଲି ବୈଠକରେ ସ୍ଥିର କରାଯାଇଥିଲା।


ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଗ୍ରାମବାସୀ।

## ଫଟୋରେ ଖବର


ଚାଇନା ସାମଗ୍ରୀ ବିକ୍ରିକୁ ବିରୋଧ କରି ଢେଙ୍କାନାଳ ବଣିକ ସଂଘ ପକ୍ଷରୁ ଗଣେଶ ବଜାରରେ ସି ଜିନ୍ ପିଙ୍ଗ୍‌ଙ୍କ କୁଶପୁତ୍ତଳିକା ଦାହ କରାଯାଉଛି।


ଅନୁଗୋଳ ସହରରେ ଜଣେ ବ୍ୟକ୍ତି ଠେଲାଗାଡ଼ିରେ ମକା ଖଇ ବିକ୍ରି କରୁଛନ୍ତି।

## ବେଆଇନ ମେଟାଲ ଚାଲାଣ: ୧୧ ଟିପ୍ପର ଜବତ

ରାୟଗଡ଼ା ଅଫିସ,୧୮।୬: ରାୟଗଡ଼ା ଜିଲା ମୁନିଗୁଡ଼ାରୁ ବେଆଇନଭାବେ ମେଟାଲ ଚାଲାଣବେଳେ ରାୟଗଡ଼ା ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ ଚଢ଼ାଉ କରି ୧୧ ଟିପ୍ପର ଜବତ କରିଛନ୍ତି। ସୂଚନା ଅନୁଯାୟୀ, ୧୧ ଟିପ୍ପରରେ ଜିଲାର କଲ୍ୟାଣସିଂପୁର ଅଞ୍ଚଳକୁ ମେଟାଲ ଚାଲାଣ କରାଯାଉଥିଲା। କର୍ଲାଗୁଡ଼ା ପଞ୍ଚାୟତର ଗେଟିପଡ଼ା ନିକଟରେ ଉପଜିଲାପାଳ ଟିପ୍ପରଗୁଡ଼ିକୁ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲେ। କାଗଜପତ୍ର ନ ଥିବାରୁ ଚାନ୍ଦିଲି ପୋଲିସର ଉପସ୍ଥିତିରେ ଟିପ୍ପରଗୁଡ଼ିକୁ ଜବତ କରାଯାଇଥିବା ତହସିଲଦାର ଉମାଶଙ୍କର ବେହେରା ସୂଚନା ଦେଇଛନ୍ତି। ଶୁକ୍ରବାର ଏମ୍‌ଭିଆଇ ସମସ୍ତ କାଗଜପତ୍ର ଯାଞ୍ଚ କରିବା ପରେ ଜରିମାନା ଆଦାୟ କରାଯିବ ବୋଲି ସୂଚନା ମିଳିଛି।

## ସଂକ୍ଷେପରେ

### ଉପଲଡା କଣ୍ଟେନମେଣ୍ଟ ଜୋନ୍ ଘୋଷିତ

ପାରଳାଖେମୁଣ୍ଡି/ଗୋଷାଣୀ,୧୮।୬ (ସ୍ୱ.ପ୍ର./ଡି.ଏନ.ଏ)-ଗଜପତି ଜିଲା ଗୋଷାଣୀ ବ୍ଲକ ଉପଲଡା ଗାଁର ବିଭିନ୍ନ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଛି। ଏହି ଗ୍ରାମର ମୋଟ ୩୭୦ ପରିବାରର ୧୨ଶହ ଲୋକଙ୍କ ସ୍ୱାବ ପରୀକ୍ଷା କରାଯିବ ବୋଲି ସ୍ଥିର ହୋଇଛି। ଗ୍ରାମର ଉପର ସାହି, ଅଙ୍ଗନୱାଡି କେନ୍ଦ୍ର, ସ୍କୁଲ ନିକଟସ୍ଥ ଅଞ୍ଚଳ, ବଜାର ସାହି, ରେଲି ସାହି, କୁମ୍ଭାର ସାହି ଇତ୍ୟାଦି ଅଞ୍ଚଳକୁ ନିଷିଦ୍ଧାଞ୍ଚଳ ଭାବେ ଘୋଷଣା କରାଯାଇଛି। ସେହିପରି ହରିଜନ ସାହିର ଜଣକ ଘରକୁ ସମ୍ପୂର୍ଣ୍ଣ ସିଲ୍ କରାଯାଇଛି। ଏହି ସବୁ ଅଞ୍ଚଳରେ କୌଣସି ବ୍ୟକ୍ତି ଯାତାୟାତ କରିପାରିବେ ନାହିଁ ବୋଲି ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଶାସନ ପକ୍ଷରୁ ସମସ୍ତ ଅତ୍ୟାବଶ୍ୟକୀୟ ସାମଗ୍ରୀ ଗ୍ରାମବାସୀଙ୍କ ପାଖରେ ପହଞ୍ଚାଇବା ପାଇଁ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ଗୋଷାଣୀ ବିଡିଓ କିଶୋର ଚନ୍ଦ୍ର ଦାସ,ସହକାରୀ ଯନ୍ତ୍ରୀ ବାଳକୃଷ୍ଣ ପଣ୍ଡା,ସ୍ୱାସ୍ଥ୍ୟ ଅଧିକାରୀ ପତିତପାବନ ବାରିକ ପ୍ରମୁଖଙ୍କୁ ଦାୟିତ୍ୱ ଦିଆଯାଇଛି। ଉପଜିଲାପାଳ ସଂଗ୍ରାମ ଶେଖର ପଣ୍ଡା ସମ୍ପୃକ୍ତ ଅଞ୍ଚଳ ଗ୍ରସ୍ତ କରି କଣ୍ଟେନମେଣ୍ଟ ଜୋନ୍‌ର ସମସ୍ତ ବ୍ୟବସ୍ଥାକୁ ଅନୁଧାନ କରି ସମସ୍ତ ବିଷୟକୁ ତଦାରଖ କରିଛନ୍ତି।

### କୃଷି ନିର୍ଦ୍ଧାରଣ କମିଟି ବୈଠକ



ନବରଙ୍ଗପୁର,୧୮।୬(ବି.ପ୍ର)-ନବରଙ୍ଗପୁର ଜିଲାର କୃଷି ନିର୍ଦ୍ଧାରଣ କମିଟି ବୈଠକ ଖରିଫ ୨୦୨୦ ବର୍ଷ ଲାଗି ମିଶନ ଶକ୍ତି ଗୃହରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଜିଲା କୃଷି ଅଧିକାରୀ ବ୍ରଜକିଶୋର ଲେଙ୍କା ପୌରୋହିତ୍ୟ କରିଥିଲେ। ଜିଲାପାଳ ଅଜିତ କୁମାର ମିଶ୍ର ଅଧକ୍ଷତା କରି କୃଷି ଋଣ ଓ ବିଭିନ୍ନ କୃଷି ସାମାଗ୍ରୀ ଠିକ ସମୟରେ ଉପଲବ୍ଧ କରିବା ଏବଂ କୃଷି ବୀମା ଉପରେ ଆଲୋକପାତ କରିଥିଲେ। ବିଭିନ୍ନ ପ୍ରକାର ଧାନ ଓ ମକା ବିହନ, ସାର, କୀଟନାଶକ ମହଜୁଦ ଥିବା ଅଧିକାରୀମାନେ ସୂଚନା ଦେଇଥିଲେ। ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଠିକ୍ ସମୟରେ ଚାଷୀଙ୍କୁ ବଣ୍ଟନ ପାଇଁ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ସମ୍ଭାବିତ ପଙ୍ଗପାଳ ଆକ୍ରମଣ ଓ ତା'ର ନିରାକରଣ ବିଷୟରେ ପରାମର୍ଶ ଦେଇଥିଲେ। ଏଥିରେ ଉପଜିଲାପାଳ, ସମସ୍ତ କୃଷି ଜିଲା ଅଧିକାରୀ, ଉମରକୋଟ କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

### ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି



ମୁନିଗୁଡ଼ା,୧୮।୬(ଡି.ଏନ୍.ଏ.): ପୂର୍ବ ଲଦାଖ ସୀମା ଗଲୱାନ ଉପତ୍ୟାକାର ପାଟ୍ରୋଲିଂ ପଏଣ୍ଟ-୧୪ରେ ସୋମବାର ରାତିରେ ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ଘଟିଥିବା ସଂଘର୍ଷରେ ଶହୀଦ ଭାରତୀୟ ଯବାନମାନଙ୍କୁ ଗୁରୁବାର ରାୟଗଡ଼ା ଜିଲାର ମୁନିଗୁଡ଼ାଠାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସ୍ଥାନୀୟ ତିନିକୋଣିଆ ଛକ ଯୁବଗୋଷ୍ଠୀ ଏକତ୍ରିତ ହୋଇ କ୍ୟାଣ୍ଡେଲ ଜାଳି ନୀରବ ପ୍ରାର୍ଥନା କରିଥିଲେ।

### ଜିଲାର ସମସ୍ତ କରୋନା ଚିକିତ୍ସାଧୀନ ସୁସ୍ଥ

ଜୟପୁର,୧୮।୬ (ଡି.ଏନ.ଏ. )-କୋରାପୁଟ ଜିଲା ଜୟପୁର କୋଭିଡ୍ ଚିକିତ୍ସାଳୟରେ ଚିକିତ୍ସାଧୀନ ୧୭ କରୋନା ଆକ୍ରାନ୍ତଙ୍କ ମଧ୍ୟରୁ ୧୬ଜଣ ସୁସ୍ଥ ହୋଇ ଗୁରୁବାର ଘରକୁ ଫେରିଯାଇଛନ୍ତି। ଅନ୍ୟ ଜଣେ ସୁସ୍ଥ ହୋଇଛନ୍ତି, ତାଙ୍କୁ ଶୁକ୍ରବାର ଛଡାଯିବ। ସେହିପରି ଏଠାରେ ରାୟଗଡ଼ା ଜିଲାର ୫ଜଣ ଆକ୍ରାନ୍ତ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ଚିକିତ୍ସା ଜାରି ରହିଛି ବୋଲି ସିଡିଏମ୍‌ଓ ଡା. ମକରନ୍ଦ ବେଉରା କହିଛନ୍ତି।

### ଅମାନିଆଙ୍କୁ ଯାଞ୍ଚ, ଜରିମାନା

ମାଲକାନଗିରି,୧୮।୬(ଡି.ଏନ୍.ଏ.)-ବର୍ତ୍ତମାନ ମାଲକାନଗିରି ଜିଲାରେ କରୋନା ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଲକ୍‌ଡାଉନ ନିୟମାବଳୀକୁ ଜିଲାରେ ଅଧିକାଂଶ ଲୋକ ପାଳନ କରୁ ନ ଥିବା ପ୍ରଶାସନ ନଜରକୁ ଆସିଥିଲା। ଜିଲା ପ୍ରଶାସନ ପକ୍ଷରୁ ଅମାନିଆଙ୍କୁ ସାବାଡ କରିବା ପାଇଁ ପଦକ୍ଷେପ ନିଆଯାଇଛି। ତହସିଲଦାର ଡ. ଗୁଣନିଧି ନାୟକ, ଆଇଆଇସି ରାମପ୍ରସାଦ ନାଗ, ଅତିରିକ୍ତ ତହସିଲଦାର, ମନିଟରିଂ ଟିମ୍ ସଦସ୍ୟମାନେ ସହରର ବିଭିନ୍ନ ଛକରେ ଗାଡି ମୋଟର ଯାଞ୍ଚ କରିବା ସହ ସମ ଦୂରତା ରକ୍ଷାକରୁ ନ ଥିବା ଏବଂ ମାସ୍କ ବ୍ୟବହାର କରୁ ନ ଥିବା ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଜରିମାନା ଆଦାୟ କରାଯାଇଛି।

# ସଚେତନତା ସତ୍ତ୍ୱେ ବଢୁଛି ବନ୍ୟଜନ୍ତୁ ଶିକାର

- ଗୁରୁନାମଗୁଡ଼ାବାସୀ କରିଥିଲେ କୁଟୁରା ଶିକାର
- ପରସ୍ପର ମଧ୍ୟରେ ବାଣ୍ଟି ନେଇଛନ୍ତି ମାଂସ
- ଏଣିକି ତାଗିଦ ନୁହେଁ, କାର୍ଯ୍ୟାନୁଷ୍ଠାନ ହେଉ

ଏମ୍‌ଭି-୭୯,୧୮।୬(ଡି.ଏନ.ଏ.)

ବନ୍ୟପ୍ରାଣୀ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ସଚେତନତାମୂଳକ କାର୍ଯ୍ୟକ୍ରମ କରାଯାଉଛି। ବନ୍ୟଜନ୍ତୁ ଶିକାର ନ କରିବା ଲାଗି ଲୋକଙ୍କୁ ବୁଝାଇବା ସହ ଆବଶ୍ୟକ ସ୍ଥଳେ ତାଗିଦ କରାଯାଉଛି। ଏହା ସତ୍ତ୍ୱେ କେତେଜଣ ବନ୍ୟଜନ୍ତୁ ଶିକାର କରିବାକୁ ପଛାଉନାହାନ୍ତି। ଅନେକ ସମୟରେ ପରମ୍ପରା ନାମରେ ମଧ୍ୟ ପଶୁପକ୍ଷୀ ଶିକାର ହେଉଛି। ବୁଧବାର ସନ୍ଧ୍ୟାରେ ମୋଟୁ ବନ ବିଭାଗ ଅନ୍ତର୍ଗତ ଗୁରୁନାମଗୁଡ଼ା ଗ୍ରାମଠାରେ ଏକ ବଡ କୁଟୁରା ଶିକାର କରାଯାଇଛି। ଶିକାର ପରେ ଗ୍ରାମବାସୀ ନିଜ ମଧ୍ୟରେ ମାଂସ ବାଣ୍ଟି ନେଇଯାଇଛନ୍ତି। ସ୍ଥାନୀୟ ଯୁବକମାନେ କୁଟୁରା ଶିକାର ପରେ ଗ୍ରାମକୁ ଫେରି ନାଚଗୀତ କରୁଥିବା ବେଳେ ଖବର ପାଇ ସ୍ଥାନୀୟ ରେଞ୍ଜର ବଳରାମ ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଗ୍ରାମରେ ପହଞ୍ଚି କୁଟୁରା ଶିକାର ବାବଦରେ ଲୋକଙ୍କୁ ପଚରାଉଚରା କରିଥିଲେ। ଗ୍ରାମବାସୀ ଶିକାର କଥା ପରୋକ୍ଷରେ ମାନିବା ପରେ ଏଭଳି ନ କରିବା ପାଇଁ ସେମାନଙ୍କୁ ତାଗିଦ କରିଥିଲେ। ବନ୍ୟଜନ୍ତୁ ଶିକାର ନ କରିବା ଲାଗି ବାରମ୍ବାର ସଚେତନ କରି ଲୋକଙ୍କୁ ବୁଝାଇବା ପରେ ଆଦିବାସୀ ଅଧ୍ୟୁଷିତ ଗ୍ରାମଗୁଡିକରେ ଗ୍ରାମବାସୀ ସଚେତନ ନ ହୋଇ ବନ୍ୟପ୍ରାଣୀ ଶିକାର କରିବା ବିଭାଗ ପାଇଁ ଚିନ୍ତାର କାରଣ ହୋଇଛି। ଗତ କିଛିଦିନ ତଳେ ଏମ୍‌ଭି-୭୯ ନିକଟସ୍ଥ ଲକ୍ଷ୍ମୀପୁର ଗ୍ରାମରେ ଏଭଳି ଏକ ଘଟଣା ସାମ୍ନାକୁ ଆସିଥିଲା। ବନ ବିଭାଗ ଲକ୍ଷ୍ମୀପୁରରେ ପହଞ୍ଚି ଗ୍ରାମବାସୀଙ୍କୁ ତାଗିଦ କରିଥିଲେ ମଧ୍ୟ ଗୁରୁନାମଗୁଡ଼ାରେ ପୁଣି ଏକ ଶିକାର ଘଟଣା ବନ୍ୟପ୍ରାଣୀପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ତୁରନ୍ତ ଏଥିରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ଏସ୍‌ଏଚ୍‌ଜିର ମାଛଚାଷ ବୁଲି ଦେଖିଲେ ଜିଲାପାଳ



ଜିଲାପାଳ ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି।

ଏମ୍‌ଭି-୭୯,୧୮।୬(ଡି.ଏନ୍.ଏ.)

ମାଲକାନଗିରି ଜିଲା କାଲିମେଳା ବ୍ଲକ ତଣ୍ଡାବାଇ ପଞ୍ଚାୟତରେ ଦୁର୍ଗେଶ ନନ୍ଦିନୀ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ପକ୍ଷରୁ ହୋଇଥିବା ମାଛଚାଷକୁ ଗୁରୁବାର ଜିଲାପାଳ ମନୀଷ ଅଗ୍ରୱାଲ ଗସ୍ତ ସମୟରେ ବୁଲି ଦେଖିଛନ୍ତି। ଏମ୍‌ଭି-୭୯ ଗ୍ରାମର ଏକ ପୋଖରୀକୁ ୩ ବର୍ଷ ପାଇଁ ୮ହଜାର ଟଙ୍କାରେ ଏହି ସ୍ୱୟଂ ସହାୟକ ଗୋଷ୍ଠୀ ଲିଜ୍‌ରେ ନେଇଥିଲେ। ଗୋଷ୍ଠୀ ପକ୍ଷରୁ ପୋଖରୀରେ ୧୬ ହଜାର ଟଙ୍କାର ମାଛ ଛଡ଼ାଯାଇଥିଲା। ଗତ ୨ ବର୍ଷରେ ସେମାନେ ୧୩ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ମାଛ ଧରି ବିକ୍ରି କରିଛନ୍ତି। ଏହି ସମୟରେ ଜିଲାପାଳଙ୍କ ସହ ବିଡିଓ ଉମାଶଙ୍କର ଦଳେଇ,ଡିଆର୍‌ଡିଏ ପିଡି ବଳମୁକୁନ୍ଦ ଭୂୟାଁ ଉପସ୍ଥିତ ରହି ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ଭାରତୀ ବିଶ୍ୱାସ ସମ୍ପାଦକ ଜୟନ୍ତୀ ମଣ୍ଡଳ,ସରସ୍ୱତୀ ମଣ୍ଡଳ, ସନ୍ଧ୍ୟା ଦତ୍ତ, ଚନ୍ଦ୍ରିକା ସରକାର, ପୁନର୍ଲକ୍ଷ୍ମୀ ଆଇଚ ,ଆଲରାଣୀ ନାଥ, କାଜଲ ମଣ୍ଡଳ,ସାନିକା ମଣ୍ଡଳ, ସବିତା ପାଲ, ସରସ୍ୱତୀ ମଣ୍ଡଳଙ୍କ ସହ ଆଲୋଚନା କରିଥିଲେ। ଆଗାମୀ ଦିନରେ ପୋଖରୀରେ ଚିଙ୍ଗୁଡ଼ିଚାଷ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଏହି ସମୟରେ ପୋଖରୀ ହିଡରେ ମାଟି ପକାଇବା ଏବଂ ଭାଙ୍ଗିଯାଇଥିବା ଗାର୍ଡୱାଲ ମରାମତି ଲାଗି ସଦସ୍ୟମାନେ ବିଡିଓଙ୍କୁ ଜଣାଇଥିଲେ।

# ୭ ପଜିଟିଭ ପରେ ଘୋଷଣା ହେଲା କଣ୍ଟେନମେଣ୍ଟ ଜୋନ

ନବରଙ୍ଗପୁର/ତେନ୍ତୁଲିଖୁଣ୍ଟି, ୧୮।୬(ବି.ପ୍ର./ଡି.ଏନ.ଏ.)

ନବରଙ୍ଗପୁର ଜିଲାରେ ୭ କରୋନା ପଜିଟିଭ ରିପୋର୍ଟ ଆସିବା ପରେ ବିଭିନ୍ନ ଅଞ୍ଚଳକୁ କଣ୍ଟେନମେଣ୍ଟ ଓ ବଫର ଜୋନ ଭାବେ ଘୋଷଣା କରାଯାଇଛି। ତେନ୍ତୁଲିଖୁଣ୍ଟି ବ୍ଲକର କୁର୍ମାକୋଟ ଗାଁର ଅଧୀନ ଆମ୍ବବଗିଚା ଛକଠାରୁ ପାତ୍ର ଇଲେକ୍ଟ୍ରି ଦୋକାନ, ଖାତିଗୁଡା ଗାଁର ପ୍ରବେଶ ପଥ, ଫଟାଗୁଡା ପ୍ରୋଜେକ୍ଟ କଲୋନୀ, ପରଜାବାରଙ୍ଗ ପଦର ସଙ୍ଗରୋଧ କେନ୍ଦ୍ର, ଡଙ୍ଗାସିଲ ଗାଁର ହରିଜନ ସାହି, ମଞ୍ଚାଗାଁର ପ୍ରାଥମିକ ବିଦ୍ୟାଳୟ ସଙ୍ଗରୋଧ କେନ୍ଦ୍ର ଓ ନବରଙ୍ଗପୁର ପଲିଟେକ୍ନିକ କଲେଜ ଅଞ୍ଚଳର ୧୦୦ ମିଟର ଦୂର ପର୍ଯ୍ୟନ୍ତ ବଫର ଜୋନ ଭାବେ ଘୋଷଣା କରାଯାଇଛି। ୧୮ରୁ ୨୫ ତାରିଖ ଘର ଘର ବୁଲି ସୁପରଭିଜନ କରିବା ସହ ସ୍ୱାସ୍ଥ୍ୟ ସମ୍ପର୍କିତ ନିରୀକ୍ଷଣ ତଥା ସତର୍କ ନଜର ରଖିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। କରୋନା ପଜିଟିଭଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କ ତାଲିକା କରି ଜିଲା ପ୍ରଶାସନଙ୍କୁ ରିପୋର୍ଟ ଦେବାକୁ କୁହାଯାଇଛି। କଣ୍ଟେନମେଣ୍ଟ ଜୋନ ଅଞ୍ଚଳ ସୁପରଭିଜନ ପାଇଁ ଉପଜିଲାପାଳ ଭାସ୍କର ରଇତୋଙ୍କୁ ଦାୟିତ୍ୱ ଦିଆଯାଇଛି। ତେନ୍ତୁଲିଖଣ୍ଟି ବିଡିଓ ଅକ୍ଷୟମିତା ଟାକ୍ରି, ତହସିଲଦାର ପ୍ରଦୀପ କୁମାର କର, ତେନ୍ତୁଲିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ସମଲାଇ ପ୍ରସାଦ ପଣ୍ଡା, ଅତିରିକ୍ତ ଉପଜିଲାପାଳ ପ୍ରଶାନ୍ତ କୁମାର ରାଉତ ବଫର ଓ କଣ୍ଟେନମେଣ୍ଟ ଜୋନ ଉପରେ ଦୃଷ୍ଟି ରଖି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ରହିଛି। ସେହିଭଳି ନବରଙ୍ଗପୁର ବ୍ଲକ ଅଗ୍ନିପୁର ପଞ୍ଚାୟତ ଅଧୀନରେ ଥିବା କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ର କଣ୍ଟେନମେଣ୍ଟ ଜୋନ ଅଞ୍ଚଳ ପାଇଁ ନବରଙ୍ଗପୁର ବିଡିଓ ଲଳିତ ମଣ୍ଡଳ, ସାନମସିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ପ୍ରଭାକର ଦାଶ, ଅତିରିକ୍ତ ତହସିଲଦାର ଗୀତା ମୁର୍ମୁ, ରବୀନ୍ଦ୍ର ରାଉତଙ୍କୁ ଦାୟିତ୍ୱ ଦିଆଯାଇଛି। ଜରୁରିକାଳୀନ ସାମଗ୍ରୀ ଯୋଗାଣ ବ୍ୟତୀତ କଣ୍ଟେନମେଣ୍ଟ ଜୋନ ଅଞ୍ଚଳରେ ସମସ୍ତ ଦୋକାନବଜାର ବନ୍ଦ ରଖାଯିବାକୁ ନିର୍ଦ୍ଦେଶ ରହିଛି।

### ପରଜାବାରଙ୍ଗପଦରକୁ ଶଟ୍‌ଡାଉନ କଲେ ସରପଞ୍ଚ

ତେନ୍ତୁଲିଖୁଣ୍ଟି,୧୮।୬(ଡି.ଏନ.ଏ.)– ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକରୁ ଜଣେ ମହିଳା ସ୍ୱାସ୍ଥ୍ୟକର୍ମୀ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ତେବେ ସେ ପରଜାବାରଙ୍ଗପଦର ପଞ୍ଚାୟତରେ ରହିବା ସହ ସେଠାରେ କାର୍ଯ୍ୟ କରୁଥିଲେ। ଏହାକୁ ଦୃଷ୍ଟିରେ ରଖି ସରପଞ୍ଚ ବିଜୟ ଝୋଡ଼ିଆ ପରଜାବାରଙ୍ଗପଦର ପଞ୍ଚାୟତକୁ ୪୮ ଘଣ୍ଟା ପାଇଁ ଶଟ୍‌ଡାଉନ ଘୋଷଣା କରିଛନ୍ତି।

# ଉତ୍କଳ ଆଲୁମିନା ପକ୍ଷରୁ କର୍ମଚାରୀଙ୍କୁ ସହାୟତା

ଟିକିରି,୧୮।୬: ଉତ୍କଳ ଆଲୁମିନା ଇଣ୍ଟରନ୍ୟାଶନାଲ ଲିମିଟେଡ୍ (ୟୁଆଇଏଲ୍) ପକ୍ଷରୁ ଲକ୍‌ଡାଉନ୍ ସମୟରେ ଆଗଧାଡ଼ିରେ ରହି କାମ କରିଥିବା ଚୁକ୍ତିଭିତ୍ତିକ ଶ୍ରମିକ, ସୁପରଭାଇଜର, ଅପରେଟର, ବ୍ୟବସାୟ ସହଯୋଗୀ ଏବଂ କର୍ମଚାରୀଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଛି। ମାର୍ଚ୍ଚ ୨୩ରୁ ମେ ୪ ପର୍ଯ୍ୟନ୍ତ କାର୍ଯ୍ୟରେ ଯୋଗଦେଇଥିବା ଏହି କୋଭିଡ୍ ଯୋଦ୍ଧାମାନଙ୍କୁ କମ୍ପାନୀ ପକ୍ଷରୁ ୮ହଜାର ଟଙ୍କାରୁ ଆରମ୍ଭକରି ୨୦ହଜାର ଟଙ୍କା ପର୍ଯ୍ୟନ୍ତ ରାଶି ପ୍ରଦାନ କରାଯାଇଛି। ଏହି ଅବସରରେ ୟୁଆଇଏଲ୍ ୟୁନିଟ୍ ମୁଖ୍ୟ ଓ ସଭାପତି ଏନ୍. ନାଗେଶ କହିଛନ୍ତି, କଠିନ ସମୟରେ ସେମାନଙ୍କ ଉତ୍ସର୍ଗୀକୃତ ମନୋଭାବ ଓ ନିଷ୍ଠାପର କାର୍ଯ୍ୟ ପାଇଁ କମ୍ପାନୀ କୃତଜ୍ଞ।

# କବାଟ ଭାଙ୍ଗି ଲୁଟି ନେଲେ ଲକ୍ଷାଧିକ ଟଙ୍କା, ସୁନାଗହଣା: ଜଣେ ଗିରଫ

କୋଡ଼ିଙ୍ଗା,୧୮।୬(ଡି.ଏନ.ଏ.)

ନବରଙ୍ଗପୁର ଜିଲା କୋଡ଼ିଙ୍ଗା ଥାନା ଅଧୀନ ଦାନିଗୁଡା ଗ୍ରାମରେ ବୁଧବାର ରାତିରେ ଏକ ସଶସ୍ତ୍ର ଡକାୟତି ହୋଇଛି। ବୁଧବାର ରାତି ପ୍ରାୟ ୨ଟାରେ ଦାନିଗୁଡା ଗ୍ରାମର ବିନୋଦ ମେହେଟ୍ଟାଙ୍କ ଘରର ପଛପଟ କବାଟ ଭାଙ୍ଗି ୮ ଜଣ ଦୁର୍ବୃତ୍ତ ମାରଣାସ୍ତ୍ର ଧରି ଘରେ ପଶିଥିଲେ। ସମସ୍ତେ ମୁହଁରେ ମାସ୍କ ବାନ୍ଧିଥିଲେ। ବିନୋଦ, ତାଙ୍କ ସ୍ତ୍ରୀ , ମା' ଓ ଦୁଇପୁଅ, ଗୋଟିଏ ଝିଅ ଘରେ ଥିଲେ। ସମସ୍ତଙ୍କୁ ଦଉଡିରେ ବାନ୍ଧିଦେଇ ଘରେ ଥିବା ଦେଢଲକ୍ଷ ଟଙ୍କା ଏବଂ ସୁନାଗହଣା ନେଇଯାଇଥିଲେ। ଏହିସମୟରେ ଗ୍ରାମର କେତେଜଣ ଲୋକ ଉଠି ଯିବାରୁ ଡକାୟତ ଦଳ ଦୌଡ଼ି ଫେରାର ହୋଇଯାଇଥିଲେ। ଗ୍ରାମବାସୀ ତୁରନ୍ତ କୋଡିଙ୍ଗା ପୋଲିସକୁ ଖବର ଦେବା ଫଳରେ ପୋଲିସ ଏବଂ ଗ୍ରାମବାସୀ ଡକାୟତମାନଙ୍କ ମଧ୍ୟରୁ ଜଣଙ୍କୁ ନିକଟସ୍ଥ ଭାଲୁଗୁଡା ନିକଟରେ କାବୁ କରିଥିଲେ। ସମସ୍ତ ଡକାୟତ ବାଇକ୍ ଯୋଗେ ଆସିଥିବା ଗ୍ରାମବାସୀ କହିଛନ୍ତି। ଡିଏସ୍‌ପି, ଏସ୍‌ପି କୋଡିଙ୍ଗା ଥାନାକୁ ଆସି ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ନେଇ ତଦନ୍ତ କରିଥିଲେ।

# ଶହୀଦ ଯବାନଙ୍କୁ ସମସ୍ତେ ଜଣାଇଲେ ଶ୍ରଦ୍ଧାଞ୍ଜଳି

ମାଲକାନଗିରି,୧୮।୬ (ଡି.ଏନ୍.ଏ.)



ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି ଉପସ୍ଥିତ ଜନସାଧାରଣ।

ଭାରତର ଶହୀଦ ହୋଇଥିବା ୨୦ ଜଣ ଯବାନଙ୍କୁ ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ସୁବାଷ ବୋସ ଛକଠାରେ ଗୁରୁବାର ସନ୍ଧ୍ୟାରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଉତ୍କଳ ସାମ୍ବାଦିକ ସଂଘ ଏବଂ ଟିମ୍ ଉଇ କ୍ୟାନର ମିଳିତ ଆନୁକୂଲ୍ୟରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ପିଡି ଡିଆରଡିଏ ବାଳମୁକୁନ୍ଦ ଭୂୟାଁ, ତହସିଲଦାର ଡ. ଗୁଣନିଧି ନାୟକ, ଆଇଆଇସି ରାମପ୍ରସାଦ ନାଗ, ଆଇନଜୀବୀ ରାମ ପଟ୍ଟନାୟକ, ଦିଲୀପ ପରିଛାଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ, ସବୁ ଦଳର କର୍ମୀ, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ନାଗରିକ ମଞ୍ଚ ଏବଂ ବୁଦ୍ଧିଜୀବୀ ଯୋଗଦେଇ ଶହୀଦଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ପରେ କ୍ୟାଣ୍ଡେଲ ପ୍ରଜ୍ୱଳନ କରାଯାଇ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଭାରତ ମାତାକୀ ଜୟ, ଶହୀଦ ୮ଯବାନ ଅମର ରହେ ଧ୍ୱନିରେ ପରିବେଶ ମୁଖରିତ ହୋଇଥିଲା। ଯୋଗଦେଇଥିବା ସରକାରୀ ଅଧିକାରୀମାନେ ନିଜ କାର୍ଯ୍ୟରେ ଚାଲିଯିବା ପରେ ଉପସ୍ଥିତ ଅନ୍ୟ ଜନସାଧାରଣ ଚାଇନା ରାଷ୍ଟ୍ରପତି ସି ଜିନ୍ ପିଙ୍ଗଙ୍କ କୁଶ ପୁତଳିକା ଦାହ କରିଥିଲେ। ଉତ୍କଳ ସାମ୍ବାଦିକ ସଂଘ ସଭାପତି ଦୁର୍ଯ୍ୟୋଧନ ପାତ୍ର, ସମ୍ପାଦକ ସତ୍ୟ ନାରାୟଣ ଦାସ, କୋଷାଧ୍ୟକ୍ଷ ଶ୍ରୀନିବାସ ପାତ୍ର, ମନୋଜ କୁମାର ମହାନ୍ତି, ଶ୍ରୀକାନ୍ତ ସେଠୀ, ଟିମ୍ ଉଇକ୍ୟାନର ସୁନିଲ ସମାନି, ସୁଧିର ଜୈନଙ୍କ ସହ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ ଯେ, ଏହି ଶହୀଦ ଯବାନଙ୍କ ମଧ୍ୟରେ ଓଡ଼ିଶାର କନ୍ଧମାଳ ଓ ମୟୂରଭଞ୍ଜ ଜିଲାର ୨ଜଣ ଅଛନ୍ତି।

# ନାବାଳିକାଙ୍କ ଆତ୍ମହତ୍ୟା

ବୈପାରିଗୁଡ଼ା,୧୮।୬(ଡି.ଏନ୍.ଏ.)

ବୈପାରିଗୁଡ଼ା ଥାନା ଅନ୍ତର୍ଗତ ବେରଙ୍ଗା ଗ୍ରାମର ଜଣେ ନାବାଳିକା ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ତାଙ୍କ ନାମ ପ୍ରମିଳା ବାରିକ (୧୫)। ସେ ଗ୍ରାମର ଭଗଚନ ବାରିକଙ୍କ ଝିଅ। ଏନେଇ ବୈପାରିଗୁଡ଼ା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବୁଧବାର ସନ୍ଧ୍ୟାରେ ପ୍ରମିଳା କୌଣସି କାରଣକୁ ନେଇ ବିଷ ପିଇ ଦେଇଥିଲେ। ଏହା ଜାଣିବା ପରେ ପରିବାର ଲୋକେ ତାଙ୍କୁ ଚିକିତ୍ସା ଲାଗି ବୈପାରିଗୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଜୟପୁର ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରାତି ସାଢ଼େ ୧୧ଟାରେ ପ୍ରମିଳାଙ୍କ ମୃତ୍ୟୁ ହୋଇଯାଇଥିଲା। ଗୁରୁବାର ବୈପାରିଗୁଡ଼ା ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ସିପିଆଇ(ଏମ୍)ର ବିକ୍ଷୋଭ

କାଶୀନଗର,୧୮।୬ (ଡି.ଏନ୍.ଏ.): ବିଭିନ୍ନ ଦାବି ନେଇ ସିପିଆଇ(ଏମ୍) ପକ୍ଷରୁ ଗୁରୁବାର ସ୍ଥାନୀୟ ବ୍ଲକ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପାର୍ଟିର ରାଜ୍ୟ କମିଟି ସଭ୍ୟ ଯତୀନ୍ ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭ କାର୍ଯ୍ୟକ୍ରମରେ ଆଞ୍ଚଳିକ କମିଟି ସମ୍ପାଦକ କାର୍ତ୍ତିକ ଶବର, ଡିୱାଇଏଫ୍ଆଇ ଜିଲା ସମ୍ପାଦକ ଶୁକ୍ରୁ ଶବର, ବ୍ଲକ୍ ସମ୍ପାଦକ ନାଗେଶ୍ୱର ଶବର, ସିମେନ୍ଦ୍ର ଶବର, କେ. ସଞ୍ଜୀବ ପ୍ରମୁଖ ସାମିଲ ଥିଲେ। ଲକ୍‌ଡାଉନ୍ ଯୋଗୁ କ୍ଷତିଗ୍ରସ୍ତ ପରିବାରକୁ ୬ମାସ ପର୍ଯ୍ୟନ୍ତ ମାସିକ ୭ହଜାର ୫ଶହ ଟଙ୍କା ପ୍ରଦାନ, ରାଶନ କାର୍ଡରୁ ବଞ୍ଚିତ ପରିବାରକୁ କାର୍ଡ ପ୍ରଦାନ, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ ସହ ଅନ୍ୟାନ୍ୟ ଦାବି ରହିଛି।

# ମାଲକାନଗିରି ଜିଲାରେ ଚିହ୍ନଟ ହେଲେ ଜଣେ

ମାଲକାନଗିରି,୧୮।୬(ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ଗୁରୁବାର ଆଉ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହି ରୋଗୀ ଜଣକ ପଡ଼ିଆ ବ୍ଲକର ଜଣେ ମହିଳା ବୋଲି ଜଣାପଡିଛି। ପୂର୍ବରୁ ତାଙ୍କ ପୁଅ ମହାରାଷ୍ଟ୍ରରୁ ଫେରି ସରକାରୀ ସଙ୍ଗରୋଧ କେନ୍ଦ୍ରରେ ଥିଲେ। ପରେ ସେଠାରୁ ତାଙ୍କୁ ଘରକୁ ଛଡାଯାଇ ହୋମ୍ କ୍ୱାରାଣ୍ଟାଇନରେ ରହିବାକୁ କୁହାଯାଇଥିଲା। ତାଙ୍କ ସ୍ୱାବ୍ ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା। ରିପୋର୍ଟ ପଜିଟିଭ ଆସିବା ପରେ ତାଙ୍କୁ ଏବେ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖି ଚିକିତ୍ସା କରାଯାଉଛି। ହୋମ୍ କ୍ୱାରାଣ୍ଟାଇନରେ ଥିବା ବେଳେ ତାଙ୍କ ପରିବାର ତାଙ୍କ ମାଆ ଆସିଥିବାରୁ ତାଙ୍କର ଲକ୍ଷଣ ଦେଖାଦେଇଥିଲା। ଏହା ଜାଣିବା ପରେ ପ୍ରଶାସନ ତାଙ୍କ ମାଆଙ୍କ ନମୁନା ମଧ୍ୟ ପରୀକ୍ଷା ପାଇଁ ପଠାଇଥିଲା। ରିପୋର୍ଟ ପଜିଟିଭ ଆସିବା ପରେ ମହିଳା ଜଣଙ୍କୁ ମାଲକାନଗିରି ସଙ୍ଗରୋଧ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପଡ଼ିଆର ସମ୍ପୃକ୍ତ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଛି। ସେ ଅନ୍ୟ କେଉଁମାନଙ୍କ ସଂସ୍ପର୍ଶରେ ଆସିଛନ୍ତି ସେମାନଙ୍କୁ ଚିହ୍ନଟ କରିବା ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି।

# ଫାଇନାନ୍ସ କର୍ମଚାରୀଙ୍କୁ ଘେରିଲେ ମହିଳା

ରାୟଗଡ଼(ଗଜପତି), ୧୮।୬(ଡି.ଏନ୍.ଏ.): ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍‌ଏଚ୍‌ଜି) ଗଠନ କରାଯାଇଛି। ସରକାରଙ୍କ ପକ୍ଷରୁ ଏମାନଙ୍କୁ ଋଣ ଯୋଗାଇ ଦିଆଯାଉଥିବାବେଳେ ଅନେକ ଆର୍ଥିକ ସଂସ୍ଥା ପକ୍ଷରୁ ମଧ୍ୟ ଏମାନଙ୍କୁ ଋଣ ପ୍ରଦାନ କରାଯାଉଛି। ଏବେ ଲକ୍‌ଡାଉନ୍ ଯୋଗୁ ମହିଳାମାନଙ୍କ ଆର୍ଥିକ ସ୍ଥିତି ଦୁର୍ବଳ ରହିଛି। ଏଭଳି ପରିସ୍ଥିତିରେ ଗଜପତି ଜିଲା ରାୟଗଡ଼ ବ୍ଲକ୍ ସଦରସ୍ଥିତ ଖ୍ରୀଷ୍ଟିଆନ ସାହିରେ ଗୁରୁବାର ଋଣ ଟଙ୍କା ସଂଗ୍ରହ କରିବାକୁ ଆସିଥିବା ଏକ ଆର୍ଥିକ ସଂସ୍ଥାର କର୍ମଚାରୀଙ୍କୁ ମହିଳାମାନେ ଘେରିଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ, 'ସାଗ୍ରାହା' ନାମକ ଏକ ଘରୋଇ ଫାଇନାନ୍ସ ସମେତ ଅନେକ ସଂସ୍ଥା ରାୟଗଡ଼ ଅଞ୍ଚଳର ଶତାଧିକ ମହିଳାଙ୍କୁ ଆର୍ଥିକ ଋଣ ପ୍ରଦାନ କରିବା ସହ ମାସର ଏକ ନିର୍ଦ୍ଦିଷ୍ଟ ତାରିଖରେ ଆସି ଋଣ କିସ୍ତି ସଂଗ୍ରହ କରି ନେଇଥାନ୍ତି। ଗୁରୁବାର ସାଗ୍ରାହା ଫାଇନାନ୍ସର କର୍ମଚାରୀମାନେ ଆସି ସାହିର ମହିଳାମାନଙ୍କୁ ଟଙ୍କା ପରିଶୋଧ କରିବାକୁ ଚାପ ପକାଇଥିଲେ। ମହିଳାମାନେ ତାଙ୍କୁ ଘେରାଉ କରିଥିଲେ। ପରିସ୍ଥିତିରେ ସୁଧାର ଆସିବା ପରେ ସୁଧ ସହ ଋଣ ପରିଶୋଧ କରିବା ପାଇଁ ପୋଲିସ ଉପସ୍ଥିତିରେ କର୍ମଚାରୀମାନେ ଚୁକ୍ତି କରିବା ପରେ ମହିଳାମାନେ ସେମାନଙ୍କୁ ଛାଡ଼ିଥିବା ଜଣାପଡ଼ିଛି।

# କୋରାପୁଟ ଜିଲାରୁ ପୁଣି ବାହାରିଲେ ୬ ପଜିଟିଭ

ଜୟପୁର/ବୈପାରିଗୁଡ଼ା, ୧୮।୬ (ଡି.ଏନ୍.ଏ./ନି.ପ୍ର.)

କୋରାପୁଟ ଜିଲାରେ ଗୁରୁବାର ପୁଣି ୬ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ଜଣ ସୁନାବେଡ଼ା କୋବ୍ରା ବାଟାଲିୟନର ଯବାନ, ୩ଜଣ ବୈପାରିଗୁଡ଼ା ବ୍ଲକ ଏବଂ ଜଣେ ସେମିଳିଗୁଡ଼ା ବ୍ଲକର କ୍ୱାରାଣ୍ଟାଇନ କେନ୍ଦ୍ରରୁ ଚିହ୍ନଟ ହୋଇଛନ୍ତି। କୋବ୍ରା ବାଟାଲିୟନର ୨ ଯବାନଙ୍କ ମଧ୍ୟରୁ ଜଣେ ପଶ୍ଚିମବଙ୍ଗ ଏବଂ ଜଣେ କଟକରୁ ଫେରିଥିଲେ। ସେହିପରି ବୈପାରିଗୁଡ଼ା ବ୍ଲକର ରାମଗିରି ପଞ୍ଚାୟତର ଚିହ୍ନଟ ୨ଜଣ ମୁମ୍ବାଇ ଫେରନ୍ତା ହୋଇଥିବା ବେଳେ ମହୁଲି ପଞ୍ଚାୟତର କ୍ୱାରାଣ୍ଟାଇନରୁ ଚିହ୍ନଟ ବ୍ୟକ୍ତି ଜଣକ କେରଳରୁ ଫେରିଥିଲେ। ମୁମ୍ବାଇରୁ ଫେରିଥିବା ୨ଜଣ ବୈପାରିଗୁଡ଼ାରୁ ରାମଗିରି ୨୨ କି.ମି. ଏକ ପାସେଞ୍ଜର ଅଟୋରେ ଯାଇଥିଲେ। ସେହିପରି ସେମିଳିଗୁଡ଼ା ବ୍ଲକ ଡୋଲିଆମ୍ବ ପଞ୍ଚାୟତର କ୍ୱାରାଣ୍ଟାଇନ୍‌ରୁ ଠାବହୋଇଥିବା ବ୍ୟକ୍ତି ଦିଲ୍ଲୀ ଫେରନ୍ତା ବୋଲି ଜଣାପଡିଛି। ଏମାନେ ସମସ୍ତେ କ୍ୱାରାଣ୍ଟାଇନରେ ଥିବା ବେଳେ ସେମାନଙ୍କ ସ୍ୱାବ୍ ପରୀକ୍ଷା ପାଇଁ ପଠାଯାଇଥିଲା।

# କୃଷକଙ୍କ ଆର୍ଥିକ ଓ ସାମାଜିକ ଉନ୍ନତିର ସମୀକ୍ଷା ବୈଠକ

ନବରଙ୍ଗପୁର,୧୮।୬(ବି.ପ୍ର.)

ବିଜ୍ଞାନ ଓ ଜ୍ଞାନ କୌଶଳ ମାଧ୍ୟମରେ କୃଷି ଓ କୃଷକଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟାନୟନ କମିଟିର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଜିଲାପାଳ ଅଜିତ କୁମାର ମିଶ୍ର ଭିଡିଓ କନଫରେନ୍ସ ମାଧ୍ୟମରେ ଚଳିତ ବର୍ଷର କୃଷି କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ଏକ ଗାଁକୁ ମଡେଲ ଗାଁ ଭାବେ ତିଆରି କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଲୋକ ପ୍ରତିନିଧିଙ୍କୁ ବିଭିନ୍ନ ସ୍ତରରେ ସାମିଲ କରାଯାଇ ନିର୍ଦ୍ଧାରିତ କାର୍ଯ୍ୟଗୁଡିକ ଆରମ୍ଭ କରିବାକୁ କହିଥିଲେ। ଜୀବବିଜ୍ଞାନ ସଂସ୍ଥାର ନିର୍ଦ୍ଦେଶକ ଅଜୟ ପରିଡା, ଆରଏମଆରସିର ବୈଜ୍ଞାନିକ ଡଃ. ପ୍ରକାଶ କୁମାର ସାହୁ ପୋଷାଣତତ୍ତ୍ୱ ଉପରେ ଗବେଷଣା କରାଯିବା ସହ ସ୍ୱାସ୍ଥ୍ୟର ଉନ୍ନତି ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ବୈଜ୍ଞାନିକ ଏସ.କେ ତିୱାରୀ, ବୈଜ୍ଞାନିକ ଡଃ ପି. ଶ୍ରୀନିବାସୀ,କେନ୍ଦ୍ର ପକ୍ଷୀ ଗବେଷଣା କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡଃ ଉପେନ୍ଦ୍ର କୁମାର ପାଢୀ, କେନ୍ଦ୍ରୀ ଖାଦ୍ୟ ପ୍ରକ୍ରିୟାକରଣ ଗବେଷଣା କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡଃ. ଜ୍ୟୋତିର୍ମୟୀ ଉପସ୍ଥିତ ରହି ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଏଥିରେ ମୁଖ୍ୟ ଜିଲା କୃଷି ଅଧିକାରୀ ବ୍ରଜ କିଶୋର ଲେଙ୍କା, ମୁଖ୍ୟ ଉଦ୍ୟାନ କୃଷି ଅଧିକାରୀ ପ୍ରଦୋଷ କୁମାର ପଣ୍ଡା, ଜିଲା ମତ୍ସ୍ୟ ଅଧିକାରୀ କୁଅଁର ମାରାଣ୍ଡି ସହ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବେସାହାରା ଶିଶୁଙ୍କ ପାଖରେ ପହଞ୍ଚିଲା ପ୍ରଶାସନ

- ଘଟଣାକୁ ଗୁରୁତର ଭାବେ ନେଇଥିଲେ ସିଡବ୍ଲ୍ୟୁସି ଅଧକ୍ଷା
- ସମସ୍ତଙ୍କ ରହିବା, ପାଠପଢ଼ା ବ୍ୟବସ୍ଥା ହେବ
- ଦୁଇବର୍ଷ ତଳେ ଚାଲିଯାଇଥିଲେ ବାପା

ଜୟପୁର,୧୮।୬ (ଡି.ଏନ.ଏ. )



ବେସାହାରା ଶିଶୁଙ୍କୁ ନେବାକୁ ଆସିଥିବା ଚାଇଲ୍ଡଲାଇନ୍ ସଦସ୍ୟ।

କୋରାପୁଟ ଜିଲା ଜୟପୁର ବ୍ଲକ ଟାଙ୍କୁଆ ପଞ୍ଚାୟତର ହରିଶ୍ଚନ୍ଦ୍ରଗୁଡ଼ା ଗ୍ରାମରେ ବାପଛେଉଣ୍ଡ ୩ ଭଉଣୀଭାଇଙ୍କୁ ଛାଡ଼ି ମା' ଅନ୍ୟତ୍ର ଚାଲିଯିବା ପରେ ବେସାହାରା ହୋଇପଡିଥିବା ଖବର ଧରିତ୍ରୀରେ ଗୁରୁବାର ପ୍ରକାଶ ପାଇବା ପରେ ସମ୍ପୃକ୍ତ ପିଲାଙ୍କ ଯତ୍ନ ନେବାକୁ ପ୍ରଶାସନ ତତ୍ପରତା ପ୍ରକାଶ କରିଛି। ଜିଲା ଶିଶୁ ମଙ୍ଗଳ କମିଟି (ସିଡବ୍ଲ୍ୟୁସି) ଅଧକ୍ଷା ଡ. ଗାୟତ୍ରୀଦେବୀଙ୍କ ନିର୍ଦ୍ଦେଶରେ ଚାଇଲ୍ଡଲାଇନ ସଦସ୍ୟମାନେ ସେମାନଙ୍କ ପାଖରେ ପହଞ୍ଚିଛନ୍ତି। ଏହି ଖବର ଜାଣିବା ପରେ ଅଧକ୍ଷା ଏହାକୁ ଗୁରୁତର ସହ ନେଇ ତୁରନ୍ତ ଶିଶୁମାନଙ୍କ ସମ୍ପର୍କରେ ଏକ ରିପୋର୍ଟ ଦେବାକୁ ଚାଇଲ୍ଡଲାଇନ ସଦସ୍ୟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବାହ୍ନରେ ଚାଇଲ୍ଡଲାଇନ ସଦସ୍ୟ ହେମନ୍ତ ପାତ୍ର ଘଟଣାସ୍ଥଳରେ ପହଞ୍ଚି ଏହାର ତଦନ୍ତ କରିବା ସହ ଗ୍ରାମବାସୀ, ୩ ନାବାଳିକା, ନାବାଳକ ଏବଂ ତାଙ୍କ ବଡ଼ମା' ନବୀନା ଗାଦବାଙ୍କ ସହିତ ଆଲୋଚନା କରିଛନ୍ତି। ଏନେଇ ପ୍ରସ୍ତୁତ ରିପୋର୍ଟ ଅଧକ୍ଷାଙ୍କୁ ପ୍ରଦାନ କରାଯିବ। ସରକାରଙ୍କ ନିୟମ ଅନୁଯାୟୀ ଏହି ୨ ନାବାଳିକା ଗୁରୁବାରୀ, ମଙ୍ଗଳଦେଇ ଏବଂ ନାବାଳକ ରାଜୁଙ୍କ ରହିବା, ପାଠପଢ଼ିବା, ଖାଇବା ବ୍ୟବସ୍ଥା ପ୍ରଶାସନ ପକ୍ଷରୁ କରାଯିବ। ରିପୋର୍ଟ ପ୍ରକାଶ ପାଇବା ପରେ ଶୁକ୍ରବାର ତିନି ଭଉଣୀଭାଇଙ୍କୁ ସିଡବ୍ଲ୍ୟୁସି ସମ୍ମୁଖରେ ହାଜର କରାଯିବାକୁ ଚାଇଲ୍ଡଲାଇନକୁ କୁହାଯିବ ବୋଲି ଅଧକ୍ଷା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ, ୩ ନାବାଳିକା ନାବାଳକ ଭଉଣୀଭାଇଙ୍କ ଗତ ୨ ବର୍ଷ ତଳେ ବାପା ହରି ଗାଦବାଙ୍କ ମୃତ୍ୟୁ ହୋଇଥିଲା। ଗତ ୪ ମାସ ତଳେ ମା' ଅନ୍ୟ ଜଣେ ପୁରୁଷଙ୍କୁ ବିବାହ କରିବା ସହିତ ତାଙ୍କ ସହ ଅନ୍ୟ ଗ୍ରାମରେ ରହୁଛନ୍ତି। ମା' ଘର ଛାଡ଼ି ଚାଲିଯିବା ପରେ ଏହି ଭଉଣୀଭାଇ ୩ଜଣ ବେସାହାରା ହୋଇପଡ଼ିଥିଲେ। ଗ୍ରାମବାସୀ ଏବଂ ବଡ଼ ମା'ଙ୍କ ସହାୟତାରେ ଚଳୁଥିଲେ। ବାପାଙ୍କ ମୃତ୍ୟୁ ଯୋଗୁ ଭାଇ ରାଜୁ ୫ମ ଶ୍ରେଣୀରୁ ପାଠପଢ଼ା ଛାଡ଼ି ଦେଇଛନ୍ତି। ଜଣେ ଭଉଣୀ ୫ମ ଶ୍ରେଣୀରେ ମଙ୍ଗଳ ବିଭାଗର ସେବାଶ୍ରମ ବିଦ୍ୟାଳୟ ହଷ୍ଟେଲରେ ରହି ପାଠ ପଢୁଥିଲେ। ଏବେ ଛୁଟି ଥିବାରୁ ସେ ଗ୍ରାମକୁ ଆସିଥିଲେ।


ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ଶୁକ୍ରବାର, ୧୯ ଜୁନ୍, ୨୦୨୦ Dhenkanal, Friday, June 19 / 2020

# ଆଉଟଲୁକ୍ ନକାରାତ୍ମକ କଲା ଫିଚ୍

ନୂଆଦିଲ୍ଲୀ,୧୮।୬




ଫିଚ୍ ରେଟିଂ ଏଜେନ୍ସି ଗୁରୁବାର ଭାରତର ଆଉଟଲୁକ୍‌କୁ ନକାରାତ୍ମକ ରହିବା ନେଇ ଆକଳନ କରିଛି। ଭାରତର ଆଉଟଲୁକ୍ ସ୍ଥିର ରହିବ ବୋଲି ଏହା ପୂର୍ବରୁ କହିଥିବା ବେଳେ ବର୍ତ୍ତମାନ ଏହାକୁ ନକାରାତ୍ମକ କରିଥିବା ଜଣାପଡ଼ିଛି। ଏହି ଏଜେନ୍ସି ଗତ ୮ ବର୍ଷ ମଧ୍ୟରେ ପ୍ରଥମ ଥର ଏଭଳି କରିଥିବା ଜଣାପଡିଛି। କରୋନା ଯୋଗୁ ଭାରତର ଅଭିବୃଦ୍ଧି ପ୍ରଭାବିତ ରହିବ। ଏଥିଯୋଗୁ ଭାରତୀୟ ଅର୍ଥ ବ୍ୟବସ୍ଥା ସାମ୍ନାରେ ବଡ ଚ୍ୟାଲେଞ୍ଜ ରହିଥିବା ବେଳେ ସରକାରଙ୍କ ଋଣ ଚାପ ମଧ୍ୟ ବଢ଼ିଛି। ଏଭଳି ସ୍ଥିତିରେ ଭାରତର ରେଟିଂକୁ ଏହି ଏଜେନ୍ସି ବିବିବି- ରଖିଛି। ଏହାକୁ ନ୍ୟୂନତମ ନିବେଶ ଗ୍ରେଡ୍ ବୋଲି କୁହାଯାଉଛି। ଭାରତର ଅଭିବୃଦ୍ଧିକୁ ବିପଦ ରହିଥିବା ଏହା ପ୍ରକାଶ କରିଛି। ୨୦୨୦-୨୧ ଆର୍ଥିକ ବର୍ଷରେ ଭାରତର ଅଭିବୃଦ୍ଧି ୫% ଖସିବ ବୋଲି ଏହା ଆକଳନ କରିଛି। ୨୦୨୧-୨୨ରେ ବିକାଶ ହାର ୯.୫%କୁ ବୃଦ୍ଧି ଘଟିବା ନେଇ ଆକଳନ କରାଯାଇଛି।




# ପ୍ରବାସୀଙ୍କ ଲାଗି ଆସିବ ନିଯୁକ୍ତି ଗ୍ୟାରେଣ୍ଟି ସ୍କିମ୍

ନୂଆଦିଲ୍ଲୀ,୧୮।୬

■ ୫୦ ହଜାର କୋଟିର ଯୋଜନାକୁ ଉଦ୍‌ଘାଟନ କରିବେ ମୋଦି
■ ୬ ରାଜ୍ୟର ୧୧୬ ଜିଲା ଶ୍ରମିକଙ୍କ ଲାଗି ଉଦ୍ଦିଷ୍ଟ
■ ୧୨ ମନ୍ତ୍ରଣାଳୟର ସହଯୋଗରେ ହେବ କାମ
■ ଯୋଜନାରେ ଓଡ଼ିଶାର ୪ ଜିଲା



କରୋନା ମହାମାରୀକୁ ରୋକିବା ଲାଗି ସରକାର ସାରା ଦେଶକୁ ଲକ୍‌ଡାଉନ କରିଥିଲେ। ଏହି ସମୟରେ ପ୍ରବାସୀ ଶ୍ରମିକ ନାହିଁ ନ ଥିବା ସମସ୍ୟା ସାମ୍ନା କରିଛନ୍ତି। ଶ୍ରମିକମାନେ ହଜାର ହଜାର କି.ମି. ପାଦରେ ଚାଲି ଘରକୁ ଫେରିଛନ୍ତି। ପ୍ରବାସୀ ଶ୍ରମିକଙ୍କ ସମସ୍ୟାକୁ ଧ୍ୟାନରେ ରଖି କେନ୍ଦ୍ର ସରକାର ନୂଆ ନିଯୁକ୍ତି ଗ୍ୟାରେଣ୍ଟି ସ୍କିମ୍ ଆଣିବେ। ୫୦ ହଜାର କୋଟି ଟଙ୍କା ବ୍ୟୟରେ ଏହି ଯୋଜନା ଆସିବାକୁ ଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ଶନିବାର ଉଦ୍‌ଘାଟନ କରିବେ। ଶ୍ରମିକଙ୍କୁ ଆୟର ସହଯୋଗ କରିବା ଲକ୍ଷ୍ୟରେ ଏଭଳି ଏକ ଯୋଜନା ସରକାର ଆଣୁଥିବା ଜଣାପଡିଛି। 'ଗରିବ କଲ୍ୟାଣ ରୋଜଗାର ଅଭିଯାନ' ପ୍ରାଥମିକ ପର୍ଯ୍ୟାୟରେ ୬ ରାଜ୍ୟକୁ ଫୋକସ୍ କରାଯିବ। ଏହି ରାଜ୍ୟଗୁଡ଼ିକୁ ଅଧିକ ସଂଖ୍ୟାରେ ପ୍ରବାସୀ ଶ୍ରମିକ ଫେରିଥିବା ଜଣାପଡିଛି।

ଯୋଜନାଟି ଗ୍ରାମୀଣ ଶ୍ରମିକଙ୍କ ସଶକ୍ତୀକରଣ ଲାଗି ଉଦ୍ଦିଷ୍ଟ ହୋଇଥିବା ବେଳେ ୧୨୫ ଦିନ ଲାଗି ରୋଜଗାର ଯୋଗାଣ ଦିଗରେ କାମ କରିବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଛନ୍ତି। ଏକ ଖବରଦାତା କାର୍ଯ୍ୟକ୍ରମରେ ସେ କହିଛନ୍ତି ଯେ, ଭିଡିଓ କନ୍‌ଫରେନ୍ସ ଯୋଗେ ପ୍ରଧାନମନ୍ତ୍ରୀ ଏହି ଯୋଜନାକୁ ଶୁଭାରମ୍ଭ କରିବେ। ବିହାରର ଖଗରିଆ ଜିଲା ବେଲଦାପୁର ବ୍ଲକ, ତେଲାହାର ଗ୍ରାମରେ ଏହାକୁ ଆରମ୍ଭ କରାଯିବ। କାର୍ଯ୍ୟକ୍ରମରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏବଂ ଉପମୁଖ୍ୟମନ୍ତ୍ରୀ ସୁଶୀଲ ମୋଦି ଉପସ୍ଥିତ ରହିବେ। ଦେଶର ୧୧୬ ଜିଲାରେ ହେବାକୁ ଥିବା ଉକ୍ତ ଯୋଜନା କାର୍ଯ୍ୟକାରୀ ହେବ। ଏଥିରେ ଓଡ଼ିଶାର ୪ ଜିଲାକୁ ସାମିଲ କରାଯାଇଛି। ଏଥିଲାଗି ଏକ କ୍ୟାମ୍ପେନ ହେବାକୁ ଥିବାବେଳେ, ବିହାର, ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ, ଝାଡ଼ଖଣ୍ଡ ଭଳି ରାଜ୍ୟରୁ ପ୍ରତି ରାଜ୍ୟ ପିଛା ୨୫ ହଜାର ଲେଖାଏ ପ୍ରବାସୀଙ୍କୁ ଚୟନ କରାଯାଇଛି। ଏହା ମଧ୍ୟରେ ୨୭ ଆକାଂକ୍ଷୀ ଜିଲା ମଧ୍ୟ ସାମିଲ ରହିଛି ବୋଲି ସୀତାରାମନ ସ୍ପଷ୍ଟ କରିଛନ୍ତି।

୬ ରାଜ୍ୟର ୧୧୬ ଜିଲାରେ ଗ୍ରାମଗୁଡ଼ିକ କମନ ସର୍ଭିସ ସେଣ୍ଟର ଏବଂ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ଲଞ୍ଚ କାର୍ଯ୍ୟକ୍ରମରେ ଯୋଡ଼ି ହେବେ। ସମସ୍ତ ସାମାଜିକ ଦୂରତ୍ୱ ନିୟମ ମାନି ଏହା ପାଳନ କରାଯିବ। ୧୨ ମନ୍ତ୍ରଣାଳୟର ସହଯୋଗରେ ଯୋଜନାକୁ କାର୍ଯ୍ୟାନ୍ୱୟନ କରାଯିବ। ମନ୍ତ୍ରଣାଳୟଗୁଡ଼ିକ ମଧ୍ୟରେ ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ, ରାଜପଥ ଏବଂ ସଡ଼କ ପରିବହନ, ଖଣି, ପାନୀୟ ଜଳ ଏବଂ ପରିମଳ, ପରିବେଶ, ରେଳ, ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ, ନୂତନ ଏବଂ ଅଣ ପାରମ୍ପରିକ ଶକ୍ତି, ଟେଲିକମ୍ ଏବଂ ଶକ୍ତି ସାମିଲ ରହିଛି। ୨୫ ଯୋଜନାକୁ ଏକାଠିକରି ନୂଆ ଯୋଜନା ହାତକୁ ନିଆଯାଇଛି। ପ୍ରବାସୀ ଶ୍ରମିକମାନେ ଗ୍ରାମ ପଞ୍ଚାୟତ ଭବନ ନିର୍ମାଣ, ଅଙ୍ଗନୱାଡି କେନ୍ଦ୍ର, ଜାତୀୟ ରାଜପଥ, ରେଳ କାର୍ଯ୍ୟ, ଜଳ ସଂରକ୍ଷଣ ପ୍ରକଳ୍ପ ଭଳି ଅନ୍ୟ କାମ କରିବେ। ଯୋଜନାରେ ପଶ୍ଚିମବଙ୍ଗ ସାମିଲ ନାହିଁ। ସେହିଭଳି ବିହାରର ୩୨ ଜିଲା ଏବଂ ଉତ୍ତର ପ୍ରଦେଶର ୧୩ ଜିଲାକୁ ଏଥିରେ ସାମିଲ କରାଯାଇଛି।

# ଭାରତର ଜିଡିପି ୪% ଖସିବ:ଏଡିବି

ନୂଆଦିଲ୍ଲୀ,୧୮।୬

୨୦୨୦ରେ ଏସିଆର ଅଭିବୃଦ୍ଧିଶୀଳ ଅର୍ଥ ବ୍ୟବସ୍ଥାଗୁଡିକ ବିଶେଷ ଭାବେ ଅଭିବୃଦ୍ଧି କରିପାରିବେ ନାହିଁ। ଏଭଳି ସ୍ଥିତିରେ ଚଳିତ ଆର୍ଥିକ ବର୍ଷରେ ଭାରତର ବିକାଶ ହାର ପ୍ରାୟ ୪% ଖସିଯିବ ବୋଲି ଏସିଆନ ଡେଭଲପମେଣ୍ଟ ବ୍ୟାଙ୍କ(ଏଡିବି) ପକ୍ଷରୁ ଆକଳନରେ କୁହାଯାଇଛି। କରୋନା ପ୍ରଭାବ ଯୋଗୁ ଭାରତର ଅର୍ଥ ବ୍ୟବସ୍ଥା କ୍ଷତିଗ୍ରସ୍ତ ହୋଇଛି। ଏଥିଯୋଗୁ ଅଭିବୃଦ୍ଧି କମିବ ବୋଲି ପ୍ରମୁଖ ଏଜେନ୍ସିଗୁଡିକ ଆକଳନ କରିଥିବା ବେଳେ ଏହି ଧାରାରେ ଏଡିବି ଯୋଡି ହୋଇଛି। ଏସିଆ ବଜାରରେ ଆର୍ଥିକ କାର୍ଯ୍ୟକଳାପ ନିମ୍ନରେ ରହିବା ସହ କ୍ଷତିଗ୍ରସ୍ତ ଚାହିଦା ବଜାରର ଅଭିବୃଦ୍ଧିକୁ ଧୀମା କରିବ ବୋଲି ଆକଳନରେ କୁହାଯାଇଛି। ଏସିଆର ଅଭିବୃଦ୍ଧିଶୀଳ ଅର୍ଥ ବ୍ୟବସ୍ଥା ଏହି ସମୟରେ ୦.୪% ଅଭିବୃଦ୍ଧି କରିବ। ୨୦୨୧-୨୨ରେ ବିକାଶ ହାର ୬.୬% ରହିବା ନେଇ ଆକଳନ କରାଯାଇଛି।

# ତେଲ ଦର ବୃଦ୍ଧିରେ ବିରତି ନାହିଁ

ନୂଆଦିଲ୍ଲୀ,୧୮।୬

ଦେଶରେ ତେଲ ଦର କେବେ ହ୍ରାସ ହେବ ଏହାକୁ ନେଇ ଗ୍ରାହକ ଚିନ୍ତାରେ ପଡିଯାଇଛନ୍ତି। କାରଣ ଗତ ୧୨ ଦିନ ହେଲା ତେଲ ଦର ଲଗାତର ବୃଦ୍ଧି ପାଇ ଚାଲିଛି। ଚଳିତ ମାସ ୭ ରୁ ଗୁରୁବାର ପର୍ଯ୍ୟନ୍ତ ଦେଶର ତେଲ ଦର ବଢ଼ିଚାଲିଛି। ଫଳରେ ଗତ ୧୨ ଦିନ ମଧ୍ୟରେ ପେଟ୍ରୋଲ ଲିଟର ପିଛା ୬.୫୫ ଟଙ୍କା ଏବଂ ଡ଼ିଜେଲ ୭.୧୩ ଟଙ୍କାକୁ ବୃଦ୍ଧି ପାଇଛି। ତୈଳ କମ୍ପାନୀଗୁଡ଼ିକର ସୂଚନା ଅନୁସାରେ ୧୮ ତାରିଖରେ ପେଟ୍ରୋଲ ଲିଟର ପିଛା ୫୩ ପଇସା ଏବଂ ଡିଜେଲ ୬୪ ପଇସା ବଢ଼ିଛି। ଗୁରୁବାର ପେଟ୍ରୋଲ ଦର ୭୭.୨୮ଟଙ୍କାରୁ ବୃଦ୍ଧି ପାଇ ୭୭.୮୧ଟଙ୍କା ଏବଂ ଡିଜେଲ ଦର ୭୫.୭୮ଟଙ୍କାରୁ ବୃଦ୍ଧି ପାଇଁ ୭୬.୪୨ ଟଙ୍କାରେ ପହଞ୍ଚିଛି। ଗୁରୁବାର ଦିଲ୍ଲୀରେ ତେଲ ଦର ପେଟ୍ରୋଲ ଲିଟର ପିଛା ୭୭.୮୧ଟଙ୍କା ଏବଂ ଡିଜେଲ ଲିଟର ପିଛା ୭୬.୪୩ରେ ପହଞ୍ଚିଛି। ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୭୮.୩୪ ଟଙ୍କା ଏବଂ ଡିଜେଲ ଲିଟର ପିଛା ୭୪.୬୫କୁ ବୃଦ୍ଧି ପାଇଛି।

# ଏଜିଆର୍ ମାମଲାର ଶୁଣାଣି ଜୁଲାଇରେ

ନୂଆଦିଲ୍ଲୀ,୧୮।୬

ଦେଶର ଟେଲିକମ୍ କମ୍ପାନୀଗୁଡ଼ିକ ସେମାନଙ୍କ ଆର୍ଥିକ ଷ୍ଟେଟମେଣ୍ଟକୁ ସୁପ୍ରିମକୋର୍ଟଙ୍କୁ ପ୍ରଦାନ କରିବେ। ଗୁରୁବାର ଏ ସମ୍ପର୍କରେ କମ୍ପାନୀଗୁଡ଼ିକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ଆଡଜଷ୍ଟେଟ ଗ୍ରସ୍ ରେଭିନ୍ୟୁ(ଏଜିଆର୍) ସମ୍ପର୍କିତ ମାମଲାର ଶୁଣାଣି ଜୁଲାଇରେ ହେବ ବୋଲି ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି। ଏଜିଆର୍ ଦେୟ ଏବଂ ଟେଲିକମ୍ କମ୍ପାନୀଗୁଡିକର ଅନ୍ୟ ଉତ୍ତର ରଖିବା ଲାଗି ଟେଲିକମ ବିଭାଗ ସର୍ବୋଚ୍ଚ ନ୍ୟାୟାଳୟଙ୍କଠାରୁ ସମୟ ଲୋଡିଥିବା ଜଣାପଡ଼ିଛି। ପୂର୍ବରୁ ରାଷ୍ଟ୍ରାୟତ୍ତ କମ୍ପାନୀଗୁଡିକଠାରୁ କାହିଁକି ୪ ଲକ୍ଷ କୋଟି ଟଙ୍କାର ବକେୟା ଆଦାୟ ଲାଗି ନୋଟିସ ଦିଆଯାଇଥିବା ତା'ର ଉତ୍ତର ମଧ୍ୟ ବିଭାଗ ରଖିଛି। ଏହା ମଧ୍ୟରୁ ୯୬% ବକେୟା ଡିମାଣ୍ଡ ନ ଆଦାୟ କରିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ସୁପ୍ରିମକୋର୍ଟଙ୍କୁ ବିଭାଗ କହିଛି।

# ପୁଣି ଫେରିଲା ନୋକିଆ ୫୩୧୦

ନୂଆଦିଲ୍ଲୀ,୧୮।୬

ଏଚ୍ଏମ୍‌ଡି ଗ୍ଲୋବାଲ ପକ୍ଷରୁ ଭାରତ ବଜାର ଲାଗି ନୂଆ ନୋକିଆ ୫୩୧୦ ଶୁଭାରମ୍ଭ କରାଯାଇଛି। ମୂଳ ନୋକିଆ ୫୩୧୦ ଏକ୍ସପ୍ରେସ ମ୍ୟୁଜିକକୁ ନୂଆ କରି ନୂଆ ନୋକିଆ ୫୩୧୦ରେ ଏକ ଏମ୍‌ପି ୩ ପ୍ଲେୟର, ଏଫ୍ଏମ୍ ରେଡିଓ, ଶକ୍ତିଶାଳୀ ଡୁଆଲ ଫ୍ରଣ୍ଟ ସେଟିଂ ସ୍ପିକରକୁ ସାମିଲ କରାଯାଇଛି। ମଡେଲଟି ଡୁଆଲ ସିମ୍ ଯୁକ୍ତ ହୋଇଥିବା ବେଳେ ଏହାର ବଜାର ଦର ୩୩୯୯ ଟଙ୍କା ରହିଛି।

# ଜିଓରେ ପିଆଇଏଫ୍‌ର ନିବେଶ

ମୁମ୍ବାଇ,୧୮।୬

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ'ର ଡିଜିଟାଲ ପ୍ଲାଟ୍‌ଫର୍ମ ଜିଓରୁ ସାଉଦି ଆରବର ପିଆଇଏଫ୍ ସଂସ୍ଥା ୨.୩% ଅଂଶଧନ କ୍ରୟ କରିଛି। ଏ ସମ୍ପର୍କରେ କମ୍ପାନୀ ପକ୍ଷରୁ ଗୁରୁବାର ଘୋଷଣା କରାଯାଇଛି। ସାଉଦି ଆରବର ପବ୍ଲିକ ଇନଭେଷ୍ଟମେଣ୍ଟ ଫଣ୍ଡ (ପିଆଇଏଫ୍) ନାମକ ସଂସ୍ଥା ଜିଓ ପ୍ଲାଟଫର୍ମରେ ୧୧,୩୬୭ କୋଟି ଟଙ୍କା ପୁଞ୍ଜି ନିବେଶ କରିବ। ଗତ ୯ ସପ୍ତାହ ମଧ୍ୟରେ ନିବେଶକଙ୍କଠାରୁ ଜିଓ ୧.୧୫ ଲକ୍ଷ କୋଟି ଟଙ୍କାର ପୁଞ୍ଜି ହାସଲ କରିଛି।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ